ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୬/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 26/2021 | ★★★★

୪୮ଶ ଭାଗ ୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ପାରୁଲ ଜିତିଲେ ସ୍ୱର୍ଣ୍ଣ**

ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପାରୁଲ ପାରମାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୦୮

୦୭

**ବିବାଦରେ ବେବି ଡଲ୍**

'ମଧୁବନ୍ ମେ ରାଧିକା ନାଚେ' ଗୀତରେ ଅଶ୍ଳୀଳ ନୃତ୍ୟ କରି ବିବାଦୀୟ ହୋଇଛନ୍ତି ବଲିଉଡ୍ ବେବି ଡଲ୍ ସନି ଲିଓନି।



# କବାଡ଼ିଖାନାରେ ପିଲାଙ୍କ ମାଗଣା ବହି



କବାଡ଼ି ଦୋକାନରେ ପଡ଼ିଥିବା ସରକାରୀ ମାଗଣା ବହି।

ଉମରକୋଟ,୨୫।୧୨(ସ୍ୱ.ପ୍ର.)

ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ପିଲାଙ୍କୁ ମାଗଣା ଶିକ୍ଷା ସହ ବହି, ପୋଷାକ, ମଧ୍ୟାହ୍ନଭୋଜନ ଆଦିର ବ୍ୟବସ୍ଥା କରିଛନ୍ତି। ତେବେ ଉପାନ୍ତ ନବରଙ୍ଗପୁର ଜିଲାର ଉମରକୋଟ ଅଞ୍ଚଳରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସ୍କୁଲ ପିଲାଙ୍କ ପାଇଁ ଆସିଥିବା ମାଗଣା ବହି ପିଲାଙ୍କୁ ଦିଆ ନ ଯାଇ କବାଡ଼ି ଦୋକାନରେ ପଡ଼ିଥିବା ନଜରକୁ ଆସିଛି।

ସ୍ଥାନୀୟ ଏକ କବାଡ଼ି ଦୋକାନରେ ସ୍କୁଲ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଅନେକ ବହି ରହିଥିବା ଜଣାପଡ଼ିଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ପିଲାଙ୍କୁ ବହି ମିଳୁ ନ ଥିବାବେଳେ ଅନେକ ଅଭିଭାବକ ବାହାରୁ ବହି କିଣୁଛନ୍ତି। ଅନ୍ୟପକ୍ଷରେ କେତେଜଣ ଅସାଧୁ ଶିକ୍ଷକ ଏବଂ ସ୍କୁଲ କର୍ତ୍ତୃପକ୍ଷ ବହିଗୁଡ଼ିକୁ ପିଲାଙ୍କୁ ନ ଦେଇ କବାଡ଼ି ଦୋକାନରେ ବିକିବାକୁ ପଛାଉ ନ ଥିବା ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଏ ନେଇ ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ନ ଥିବା କହିଛନ୍ତି। ତେବେ ପିଲାଙ୍କ ପାଇଁ ଆସିଥିବା ମାଗଣା ବହି କବାଡ଼ି ଦୋକାନରେ କିଏ ବିକ୍ରି କରିଛନ୍ତି ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଭୁଲ୍ ତଥ୍ୟ ଦେଲେ ଜେଲ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

- **ସତ୍ୟପାଠ ଦେବେ ପ୍ରାର୍ଥୀ**
- **ସଂଶୋଧନ ହେବ ପଞ୍ଚାୟତ ଆଇନ**

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲ। ସମୟରେ ସତ୍ୟପାଠ ଦେବେ। ପଞ୍ଚାୟତ ନିର୍ବାଚନରେ। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଭୁଲ୍ ତଥ୍ୟ ଦେଲେ ୬ ମାସ ଜେଲଦଣ୍ଡ ଭୋଗିବା ସହ ଜରିମାନା ଦେବାକୁ ପଡ଼ିବ। ପ୍ରାର୍ଥୀଙ୍କ ଆପରାଧିକ ମାମଲା, ସମ୍ପତ୍ତି ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ତଥ୍ୟ ନାମାଙ୍କନ ବେଳେ ସତ୍ୟପାଠରେ ରହିବ। ଯଦି କୌଣସି ପ୍ରାର୍ଥୀ ସତ୍ୟପାଠରେ ମିଥ୍ୟା ତଥ୍ୟ ପ୍ରଦାନ କରିବେ, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାର୍ଥୀ ୬ ମାସ ଜେଲ କିମ୍ବା ଜରିମାନା କିମ୍ବା ଉଭୟ ଦଣ୍ଡ ଭୋଗିବେ। କେବଳ ସେତିକି ନୁହେଁ, ଯଦି କୌଣସି ନିର୍ବାଚିତ ପ୍ରାର୍ଥୀ ସତ୍ୟପାଠ ଦାଖଲ ବେଳେ ଆପରାଧିକ ମାମଲା, ସମ୍ପତ୍ତି ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରି ନ ଥିବେ ତେବେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବ। ପୂର୍ବରୁ ସତ୍ୟପାଠ ଦାଖଲର ବ୍ୟବସ୍ଥା ଥିଲେ ମଧ୍ୟ ଦଣ୍ଡ ବ୍ୟବସ୍ଥା ନ ଥିଲା। ପଞ୍ଚାୟତ ନିର୍ବାଚନରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ପଞ୍ଚାୟତ ଆଇନର ସଂଶୋଧନ ନେଇ ଅଧ୍ୟାଦେଶ ଜାରି କରିଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ- ୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଆଇନ-୧୯୫୯, ଜିଲା ପରିଷଦ ଆଇନ-୧୯୯୧ ସଂଶୋଧନ କରାଯିବ।

ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଥିବା ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟ ସତ୍ୟପାଠ ଜରିଆରେ ନିଜ ସମ୍ପର୍କିତ ତଥ୍ୟ ଦେବେ। ଆସନ୍ତା ନିର୍ବାଚନରେ ଏହି ନିୟମ କଡ଼ାକଡ଼ି ଲାଗୁ ହେବ। ଏହାକୁ ସାର୍ବଜନୀନ କରିବା ପାଇଁ ସମସ୍ତ ତଥ୍ୟ ୱେବ୍‌ସାଇଟରେ ଉପଲବ୍ଧ ହେବ। ପୂର୍ବରୁ ଏହି ନିୟମ ଲୋକ ସଭା ଓ ବିଧାନସଭା ନିର୍ବାଚନ ବେଳେ କଡ଼ାକଡ଼ି ଲାଗୁ କରାଯାଇଛି। ଫଳରେ ସାଂସଦ ତଥା ବିଧାୟକ ପ୍ରାର୍ଥୀ ନିଜ ସମ୍ପର୍କିତ ସମସ୍ତ ତଥ୍ୟ ଦାଖଲ କରୁଛନ୍ତି।

ଅନ୍ୟପକ୍ଷରେ ବିପର୍ଯ୍ୟୟ ପରିଚାଳନାରେ ପଞ୍ଚାୟତିରାଜ ପ୍ରତିନିଧିଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ବିପର୍ଯ୍ୟୟ ପରିଚାଳନା ସମୟରେ ସେମାନଙ୍କୁ କ୍ଷମତା ପ୍ରଦାନ କରାଯିବ। ରାଜ୍ୟକୁ ସବୁବେଳେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପଦର ଭୟ ରହୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରାକୃତିକ ଦୁର୍ବିପାକ ପରିଚାଳନାରେ ଗ୍ରାମ, ପଞ୍ଚାୟତ ଓ ବ୍ଲକକୁ ସାମିଲ କରିବେ। ବିପର୍ଯ୍ୟୟ ମୁକାବିଲା ପାଇଁ ପଞ୍ଚାୟତ ଓ ପଞ୍ଚାୟତ ସମିତି ନିଜର ଆକ୍ସନ ପ୍ଲାନ ପ୍ରସ୍ତୁତ କରିବେ। ରାଜ୍ୟ ଓ ଜିଲା ଯୋଜନା ଭଳି ଏଥିରେ ରିଲିଫ୍‌ଠାରୁ ଆରମ୍ଭ କରି ଉଦ୍ଧାର, ପୁନଃ ଥଇଥାନ ଇତ୍ୟାଦି ବ୍ୟବସ୍ଥା ଅଧ୍ୟାଦେଶରେ ରହିଛି।

# ୪୦% ପଛୁଆବର୍ଗ ପ୍ରାର୍ଥୀ ଦେବ ବିଜେଡି

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌରପାଳିକା ନିର୍ବାଚନରେ ବିଜେଡି ୪୦% ପଛୁଆବର୍ଗ ପ୍ରାର୍ଥୀ ଦେବ। ପଛୁଆବର୍ଗଙ୍କୁ ନ୍ୟାୟ ପ୍ରଦାନ ସହିତ ସେମାନଙ୍କୁ ନ୍ୟାଯ୍ୟ ରାଜନୈତିକ ଅଧିକାର ପ୍ରଦାନ ପାଇଁ ଶନିବାର ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ପଛୁଆବର୍ଗରୁ ୪୦ ପ୍ରତିଶତ ପ୍ରାର୍ଥୀ ଦେବାପାଇଁ ପ୍ରସ୍ତାବ ଆଗତ କରିଥିଲେ। ସର୍ବସମ୍ମତ କ୍ରମେ ପ୍ରସ୍ତାବ ସପକ୍ଷରେ ମତପ୍ରକାଶ ପାଇବା ପରେ ଏହାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ମୁଖ୍ୟମନ୍ତ୍ରୀ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି।

ନିକଟରେ ସୁପ୍ରିମକୋର୍ଟଙ୍କ ରାୟ ପରେ ସାରା ଦେଶରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ପଞ୍ଚାୟତିରାଜ ଓ ପୌରପାଳିକା ନିର୍ବାଚନରୁ ଉଠାଇ ଦିଆଯାଇଥିବାରୁ ଏହି ଜାତୀୟ ପ୍ରସଙ୍ଗ ଉପରେ ପଛୁଆବର୍ଗଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ବିଜେଡି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି। କେନ୍ଦ୍ର ସରକାର ଏ ଦିଗରେ ଯାହା ଆଇନଗତ ଏବଂ ବୈଧାନିକ ନିଷ୍ପତ୍ତି ନେବେ ଉଭୟ ବିଜେଡି ଏବଂ ସରକାରଙ୍କ ପକ୍ଷରୁ ତାହାକୁ ଆନ୍ତରିକତାର ସହ ସମର୍ଥନ କରାଯିବ।

କାର୍ଯ୍ୟକାରିଣୀ ସଦସ୍ୟମାନେ ଦର୍ଶାଇଥିଲେ ଯେ ମହିଳାଙ୍କ ପାଇଁ ସଂସଦ ଏବଂ ବିଧାନସଭାରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ଲାଗି ଆହ୍ୱାନ ଦେଇ ସମଗ୍ର ଦେଶରେ ☞ପୃଷ୍ଠା-୪

**ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି**



ଭୁବନେଶ୍ୱରସ୍ଥିତ ବିଜୁ ଛାତ୍ର ଜନତାଦଳ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ।

# ଉତ୍ତର, ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ଗତ କିଛିଦିନ ଧରି ଜାରି ରହିଥିବା ପ୍ରଚଣ୍ଡ ଜାଡ଼ରୁ ଆଶ୍ୱସ୍ତି ମିଳିଛି। ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ବଢ଼ିବା ସହିତ ଶୀତ କମିଛି। ଆସନ୍ତା ଜାନୁୟାରୀ ୧ ଯାଏ ରାଜ୍ୟରେ ଶୀତ କମ୍ ରହିବ। ତେବେ ଏହି ସମୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ରାତିର ତାପମାତ୍ରା ୩ରୁ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବ। ତାପମାତ୍ରା ବଢ଼ିବା ସହିତ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପଶ୍ଚିମା ବାୟୁ ପ୍ରବାହ ଯୋଗୁ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବ। ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ। ଏହା ପରେ ପାଗ ବଦଳିବା ସହିତ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼ ଏବଂ କେନ୍ଦୁଝର ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୮ ତାରିଖରେ ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼, ସମ୍ବଲପୁର, ବରଗଡ଼ ଏବଂ ସୁନ୍ଦରଗଡ଼ର ଅଧିକାଂଶ ଅଞ୍ଚଳରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ଏହି ସମୟରେ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ମେଘୁଆ ପାଗ ଯୋଗୁ ଶୀତ କମିଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଗକୁ ବଢ଼ିବା**




# ୫ରେ ମାଟ୍ରିକ୍ ସମେଟିଭ୍ ଆସେସମେଣ୍ଟ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

**ପ୍ରଥମରୁ ପଞ୍ଚମ ଯାଏ ସ୍କୁଲ ଖୋଲିବା ନିଷ୍ପତ୍ତି ହୋଇନି**

ଓମିକ୍ରନ୍ ଏବଂ କୋଭିଡ୍ ଆତଙ୍କ ମଧ୍ୟରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଜାନୁୟାରୀ ୫ରେ ମାଟ୍ରିକ ଛାତ୍ରୀଛାତ୍ରଙ୍କ ସମେଟିଭ ଆସେସମେଣ୍ଟ (ଏସ୍ଏ) ନିଶ୍ଚିତ ହେବ ବୋଲି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

ମାଟ୍ରିକ୍ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ସମେଟିଭ୍ ଆସେସମେଣ୍ଟ ଅତ୍ୟନ୍ତ ଜରୁରୀ। ସଂକ୍ରମଣ ବଢ଼ିବା ହେଉ ଅଥବା ଅନ୍ୟ କୌଣସି କାରଣରୁ ଗତବର୍ଷ ଭଳି ପରୀକ୍ଷା ହୋଇ ନ ପାରିଲେ, ସମେଟିଭ ଆସେସମେଣ୍ଟ ପରୀକ୍ଷାର ମାର୍କ କାମରେ ଆସିବ। ଅଦ୍ୟାବଧି ଶେଷ ହୋଇଥିବା ପାଠ୍ୟକ୍ରମ ଆଧାରରେ ସମେଟିଭ ଆସେସମେଣ୍ଟ କରାଯିବ ବୋଲି ମନ୍ତ୍ରୀ ସମୀର କହିଛନ୍ତି। କରୋନା ଭାଇରସ୍‌ର ନୂଆ ଭାରିଏଣ୍ଟ ଓମିକ୍ରନ୍ କାୟା ବିସ୍ତାର କରି ଚାଲିଥିବାବେଳେ ଅଫ୍‌ଲାଇନ୍ ପାଠପଢ଼ା ଜାରି ରହିଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍ କଡ଼ାକଡ଼ି ପାଳନ କରାଯିବାକୁ ପଦକ୍ଷେପ ନିଆଯାଉଛି। ସ୍କୁଲ କର୍ତ୍ତୃପକ୍ଷଙ୍କୁ ଏ ଦିଗରେ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ନୋଡାଲ ଅଫିସରମାନେ ସ୍ଥିତି ଉପରେ ନଜର ରଖିଛନ୍ତି। ଡିଇଓଙ୍କ ସହ ନିୟମିତ ବୈଠକ କରାଯାଉଛି। ତେବେ ଏଯାଏ ସରକାରୀ ଶିକ୍ଷାନୁଷ୍ଠାନରେ ସ୍ଥିତି ବିଗିଡ଼ିବା ଭଳି ସମସ୍ୟା ଦୃଷ୍ଟିଗୋଚର ହୋଇନାହିଁ। କରୋନା ନୂଆ ରୂପ ନେଇ ବାହୁଡ଼ିଥିବାବେଳେ ସମସ୍ତଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ। ଏବେର ସ୍ଥିତିକୁ ଦେଖିଲେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଖୋଲିବା ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବା ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

# ଏଲିଅନ୍ ଖୋଜିବ ଜେମ୍ସ ୱେବ୍ ଟେଲିସ୍କୋପ

ୱାଶିଂଟନ, ୨୫।୧୨

- **୭୫ ହଜାର କୋଟି ଖର୍ଚ୍ଚ**
- **ହବଲ୍ ଟେଲିସ୍କୋପ୍‌ଠାରୁ ଶହେ ଗୁଣ ଦକ୍ଷ**
- **ଡିଜାଇନ୍‌କୁ ଲାଗିଥିଲା ୩୦ ବର୍ଷ**
- **ବ୍ରହ୍ମାଣ୍ଡ ସୃଷ୍ଟିର ରହସ୍ୟ ଫିଟିବା ଆଶା**

ବ୍ରହ୍ମାଣ୍ଡ ସୃଷ୍ଟିର ରହସ୍ୟ ଉପରୁ ପରଦା ହଟାଇବା ପାଇଁ ବୈଜ୍ଞାନିକମାନେ ଆଉ ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ବିଶ୍ୱର ସବୁଠୁ ଶକ୍ତିଶାଳୀ ଏବଂ ବୃହତ୍ତମ ସ୍ପେସ୍ ଟେଲିସ୍କୋପ୍ ଜେମ୍ସ ୱେବ୍‌କୁ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଶନିବାର ଭାରତୀୟ ସମୟ ସନ୍ଧ୍ୟା ପ୍ରାୟ ୫ଟା ୫୦ରେ ୟୁରୋପୀୟ ଆରିଏନ୍-୫ ରକେଟ ମାଧ୍ୟମରେ ପ୍ରେରଣ କରିଛି। ଫ୍ରେଞ୍ଚ ଗୁଇନାର ଲଞ୍ଚ୍ ବେସ୍‌ରୁ ଏହି ଟେଲିସ୍କୋପ୍‌ର ଉତ୍କ୍ଷେପଣ କରାଯାଇଛି। ନାସା, ୟୁରୋପୀୟ ସ୍ପେସ୍ ଏଜେନ୍ସି ଏବଂ କାନାଡା ସ୍ପେସ୍ ଏଜେନ୍ସି ଦ୍ୱାରା ଜେମ୍ସ ୱେବ୍ ପ୍ରସ୍ତୁତ ହୋଇଛି।

ଏଥିରେ ୧୦ ବିଲିୟନ ଡଲାର ବା ପ୍ରାୟ ୭୫ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏହାର ଡିଜାଇନ୍ ସମ୍ପୂର୍ଣ୍ଣ ହେବାକୁ ୩୦ ବର୍ଷ ଲାଗିଯାଇଥିଲା। ୧୯୯୦ରେ ପଠାଯାଇଥିବା ହବଲ୍ ଟେଲିସ୍କୋପ ଅପେକ୍ଷା ଏହା ଶହେ ଗୁଣ ଅଧିକ ଶକ୍ତିଶାଳୀ। ଏହା ମାଧ୍ୟମରେ ବ୍ରହ୍ମାଣ୍ଡର ପ୍ରାରମ୍ଭିକ ଅବସ୍ଥାରେ କିପରି ଗାଲାକ୍ସି, ସୌରମଣ୍ଡଳ ଏବଂ ଗ୍ରହଗୁଡ଼ିକ ସୃଷ୍ଟିହେଲେ ସେ ବିଷୟରେ ତଥ୍ୟ ଯୋଗାଇବ। ଏହି ଟେଲିସ୍କୋପ୍ ୟୁନିଭର୍ସ ସୃଷ୍ଟିର ରହସ୍ୟ ଉନ୍ମୋଚନ ସହ ଏଲିଅନମାନଙ୍କ ଉପସ୍ଥିତି ମଧ୍ୟ ଚିହ୍ନଟ କରିବ। ଏହା ମାଧ୍ୟମରେ ବୈଜ୍ଞାନିକମାନେ ବ୍ରହ୍ମାଣ୍ଡର ଅନେକ ରହସ୍ୟ ଉପରୁ ପରଦା ହଟାଇ ପାରିବେ ବୋଲି ଆଶା କରିଛନ୍ତି।

ଟେଲିସ୍କୋପ୍‌ର ଅପ୍‌ଟିକ୍ସକୁ ସୁନାର ଏକ ସୂକ୍ଷ୍ମ ପ୍ରସ୍ତରରେ ଆବୃତ୍ତ କରାଯାଇଛି। ଏହି ପ୍ରସ୍ତର ଟେଲିସ୍କୋପ୍‌କୁ ଥଣ୍ଡା ରଖିବା ସହ ଇନଫ୍ରା ରେଡ୍ ରଶ୍ମିରୁ ସୁରକ୍ଷା ଦେବ। ଏହାର କ୍ୟାମେରାକୁ ☞ପୃଷ୍ଠା-୪




ଉତ୍କ୍ଷେପଣ କରାଯାଇଥିବା ସ୍ପେସ୍ ଟେଲିସ୍କୋପ୍ ଜେମ୍ସ ୱେବ୍।

# ବିଶ୍ୱ ଦେଖିଲା ପ୍ରକୃତିର ଉଗ୍ରରୂପ



## ବର୍ଷ ସାରା ଜଳିଲା କାଲିଫର୍ନିଆ ଜଙ୍ଗଲ

ଆମେରିକୀୟ ରାଜ୍ୟ କାଲିଫର୍ନିଆ ବନାଗ୍ନି ବର୍ଷ ସାରା ଲିଭି ନ ଥିଲା। ଡିସେମ୍ବର ୧୬ ସୁଦ୍ଧା ଏହି ରାଜ୍ୟରେ ମୋଟ ୮୬୧୯ ସ୍ଥାନରେ ଅଗ୍ନିକାଣ୍ଡ ଘଟି ୨୫,୬୯,୦୦୯ ଏକର ଜଙ୍ଗଲ ଭସ୍ମୀଭୂତ ହୋଇଛି। ବଜ୍ରପାତରୁ ସୃଷ୍ଟ ବନାଗ୍ନିରେ ୩୬୨୯ ବିଲ୍ଡିଂ ଛାରଖାର ହୋଇଯାଇଥିବାବେଳେ ୯ଜଣଙ୍କ ଜୀବନ ଯାଇଛି। ଅନାବୃଷ୍ଟି ଏବଂ ଜଳାଶ୍ରୟଗୁଡ଼ିକ ଶୁଷ୍କ ହୋଇପଡ଼ିବାରୁ ନିଆଁକୁ ଆୟତ୍ତ କରାଯାଇପାରିନାହିଁ। ବୈଜ୍ଞାନିକମାନେ ଏଥିପାଇଁ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଛନ୍ତି।

୨୦୨୧ରେ ସାରା ବିଶ୍ୱରେ କେଉଁଠି ନା କେଉଁଠି ବାତ୍ୟା, ବର୍ଷା, ବନ୍ୟା, ଗ୍ରୀଷ୍ମ ପ୍ରବାହ, ବନାଗ୍ନି, ଭୂକମ୍ପ, ଆଗ୍ନେୟଗିରି ଉଦ୍‌ଗିରଣ ଭୟଙ୍କର ରୂପରେ ଉଭା ହୋଇଥିଲା। ବ୍ୟାପକ ଧନଜୀବନ ହାନି ସହ ଲୋକେ ତ୍ରାହି ତ୍ରାହି ଡାକିଥିଲେ। କାନାଡାରେ ଗ୍ରୀଷ୍ମପ୍ରବାହ ସର୍ବକାଳୀନ ରେକର୍ଡ କରିଥିଲା, ଯେଉଁଠି ଲୋକେ ଦେଖୁ ଦେଖୁ ଟଳି ପଡ଼ିଥିଲେ। ଆମେରିକାର କେଣ୍ଟକି ସମେତ ୬ ରାଜ୍ୟ ୧୦୦ ବର୍ଷର ସବୁଠୁ ବଡ଼ ବାତ୍ୟାକୁ ସାମ୍ନା କରିଥିଲେ। ଏହି ସବୁ ବିପର୍ଯ୍ୟୟରୁ ଭାରତ ବାଦ୍ ପଡ଼ି ନ ଥିଲା। ନୂଆଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ, ବେଙ୍ଗାଲୁରୁ, କୋଲକାତା ସମେତ ଭୁବନେଶ୍ୱର ସହର ପ୍ରବଳ ବର୍ଷାରେ ଜଳାର୍ଣ୍ଣବ ହୋଇଥିଲା। ଓଡ଼ିଶାର ଶିମିଳିପାଳ ସମେତ ୩୦୦ ଜଙ୍ଗଲରେ ଲାଗିଥିବା ନିଆଁ ଜୈବବିବିଧିତାକୁ ଧ୍ୱଂସ କରିଥିଲା। ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରୂପ ଏହିସବୁ ବିପର୍ଯ୍ୟୟ ଯୋଗୁ ସାରା ବିଶ୍ୱ ଦେଖିଥିଲା ପ୍ରକୃତିର ଉଗ୍ରରୂପ।



## କାନାଡାରେ ୪୯.୬° ସେଲ୍‌ସିୟସ

ଜୁନ୍ ୨୫ରୁ ଜୁଲାଇ ୭ ମଧ୍ୟରେ କାନାଡା ଓ ଉତ୍ତର-ପଶ୍ଚିମ ଆମେରିକାକୁ ବିପଦ ଡାକି ଆଣିଥିଲା ଗ୍ରୀଷ୍ମ ପ୍ରବାହ। କାନାଡାର ବ୍ରିଟିଶ୍ କଲମ୍ବିଆ ରାଜ୍ୟର ଭାନ୍‌କୋଭର, ଲେଟନ୍ ଅଞ୍ଚଳରେ ତାପମାତ୍ରା ୪୯.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା। ଏହା ଦେଶର ସର୍ବକାଳୀନ ରେକର୍ଡ ଥିଲା। ଅଧିକ ତାପମାତ୍ରା ଯୋଗୁ ବ୍ରିଟିଶ୍ କଲମ୍ବିଆର ଜଙ୍ଗଲଗୁଡ଼ିକ ଜଳି ଉଠିଥିଲା। ଉଭୟ ତାପମାତ୍ରା ଓ ବନାଗ୍ନି ଯୋଗୁ ୮୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ସେହିପରି ଆମେରିକାର ପ୍ରାୟ ୬୦୦ ଲୋକଙ୍କ ଅତ୍ୟଧିକ ଗରମରେ ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତକଙ୍କ ମଧ୍ୟରେ ୭୦%ରୁ ଊର୍ଦ୍ଧ୍ୱ ବୟସ୍କ ଥିଲେ।

## ଜଙ୍ଗଲ ପାଇଁ ଅଭିଶାପର ବର୍ଷ


ଶିମିଳିପାଳ

ଦେଶର ଜଙ୍ଗଲଗୁଡ଼ିକ ପାଇଁ ବିଦାୟୀ ବର୍ଷ ସତେ ଯେପରି ଅଭିଶାପର ବର୍ଷ। ବନାଗ୍ନି ଯୋଗୁ ଓଡ଼ିଶା ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଫେବୃୟାରୀ ୨୮ ସୁଦ୍ଧା ରାଜ୍ୟର ବହୁ ସ୍ଥାନରେ ତାପମାତ୍ରା ୪୦° ସେଲସିୟସ ପାର କରିଥିଲା। ଏଭଳି ସ୍ଥଳେ ଫେବୃୟାରୀ ୨୨ରୁ ମାର୍ଚ୍ଚ ୧ ମଧ୍ୟରେ ରାଜ୍ୟରେ ୫୨୯୧ଟି ବନାଗ୍ନି ଘଟିଥିଲା। ଶିମିଳିପାଳ, କୁଲଡ଼ିହା ଅଭୟାରଣ୍ୟ ସମେତ ଖୋର୍ଦ୍ଧାର ବରୁଣେଇ, ନୟାଗଡ଼, କନ୍ଧମାଳ, ରାୟଗଡ଼ା ଆଦି ଅଞ୍ଚଳର ୩୦୦ ଜଙ୍ଗଲରେ ନିଆଁ ଲାଗିଥିଲା। ବନାଗ୍ନି କ୍ଷେତ୍ରରେ ନଭେମ୍ବରରୁ ଗଣତି ହୁଏ ଗୋଟିଏ ବର୍ଷ। ତଦନୁଯାୟୀ ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ଓଡ଼ିଶାର ଜଙ୍ଗଲଗୁଡ଼ିକରେ ୫୧,୯୬୮ ଥର ଅଗ୍ନିକାଣ୍ଡ ଘଟିଛି। ଏହାର ପୂର୍ବ ବର୍ଷ ସମାନ ସମୟରେ ୧୦,୬୦୨ଟି ବନାଗ୍ନି ଘଟିଥିଲା। ଅର୍ଥାତ୍ ବର୍ଷକ ମଧ୍ୟରେ ଏହି ବିପର୍ଯ୍ୟୟ ପ୍ରାୟ ୫ଗୁଣ ବଢ଼ିଛି। ଶିମିଳିପାଳ ଏବଂ କୁଲଡିହା ଅଭୟାରଣ୍ୟ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ବହୁସଂଖ୍ୟକ ବଡ଼ ବଡ଼ ଗଛ, ଔଷଧୀୟ ବୃକ୍ଷ, ବନ୍ୟପ୍ରାଣୀ ପୋଡ଼ିଯାଇଥିବାବେଳେ ଜଙ୍ଗଲ ନିକଟ ଗାଁ ଏବଂ ସହର ଧୂଆଁମୟ ହୋଇ ଲୋକେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସାରା ଦେଶ କଥା ଦେଖିଲେ ୨୦୨୦ ନଭେମ୍ବରରୁ ୨୦୨୧ ଜୁନ୍ ମଧ୍ୟରେ ମୋଟ ୩,୪୫,୯୮୯ ଜଙ୍ଗଲ ନିଆଁ ଦେଖିବାକୁ ମିଳିଛି, ଯାହାକି ପୂର୍ବ ବର୍ଷ (୧,୨୪,୪୭୩ଟି ବନାଗ୍ନି) ତୁଳନାରେ ପ୍ରାୟ ୩ଗୁଣ ଅଧିକ।

ସବୁଠୁ ଚିନ୍ତାଜନକ ହେଉଛି ୨୦୨୧ରେ ଶୀତଦିନେ ବିଶ୍ୱର ଅତ୍ୟନ୍ତ ଥଣ୍ଡା ଅଞ୍ଚଳର ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଥିଲା। ସାଇବେରିଆ, ଉତ୍ତର ଆମେରିକା, ଉତ୍ତର ଆଫ୍ରିକା ଏବଂ ଭୂମଧ୍ୟସାଗରରେ ସବୁଠୁ ବେଶି ବନାଗ୍ନି ଘଟିଥିଲା। ଏହି ବର୍ଷ ସାରା ବିଶ୍ୱର ଜଙ୍ଗଲରେ ଲାଗିଥିବା ନିଆଁ ଯୋଗୁ ୧.୭୬ ବିଲିୟନ ଟନ କାର୍ବନ ଉତ୍ସର୍ଜନ ହୋଇଥିଲା।

## କେନେରି ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ


ଲାଭାରେ ଜଳିଯାଉଥିବା ଘର

୫୦ ବର୍ଷ ପରେ ସେପ୍ଟେମ୍ବର ୧୯ରେ ସ୍ପେନ୍‌ର କେନେରି ଦ୍ୱୀପସ୍ଥିତ କ୍ୟୁମ୍ବ୍ରେ ଭିଏଜା ଆଗ୍ନେୟଗିରି ଉଦ୍‌ଗିରଣ ହୋଇଥିଲା। ୮୦,୦୦୦ ଜନସଂଖ୍ୟା ବିଶିଷ୍ଟ ଲା ପାଲ୍‌ମା ଦ୍ୱୀପର ଦକ୍ଷିଣରେ ଥିବା ଏହି ଆଗ୍ନେୟଗିରି ବିପୁଳ ଲାଲ ଓ ହଳଦିଆ ରଙ୍ଗର ଲାଭା ଓକାଳିଥିଲା, ଯେଉଁଥିରେ ୧୦୦ରୁ ଊର୍ଦ୍ଧ୍ୱ ଘର ଧ୍ୱଂସ ହୋଇଯାଇଥିବାବେଳେ ୫ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଥିଲା।

## ଲାଭାରେ ୪୮ ଜୀବନହାନି



ଇଣ୍ଡୋନେସିଆର ଜାଭାଦ୍ୱୀପରେ ଥିବା ୩୬୭୬ ମିଟର ଉଚ୍ଚତା ବିଶିଷ୍ଟ ସୁମେରୁ ପର୍ବତ ଡିସେମ୍ବର ମାସରେ ଲାଭା ଓକାଳିଥିଲା। ଏହି ଆଗ୍ନେୟଗିରି ଉଦ୍‌ଗିରଣରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଓ ଲାଭା ୪୮ ଜଣଙ୍କ ଜୀବନ ନେଇଥିବାବେଳେ ହଜାର ହଜାର ଲୋକ ବାସଚ୍ୟୁତ ହୋଇଥିଲେ। ଲଗାଣ ବର୍ଷା ଓ ବଜ୍ରପାତ ଯୋଗୁ ସୁମେରୁ ପର୍ବତରେ ଆଗ୍ନେୟଗିରି କ୍ଷତିଗ୍ରସ୍ତ ହୋଇ ଲାଭା ଉଦ୍‌ଗିରଣ ହୋଇଥିବା ଭୂତତ୍ତ୍ୱ ସର୍ବେକ୍ଷଣ କେନ୍ଦ୍ର ପକ୍ଷରୁ କୁହାଯାଇଛି।



## ତଉକତାଏ-ୟାସ୍-ଜୱାଦ

ମେ ୧୭ ରାତିରେ ବାତ୍ୟା ତଉକତାଏ ଗୁଜରାଟର ସୌରାଷ୍ଟ୍ର ଉପକୂଳ ଡିଉଠାରେ ସ୍ଥଳଭାଗ ଛୁଇଁଥିଲା। ଏହାର ପ୍ରଭାବରେ ମହାରାଷ୍ଟ୍ର ଓ ଗୁଜରାଟରେ ବ୍ୟାପକ କ୍ଷତି ହୋଇଥିଲା। ମହାରାଷ୍ଟ୍ରର କଙ୍କଣ ଅଞ୍ଚଳର ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ୯ ଦିନ ପରେ ଅର୍ଥାତ୍ ମେ ୨୬ ତାରିଖ ମଧ୍ୟାହ୍ନରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ୟାସ୍' ବାଲେଶ୍ୱର ଜିଲା ବାହାନଗା ନିକଟରେ ଅତିକ୍ରମ କରିଥିଲା। ପବନର ବେଗ ୧୨୦ରୁ ୧୪୫ କି.ମି. ମଧ୍ୟରେ ଥିବାବେଳେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ବହୁ ଗଛ ଧରାଶାୟୀ ହୋଇଥିଲା। ପବନ ଅପେକ୍ଷା ବର୍ଷା ଅଧିକ ହେବାରୁ ଅନେକ ଗ୍ରାମ ଜଳମଗ୍ନ ହୋଇପଡ଼ିଥିଲା। ଗଛ ପଡ଼ିବା ଯୋଗୁ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜର ୩ଜଣଙ୍କର ମୃତ୍ୟୁ ଘଟିଥିଲା। ଡିସେମ୍ବର ଆରମ୍ଭରେ ପୁଣି ଏକ ବାତ୍ୟା ଭୟ ଓଡ଼ିଶାବାସୀଙ୍କୁ ଘାରିଥିଲା। ତାହାର ନାଁ ଥିଲା 'ଜୱାଦ'। ଅବଶ୍ୟ ତାହା ଦୁର୍ବଳ ହୋଇ ଅବପାତରେ ପରିଣତ ହେବା ସହ ଡିସେମ୍ବର ୫ରେ ଓଡ଼ିଶା ଉପକୂଳ ଦେଇ ପଶ୍ଚିମବଙ୍ଗ ଉପକୂଳ ଆଡ଼କୁ ମୁହାଁଇଥିଲା। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାରେ ଡିସେମ୍ବର ୪ ଓ ୫ ଦୁଇଦିନ ଧରି ପ୍ରବଳ ବର୍ଷା ହୋଇଥିଲା। ବହୁ ପାଚିଲା ଧାନ ନଷ୍ଟ ହୋଇଯାଇଥିଲା।

## କପ୍-୨୬: କୋଇଲାକୁ ନେଇ ସାଲିସ୍

ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋରେ ଦୁଇ ସପ୍ତାହ ଧରି ଚାଲିଥିବା ଜାତିସଂଘ ଜଳବାୟୁ ସମ୍ମିଳନୀ (କପ୍୨୬) ନଭେମ୍ବର ୧୩ରେ ଶେଷ ହୋଇଥିଲା। ଚଳିତ ଶତାବ୍ଦୀରେ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ପାଇଁ କୋଇଲା ବ୍ୟବହାରକୁ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ ବନ୍ଦ କରିବା ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ତାହା ସମ୍ମିଳନୀରେ ଗୃହୀତ ହୋଇପାରିଲାନାହିଁ। କୋଇଲା ଶକ୍ତି ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ (ଫୋଜ୍ ଆଉଟ୍) କରିବା ପରିବର୍ତ୍ତେ ଏହାକୁ ହ୍ରାସ (ଫେଜ୍ ଡାଉନ) କରିବା ପାଇଁ ଭାରତ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଅନେକ ଦେଶ ଏହାକୁ ସମାଲୋଚନା କରିଥିଲେ ମଧ୍ୟ ପ୍ରାୟ ୨୦୦ ଦେଶ ଏକ ସାଲିସପୂର୍ଣ୍ଣ ରାଜିନାମାକୁ ଗ୍ରହଣ କରିନେଇଥିଲେ।

## ସୁଲାୱେସି ପାଲଟିଲା ଧ୍ୱଂସସ୍ତୂପ

ଜାନୁୟାରୀ ୧୪ ରାତିରେ ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପ ପାଲଟିଥିଲା ଧ୍ୱଂସସ୍ତୂପ। ଏକ ଶକ୍ତିଶାଳୀ ଭୂକମ୍ପରେ ୬୦୦୦ରୁ ଊର୍ଦ୍ଧ୍ୱ କୋଠା ଧରାଶାୟୀ ହୋଇଯାଇଥିଲା। ୧୦୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୩୬୯ ଜଣ ଆହତ ହୋଇଥିଲେ।

## ହାଇତି ଭୂକମ୍ପ: ୨୨୦୦ ମୃତ

ଅଗଷ୍ଟ ୧୪ରେ ହାଇତିକୁ ଦୋହଲାଇ ଦେଇଥିଲା ଭୂକମ୍ପ। ସେଣ୍ଟ ଲୁଇସ୍ ଡୁ ସୁଡ୍‌ରେ ଘଟିଥିବା ୭.୨ ତୀବ୍ରତାର ଭୂକମ୍ପରେ ୨୨୦୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ ହଜାର ଆହତ ହୋଇଥିଲେ। ନିଖୋଜ ହୋଇଥିବା ଶତାଧିକ ଲୋକଙ୍କୁ ଏବେବି ଠାବ କରାଯାଇପାରିନାହିଁ।



## ପାହାଡ଼ରୁ ପଥର ଖସି ବ୍ରିଜ୍ ଭୁଶୁଡ଼ିଲା: ୯ ମୃତ

ଜୁଲାଇ ୨୫ରେ ହିମାଚଳପ୍ରଦେଶର କିନୌର ଜିଲାର ସାଙ୍ଗ୍‌ଲା-ଚିଟ୍‌କୁଲ ରାସ୍ତାରେ ଏକ ଟେମ୍ପୋ ଉପରେ ନିକଟସ୍ଥ ପାହାଡ଼ରୁ ପଥର ଖଣ୍ଡ ଖସିପଡ଼ିବାରୁ ୯ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ବାତସେରି ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା।



## ଦିଲ୍ଲୀରେ ୪୬ ବର୍ଷର ରେକର୍ଡ

ସେପ୍ଟେମ୍ବରରେ ରାଜଧାନୀ ଦିଲ୍ଲୀରେ ୪୬ ବର୍ଷର ରେକର୍ଡ ଭାଙ୍ଗିଥିଲା ବର୍ଷା। ୧୦ ଏବଂ ୧୧ ତାରିଖରେ ହୋଇଥିବା ବର୍ଷା ବିମାନବନ୍ଦର ସମେତ ଶତାଧିକ ସ୍ଥାନକୁ ବୁଡ଼ାଇଥିଲା। ୧୦୦୦ ମିଲିମିଟର ବର୍ଷା ଯୋଗୁ ରାସ୍ତାରେ ଡଙ୍ଗା ଚାଲିଥିଲା। ବହୁ ଘର ଭୁଶୁଡ଼ିପଡ଼ିଥିଲା।



## କେଣ୍ଟକିରେ ଧ୍ୱଂସ ଚିତ୍ର

ଆଲୋଚ୍ୟ ବର୍ଷର ଶେଷ ଭାଗରେ ଆମେରିକାର କେଣ୍ଟକିରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ୬ ରାଜ୍ୟରେ ତାଣ୍ଡବ ରଚିଥିଲା। ଆମେରିକା ଇତିହାସର ୧୦୦ ବର୍ଷ ମଧ୍ୟରେ ସବୁଠୁ ବଡ଼ ବାତ୍ୟା କୁହାଯାଉଥିବା ଏହି ପ୍ରାକୃତିକ ବିପର୍ଯ୍ୟୟ ୧୦୦ରୁ ଊର୍ଦ୍ଧ୍ୱ ଜୀବନ ନେଇଥିଲା। ଆର୍କାନସାସ୍, ମିସୌରି ଓ କେଣ୍ଟକିରେ ୫୦ ନିୟୁତରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ।

## ଆମେରିକାରେ ଇଦା ତାଣ୍ଡବ

ଅଗଷ୍ଟ ଆରମ୍ଭରେ ଘୂର୍ଣ୍ଣିଝଡ଼ 'ଇଦା' ଯୋଗୁ ସୃଷ୍ଟି ହୋଇଥିବା ବର୍ଷା ଆମେରିକାର ବିଗତ ଅର୍ଦ୍ଧ ଶତାବ୍ଦୀର ରେକର୍ଡ ଭାଙ୍ଗିଥିଲା। ନ୍ୟୁୟର୍କ, ନ୍ୟୁଜର୍ସି ଓ ପେନ୍‌ସିଲଭାନିଆ ସହରରେ ତାଣ୍ଡବ ରଚିଥିଲା ଝଡ଼ବାତ୍ୟା। ୪୪ଜଣଙ୍କ ମୃତ୍ୟୁ ଘଟିଥିଲା, ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଏଥିପାଇଁ ଜରୁରୀ ପରିସ୍ଥିତି ଘୋଷଣା କରିବାକୁ ପଡ଼ିଥିଲା।

## ବର୍ଷା ବିପ୍ଳାତ


ନଭେମ୍ବର ୭ ଓ ୮ ଚେନ୍ନାଇ


ଜୁଲାଇ ୨୧ ଓ ୨୨ ମୁମ୍ବାଇ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୯୫,୬୨,୪୨୬ | ୫୪,୧୨,୧୭୨ | ୨୪,୯୯,୦୨,୩୪୯ |
| ଭାରତ | ୩,୪୭,୭୯,୮୧୫ | ୪,୭୯,୫୨୦ | ୩,୪୨,୨୩,୨୬୩ |
| ଓଡ଼ିଶା | ୧୦,୫୩,୭୬୯ | ୮୪୫୧(+୫୩) | ୧୦,୪୩,୭୮୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବଡ଼ଦିନରେ ୨୦ହଜାର ପର୍ଯ୍ୟଟକ ବୁଲିଲେ ନନ୍ଦନକାନନ



ନନ୍ଦନକାନନରେ ପର୍ଯ୍ୟଟକଙ୍କ ଭିଡ଼ ।

**ବାରଙ୍ଗ,୨୫।୧୨(ଡି.ଏନ୍.ଏ.)**

କୋଭିଡ୍ କଟକଣା ମଧ୍ୟରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ଖୋଲିଥିବା ବେଳେ ବଡ଼ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ଗତବର୍ଷ ଠାରୁ ବୃଦ୍ଧି ପାଇଛି। ଶନିବାର ମୋଟ୍ ୨୦,୦୧୩ଜଣ ପର୍ଯ୍ୟଟକ ଏଠାରେ ବୁଲିଥିଲେ। ବଡ଼ଦିନରେ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବାର ଆଶାକରି ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପର୍ଯ୍ୟଟକଙ୍କୁ ସମସ୍ତ ସୁବିଧା ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଥିଲା। ଅଫ୍‌ଲାଇନରେ୧୯,୨୮୩ଜଣ ଟିକେଟ କାଟିଥିବା ବେଳେ ଅନ୍‌ଲାଇନରେ ୭୩୦ଜଣ ଟିକେଟ କାଟିଥିଲେ। ସେହିପରି ବଟାନିକାଲ ଗାର୍ଡେନକୁ ବଡ଼ଦିନରେ ୧୦୪୯ଜଣ ପର୍ଯ୍ୟଟକ ଅସିଛନ୍ତି; ଯାହା କି ଗତବର୍ଷ ବଡଦିନଠାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। କିନ୍ତୁ ଉଭୟ ପାର୍କ ବିଗତଦିନର ପର୍ଯ୍ୟଟକଙ୍କ ରେକର୍ଡ ଭାଙ୍ଗିବାରେ ସକ୍ଷମ ହୋଇପାରିନାହିଁ। ଅନ୍ୟପଟେ ଡେରାସରେ ବଡ଼ଦିନରେ ଆସିଥିବା ୯୦୦ ପର୍ଯ୍ୟଟକଙ୍କ ଠାରୁ ୬୦,୮୩୦ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଗୋଡିବାରିକୁ ଆସିଥିବା ପର୍ଯ୍ୟଟକଙ୍କ ଠାରୁ ୨୩,୮୨୦ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ଜଣାପଡ଼ିଛି।

## ବଟିକୁ ନେଇ ବ୍ୟବସାୟୀଙ୍କୁ ଖଣ୍ଡା ଚୋଟ

**ବ୍ରହ୍ମପୁର ଅଫିସ,୨୫।୧୨**

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର କୈଳାସ ନଗରରେ ଶନିବାର ସନ୍ଧ୍ୟାରେ ବ୍ୟବସାୟୀ ଗୋପାଳକୃଷ୍ଣ ପଣ୍ଡାଙ୍କୁ ଦୁର୍ବୃତ୍ତମାନେ ଦାଦାବଟି ମାଗିବା ସହ ଖଣ୍ଡାଚୋଟ ପକାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୈଳାସ ନଗରରେ ଗୋପାଳକୃଷ୍ଣ ଏକ ଭେରାଇଟି ଷ୍ଟୋର୍ କରିଛନ୍ତି। ଗତ ୨୩ ତାରିଖରେ ତାଙ୍କୁ କେହି ଜଣେ ଫୋନ କରି ବଟି ମାଗିଥିଲେ। ଏସମ୍ପର୍କରେ କାହାକୁ ନ କହିବାକୁ ଧମକ ମଧ୍ୟ ମିଳିଥିଲା। ଶନିବାର ସନ୍ଧ୍ୟାରେ ଗୋପାଳକୃଷ୍ଣ ତାଙ୍କ ଦୋକାନରେ ବସିଥିବା ବେଳେ ୨ଦୁର୍ବୃତ୍ତ ଆସି ଗାଳିଗୁଲଜ କରିବା ସହ ଦାଦାବଟି ମାଗିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଦୁର୍ବୃତ୍ତମାନେ ଦୋକାନରେ ପଶି ଜିନିଷପତ୍ର ଫିଙ୍ଗା ଫୋପାଡ଼ା କରିଥିଲେ। ପ୍ରତିବାଦ କରିବାରୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଦୋକାନରେ ଥିବା ଜେରକ୍ସ ମେଶିନ୍, ଲାପଟପ୍, ମୋବାଇଲ୍ ଆଦି ଭାଙ୍ଗି ଦେଇଛନ୍ତି। ଘଟଣା ପରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ।

## ଜଙ୍ଗଲରୁ ମାଓବାଦୀ ସାମଗ୍ରୀ ଜବତ

**ମାଲକାନଗିରି,୨୫।୧୨ (ଡି.ଏନ.ଏ.)**

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ଯୋଡାମ୍ବ ଥାନା ଅନ୍ତର୍ଗତ ମାରିୱାଡା ଗ୍ରାମ ନିକଟ ଜଙ୍ଗଲରୁ ଯବାନମାନେ ଶୁକ୍ରବାର କୋମ୍ବିଂ ଅପରେଶନ ବେଳେ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ସେଗୁଡିକ ମଧ୍ୟରେ ଗୋଟିଏ ଜେନେରେଟର, ୬ଟି ଇଲେକ୍ଟ୍ରିକ ଡେଟୋନେଟର, ଗୋଟିଏ ଗ୍ରେନେଡ୍, ୬ ମିଟର କୋଡେକ୍ସ ତାର, ୩ଟି ଆମନ୍ କୋଣ୍ଟିନେଟର, ୬୫ଟି ଆମନ୍ ଚାର୍ଜ କ୍ଲିପ୍, ୫ ମିଟର ଡିସ୍ କେବୁଲ୍, ଏକ ମିଟର ଆଫ୍ରକ୍ସ ଇଲେକ୍ଟ୍ରିକ ତାର, ୩ ଭୋଲ୍‌ଟର ଏକ ବ୍ୟାଟେରି, ଗୋଟିଏ ପାଣି ଜାର୍, କଳା ଜରି ଆଦି ରହିଛି। ଏହି କୋମ୍ବିଂ ଅପରେଶନରେ ଏସ୍‌ଓଜି ଓ ଡିଭିଏଫ୍ ଯବାନମାନେ ସାମିଲ ହୋଇଥିଲେ। ଏନେଇ ଶନିବାର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଭିଲାଷ ଜି. ସୂଚନା ଦେଇଛନ୍ତି।

ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟାଲ ଷ୍ଟଡିଜ୍ (ସି.ଇ.ଏସ୍)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

Say NO to Single-Use Plastics

Reduce Reuse Recycle

DSPL-347:-

ପ୍ଲାଷ୍ଟିକ୍ ଭଲ ଯେତେ, ଭେଲ ତା'ଠାରୁ ଅଧିକ । ସମସ୍ତ କୁପ୍ରଭାବସତ୍ତ୍ୱେ ଆମର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀରେ ପ୍ଲାଷ୍ଟିକ୍ ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି । ଦୁର୍ଭାଗ୍ୟବଶତଃ, ପ୍ଲାଷ୍ଟିକ୍ ଏକ ପେଟ୍ରୋଲଜାତ ଜୈବ ବିଘଟନ ଅକ୍ଷମ ପଦାର୍ଥ ହୋଇଥିବାରୁ ଏହା ସଂପୂର୍ଣ୍ଣ କ୍ଷୟ ହେବା ପାଇଁ ବର୍ଷ ବର୍ଷ ସମୟ ଲାଗିଥାଏ । ଏହି ଜୈବ ବିଘଟନ ଅକ୍ଷମ ଗୁଣ ଯୋଗୁଁ, ଖଣ୍ଡ ବିଖଣ୍ଡିତ ପ୍ଲାଷ୍ଟିକ୍, ଅନେକ ବର୍ଷ ପର୍ଯ୍ୟନ୍ତ ପରିବେଶରେ କୁଢ଼ କୁଢ଼ ଜମା ହୋଇ ରୁହେ । ନାଳ, ନର୍ଦ୍ଦମାରେ ଜମା ହୋଇ ବର୍ଜ୍ୟ ଜଳ ନିଷ୍କାସନରେ ବାଧା ସୃଷ୍ଟି କରେ । ନଦୀ, ସମୁଦ୍ରକୁ ଭାସିଯାଇ ପ୍ରଦୂଷଣର କାରକ ହୁଏ । ସହଜରେ ଅବକ୍ଷୟ ହେଉ ନଥିବା କାରଣରୁ, ମାଟିରେ ପୋତି ହୋଇ ବର୍ଷା ଜଳକୁ ମାଟିତଳକୁ ଭେଦିବାକୁ ବାଧା ଦିଏ ।

ସବୁଠାରୁ ଅଧିକ ବିପଜ୍ଜନକ ହେଉଛି "ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍" (ଏକକ ବ୍ୟବହୃତ ପ୍ଲାଷ୍ଟିକ୍), ଯାହାକୁ ଥରେ ମାତ୍ର ବ୍ୟବହାର କରି ଫିଙ୍ଗି ଦିଆଯାଏ ଏବଂ ଏହାର ପୁନଃ ବ୍ୟବହାର ବା ପୁନଃ ଚକ୍ରଣ ସମ୍ଭବ ନୁହେଁ । ତନ୍ମଧ୍ୟରେ ରହିଛି, ପତଳା ପଲିଥିନ୍ ବ୍ୟାଗ୍, ତେଜରାତି ଜରିମୁଣା, ଖାଦ୍ୟ ଆବରକ ସାମଗ୍ରୀ, ପ୍ଲାଷ୍ଟିକ୍ ଥାଳି, ଗ୍ଲାସ୍, କପ୍, ଚାମଚ, ପାଣି ବୋତଲ, ପାଉଚ୍ ଇତ୍ୟାଦି ।

ଆମ ରାଜ୍ୟକୁ ସ୍ୱଚ୍ଛ ଓ ସୁସ୍ଥ ରାଜ୍ୟ ଗଢ଼ିବାରେ ସମସ୍ତ ଇକୋ-କ୍ଲବ ତଥା ଅନ୍ୟାନ୍ୟ ସ୍କୁଲ୍, କଲେଜ ଓ ଜନସାଧାରଣଙ୍କ ବିଶେଷ ଭୂମିକା ରହିଛି । ତେଣୁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆଜିଠାରୁ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ନିଷେଧ କରି ଏକ ଉତ୍ତମ ଓ ସୁସ୍ଥ ପରିବେଶ ଗଠନ କରିବା । ସମସ୍ତଙ୍କୁ ନିବେଦନ ଯେ, ପ୍ଲାଷ୍ଟିକ୍ ପ୍ରଦୂଷଣ ର ଏକ ଅଂଶ ହୁଅନ୍ତୁ ନାହିଁ ବରଂ ଏହାର ସମାଧାନ ର ଏକ ଅଂଶ ହୁଅନ୍ତୁ ।

SAVE ENVIRONMENT

ପଲିଥିନ୍ ବ୍ୟାଗ୍ | ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଓ ଥର୍ମୋକୁଲ ଦ୍ୱାରା ନିର୍ମିତ ସାମଗ୍ରୀ | ପଲିଥିନ୍ ପାଣି ପାଉଚ୍ | ୨୦୦ ମିଲି କ୍ଷମତାରୁ କମ୍ ପାଣି ବୋତଲ | ଥର୍ମୋକୁଲ ସାଜସଜ୍ଜା ସାମଗ୍ରୀ

ଆସନ୍ତୁ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ରୋକିବା ପାଇଁ ହାତ ମିଳାନ୍ତୁ
Save Earth
OIPR-08001/13/0005/2122

# ଜେଲ ଗଲେ ମହିଳା ବ୍ରାଉନସୁଗାର ବେପାରୀ

## ୬୨ଗ୍ରାମ ବ୍ରାଉନସୁଗାର ଜବତ

**ନିମାପଡ଼ା,୨୫।୧୨(ଡି.ଏନ୍.ଏ.)**


ଶାନ୍ତିଲତା ଜେନା

ନିମାପଡ଼ା ଥାନା ଅଧୀନ ରେଞ୍ଚ ଶାସନ ଗ୍ରାମରୁ ଶନିବାର ପୋଲିସ ଜଣେ ମହିଳା ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଶାନ୍ତିଲତା ଜେନା। ତାଙ୍କ ନିକଟରୁ ୬୨ଗ୍ରାମ ବ୍ରାଉନସୁଗାର, ୪୪୦୦ ଟଙ୍କା, ୨ଟି ମୋବାଇଲ ଫୋନ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୬ଲକ୍ଷ ୨୦ହଜାର ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା(ନଂ.୪୩୬/୨୧) ରୁଜୁ ପରେ ଶାନ୍ତିଲତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ସୂଚନା ମୁତାବକ, ଶାନ୍ତିଲତା ଘର ବାରଣ୍ଡାରେ ବସି ବ୍ରାଉନସୁଗାର ବେପାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ ପ୍ରମୁଖ ସଦଳବଳ ଶନିବାର ସକାଳେ ଶାନ୍ତିଲତାଙ୍କ ଘର ଉପରେ ଚଢ଼ାଉ କରି ତାଙ୍କୁ ଧରିଥିଲେ।

DSPL-350

ODISHA NEW OPPORTUNITIES

Indian Chemical Engineering Congress
&
74th Annual Session of Indian Institute of Chemical Engineers

CHEMCON 2021
26th - 30th December
CSIR-IMMT Bhubaneswar

Jointly Organized by

Indian Institute of Chemical Engineers
Bhubaneswar Regional Centre
&
CSIR - Institute of Minerals and Materials Technology
Bhubaneswar

In Association with

Institute of Chemical Technology
IndianOil Odisha Campus, Bhubaneswar

Inauguration by
Shri Naveen Patnaik
Hon'ble Chief Minister, Odisha



The conference, on Virtual Platform, covers major themes relevant to the Chemical Engineering and allied profession through plenary, invited lectures and oral presentation sessions.

Major collaborators for joint International Symposia: Canadian Society for Chemical Engineering (CSChE, Canada) and South African Institution of Chemical Engineering (SAIChE, South Africa).

Sustainable Utilisation of Resources for Chemical and Mineral Sectors made possible

Sponsors
Platinum Sponsors: Reliance, IOCL
Gold Sponsors: Aditya Birla Chemicals, Tech Mahindra
Bronze Sponsors: NALCO, Excel Industries
Inaugural Session Sponsors: UPL Limited, Deepak Nitrite Limited, L&T Hydrocarbon Engineering Limited
Concluding Session Sponsors: Paradeep Phosphates Ltd, IFFCO, IREL Limited
Technical Session Sponsors: Aarti Industries Ltd., The Dharamsi Morarji Chemical Co .Ltd, Transpek Silos Industry Pvt Ltd

Conference Partners
Exhibition Partner: Indian Chambers of Commerce (ICC)
Industry Partner: Indian Chemical Council
Media Partner: Chemical Industry Digest
Publication Partner: Wiley, Springer
Knowledge Partner: SAS India (Pvt.) Ltd.

For further details, kindly visit www.chemcon2021.com
OIPR-14005/13/0011/2122

**ଆଜିର ମନ୍ତବ୍ୟ**

କିଛି ଦିନରେ ହେବାକୁ ଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ପରେ କେନ୍ଦ୍ର ସରକାର କୃଷି ଆଇନ ଫେରାଇ ଆଣିବାକୁ ଚକ୍ରାନ୍ତ କରୁଛନ୍ତି। ଜନସାଧାରଣ ଭାଜପାକୁ ହରାଇ ଏକ ଶିକ୍ଷା ଦିଅନ୍ତୁ।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ରୁଦ୍ର ନାରାୟଣ
ପରିବାରବର୍ଗ



ଶୁଭ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଗୁଳିମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ | ଜଙ୍ଗଲରୁ ଏକେ-୪୭ ଜବତ

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି,୨୫।୧୨(ଡି.ଏନ୍.ଏ.)**

ଗଜପତି ଜିଲା ଅଡ଼ବା ଥାନା ଜାଡ଼ିଙ୍ଗି ଗାଁରେ ଗୁଣି ସନ୍ଦେହରେ ପାଷ୍ଟର ଡମ୍ବରୁଧର ମାଝୀଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରମୋଦ ମାଝିଙ୍କୁ ପୋଲିସ ଶନିବାର ଗିରଫକରି କୋର୍ଟ ଚାଲାଣ କରିଛି। ଗିଧିକୁପାରି ଜଙ୍ଗଲରେ ପ୍ରମୋଦ ଲୁଚାଇ ରଖିଥିବା ଗୋଟିଏ ଏକେ-୪୭, ୨୮ ଗୁଳି ଓ ୨ଟି ମାଗାଜିନକୁ ଜବତ କରାଯାଇଛି। ଡମ୍ବରୁଧର ଗୁଣି ଗାରେଡି କରିଥିବା ଅଭିଯୁକ୍ତଙ୍କ ମନରେ ବସା ବାନ୍ଧିଥିଲା। ଗତ ଫେବୃଆରୀ ୭ରେ ଡମ୍ବରୁଧରଙ୍କୁ ପ୍ରମୋଦ ଓ ତାଙ୍କ ୨ ସହଯୋଗୀ ଗୁଳିମାଡ଼ କରିଥିଲେ। ଏଥିରେ ଡମ୍ବରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରେ ତାଙ୍କୁ ପୁଣି ପଥର ମାଡ଼ କରାଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ଡମ୍ବରୁଙ୍କୁ ଉଦ୍ଧାର କରି ବ୍ରାହ୍ମଣୀଗାଁ ମେଡିକାଲରେ ଭର୍ତ୍ତି କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବିପଦ ବେଳେ ନ ହୁଅ କାତର**
**ସମ୍ପଦ ବେଳେ ନ ହୁଅ ଚାତର।**

ବିପଦ ପଡ଼ିଥିବା ବେଳେ ମ୍ରିୟମାଣ ନ ହୋଇ ଏହାକୁ ଧୈର୍ଯ୍ୟର ସହ ମୁକାବିଲା ବା ସାମନା କରିବା ଉଚିତ। ବିପଦକୁ ସାମନା କରିବା ପାଇଁ ମନରେ ସାହସ ବାନ୍ଧିଲେ ବିପଦ ଟଳିଯାଏ। ସେହିପରି ସମ୍ପଦ ପ୍ରାପ୍ତିରେ ମନରେ କୌଣସି ପ୍ରକାର ଗର୍ବ ଏବଂ ଅହଂକାର ଆଣିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାପ ଗୁଣେ ପୁଅ,**
**ମାଆ ଗୁଣେ ଝିଅ।**

ସାଧାରଣତଃ ପୁଅଠାରେ ବାପର ଗୁଣ ଓ ସ୍ୱଭାବ ପ୍ରତିଫଳିତ ହୋଇଥାଏ। ସେହିପରି ଝିଅଠାରେ ମାଆର ଗୁଣ ଏବଂ ରୂପର ସାମଞ୍ଜସ୍ୟ ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ଶ୍ୱଶୁର ଘର ଗାଁଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଯୁବକଙ୍କୁ ହତ୍ୟା

**ବାଉଁଶୁଣୀ,୨୫।୧୨(ଡି.ଏନ.ଏ.)**

ଶୁକ୍ରବାର ବିଳମ୍ବିତ ରାତିରେ ଶ୍ୱଶୁର ଘର ଗାଁଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ନିହତ ଯୁବକ ହେଲେ ଗୋବର୍ଦ୍ଧନ ଖଟୁଆ (୪୨)। ବକେୟା ଟଙ୍କା ମାଗିବାକୁ ନେଇ ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ବଲାକିରା ଗ୍ରାମରେ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ବାପ ଓ ଦୁଇ ପୁଅ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ବ୍ଲକ ଟିକରପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୁରଗୋରା ଗ୍ରାମର ଗୋବର୍ଦ୍ଧନ ତାଙ୍କ ଶ୍ୱଶୁର ଘର ଗାଁ ବଲାକିରାରେ ନିଜ ପରିବାର ସହ ରହୁଥିଲେ। ସେ ଇଟା ବେପାର କରନ୍ତି। ଗତ କିଛିଦିନ ତଳେ ସେହି ଗ୍ରାମରେ ରହୁଥିବା ତାଙ୍କ ଶ୍ୱଶୁରଙ୍କ ଭାଇ ପବିତ୍ର ପ୍ରଧାନ ଘର କାମ ପାଇଁ ତାଙ୍କଠାରୁ ଇଟା ନେଇଥିଲେ। ଏ ବାବଦରେ ଟଙ୍କା ଦେଇ ନ ଥିବାରୁ ଗୋବର୍ଦ୍ଧନ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ପବିତ୍ରଙ୍କ ଘରକୁ ଯାଇ ବାକି ଟଙ୍କା ମାଗିଥିଲେ। ଏହାକୁ କେନ୍ଦ୍ରକରି ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ପବିତ୍ର ଓ ତାଙ୍କ ଦୁଇ ପୁଅ ମିଶି ଗୋବର୍ଦ୍ଧନଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ସେ ବାହାରକୁ ଦୌଡ଼ି ଆସିବାରୁ ସେମାନେ ତାଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଖଟବାହି ଓ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ବାଉଁଶୁଣୀ ଥାନାରେ ଅଭିଯୋଗ କରିଛନ୍ତି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଶନିବାର ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ନଂ ୧୮୦/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପ୍ରଥମ ପୃଷ୍ଠାରୁ...

### ୪୦% ପଛୁଆବର୍ଗ ...

ଆଲୋଡ଼ନ ସୃଷ୍ଟି କରିଥିବା ବିଜେଡି ପ୍ରଥମେ ନିଜଆଡୁ ୨୦୧୯ ଲୋକ ସଭା ନିର୍ବାଚନରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କର ଉଦାହରଣ ସୃଷ୍ଟି କରିଥିଲା। ରାଜ୍ୟର ଆର୍ଥିକ ଅନଗ୍ରସର ବର୍ଗଙ୍କ ସଶକ୍ତୀକରଣ ପ୍ରତି ଦଳ ନିଜର ପ୍ରତିବଦ୍ଧତା ପୁନଶ୍ଚ ଦୋହରାଇ ଶନିବାର ଐତିହାସିକ ପ୍ରସ୍ତାବ ପାରିତ କରିଛି। ଏହାଦ୍ୱାରା ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ଅନ୍ୟୂନ ୪୦% ପଛୁଆବର୍ଗର ପ୍ରାର୍ଥୀଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା ନିମନ୍ତେ ମନୋନୀତ କରି ସେମାନଙ୍କୁ ତାଙ୍କର ନ୍ୟାଯ୍ୟ ରାଜନୈତିକ ଅଧିକାର ପ୍ରଦାନ କରିବ।

ବୈଠକରେ ଦଳର ଉପସଭାପତି ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ପ୍ରତାପ ଜେନା, ଅରୁଣ ସାହୁ, ସମୀର ଦାସ, ଅଶୋକ ଚନ୍ଦ୍ର ପଣ୍ଡା, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜଗନ୍ନାଥ ସାରକା, ବିଧାୟକ ପ୍ରଫୁଲ୍ଲ ସାମଲ, ଅତନୁ ସବ୍ୟସାଚୀ ନାୟକ, ଧ୍ରୁବ ସାହୁ, ପ୍ରୀତି ରଞ୍ଜନ ଘଡ଼ାଇ, ଚନ୍ଦ୍ରସାରଥି ବେହେରା, ରୋହିତ ପୂଜାରୀ, ଅନନ୍ତ ନାରାୟଣ ଜେନା, ଶ୍ରୀକାନ୍ତ ସାହୁ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ପ୍ରଶାନ୍ତ ମୁଦୁଲି, ସୁଶାନ୍ତ ରାଉତ, ରମେଶ ବେହେରା, ବ୍ରଜ କିଶୋର ପ୍ରଧାନ, ଏମ୍‌ପି ସସ୍ମିତ ପାତ୍ର, ସୁବାସ ସିଂ, ମୁନ୍ନା ଖାଁ, ରାଜଶ୍ରୀ ମଲ୍ଲିକ ଏବଂ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ, ଲୋପାମୁଦ୍ରା ବକ୍ସିପାତ୍ର, ଶ୍ରୀମୟୀ ମିଶ୍ର, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଅରୂପ ପଟ୍ଟନାୟକ, କଳିକେଶ ନାରାୟଣ ସିଂଦେଓ, ସାନନ୍ଦ ମାରାଣ୍ଡି, ସ୍ୱାଧୀନ ନାୟକ ଏବଂ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ସଦସ୍ୟମାନେ ଭର୍ଚୁଆଲ ଜରିଆରେ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିଲେ।

### ଏଲିଅନ୍ ଖୋଜିବ ...

ସୂର୍ଯ୍ୟର ଉତ୍ତାପରୁ ରକ୍ଷା କରିବା ପାଇଁ ସେଥିରେ ଏକ ଟେନିସ୍ କୋର୍ଟ ଆକାରର ୫ ସ୍ତରୀୟ ସନ୍‌ଶିଲ୍ଡ ଲଗାଯାଇଛି। ଜେମ୍ସ ୱେବ୍ ଦୂରବୀକ୍ଷଣ ଯନ୍ତ୍ରର ବ୍ୟାସ ୨୧ ମିଟର, ଦର୍ପଣ ବା ମିରର୍ ଆକାର ୬.୫ ମିଟର ହେବ। ଏହା ସୂର୍ଯ୍ୟକିରଣର ବିପରୀତ ଦିଗରୁ ମହାକାଶରୁ ଆସୁଥିବା ଇନଫ୍ରାରେଡ୍ ତରଙ୍ଗକୁ ଧରିପାରିବ। ହବଲ୍‌ର ମିରର୍ ଆକାର ୨.୪ ମିଟର। ଜେମ୍ସ ୱେବ୍‌ର ଓଜନ ୬,୨୦୦ କେଜି ଏବଂ ଅପରେଟିଂ ତାପମାତ୍ରା ବିୟୁକ୍ତ ୨୩୦ ଡିଗ୍ରୀ ସେଲ୍‌ସିୟସ୍ ହୋଇଥିବାବେଳେ ହବଲ୍‌ର ଓଜନ ୧୨,୨୦୦ କେଜି ଓ ଅପରେଟିଂ ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ୍।

ଜେମ୍ସ ୱେବ୍ ଆମେରିକା ଇତିହାସର ସର୍ବବୃହତ ଅନ୍ତର୍ଜାତୀୟ ମହାକାଶ ବିଜ୍ଞାନ ପ୍ରକଳ୍ପ। ଏହାକୁ ହବଲ୍ ଟେଲିସ୍କୋପ୍‌ର ଉତ୍ତରାଧିକାରୀ ବୋଲି ମଧ୍ୟ କୁହାଯାଉଛି। ୧୯୯୦ରେ ନାସା ଏହାର ପ୍ରଥମ ସ୍ପେସ୍ ଟେଲିସ୍କୋପ୍ ହବଲ୍‌କୁ ମହାକାଶ ପଠାଇଥିଲା। ତେବେ ୬ ମାସ ପୂର୍ବେ ହବଲ୍ ସ୍ପେସ୍ ଟେଲିସ୍କୋପ୍ ହଠାତ୍ କାମ ବନ୍ଦ କରିଦେଇଥିଲା। ପୃଥିବୀଠାରୁ ପ୍ରାୟ ୧୦ ଲକ୍ଷ ମାଇଲ ଦୂରରେ ଲାଗ୍ରାଗିଆନ୍ ପଏଣ୍ଟ(ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଏକ ବିନ୍ଦୁ ବା ସ୍ଥାନ ଯେଉଁଠି ପରସ୍ପରର ଗୁରୁତ୍ୱାକର୍ଷଣ ଶକ୍ତି ପରସ୍ପରକୁ ପ୍ରଭାବଶୂନ୍ୟ କରିଥାନ୍ତି) ଏଲ୍୨ରେ ସ୍ଥାପିତ ହେବ। ପୃଥିବୀ ପଛରେ ରହିବା ସହ ସୂର୍ଯ୍ୟ ଚାରିପାଖରେ ଏହା ପରିକ୍ରମଣ କରିବ। ଏହା ସାହାଯ୍ୟରେ ପୃଥିବୀଠାରୁ ୬୩ ଆଲୋକ ବର୍ଷ ଦୂରରେ ଅବସ୍ଥିତ ଗ୍ରହଗୁଡ଼ିକର ମଧ୍ୟ ଅଧ୍ୟୟନ କରାଯାଇପାରିବ। ପ୍ରାୟ ୧୪ ବିଲିୟନ ବର୍ଷ ପୂର୍ବର ବିଗ୍ ବ୍ୟାଙ୍ଗ୍ ଘଟଣା ଉପରୁ ମଧ୍ୟ ପରଦା ହଟିପାରିବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜିର ସ୍ୱଗୃହୀ ଚତୁର୍ଥ ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବ। ବକ୍ରୀଶୁକ୍ରଙ୍କ ଯୋଗୁ ପରିବହନ, ବ୍ୟବସାୟ,ବାଣିଜ୍ୟରେ କିଛି ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ। ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। କିନ୍ତୁ ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ**



ସ୍ୱଗୃହୀ ମଙ୍ଗଳଜନିତ ଆପଣ ଜମିଜମା ବିଷୟରେ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବେ। ଅବଶ୍ୟ ଆପଣଙ୍କର ପିଲାମାନେ ଆପଣଙ୍କୁ ଏ ଦିଗରେ ସାହାଯ୍ୟ କରିପାରନ୍ତି। ଆନୁଷ୍ଠାନିକ କାମରେ କେତେକ ସମସ୍ୟା ସୃଷ୍ଟି ହୋଇପାରେ। ରାଜନୀତିର ଦୃଢ଼ ପୃଷ୍ଠପୋଷକତା ଯୋଗୁ ବିଶେଷ କିଛି ଅସୁବିଧା ହେବନି।

**ମିଥୁନ**



ରାଶିକୁ ରବି ଓ ବୁଧଙ୍କ ଦୃଷ୍ଟି ଯୋଗୁ ଆପଣ ବନ୍ଧୁଗହଣରେ କଡ଼ା ଭାଷା ପ୍ରୟୋଗ କରି ଶତ୍ରୁତା ଅର୍ଜନ କରିବେ। ଯେଉଁ ନିଷ୍ପତ୍ତି ନେବେ, ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯିବ। ମାଲି ମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଭାବେ ଫଳ ପାଇପାରନ୍ତି।

**କର୍କଟ**



ବନ୍ଧୁମାନେ କାମ ହାସଲ ପାଇଁ ସମସ୍ୟା ଉପୁଯାଇ ପାରନ୍ତି। ଶାରୀରିକ କ୍ଷେତ୍ରରେ ଅଜୀର୍ଣ୍ଣ, ଉଚ୍ଚ ରକ୍ତଚାପ କିମ୍ବା ଡାଇବେଟିସ୍ ବଢ଼ି ଯାଇପାରେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅବଶ୍ୟ ସବୁ କଥାରେ ନରମି ରହି ପାରିଲେ ହିଁ ସୁଫଳ ପାଇବେ। ପ୍ରଶାସନିକ ସ୍ତରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ସିଂହ**



କର୍ମସ୍ଥ ରାହୁ ରାଶ୍ୟାଧିପ ନକ୍ଷତ୍ରସ୍ଥ ଯୋଗୁ ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ। ଆଜି ଗୁଡ଼ାଏ ଅର୍ଥଲାଭର ଯୋଗ ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି, କିନ୍ତୁ କିଛି କରିବାର ଉପାୟ ପାଇବେ ନାହିଁ।

**କନ୍ୟା**



ଗୁରୁଦୃଷ୍ଟ ପାପଯୁକ୍ତ ମଙ୍ଗଳ ହେତୁ ସମ୍ପର୍କୀୟମାନେ ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଆପଣଙ୍କ ପାରିବାରିକ କ୍ଷେତ୍ରକୁ ସମସ୍ୟା ବହୁଳ କରିପାରନ୍ତି। ଯାନ ବାହନରେ ସତର୍କ ରୁହନ୍ତୁ। କେତେଦିନ ହେଲା ସହକର୍ମୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ।

**ତୁଳା**



ଶନି କ୍ଷେତ୍ରସ୍ଥ ଶୁକ୍ର ହେତୁ କାହା ମିଠା କଥାରେ ଭାସିଗଲେ ସମସ୍ୟାରେ ପଡ଼ିବେ। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି ସାଙ୍ଗକୁ ଉଚ୍ଚ ଅଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**



ସାଧାରଣ ବ୍ୟତିକ୍ରମ ମଧ୍ୟରେ ସ୍ୱାସ୍ଥ୍ୟ ନିୟନ୍ତ୍ରିତ ଅବସ୍ଥାରେ ରହିବ। ପରିସ୍ଥିତି ଭିନ୍ନ ମୋଡ଼ ନେବା କାରଣରୁ ପ୍ରତ୍ୟେକ ପରିସ୍ଥିତି ସୁଧୁରି ଯାଇପାରେ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ। ଲେଖାପଢ଼ା, କଳା, ସାହିତ୍ୟ, ସାମ୍ବାଦିକତାରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ।

**ଧନୁ**



ଭାଗ୍ୟସ୍ଥାନକୁ ବୃହସ୍ପତିଙ୍କ ଦୃଷ୍ଟି ହେତୁ ଆପଣଙ୍କ ଜନହିତକର କାମ ଲୋକପ୍ରିୟତାକୁ ବୃଦ୍ଧି କରିବ। କେତେକ ନୂତନ କାମର ପରିକଳ୍ପନା କରିବେ, କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବହୁତ ଶ୍ରମ ଓ ହଇରାଣ ମଧ୍ୟରେ ଆନୁଷ୍ଠାନିକ କାମକୁ ବାସ୍ତବରୂପ ଦେଇପାରନ୍ତି। ପାରିବାରିକ ସ୍ଥିତିରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ।

**ମକର**



ମୁଖଭାବସ୍ଥ ବୃହସ୍ପତିଙ୍କ ଯୋଗୁ ଆପଣ ଯୁକ୍ତିଯୁକ୍ତ କଥା କହି ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। ଅଫିସ୍‌ରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ପରିବାର ଏବଂ କର୍ମକ୍ଷେତ୍ରରେ ଟେନ୍‌ସନ୍ କିଛି ମାତ୍ରାରେ କମିଯିବ। କିନ୍ତୁ ସାମୟିକ ଭାବରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ**



ଦ୍ୱିତୀୟଭାବ ଶନି ଦୃଷ୍ଟ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଜଗିରଖି କଥାବାର୍ତ୍ତା କରିବା ଭଲ ହେବ। ପରିବାରରେ ପିଲାମାନଙ୍କର କିଛି ସମସ୍ୟା ମନକୁ ବିଚଳିତ କରିପାରେ। ବନ୍ଧୁଙ୍କ ଉପରେ ସନ୍ଦେହ କରନ୍ତୁ ନାହିଁ। ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ଜମିଜମା ସମସ୍ୟା, ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା ଜଟିଳ ହେବ।

**ମୀନ**



ଆଜିର କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ବିବାଦୀୟ ହୋଇପାରନ୍ତି। ଷଷ୍ଠାଧିପତି ଯୁକ୍ତ ବୁଧଙ୍କ ଯୋଗୁ ଋଣ ପରିଶୋଧ ସକାଶେ ଅର୍ଥବ୍ୟବସ୍ଥା କରିବାକୁ ବାଧ୍ୟ ହେବେ। ଛୋଟ କଥାକୁ କେନ୍ଦ୍ର କରି ପଡ଼ୋଶୀଙ୍କ ସହ କଳହ ଆଶଙ୍କା ରହିଛି। ପୂର୍ବଭାଦ୍ରବ ନକ୍ଷତ୍ର ଗୃହ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇ ପାରନ୍ତି।

### ଉତ୍ତର, ଦକ୍ଷିଣ ଓଡ଼ିଶାରେ ...

ସର୍ବନିମ୍ନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇଛି। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ସୁନ୍ଦରଗଡ଼ରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ୮.୫, ଟିଟିଲାଗଡ଼ ୮.୮, ଦାରିଙ୍ଗବାଡ଼ି ୮.୫, କେନ୍ଦୁଝର୧୦.୪, ଝାରସୁଗୁଡ଼ା ୧୧, ବଲାଙ୍ଗୀର ୧୧, ସୋନପୁର ୧୧, ଚାନ୍ଦବାଲି ୧୨.୮, ବାରିପଦା ୧୨.୫, ଅନୁଗୋଳ ୧୨ ଏବଂ ଭୁବନେଶ୍ୱରରେ ୧୪.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।



# classifieds Everyday

0674-2580101, 2549302



**BRIDE WANTED**

B.Tech Rly Employee Jyotish candidate, required Rly or other Govt. Job UR (Gourabarna) girl. Contact: 7750055496. D-22558



**SALE**

**Gharabari plot for sale at Bhubaneswar, Pahala or front of East Engineering College Nakhara, 100mtrs from NH. Contact: 7205337726, 9437922726.** D-22664

ଭୁବନେଶ୍ୱର ପୁରୀ ବାଇପାସ୍‌ରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ମିଳୁଅଛି । ଯୋଗାଯୋଗ ଫୋନ୍- **9827339640.** D-22646

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

**2120sqft. commercial space in Saheed Nagar, Bhubaneswar. Rented to company for Rs. 1.25lakhs PM. 9438040421.** D-71924

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22657

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

**Duplex house (11years old) for sale Jagamara, Bhubaneswar, Built-up area 2500sqft., land area 2100sqft., Price 1.30 crores, only serious buyers are requested to contact: 8328812205.** D-71759

**Sum Hospital** ନିକଟବର୍ତ୍ତୀ ଅନ୍ଧାରୁଆରେ **Bio-Tech Park (Vaccine Plant)** ନିକଟରେ **gharabari plot boundary, electricity** ଥାଇ କିଣନ୍ତୁ, **immediate** ଘର କରନ୍ତୁ **9437005434.** D-71754

**Gharabari developed plot internal 30' road, Derasdam 1K.M. side of Vikash Residential School, 800/-sqft. with registration, Mutation 5feet boundary. Contact: 7008105759.** D-71758

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71835

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22647

CRPରୁ ୧୪କି.ମି. କାଟେଣୀରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- ସୁନ୍ଦରପଦାରେ 9,60,000/- (18 plot available). 9938016295. D-71760

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

ଘରବାଡ଼ି ପ୍ଲଟ୍ **30'road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner- 9090963952.** D-71746



**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757



Three BHK, 3rd Floor Hi-Tech Pearl Apartment at Gudiapokhari, 10 minutes from Bhubaneswar near CIFA, Bhubaneswar-Puri road for rent contact number- 9437103677, or 7008995008. D-22655

Single double rooms at Sisupalgad, Tankapani, Bhubaneswar. Mobile: 9437764734, 9556856822. D-70762



Newly open full body massage ladies and gents. 8327740003, 8455985899. D-71831

Refreshing your mind, body with tha best therapy at Lotus SPA. 8018891951. D-71832

May Millan massage center all types body massage with hiprofile smart lady rooms service available. 9778087140 D-71331

One hour any therapy by expert therapist @800 only. 9078484455. D-71458

@999 refreshing your mind, body with the best therapy - 7873794731. D-71921

Newly Open Saikrupa Panchakarma Spa positively health benefits with Expert. 8984068077. D-22620

Full body massage in homely atmosphere all therapy. Contact: 8114881641. D-60893



Wanted to let out a running hostel in Unit-3 Kharvel Nagar in an excellent location. If any party is interested in taking the responsibility and good in finance, please contact at 9642506154 / 9642506222. D-22635

**LOST**

ମୋର ନଖାଉର ମଉଜାରେ ଥିବା Plot No.- 68/397/438 ତହସିଲ ଭୁବନେଶ୍ୱର ଜିଲ୍ଲା- ଖୋର୍ଦ୍ଧା ମୋର ଅରିଜିନାଲ ପଟ୍ଟାଟି କେଉଁଠାରେ ହଜିଯାଇଛି, ଯଦି ଏହାକୁ କେଉଁ ବ୍ୟକ୍ତି ପାଆନ୍ତି ତେବେ ଶ୍ରୀ ପ୍ରଶାନ୍ତ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ପିତା- କୀର୍ତ୍ତନ ସାହୁ Plot No.- 68/397/438 ନଖାଉର, ଥାନା- ଧଉଳି, ପୋଷ୍ଟ- ଗୋପୀନାଥପୁର 8763116021 ରେ ଜଣାଇବାକୁ ଅନୁରୋଧ। ଧ-୭୧୮୩୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ମାନ୍ୟବର ଅତିରିକ୍ତ କମିଶନର
ରିଭିଜନ କୋର୍ଟ ନଂ.- ୨
ଇଜିଲାସ ଚତୁର୍ଥ ମହଲା ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ,
ଭୁବନେଶ୍ୱର ଓ.ଏସ. ଏସ.
ନଂ.- ୫୮୦/୨୦୧୯

ଗିରିଜା ପ୍ରସାଦ ମହାପାତ୍ର ....ବାଦୀ

ବନାମ

ତହସିଲଦାର, ଭୁବନେଶ୍ୱର, ଓଗେର .....ପ୍ରତିବାଦୀ

ନୋଟିସ ଅର୍ଡର-୫ ରୁଲ-୨୦
C.P.C. ମୁତାବକ

୧. ମନୋଜ କୁମାର ପ୍ରଧାନ,
୨. ଅନୁଜ କୁମାର ପ୍ରଧାନ,
୩. ରଞ୍ଜୀତ କୁମାର ପ୍ରଧାନ,
ଏମାନଙ୍କ ପିତା ଆଦିକନ୍ଦ ପ୍ରଧାନ, ଏମାନଙ୍କ ଗ୍ରାମ- ଗାଡ଼କଣ, ପୋ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ କେସ୍‌ରେ ପ୍ରତିବାଦୀ ନଂ.- ୧ରୁ ୩ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପର ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.- ୨ ଇଜିଲାସ ଚତୁର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୮।୦୪।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଭୁବନେଶ୍ୱର ସହର ୟୁନିଟ୍ ନଂ.-୩୯ ଗାଡ଼କଣ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ.- ୯୧୬, ସାବିକ ପ୍ଲଟ୍ ନଂ.- ୪୪୧୭, ଏରିଆ- ଏ୦.୧୨୦ଡିସିମିଲି ସମ୍ବନ୍ଧ, କ୍ରୟ ବୃତ୍ତି ଏରିଆ- ଏ୦.୦୧୩.୭୫ ଡିସିମିଲି, ହାଲ ଖାତା ନଂ.- ୩୦୪୭, ହାଲ ପ୍ଲଟ୍ ନଂ.- ୧୧୫୧, ଏରିଆ- ଏ୦.୦୫୦ ଡିସିମିଲି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ। ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ,

ସ୍ୱା- ସହକାରୀ ଅଧିକାରୀ

ଧ- ୨୨୬୫୭

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ସଂକ୍ଷେପରେ

### ଗୋଆ ନିର୍ବାଚନ ପୂର୍ବରୁ ୫ ଟିଏମ୍‌ସି ନେତାଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୫।୧୨

ଗୋଆ ବିଧାନସଭା ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୫ ଜଣ ନେତା ଇସ୍ତଫା ଦେଇଛନ୍ତି। ଫଳରେ ଦଳକୁ ଶକ୍ତ ଝଟ୍‌କା ଲାଗିଛି। ପୂର୍ବତନ ବିଧାୟକ ଲାଭୁ ମାମଲେଦାରଙ୍କ ସମେତ ଏହି ନେତାମାନେ ୩ ମାସ ପୂର୍ବରୁ ଟିଏମ୍‌ସିରେ ଯୋଗଦେଇଥିଲେ। ଟିଏମ୍‌ସି ଏକ ସାମ୍ପ୍ରଦାୟିକ ଦଳ ଏବଂ ଗୋଆରେ ଏହା ହିନ୍ଦୁ ଓ ଖ୍ରୀଷ୍ଟିଆନ ଭୋଟ ବିଭାଜନ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ଶୁକ୍ରବାର ସେମାନେ ଦଳରୁ ଇସ୍ତଫା ଦେଇଛନ୍ତି। ଗୋଆର ଜନସାଧାରଣଙ୍କ ପାଇଁ ଟିଏମ୍‌ସି ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଣିପାରିବ ଭରସା ରଖି ଦଳରେ ଯୋଗ ଦେଇଥିଲୁ। ତେବେ ଏହି ଦଳ ଗୋଆର ଅଧିବାସୀମାନଙ୍କୁ ବୁଝିବାରେ ବିଫଳ ହୋଇଛି ବୋଲି ଉପରୋକ୍ତ ନେତାମାନେ ଟିଏମ୍‌ସି ଅଧକ୍ଷା ମମତା ବାନାର୍ଜୀଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

### ବିଧାୟକ ଓ ଜିଲାପାଳଙ୍କୁ ୨ ଘଣ୍ଟା ଘେରାଉ

କନ୍ଧମାଳ,୨୫।୧୨(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରପଦର ଗାଁରେ ଶନିବାର ଅପରାହ୍ନ ସାଢେ ୫ଟାରୁ ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ କଣ୍ଟାମାଳ ବିଧାୟକ ମହୀଧର ରଣା ଓ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ପିଡି ଡିଆରଡିଏ , ବୌଦ୍ଧ ତହସିଲଦାର, କଣ୍ଟାମାଳ ବିଡିଓ କଳାକୃଷ୍ଣ ପ୍ରଧାନଙ୍କୁ ଗାଁର ମହିଳା ପୁରୁଷ ଘେରାଉ କରିଥିବାର ଖବର ମିଳିଛି । ବିଧାୟକ ରଣା ଓ ଜିଲାପାଳ ନିକଟସ୍ଥ ପଞ୍ଚାୟତରେ ଏକ ସରକାରୀ କାର୍ଯ୍ୟକ୍ରମ ସାରି ତେଲନଦୀ କୂଳରେ ବିଦାୟୀ ବର୍ଷ ଉପଲକ୍ଷେ ଭୋଜି ଖାଇ ଫେରୁଥିଲେ । ଏହି ସମୟରେ ମୌଳିକ ସୁବିଧା ଯୋଗାଇ ଦେବାକୁ ଦାବି କରି ଉକ୍ତ ଗ୍ରାମର ପୁରୁଷ ଓ ମହିଳାମାନେ ଘେରାଉ କରିଥିଲେ ।

# କଶ୍ମୀରରେ ମହାରାଜା ଶାସନ ଭଲ ଥିଲା: ଗୁଲାମ ନବୀ

ଜମ୍ମୁ, ୨୫।୧୨



ଜମ୍ମୁ-କଶ୍ମୀରରେ ଗତ ଅଢ଼େଇ ବର୍ଷ ହେବ ବ୍ୟବସାୟ ଏବଂ ବିକାଶମୂଳକ କାର୍ଯ୍ୟ ଅଟକିଯାଇଛି ଓ ଜନସାଧାରଣ ଦାରିଦ୍ର୍ୟ ମଧ୍ୟକୁ ଠେଲିହୋଇଯାଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ କହିଛନ୍ତି। କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ସମାଲୋଚନା କରି ଗୁଲାମ ନବୀ କହିଛନ୍ତି, ମହାରାଜାମାନଙ୍କ ସ୍ୱେଚ୍ଛାଚାରୀ ଶାସନ ବର୍ତ୍ତମାନର ବ୍ୟବସ୍ଥାଠାରୁ ବହୁତ ଭଲ ଥିଲା। ଜମ୍ମୁ-କଶ୍ମୀରରେ ଦୀର୍ଘବର୍ଷରୁ ଚଳିଆସୁଥିବା ଦରବାର ପରିବର୍ତ୍ତନ ପରମ୍ପରାକୁ ବର୍ତ୍ତମାନର ସରକାର ଉଚ୍ଛେଦ କରିଦେଇଛନ୍ତି। ଦରବାର ପରିବର୍ତ୍ତନରେ ସଚିବାଳୟ ଓ ଅନ୍ୟ ପ୍ରମୁଖ କାର୍ଯ୍ୟାଳୟଗୁଡ଼ିକ ଗ୍ରୀଷ୍ମ ୬ ମାସ ଶ୍ରୀନଗରରେ ଏବଂ ବର୍ଷର ଅବଶିଷ୍ଟ ସମୟ ଜମ୍ମୁରେ କାର୍ଯ୍ୟ କରୁଥିଲା। ୧୮୭୨ରେ ମହାରାଜା ଗୁଲାବ ସିଂ ଏହି ପରମ୍ପରା ଆରମ୍ଭ କରିଥିଲେ। ଗତ ଜୁନ୍ ୨୦ରେ ଉପରାଜ୍ୟପାଳ ମନୋଜ ସିହ୍ନା ଉକ୍ତ ପରମ୍ପରା ଉଚ୍ଛେଦ ହେଲା ବୋଲି ଘୋଷଣା କରିଥିଲେ। ମହାରାଜାମାନେ ୩ଟି ବ୍ୟବସ୍ଥା ଛାଡ଼ିଯାଇଥିଲେ, ଯାହା ଉଭୟ ଜମ୍ମୁ ଓ କଶ୍ମୀର ଅଞ୍ଚଳର ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ଥିଲା। ସେଥିରୁ ଗୋଟିଏ ଦରବାର ପରିବର୍ତ୍ତନ ବୋଲି ଗୁଲାମ ନବୀ କହିଛନ୍ତି। ସେହିପରି ମହାରାଜା ହରି ସିଂ ରାଜ୍ୟ ବାହାର ଲୋକଙ୍କଠାରୁ ଜମି ଓ ନିଯୁକ୍ତି ସୁରକ୍ଷା ପାଇଁ ବ୍ୟବସ୍ଥା କରିଥିଲେ। ବର୍ତ୍ତମାନର ସରକାର ଦରବାର ପରିବର୍ତ୍ତନ, ଜମି ଓ ନିଯୁକ୍ତି ସୁରକ୍ଷା ଏବଂ ସମ୍ବିଧାନର ଅନୁଚ୍ଛେଦ ୩୭୦ ରାଜ୍ୟବାସୀଙ୍କଠାରୁ ଛଡ଼ାଇ ନେଇଛନ୍ତି। ସେତେବେଳେ ଏକଚ୍ଛତ୍ରବାଦୀ କୁହାଯାଉଥିବା ଏହି ମହାରାଜାମାନେ ବର୍ତ୍ତମାନର ସରକାରଠାରୁ ବହୁଗୁଣରେ ଭଲ ଥିଲେ ବୋଲି ଏବେ ଅନୁଭୂତ ହେଉଥିବା ବରିଷ୍ଠ କଂଗ୍ରେସ ନେତା କହିଛନ୍ତି।

# ଆଜି ବିଜେଡି ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ରବିବାର ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହେବ। ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ବିଜେଡି କାର୍ଯ୍ୟାଳୟ ଠାରେ ୧୦.୩୦ ମିନିଟ୍‌ରେ ଅନୁଷ୍ଠିତ ହେବ। ଏଥି ସହିତ ରାଜ୍ୟସ୍ତର, ବ୍ଲକ୍ ଏବଂ ସହରାଞ୍ଚଳରେ ମଧ୍ୟ ପାଳନ କରାଯିବ । ଏହି କାର୍ଯ୍ୟକ୍ରମରେ ଦଳର ସମସ୍ତ ନିର୍ବାଚିତ ପ୍ରତିନିଧି, ଯୁବ, ଛାତ୍ର, ମହିଳା, ବରିଷ୍ଠ ସଦସ୍ୟ ଓ କର୍ମକର୍ତ୍ତାମାନେ ଯୋଗ ଦେବେ । କୋଭିଡ୍ ନିୟମରେ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଭୁବନେଶ୍ୱରରୁ ଅପରାହ୍ନ ୪ଟା ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କର୍ମକର୍ତ୍ତାମାନଙ୍କୁ ସମ୍ବୋଧନ କରିବେ । ଏଥିପାଇଁ ଦଳୀୟ ସଦସ୍ୟମାନଙ୍କୁ ବିଜେଡି ସଭାପତି ଅଭିନନ୍ଦନ ଜଣାଇବା ସହିତ ବାର୍ତ୍ତା ମଧ୍ୟ ଦେଇଛନ୍ତି । ଏହା ପୂର୍ବରୁ ୨୦ ତାରିଖରେ ସଭାପତି ଦଳୀୟ କର୍ମୀ, ନେତା ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିଥିଲେ। ବିଜେଡି ଉପରେ ରାଜ୍ୟବାସୀଙ୍କର ଥିବା ଆସ୍ଥାକୁ ବଜାୟ ରଖିବା ସହ ଜନସେବାକୁ ରାଜନୀତିର ମୂଳମନ୍ତ୍ର ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରତିଷ୍ଠା ଦିବସରୁ ହିଁ ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଓ ଲୋକସେବା ମାଧ୍ୟମରେ ଦଳ ରାଜ୍ୟବାସୀଙ୍କ ପାଖକୁ ଯିବ ।

# ଯୋଗଦେଲେନି ସ୍ଥାନୀୟ ଭାଜପା ନେତା

## ପାରାଦୀପରେ ଅଟଳବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ପାରାଦୀପ ୨୫।୧୨(ସ୍ୱ.ପ୍ର.)

ଶନିବାର ପାରାଦୀପ ନୂଆବଜାର ଖଣ୍ଡିଆପାର୍କଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ଏହି ଅବସରରେ ଭାଜପାର ଅନ୍ତଃକନ୍ଦଳ ପଦାରେ ପଡ଼ିଛି। ଏଥିରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗ ଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। କିନ୍ତୁ କାର୍ଯ୍ୟକ୍ରମରେ ଦଳର ସ୍ଥାନୀୟ ନେତାଙ୍କୁ ଦେଖିବାକୁ ମିଳି ନ ଥିଲା।

ବାଜପେୟୀଙ୍କ ପ୍ରତିମୂର୍ତ୍ତି ଅନାବରଣ ସମ୍ପର୍କରେ ୨୫ ନଭେମ୍ବରରେ ଅଟଳବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଥିଲା। ସେତେବେଳେ ଟ୍ରଷ୍ଟର ଅଧକ୍ଷ ଅଜିତ ଦାସ ଏ ସମ୍ପର୍କରେ ସୂଚନା ଦେବା ସହ କାର୍ଯ୍ୟକ୍ରମରେ ଅପରାଜିତା ଷଡ଼ଙ୍ଗୀ ଯୋଗଦେବେ ବୋଲି ଘୋଷଣା କରିଥିଲେ। ଏହି ଘଟଣାରେ ଅଜିତଙ୍କୁ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କ ସମର୍ଥକ ପ୍ରକାଶ ତ୍ରିପାଠୀ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ପାରାଦୀପ ଆଦର୍ଶଥାନାରେ ଅଭିଯୋଗ ହୋଇଥିଲା। ପରେ ଅଜିତଙ୍କୁ ଭାଜପା ଜିଲା ଉପସଭାପତି ପଦରୁ ବିଦା କରିଦିଆଯାଇଥିଲା। ଜବାବରେ ବାଜପେୟୀ ଟ୍ରଷ୍ଟବୋର୍ଡରୁ ସମ୍ପଦଙ୍କ ୨ ଜଣ ସମର୍ଥକଙ୍କୁ ଅଜିତ୍ ବହିଷ୍କାର କରିଥିଲେ। ପରେ ଅଜିତଙ୍କ ନାଁରେ ପୁଣି ଦୁଇଟି ଅଭିଯୋଗ ଥାନାରେ କରାଯାଇଛି। ଏପରି ହେବା ପଛରେ ରାଜ୍ୟ ନେତାଙ୍କ ଅନ୍ତଃକନ୍ଦଳ ଥିବା ଆଲୋଚନା ହେଉଛି। କାରଣ ସମ୍ପଦ ହେଲେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମର୍ଥକ। ପ୍ରଧାନ ତୈଳ ମନ୍ତ୍ରୀ ଥିବା ବେଳେ ପାରାଦୀପରେ ସମ୍ପଦଙ୍କ ପ୍ରଭାବ ଥିଲା। ଏବେ ସେହି ଅଞ୍ଚଳକୁ ଅପରାଜିତା ଗସ୍ତ କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ନେଇ ଚର୍ଚ୍ଚା ହେଉଛି। ସନ୍ଧ୍ୟାରେ ଅପରାଜିତା ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି କହିଥିଲେ, ରାଜ୍ୟ ସରକାର ଲୋକଙ୍କୁ ୨୦ ବର୍ଷ ହେଲା ଠକି ଚାଲିଛନ୍ତି। ପାରାଦୀପରେ ଅନେକ ଶିଳ୍ପ ଥିବା ସତ୍ତ୍ୱେ ଏଠାକାର ବେରୋଜଗାରୀମାନେ କାମ ପାଇଁ ଅନ୍ୟ ରାଜ୍ୟକୁ ଚାଲିଯାଉଛନ୍ତି। ଆଜିର ଶୁଶାସନ ଦିବସରୁ ପରିବର୍ତ୍ତନ ଯାତ୍ରା ଆରମ୍ଭ ହେଲା ବୋଲି ସେ ଘୋଷଣା କରିଥିଲେ। କାର୍ଯ୍ୟକ୍ରମ ପରେ ଏମ୍‌ପି ଷଡ଼ଙ୍ଗୀଙ୍କୁ ସ୍ଥାନୀୟ ନେତାଙ୍କ ଅନୁପସ୍ଥିତି ସମ୍ପର୍କରେ ପଚରାଯିବାରୁ ଯେଉଁମାନେ ଆସିନାହାନ୍ତି ସେମାନଙ୍କୁ ପଚାର ବୋଲି କହି ଏଡାଇ ଯାଇଥିଲେ। ଏ ସମ୍ପର୍କରେ ସମ୍ପଦ ସ୍ୱାଇଁ କହିଛନ୍ତି, ଉକ୍ତ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ନେତାଙ୍କୁ ଡକାଯାଇ ନ ଥିଲା। ଅପରପକ୍ଷେ ଅଜିତ୍ କହିଛନ୍ତି, ବାଜପେୟୀଙ୍କ ପ୍ରତିମୂର୍ତ୍ତିକୁ ସଫଳତାର ସହ ଅନାବରଣ କରାଯାଇଛି। କାର୍ଯ୍ୟକ୍ରମରେ ଯେଉଁମାନେ ଆସିନାହାନ୍ତି ସେବିଷୟରେ ଦଳ ବୁଝିବ।

ଦଳର ଆଭ୍ୟନ୍ତରୀଣ କନ୍ଦଳ ଯୋଗୁ ଶାନ୍ତିଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ଥିବାରୁ ଶୋଭାଯାତ୍ରାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ବିଜେଡି ପ୍ରତିଷ୍ଠା ଦିବସ ପାଇଁ ନିୟମ ବଦଳିଲା: ଭାଜପା

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ଡିସେମ୍ବର ୨୬ରେ ବିଜେଡି ପ୍ରତିଷ୍ଠା ପାଳିବ। ଏଥିଲାଗି ସ୍ୱତନ୍ତ୍ର ରିଲିଫ କମିଶନର (ଏସଆର୍‌ସି)ଙ୍କ ଗାଇଡ୍‌ଲାଇନ୍ ବଦଳାଯାଇଛି। ପ୍ରଶାସନିକ ଅଧିକାରୀ ଶାସକ ଦଳର ହାତବାରିସି ସାଜି ମନଇଚ୍ଛା ନିୟମ କରୁଛନ୍ତି ଏବଂ ଭାଙ୍ଗୁଛନ୍ତି। ଏହାର ଜବାବ ଦିଆଯିବ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।

ଗୋଲକ କହିଛନ୍ତି, କରୋନା ସଂକ୍ରମଣ ଦୃଷ୍ଟିରୁ ବଡ଼ଦିନ ଏବଂ ନୂଆବର୍ଷରେ ସାମ୍ଭାବ୍ୟ ଭିଡ଼ ଏଡ଼ାଇବା ଲାଗି ଶୁକ୍ରବାର ଏସ୍‌ଆରସିଙ୍କ ପକ୍ଷରୁ ନୂଆ ଗାଇଡ୍‌ଲାଇନ୍ ଆସିଥିଲା। ଡିସେମ୍ବର ୨୫ରୁ ଜାନୁୟାରୀ ୨ଯାଏ କଟକଣା କଡ଼ାକଡ଼ି କରାଯିବ ବୋଲି ଏଥିରେ ଦର୍ଶାଯାଇଥିଲା। ବଡ଼ଦିନକୁ ଚର୍ଚ୍ଚ ଭିତରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଜିରୋ ନାଇଟ୍ ସେଲିବ୍ରେଶନକୁ ବାରଣ କରାଯାଇଥିଲା। ନୂଆବର୍ଷକୁ ସ୍ୱାଗତ କରିବାକୁ ହୋଟେଲ, କ୍ଲବ ଓ ରେଷ୍ଟୁରାଣ୍ଟରେ କୌଣସି କାର୍ଯ୍ୟକ୍ରମ କରାଯାଇପାରିବ ନାହିଁ ବୋଲି କୁହାଯାଇଥିଲା। ଭୋଜିଭାତ ଆୟୋଜନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଶୋଭାଯାତ୍ରାକୁ ମନା କରାଯାଇଥିଲା। ହେଲେ ଗାଇଡ୍‌ଲାଇନ୍ ଜାରି ହେବାର କିଛି ସମୟ ପରେ ଏଥିରେ ପରିବର୍ତ୍ତନ କରାଗଲା। ଏଥିରେ କେବଳ ଡିସେମ୍ବର ୨୫ ଏବଂ ୩୧ରୁ ଜାନୁଆରୀ ୨ ପର୍ଯ୍ୟନ୍ତ ଗାଇଡ୍‌ଲାଇନ୍ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ରହିଛି। ୨୬ରେ ବିଜେଡି ପ୍ରତିଷ୍ଠା ଦିବସ ଥିବାରୁ ଏସ୍‌ଆର୍‌ସିଙ୍କ ଗାଇଡ୍‌ଲାଇନ୍‌କୁ ଏଭଳି ପରିବର୍ତ୍ତନ କରାଯାଇଛି। ସରକାର ଏହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଗୋଲକ ଦାବି କରିଛନ୍ତି। ଅନ୍ୟପଟେ ବିଜେଡି ନେତା ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ସରକାର ଯାହା ଗାଇଡ୍‌ଲାଇନ କରିବେ; ତାହାକୁ ଦଳ ମାନିବ।

### ଆଜି କଂଗ୍ରେସର ସଦ୍‌ଭାବନା ସମାବେଶ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ରାଜ୍ୟ କଂଗ୍ରେସ ସେବାଦଳ ପକ୍ଷରୁ ରବିବାର ରାଜ୍ୟ ସ୍ତରୀୟ ସଦ୍‌ଭାବନା ସମାବେଶ ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଜିଲାରୁ ସେବାଦଳ କର୍ମୀମାନେ ଯୋଗଦେବେ। ପୂର୍ବାହ୍ନ ୧୧ଟାରେ ଏଆଇସିସି ସାଧାରଣ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଏ ଚେଲା କୁମାର ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିବେ। କଂଗ୍ରେସ ଭବନଠାରୁ ସେବାଦଳ କର୍ମୀ ଏକ ରାଲିରେ ବାହାରି ଫେରିବା ପରେ ସଭା ଅନୁଷ୍ଠିତ ହେବ। ଏଥିରେ ଦଳର ବିଶିଷ୍ଟ ନେତାମାନେ ଯୋଗ ଦେବେ ବୋଲି ରାଜ୍ୟ ସେବାଦଳ ଅଧକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସୂଚନା ପ୍ରଦାନ କରିଛନ୍ତି।

### ଏମ୍ସ ପରିସରରେ ‘ସୁଶାସନ ଦିବସ’ ପାଳନ କଲା ଭାଜପା

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିବସ ଡିସେମ୍ବର ୨୫କୁ ଦେଶରେ ‘ସୁଶାସନ ଦିବସ’ ଭାବେ ପାଳନ କରାଯାଉଛି । ରାଜ୍ୟ ଭାଜପା କାର୍ଯ୍ୟାଳୟ ପରିସରରେ ବାଜପେୟୀଙ୍କ ୯୮ତମ ଜନ୍ମ ଦିବସ ପାଳନ ସହ ‘ଅଟଳ ସମ୍ମାନ-୨୦୨୧’ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଚଳିତ ବର୍ଷ ବରିଷ୍ଠ ସଙ୍ଗଠକ ଶରତ ଚନ୍ଦ୍ର ବେହେରାଙ୍କୁ “ଅଟଳ ସମ୍ମାନ-୨୦୨୧” ସମ୍ମାନରେ ସମ୍ମାନୀତ କରାଯାଇଛି । ଶନିବାର ରାଜ୍ୟ ସଭାପତି ସମୀର ମହାନ୍ତି ଏମ୍ସ ହସ୍ପିଟାଲ ପ୍ରାଙ୍ଗଣରେ ଥିବା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।


**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☏ (0663) 2460661,
CAD-2466:- Email-hpschiplima@yahoo.in, Fax No. (0663) 2460505
No.-CHEP/TW-88 (Vol.-II)/3951 Date: 23.12.2021

**TENDER CALL NOTICE NO.-CHEP-23/2021-22**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturer / Authorized Dealers / Authorized Distributors / Channel Partners meeting eligibility criteria only for the procurement of the following materials;

| Description | Cost of Tender Paper (Non-refundable) |
|---|---|
| Supply, Installation & Commissioning of 6 Nos. 4 Ton Inverter Tower (Floor Standing) Air Conditioners for Control Room of Chiplima Power House | Rs.7,080/- (Rs.6,000/- + GST @18%) |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.27.12.2021 up to 11:00 AM of dtd.15.01.2022.
OIPR-04006/11/0016/2122 Sd/- Unit Head, CHEP, Chiplima



**OFFICE OF THE**
**JAGESWARI SERVICE CO-OPERATIVE SOCIETY Ltd.**
At/PO- Nidhipur, PS- Jankia, Dist- Khordha, Pin- 752020
Reg.No-28PU, Date-11.12.1957, Under-ARCS Khordha Circle, Khordha
Date :- 26/12/2021

**ADVERTISEMENT**

**Advertisement No-01.2021-22**

Application in the prescribed format are invited from candidates for one post of secretary (Grade) of Jageswari SCS Ltd. To be filled up by way of direct recruitment on mark basis. Application form can be obtained in person from the office of the Jageswari SCS Ltd. , At/Po – Nidhipur on payment of Rs 100/- (Rupees one hundred) only, from date : 26/12/2021 to date 06/01/2022 during 11.00 AM to 2.00 PM (except holidays). The duly filled in application form along with required document as per application from and money receipt in support of deposit of requisite fees should be submitted in the office of the Jageswari SCS Ltd. At – Nidhipur in person observing COVID-19 guidelines latest by 2.00 PM of Date 06/01/2022.

**Eligibility:-**
1) The candidate need to be preferably a permanent resident of the area of operation of **Jageswari SCS Ltd. Jageswari .**
2) The candidate outside the area of operation of the society but within the area of Block/Dist concerned may apply for the post ; but their candidature can only be considered if no eligible candidate is found from the area of operation of the society .
3) The candidate must be Graduate in any discipline from any recognized University with computer proficiency.
4) Preference shall be given to the candidate having Higher Diploma in Co-operative Management / MA / M.Sc / M.com / MCA / MBA / LLM / M Tech / BBA / BCA / LLB / Diploma in Co-operative management and knowledge in computer application from a recognized University Institution.

**Age Limit :** A candidate must not be less than 21 years or more than 32 years of age as on 01/04/2021. The upper age limit shall be 37 years in respect of persons belonging to S.C/S.T/O.B.C including SEBC/Ex-Serviceman. The Upper age limits shall be 45 years in respect of the person employed in any co-operative society .

Scale of Pay – Rs 5,200/- - Rs 20,000/- with Grade pay Rs 1900/- and other allowances as admissible subject to capacity to pay of Jageswari SCS Ltd. And fulfillment of all other conditions as laid down in the order No-18672 dated – 31.07.2009 of The RCS(O) Bhubaneswar

N.B :- (a) The Service condition including the salary shall be governed as per provisions of the OSC Act. Rules. bye – Laws of the society and guideline of the RCS (O) Bhubaneswar issued from time to time and keeping in view the financial condition of the society. (b) Applications received after stipulated date and time or incomplete application shall not be entertained. (c) The appointee shall bound to furnish security according to such standard and such form as may be prescribed by the management of the society from time to time. (d) The management of the society reserves all rights to amend/alter/cancel the recruitment process at any time without assigning any reason thereof. (e) For details please visit our office Notice Board .

**By the order of the Administrator**
**Sd/-Secretary , Jageswari SCS Ltd. Nidhipur**


See Career Appointment on every Wednesday & Saturday


**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2950721(O), 2950765(R), E-Mail : srgmhps_burla@yahoo.co.in
GST No.: 21AAACO2575P1Z9, CIN. U40101OR1995SGC003963
No. HHEP/Tech-Pur-122/6068 Date: 23.12.2021

**NOTICE INVITING TENDER No. HHEP-64/2021**

**No. CAD-2479:-** Sealed tenders are invited in two parts i.e. (i) Techno Commercial bid and (ii) Price bid in separate sealed envelopes from the Manufacturers or its Authorized Dealers/ Distributors only having valid Firm Registration Certificate issued by Govt. Authority / Dealership certificate, IT PAN & GST Registration Certificate for the following work as detail given below.

| Sl. No. | Description of Item | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|---|
| 1 | **Procurement of one no. of Battery Loading Unit for HHEP, Burla** | Rs.7080/- (Rs.6,000/- + GST @18%) | Bid security declaration in lieu of EMD |

- Period of sale/download of tender document : **27.12.2021 to 10.01.2022**
- Last date & Time of receipt of Tender document : **11.01.2022, 03.30 PM**
- Date & Time of opening of Techno Commercial bid : **11.01.2022, 04.00 PM**
- Date & time of opening of financial/price bid : **The date and time of technically qualified bidders will be intimated separately.**

For details of the tender documents / terms & conditions / corrigendum / errata / addendum if any please visit our website **www.ohpcltd.com**
OIPR-04007/11/0034/2122 **Sd./- C&P Head, HHEP, Burla**



Forest Department Odisha
**OFFICE OF THE DIVISIONAL FOREST OFFICER**
**JHARSUGUDA FOREST DIVISION**
Email- dfo.jharsuguda@gov.in, Ph.- 06645-295040

**TENDER CALL NOTICE**
**Tender Call Notice No.331 Dated 24.12.2021**

Sub: Tender Call Notice for construction of following works at Koilighugar, Belpahar Forest Range of Jharsuguda Forest Division for the Year 2021-22.
1. GI Chain Link Fencing 1800 rm with 06 Nos. chain link gazebos.
2. a. Picnic Pindis 20 Nos.
   b. Pathways
   c. Public Toilet 01 No.
   d. Viewing Deck 02 Nos.
   e. Renovation of Existing Cycle Stand
   f. Retaining Wall
3. a. Plumbing works with 10 Nos. drinking fountains including fixtures and fittings
   b. Electric works
4. a. Small Temple Bridge 01 No.
   b. Pre Fab Souvenir Shop 06 Nos.

Sealed tenders are invited from eligible contractors (‘A’, ‘B’, ‘C’ & ‘D’) class contractor with valid licence for execution of construction works under the establishment of Jharsuguda Forest Division during the year 2021-22 so as to reach in the O/o the Divisional Forest Officer, Jharsuguda Forest Division on or before 01.01.2022 upto 05.00 P.M. through Registered / Speed Post / Courier Service / By hand.

The application form of tender containing technical bid & financial bid information and terms and conditions for construction of Civil works at Jharsuguda Forest Division can be downloaded from www.dfojharsuguda.org / www.jharsuguda.nic.in and also can be obtained from the Head Clerk, Office of the Divisional Forest Officer, Jharsuguda Forest Division, Jharsuguda from 24.12.2021 to 01.01.2022 during office hours on production of tender paper cost. Tender paper cost as mentioned in tender documents in shape of **Non-refundable Demand Draft from any State Bank of India drawn in favour of “Divisional Forest Officer, Jharsuguda Forest Division”** in the sealed bid document should be submitted.

The **technical bids will be opened on 03rd January 2022 at 11.00 A.M. & Financial Bid will be opened on 04th January 2022 at 11.00 A.M.** in presence of the bidder or his authorized representatives in the office of the undersigned. Final selection of the bidder shall be done on L.I. basis. The undersigned reserves the right to reject any or all tender without assigning any reason thereof.

**Sd./- Divisional Forest Officer**
**Jharsuguda Forest Division**



## ସାର୍ବଜନୀନ ବିଜ୍ଞପ୍ତି

### ଆପଣଙ୍କ ଜୀବନକୁ ବିପଦରେ ପକାନ୍ତୁ ନାହିଁ




- ଯାତ୍ରା କରିବା ସମୟରେ ବାଣ, ଗ୍ୟାସ୍ ସିଲିଣ୍ଡର ଇତ୍ୟାଦି ଭଳି ବିସ୍ଫୋରକ ଏବଂ ବିପଜ୍ଜନକ ସାମଗ୍ରୀ ସାଙ୍ଗରେ ନିଅନ୍ତୁ ନାହିଁ।
- କିରୋସିନି, ପେଟ୍ରୋଲ, ଡିଜେଲ ଇତ୍ୟାଦି ଭଳି ଦହନଶୀଳ ସାମଗ୍ରୀ ସାଙ୍ଗରେ ନିଅନ୍ତୁ ନାହିଁ।
- ଟ୍ରେନ୍ ଭିତରେ କିମ୍ୱା ରେଳ ପରିସରରେ ଧୂମପାନ କରନ୍ତୁ ନାହିଁ।
- ଅଗ୍ନି ଦୁର୍ଘଟଣା ରୋକିବା ପାଇଁ ସର୍ବଦା ନିରାପତ୍ତା ନିୟମ ପାଳନ କରନ୍ତୁ।

**ମନେ ରଖନ୍ତୁ !**

ରେଳବାଇ ଧାରା 1989 ଅନୁଯାୟୀ ଟ୍ରେନ୍‌ରେ ଦହନଶୀଳ ଏବଂ ବିସ୍ଫୋରକ ଦ୍ରବ୍ୟ ସାଙ୍ଗରେ ନେବା ଏକ ଅପରାଧ ଅଟେ ଏବଂ କୌଣସି ପ୍ରକାର କ୍ଷୟକ୍ଷତି ପାଇଁ ଉତ୍ତରଦାୟୀ ହେବା ସହିତ ଆପଣଙ୍କୁ 3 ବର୍ଷ ପାଇଁ କାରାବାସ କିମ୍ୱା ଜୋରିମାନା କିମ୍ୱା ଉଭୟ ଲାଗୁ ହୋଇପାରେ।

ଯଦି ଆପଣ ଟ୍ରେନ୍‌ରେ କିମ୍ୱା ରେଳ ଷ୍ଟେସନରେ କୌଣସି ସନ୍ଦିଗ୍ଧ/ବିପଜ୍ଜନକ ଦ୍ରବ୍ୟର ସୂଚନା ପାଉଛନ୍ତି, ତେବେ ଦୟାକରି ସୂଚନା ପ୍ରଦାନ କରନ୍ତୁ : ରେଳ ସହାୟତା ହେଲ୍ପଲାଇନ୍ ନଂ. **139**

PR-675/M/21-22

**ପୂର୍ବ ତଟ ରେଳପଥ**
ଆପଣଙ୍କ ସୁରକ୍ଷା, ଆମର ଧ୍ୟେୟ

ଆମକୁ ଅନୁସରଣ କରନ୍ତୁ
www.facebook/@EASTCOASTRailway1 www.twitter/@EastCoastRail www.instagram.com/cproecor



## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା - ୨୦୨୧-୨୦୨୨
## ଜିଲ୍ଲା - ପୁରୀ

Skilled in ODISHA

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ସହଯୋଗରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ପୁରୀ ଦୁଇଟି ନିଯୁକ୍ତି ମେଳାର ଆୟୋଜନ କରୁଛନ୍ତି । ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ **ତା୨୮.୧୨.୨୦୨୧ରିଖ (ମଙ୍ଗଳବାର) କଣାସ ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ଏବଂ ତା.୨୯.୧୨.୨୦୨୧ରିଖ (ବୁଧବାର) ସରକାରୀ ଆଇ.ଟି.ଆଇ., ପୁରୀ**ଠାରେ ନିଜ ଆଧାର କାର୍ଡ ଓ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରର ଅବିକଳ ନକଲ ସହ ଉପସ୍ଥିତ ହେବାକୁ ଅନୁରୋଧ ।

ଉକ୍ତ ମେଳାରେ ଯୋଗଦେବା ପାଇଁ ନିମ୍ନତମ ଶିକ୍ଷାଗତ ଯୋଗ୍ୟତା ୫ମ ପାସ୍‌ଠାରୁ ସ୍ନାତକ ଡିଗ୍ରୀ ତଥା ଆଇ.ଟି.ଆଇ. ଓ ଡିପ୍ଲୋମା ପାସ୍ ଏବଂ ବୟସ ସୀମା ୧୮ ବର୍ଷ କିମ୍ବା ତା'ଠାରୁ ଅଧିକ ହୋଇଥିବା ଆବଶ୍ୟକ ।

**ସବିଶେଷ ସୂଚନା ନିମନ୍ତେ**
**ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ପୁରୀଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ**
**ଦୂରଭାଷ - ୮୯୧୭୨୪୦୮୪୯, ୭୬୦୮୯୦୦୮୪୫**

ସ୍ୱା./- ଜିଲ୍ଲା ନିୟୋଜନ ଅଧିକାରୀ, ପୁରୀ ସ୍ୱା./- ଜିଲ୍ଲାପାଳ, ପୁରୀ



**TPNODL**
**TP NORTHERN ODISHA DISTRIBUTION LIMITED**
(A Tata Power and Odisha Government Joint Venture)
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT)** December 24,2021

**TP Northern Odisha Distribution Limited** invites tender from eligible Bidders for the following:

| S. No. | Tender Description | Tender Enquiry No. | Tender Fee/ EMD (Rs.) | Availability of Bid Document | Bid Due Date/ Bid Opening Date |
|---|---|---|---|---|---|
| 1 | Rate contract for supply of Pin and Disc Insulators Polymer 33KV | TPNODL/OT/ 2021-22/129 | 5,000/ 2,00,000 | 27.12.2021 | 17.01.2022, 15:00 Hrs/ 17.01.2022; 16:00 Hrs |
| 2 | Rate Contract for General Civil Work | TPNODL/OT/ 2021-22/137 | 5,000/ 2,00,000 | 29.12.2021 | 20.01.2022, 15:00 Hrs/ 20.01.2022; 16:00 Hrs |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For further details of Tenders, please visit **“Tender”** section on TPNODL website **https://tpnodl.com**.
Future communication/corrigendum to tender documents, if any, shall be available on website.
**HOD- Contracts**

ବର୍ତ୍ତମାନ ମାନବଜାତିର କାର୍ଯ୍ୟକଳାପ, ଆଗ୍ରହ, ଇତସ୍ତତଃ ଧାବନ, ଦ୍ରୁତ ଅଗ୍ରଗତି, ଅନ୍ୱେଷଣ, ଖନନ ଓ ଭିତ୍ତିସ୍ଥାପନକୁ ଏବଂ ଅବତାର ଓ ବିଭୂତିମାନଙ୍କର ଆଗମନକୁ– ଅଧିକ ପରିମାଣରେ ଜାଗ୍ରତ ହେବାକୁ ଓ ଗୋଟିକ ପଛରେ ଗୋଟିଏ ଲାଗି ଲାଗି ବିଚରଣ କରିବାକୁ ଦେଖ। ଏ ସବୁ ଲକ୍ଷଣ ଦେଖି କଣ ବୁଝାପଡୁ ନାହିଁ ଯେ ସମସ୍ତ ଅବତାର ଗଣ କଳିଯୁଗରେ ପ୍ରଥମ ସତ୍ୟଯୁଗ ପ୍ରତିଷ୍ଠା ପାଇଁ ଆସୁଛନ୍ତି ? –ଶ୍ରୀଅରବିନ୍ଦ

# ଆଗକୁ ବଢ଼ିବା



**ଆକାର ପଟେଲ**

ବିଭିନ୍ନ ଘଟଣାକୁ ଅନୁଧ୍ୟାନ କଲେ ବିଗତ ଦୁଇ ବର୍ଷ ଏକାଭଳି ଜଣାପଡ଼େ। ଆମେ ୨୦୨୦କୁ କୋଭିଡ୍ ମହାମାରୀରୁ ଆରମ୍ଭ କଲେ ଓ ୨୦୨୧ ମଧ୍ୟ ସେଥିରେ ଶେଷ କରିବାକୁ ଯାଉଛେ। କେବଳ କୋଭିଡ୍ ନୁହେଁ, ଏହି ଦୁଇ ବର୍ଷରେ ଆମକୁ ଆହୁରି ଅନେକ ସମସ୍ୟା ସାମ୍ନା କରିବାକୁ ପଡ଼ିଛି। ଆଭ୍ୟନ୍ତରୀଣ ଅନିଶ୍ଚିତତା, ସୀମାରେ ଉତ୍ତେଜନା ଏବଂ ୨୦୧୭ରୁ ମାନ୍ଦା ଅର୍ଥବ୍ୟବସ୍ଥା ଲାଗି ରହିଛି। ଏସବୁ ସ୍ଥାୟୀ ଭାବେ ହେଉ କିମ୍ବା ସ୍ୱଳ୍ପ ସମୟ ପାଇଁ ଆମ ସହ ହିଁ ରହିବ। ତେବେ ୨୦୨୨ ଆଉ କେଇଦିନ ପରେ ଆରମ୍ଭ ହେବ। ଏହି ବର୍ଷ ଆରମ୍ଭରୁ ଆମର କ'ଣ ଆଶା ରହିବ ତାହା ଆଲୋଚନା କରିବା। ଆମେ ପ୍ରଥମେ କଶ୍ମୀରକୁ ଦେଖିବା। ସେଠାରେ ସବୁ କିଛି ଠପ୍ ହୋଇଯାଇଛି। କଶ୍ମୀରବାସୀଙ୍କ ପୂର୍ବ ସାମ୍ବିଧାନିକ ଅଧିକାର ନଷ୍ଟ କରିଦେଲୁ, ହେଲେ ସେମାନଙ୍କୁ ଏହାଠୁ ଭଲ ଆଉ ଅଧିକ କିଛି ଦେବାକୁ ସକ୍ଷମ ହୋଇ ପାରିଲୁ ନାହିଁ। ଆଜି ସେମାନେ ଗଣତାନ୍ତ୍ରିକ ଧାରାରେ ଶାସିତ ହେଉନାହାନ୍ତି। କେହି ସେଠାରେ ନିବେଶ କରିପାରୁ ନାହାନ୍ତି। ପଣ୍ଡିତମାନେ ଫେରି ନାହାନ୍ତି, ହିଂସା ଜାରି ରହିଛି। ୨୦୧୧ରୁ ୨୦୧୫ ମଧ୍ୟରେ ପ୍ରତ୍ୟେକ ବର୍ଷର ମୃତ୍ୟୁ ସଂଖ୍ୟାଠାରୁ ଚଳିତ ବର୍ଷ ସେଠାରେ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି ଏବଂ ଏହା ଥମିବାର କୌଣସି ସଙ୍କେତ ମିଳୁନାହିଁ। କଶ୍ମୀରରେ କିପରି ସ୍ୱାଭାବିକ ସ୍ଥିତି ଫେରିବ ତା'ପ୍ରତି ଆମେ ଆଗ୍ରହ ପ୍ରଦର୍ଶନ ନ କରି ଅନ୍ୟ ରାଜ୍ୟ ଉପରେ ଗୁରୁତ୍ୱ ଦେବାରେ ଲଗିଛୁ। ଶୁକ୍ରବାର ପ୍ରାର୍ଥନା ପାଇଁ ଶ୍ରୀନଗରର ମୁଖ୍ୟ ମସ୍‌ଜିଦ ବନ୍ଦ ହୋଇଥିବା ହୁଏତ ଖୁବ କମ୍ ଜାଣନ୍ତି। ଏହାକୁ ଖୋଲି ଦେଲେ ଲୋକେ କାଳେ ସେମାନଙ୍କ ଅନୁଭବ ପ୍ରକାଶ କରିଦେବେ ତାହାକୁ ନେଇ ସରକାର ଚିନ୍ତିତ। କଶ୍ମୀର ଲାଗି ସରକାରଙ୍କ କୌଣସି ଯୋଜନା ନ ଥିବାରୁ ୨୦୨୨ ଏଭଳି ସ୍ଥିତି ଲାଗି ରହିବା ଅନୁମାନ କରାଯାଉଛି। ସୀମା ସମସ୍ୟାକୁ ଲକ୍ଷ୍ୟ କରାଯାଉ। ଲଦାଖ ସୀମାରେ ଚାଇନା ଅନୁପ୍ରବେଶ କରିଛି ବୋଲି ଆମେ ଏଯାବତ ସ୍ୱୀକାର କରିନାହୁଁ। ଏହାଯୋଗୁ ଫେବୃୟାରୀ ୨୦୨୦ର ପୂର୍ବ ସ୍ଥିତିକୁ ଫେରିବା ଲାଗି ତା'ଉପରେ କୌଣସି ଚାପ ପକାଉନାହୁଁ। ଲଦାଖ ସୀମା ଅତ୍ୟନ୍ତ କଷ୍ଟକର ଅଞ୍ଚଳ ଏବଂ ଏହା ନିଶ୍ଚିତ ଯେ, ସେଠାରେ ଲକ୍ଷ ଲକ୍ଷ ସଂଖ୍ୟାରେ ଥିବା ଉଭୟ ଦେଶର ସୈନ୍ୟମାନେ ଯନ୍ତ୍ରଣା ଭୋଗୁଛନ୍ତି। ଘଟଣା ହେଉଛି, ଚାଇନା ୧୯୫୯ର କ୍ଲେମ୍ ଲାଇନ୍ (ଏଲ୍‌ଏସି) ଯାଏ ପହଞ୍ଚିବାକୁ ଚାହୁଁଥିଲା ଓ ତାହା ସ୍ପଷ୍ଟତଃ ସମ୍ଭବ ହୋଇପାରିଛି। ଯେଉଁ କେତେକ ଲୋକ ଜାତୀୟ ସୁରକ୍ଷା ସମ୍ପର୍କରେ କଲମ ଚଳାଉଛନ୍ତି ସେମାନେ ଏହାକୁ ଏକ ବଡ଼ ସମସ୍ୟା ବୋଲି କହିବେ, କିନ୍ତୁ ସରକାର ସବୁ କିଛି ଘଟଣାକୁ ନିୟନ୍ତ୍ରଣ କରୁଥିଲେ ବି ତାଙ୍କ ପାଇଁ ଏହା ସେଭଳି ଚିନ୍ତାର କାରଣ ନ ହେବା ଆଶ୍ଚର୍ଯ୍ୟର କଥା। ଏହି ସମୟରେ ଚାଇନା ବିରୋଧରେ ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନ ସହ ଆମ ମେଣ୍ଟ ପ୍ରାୟତଃ ଶେଷ ହୋଇଯାଇଛି। ଅନ୍ୟପଟେ ଆମେରିକା ସୁରକ୍ଷାକୁ ନେଇ ଚାଇନା ବିରୋଧରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡକୁ ନେଇ ମେଣ୍ଟ ଗଠନ କରିଛି।

ଅର୍ଥବ୍ୟବସ୍ଥାକୁ ଲକ୍ଷ୍ୟ କରାଯାଉ। ଏହାକୁ ସୁଧାରିବା ଲାଗି ସରକାର ଚାପରେ ଥିବାଭଳି ମନେହେଉନାହିଁ। ଜାନୁୟାରୀ ୨୦୧୮ରୁ ଜିଡିପି ଅଭିବୃଦ୍ଧି ହ୍ରାସର ସୂଚନା ମିଳିଥିଲା ଏବଂ ତାହା କୋଭିଡ୍ ମହାମାରୀ ଓ ପ୍ରଥମ ଲକ୍‌ଡାଉନ ଆରମ୍ଭ ହେବା ପୂର୍ବରୁ ତିନି ମାସ ଯାଏ ଲାଗି ରହିଥିଲା। ଏଣୁ ଆମେ ଏବେ ଯେଉଁ ସ୍ଥିତିରେ ରହିଛେ ତାହାର ମହାମାରୀ ସହ କୌଣସି ସମ୍ପର୍କ ନାହିଁ। ମହାମାରୀ ପୂର୍ବରୁ ଜିଡିପି ଆଉଟ୍‌ପୁଟ ସ୍ଥିତି ଯାହା ଥିଲା ଆସନ୍ତା ବର୍ଷ ସେହିଭଳି ରହିବ ଓ ଏହାର ଦୁଇଟି ପ୍ରମୁଖ କାରଣ ଅର୍ଥନୀତିଜ୍ଞଙ୍କୁ ଦ୍ୱନ୍ଦ୍ୱରେ ପକାଇବ। ପ୍ରଥମ କାରଣଟି ହେଉଛି,ଭାରତର ଶ୍ରମ ଭାଗୀଦାରି ହାର(ଯେଉଁମାନେ କାର୍ଯ୍ୟ କରୁଛନ୍ତି କିମ୍ବା କାମ ଚାହୁଁଛନ୍ତି) ବିଶ୍ୱର ସବୁଠୁ କମ୍। ଦ୍ୱିତୀୟରେ ଜିଡିପିର ବୃହତ୍ ଅଂଶ କୁହାଯାଉଥିବା ଦ୍ରବ୍ୟ ଓ ସେବାର ଘରୋଇ ଉପଯୋଗ ମହାମାରୀ ପୂର୍ବ ସ୍ତରରେ ରହିଛି ଓ ଏହା ସୁଧୁରିବାର କୌଣସି ସୂଚନା ମିଳୁନି। ରାଜନୈତିକ କ୍ଷେତ୍ରରେ ଆମ ପାଇଁ ଅନେକ କାମ କରିବାକୁ ଅଛି। ଗୁଜରାଟ, ପଞ୍ଜାବ, ଗୋଆ ଏବଂ ଉତ୍ତରପ୍ରଦେଶରେ ନୂଆ ବିଧାନସଭା ଗଠନ କରାଯିବ। ୨୫ ବର୍ଷ ଧରି ଗୁଜରାଟରେ ଭାଜପା ସଂଖ୍ୟାଗରିଷ୍ଠ ଦଳ ଭାବେ ରହିଆସିଛି। ଉତ୍ତରପ୍ରଦେଶରେ ୪୦%ରୁ ଅଧିକ ଭୋଟ ପାଇଆସୁଛି। ଏଥିରୁ ବୁଝାପଡୁଛି, ଭାଜପା ଏହି ଦୁଇ ରାଜ୍ୟକୁ ପୁଣି ଦଖଲ କରିବାର ସମ୍ଭାବନା ରହିଛି। ଉତ୍ତରପ୍ରଦେଶ ନିର୍ବାଚନ ପରେ ଚଳିତ ବର୍ଷ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ। ସମ୍ପୂର୍ଣ୍ଣ ସେଣ୍ଟ୍ରାଲ ଭିଷ୍ଟା କିମ୍ବା ଏହାର କିଛି ଭାଗ ଉଦଘାଟନ କରାଯିବ। ଅଯୋଧ୍ୟାରେ ମନ୍ଦିର ନିର୍ମାଣ କାର୍ଯ୍ୟ ସନ୍ତୋଷଜନକ ରହିବ। ଚଳିତବର୍ଷ ଆରମ୍ଭରେ ଘଟିଥିବା କାଶୀର ତାମସା ପୁଣି ଦେଖିବାକୁ ପାଇବା। ଏବେ ଏଏଫ୍‌ଏସ୍‌ପିଏ ବିରୋଧରେ ଉତ୍ତରପୂର୍ବାଞ୍ଚଳ ଆନ୍ଦୋଳନ କରୁଛି। ଦେଶରେ ସବୁବେଳେ ଅଶାନ୍ତ ରହି ଆସିଥିବା ଉକ୍ତ ଅଞ୍ଚଳରେ ଏଏଫ୍‌ଏସ୍‌ପିଏ ଯେଭଳି ବଡ଼ ସମସ୍ୟା ଭାବେ ଉଭା ନ ହୁଏ ସେଥିପାଇଁ କେନ୍ଦ୍ର ନିଶ୍ଚିତ କରିବାକୁ ହେବ। ନାଗାଲାଣ୍ଡ ବିଧାନସଭା(ସମସ୍ତ ଭାଜପା ସଦସ୍ୟଙ୍କ ସମେତ)ରାଜ୍ୟରେ ଏହି ଆଇନ ଜାରି ନ ରହିବା ଲାଗି ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ପାସ୍ କରିଛି। ଏହା ପରେ ଯଦି କେନ୍ଦ୍ର ଏହି ଆଇନ ଲାଗୁ କରିବାକୁ ଚାହେଁ ତେବେ ଉତ୍ତରପୂର୍ବରେ ଗଣତନ୍ତ୍ର ପ୍ରତି ଏହା ଏକ କଠୋର ବିଚାର ହେବ। ତେବେ ଆଗକୁ କ'ଣ ହେଉଛି ଲକ୍ଷ୍ୟ କରିବା।

ମହାମାରୀ ଲାଗି ରହିବ। ହେଲେ ୨୦୨୦ ଓ ୨୦୨୧ରେ ଯେଭଳି କ୍ଷତି ଘଟାଇଛି ସେଭଳି ନ ହେଉ ବୋଲି ଆମେ ଆଶା କରିବା। ମହାମାରୀରେ ଶିକ୍ଷା ଉପଲବ୍ଧତାରେ ଅଭାବ ଦେଖା ଦେଇଛି ଓ ଏହା ଗୋଟିଏ ପିଢ଼ିର ପିଲାମାନଙ୍କ ଅତ୍ୟଧିକ ତଥା ଦୀର୍ଘମିଆଦୀ କ୍ଷତି କରିବ। ଘରେ ରହି ପଢ଼ିବା ପାଇଁ ପିଲା କେତେ ସକ୍ଷମ। ଏଭଳି ଶିକ୍ଷା ଲାଗି ସେମାନଙ୍କୁ ଉପକରଣ ଯୋଗାଇବାରେ ସମସ୍ତେ ସକ୍ଷମ କି। ସଂଖ୍ୟାଧିକ ପିଲାଙ୍କର ଏହା ନାହିଁ ଓ ସେମାନଙ୍କ ପଢ଼ା ପ୍ରଭାବିତ ହେବ। ଏଣୁ ପିଲାମାନଙ୍କ ଉପରେ ମହାମାରୀର ପ୍ରଭାବକୁ ସାଥୀରେ ନେଇ ଆମେ ଆଗକୁ ବଢ଼ିବା। ଅଧିକାଂଶ କ୍ଷେତ୍ରରେ ବିଗତ ୪ ବର୍ଷ ଭାରତ ପାଇଁ ଅତ୍ୟନ୍ତ କଠିନ ରହି ଆସିଛି। ଏତିକି ଆଶା, ୨୦୨୨ ଆମ ପାଇଁ ଖୁସିର ସମୟ ନ ଆଣୁ ପଛେ, ଅତିକମ୍‌ରେ ଆମ ଯନ୍ତ୍ରଣା ଲାଘବ କରୁ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | 9 | | 4 | | | |
| | 7 | | | 3 | | | | |
| | | 4 | | | | | | |
| | 9 | | 8 | | | | 1 | 4 |
| | | 3 | | | | | | |
| | | | 6 | 5 | 9 | | | |
| | | | | | 1 | | 9 | |
| 7 | 3 | 2 | | | 6 | | 5 | |
| | | | | | 5 | 3 | | 2 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 2 | 7 | 5 | 6 | 3 | 9 |
| 6 | 9 | 2 | 8 | 4 | 3 | 5 | 1 | 7 |
| 5 | 3 | 7 | 6 | 1 | 9 | 4 | 8 | 2 |
| 9 | 8 | 6 | 4 | 2 | 7 | 1 | 5 | 3 |
| 1 | 7 | 5 | 3 | 9 | 6 | 2 | 4 | 8 |
| 3 | 2 | 4 | 5 | 8 | 1 | 7 | 9 | 6 |
| 8 | 6 | 1 | 9 | 5 | 2 | 3 | 7 | 4 |
| 7 | 4 | 3 | 1 | 6 | 8 | 9 | 2 | 5 |
| 2 | 5 | 9 | 7 | 3 | 4 | 8 | 6 | 1 |

ଗତ କାଲିର ଉତ୍ତର

# ବିବାହ ବୟସ ବୃଦ୍ଧିର ପ୍ରୟାସ



**ରାଜୀବ କୁମାର ନାୟକ**

ଇତିମଧ୍ୟରେ କେନ୍ଦ୍ର କ୍ୟାବିନେଟ୍ ଝିଅମାନଙ୍କ ବିବାହ ବୟସ ୧୮ରୁ ୨୧କୁ ବୃଦ୍ଧି କରିବା ପାଇଁ ଅନୁମୋଦନ ଦେଇ ସାରିଛି। ଆଗରୁ କେବଳ ପୁଅ ପିଲାଙ୍କ ସକାଶେ ଆଇନଗତ ବିବାହ ବୟସ ୨୧ ଥିବାବେଳେ ଝିଅ ପିଲାଙ୍କ ଲାଗି ୧୮ ଧାର୍ଯ୍ୟ ହୋଇଥିଲା। ସବୁ କ୍ଷେତ୍ରରେ ପୁରୁଷ ମହିଳାଙ୍କ ସହ ସମାନ ତାଳରେ ଗତି କରିବାର କଥା ସରକାର ତଥା ଏକ ପ୍ରଗତିଶୀଳ ଗୋଷ୍ଠୀ କହୁଥିବା ବେଳେ ଏହି ନିଷ୍ପତ୍ତି ଉକ୍ତ ଦିଗରେ ଆଉ ଏକ ପାଦ ବୋଲି ତାଙ୍କ ମତ। କିନ୍ତୁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଯେ ଏହା ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ ସମସ୍ତ ଗୋଷ୍ଠୀର ମତ ସଂଗ୍ରହ କରିବାର ଆବଶ୍ୟକତା ରହିଛି, ତାହାକୁ ଅଣଦେଖା କରାଯାଇଅଛି। ଏହା ଫଳରେ ବାଲ୍ୟ ବିବାହ କମିବା ପରିବର୍ତ୍ତେ ବଢ଼ିବ। ସରକାର ଗୋଟିଏ ଦିଗକୁ ଦୃଷ୍ଟିରେ ରଖି ଅନ୍ୟ ସବୁ ଦିଗକୁ ଅଣଦେଖା କରିଛନ୍ତି। ପ୍ରଥମତଃ ପ୍ରଜନନ ସ୍ୱାସ୍ଥ୍ୟ କଥା ଦେଖିଲେ କିଶୋରୀମାନଙ୍କ କ୍ଷେତ୍ରରେ ପ୍ରାୟତଃ ୧୫ ବର୍ଷ ବେଳକୁ ମାସିକ ରକ୍ତସ୍ରାବ ଆରମ୍ଭ ହୋଇଯାଉଛି, ଅର୍ଥାତ୍ ସେମାନେ ମାଆ ହେବା ପାଇଁ ସକ୍ଷମ ହେଇ ଯାଉଛନ୍ତି। ତେଣୁ ପ୍ରଜନନ ସ୍ୱାସ୍ଥ୍ୟକୁ ନେଇ ଯେଉଁ ସମ୍ବେଦନଶୀଳତା ରହିଛି, ତାହା ବିବାହଯୋଗ୍ୟ ବୟସ ୨୧କୁ ବୃଦ୍ଧି କରିଦେବା ଫଳରେ ଆହୁରି ବଢ଼ିବା ସମ୍ଭାବନା ରହିଛି। ବର୍ତ୍ତମାନ ସମୟରେ ଟେଲିଭିଜନ ତଥା ଇଣ୍ଟରନେଟ୍ ପ୍ରଭାବରେ କମ୍ ବୟସରୁ ଭଲପାଇବା, ଯୌନ ସମ୍ପର୍କ ସ୍ଥାପନ ଭଳି ଅନେକ ଘଟଣା ବୃଦ୍ଧି ପାଉଛି। ଫଳତଃ ଏହି ନିଷ୍ପତ୍ତି ଦ୍ୱାରା କମ୍ ବୟସରେ ଗର୍ଭଧାରଣ, ଗର୍ଭପାତ, କୁମାରୀ ମାତୃତ୍ୱ, ପୁଅଝିଅଙ୍କ ପଳାୟନ, ପରିତ୍ୟକ୍ତ ଶିଶୁର ମାତ୍ରା ଇତ୍ୟାଦି ଯଥେଷ୍ଟ ବଢ଼ିବାରେ ଏହା ଆହୁରି ସହାୟକ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏହା ସତ ଯେ ବିଳମ୍ବରେ ବିବାହ କଲେ ପରିବାରର ଆକାର ଛୋଟ ହେବ, ଯାହାକି ଜନସଂଖ୍ୟା ବୃଦ୍ଧିରେ ରୋକ ଲଗାଇବା ନିମନ୍ତେ ସହାୟକ ହେବ। ଆଉ ମଧ୍ୟ କମ୍ ଓଜନର ଶିଶୁ, ମାତୃମୃତ୍ୟୁ, ଶିଶୁମୃତ୍ୟୁ ଗୋଚରକୁ କମ ଆସିବେ। ଝିଅ ପିଲାଙ୍କ ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେମାନେ ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଯଥେଷ୍ଟ ସଚେତନ ହୋଇପାରିବେ। କିନ୍ତୁ ସରକାର ଯେଉଁ ଯୁକ୍ତି ବାଢ଼ୁଛନ୍ତି ଯେ, ବିବାହ ବୟସ ବୃଦ୍ଧି କରିଦେଲେ ଝିଅମାନେ ଉଚ୍ଚଶିକ୍ଷା ଲାଭ କରିବେ, ଆତ୍ମନିର୍ଭରଶୀଳ ହୋଇପାରିବେ। ତାହା ବାହାରକୁ ଠିକ୍ ଲାଗୁଥିଲେ ମଧ୍ୟ ବାସ୍ତବରେ ତାହା ସେତେ ସହଜ ନୁହେଁ, ଯଦିଓ ଏହି ନିଷ୍ପତ୍ତି ଦ୍ୱାରା ଅଳ୍ପ କିଛି ବାଳିକା ଉପକୃତ ହେବେ। ବିଶେଷ ଭାବରେ ଯେଉଁମାନଙ୍କର ଉଚ୍ଚଶିକ୍ଷା ଲାଭ କରିବାର ଇଚ୍ଛାଶକ୍ତି ଦୃଢ଼ ଅଛି, ଶିକ୍ଷାଲାଭ କରିବା ସକାଶେ ତାଙ୍କ ନିକଟରେ ସମସ୍ତ ସୁବିଧା ଅଛି ଏବଂ ତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବିବାହ କରିବାକୁ ଘରେ ଜୋର ଦେଉଛନ୍ତି। କିନ୍ତୁ ଅଧିକାଂଶ କ୍ଷେତ୍ରରେ ଝିଅକୁ ଭିନ୍ନ ଭାବୁଥିବା, ଝିଅ ଜନ୍ମ ହେବାଠାରୁ ସନ୍ତୁଳି ହେଉଥିବା ମାତାପିତା ଆଇନକୁ ଅମାନ୍ୟ କରି କନ୍ୟାର ବିବାହ କରିବାକୁ ଶତତ ଚେଷ୍ଟିତ ହେବେ, ଯଦ୍ୱାରା ଆଇନ ଥିବା ସତ୍ତ୍ୱେ ବାଲ୍ୟ ବିବାହର ମାତ୍ରା ବଢ଼ିବାର ସମ୍ଭାବନା ରହିଛି।

ଅନ୍ୟ ଦିଗରୁ ଦେଖିଲେ ପିଲା ସଂଖ୍ୟାକୁ ନଜରରେ ରଖି ଯେତିକି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ବ୍ୟତୀତ ଆଇ.ଟି.ଆଇ., ପଲିଟେକ୍‌ନିକ ଇତ୍ୟାଦି ବୈଷୟିକ ଶିକ୍ଷାନୁଷ୍ଠାନ ରହିବା କଥା ସେତିକି ନାହିଁ। ତେଣୁ ନାରୀ ଶିକ୍ଷାକୁ ଗୁରୁତ୍ୱାରୋପ କଲେ ପର୍ଯ୍ୟାପ୍ତ ପରିମାଣର ସିଟ୍ ସୃଷ୍ଟି କରିବା ଆବଶ୍ୟକ। ସାମ୍ପ୍ରତିକ ସ୍ଥିତିରେ ଏହିସବୁ ଅନୁଷ୍ଠାନ ପ୍ରାୟତଃ ସହରାଞ୍ଚଳରେ ରହିଛି। ତେଣୁ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ସଂଖ୍ୟାରେ ଉଚ୍ଚଶିକ୍ଷା ନିମିତ୍ତ ଅନୁଷ୍ଠାନ ଖୋଲିବା ଆବଶ୍ୟକ, ଯାହାକି ସହଜ ନୁହଁ। କାରଣ ଆଜି ମଧ୍ୟ ଅନେକ ଗାଁରେ ପଞ୍ଚମ ଶ୍ରେଣୀଯାଏଁ ପଢ଼ିବାର ବ୍ୟବସ୍ଥା ହୋଇ ପାରିନାହିଁ। ସରକାରଙ୍କ ଦୃଷ୍ଟିଭଙ୍ଗୀକୁ ବିଚାର କଲେ, ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ ୧୯୮୯ ଅନୁଯାୟୀ ସମଗ୍ର ବିଶ୍ୱ ୧୮ ବର୍ଷରୁ ତଳକୁ ଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଶିଶୁ ଭାବରେ ଅଭିହିତ କରିଥିବାବେଳେ ଭାରତ ଏହାର ଏକ ପ୍ରମୁଖ ସ୍ୱାକ୍ଷରକାରୀ ଭାବରେ ୧୮ ବର୍ଷରୁ ତଳକୁ ଏଠାରେ ଶିଶୁ ବୋଲି ଧରାଯାଇଥାଏ। କିନ୍ତୁ ଏବେ ବିବାହ ସକାଶେ ଆଇନଗତ ବୟସ ୨୧କୁ ବଢ଼ାଇବା ଫଳରେ ଗୋଟିଏ ଦିଗରୁ ୨୧ ବର୍ଷରୁ ତଳକୁ ଶିଶୁ ବୋଲି କହିଲାବେଳେ ଅନ୍ୟ ଦିଗରୁ ଦିଲ୍ଲୀର ବର୍ବରୋଚିତ ନିର୍ଭୟା ଘଟଣା ପରେ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା ଅଧିନିୟମ) ୨୦୧୫ ଅନୁଯାୟୀ ଜଘନ୍ୟ ଅପରାଧ କ୍ଷେତ୍ରରେ ୧୬ରୁ ୧୮ ବର୍ଷର ଶିଶୁ ଆଇନ ସହ ଦ୍ୱନ୍ଦ୍ୱରେ ଆସିଲେ ପ୍ରାରମ୍ଭିକ ଆକଳନ (ପ୍ରେଲିମିନାରୀ ଆସେସମେଣ୍ଟ) କରି ଶିଶୁ ସମ୍ପୃକ୍ତ ଅପରାଧ ଘଟାଇବାକୁ ଶାରୀରିକ ଏବଂ ମାନସିକ ଭାବରେ ସକ୍ଷମ କି ନୁହଁ କିମ୍ବା ସେ ଏହି ଅପରାଧର ପରିଣାମ ସମ୍ବନ୍ଧରେ ସଚେତନ କି ନୁହଁ ଦେଖି କିଶୋର ନ୍ୟାୟ ବୋର୍ଡ କେସ୍‌ଟିକୁ ନିଜ ପାଖରେ ରଖିବା ବା ବୟସ୍କଙ୍କ ଭଳି ବ୍ୟବହାର କରୁଥିବା ଦେଖି ଚିଲ୍‌ଡ୍ରେନ୍ସ କୋର୍ଟରେ ବିଚାର ନିମିତ୍ତ ପଠାଇ ଦେବାର ବ୍ୟବସ୍ଥା ରହିଛି। ତେଣୁ ଗୋଟିଏ ପଟେ ସରକାର ୧୬ ବର୍ଷରୁ ବୟସ୍କ ଧରୁଥିବାବେଳେ ଅନ୍ୟ ପଟେ ୨୧ ଧରିବା ବିରୋଧାଭାସ ନୁହଁ କି? ଶିଶୁମାନଙ୍କ ନିମନ୍ତେ ଅଭିପ୍ରେତ ସମସ୍ତ ଆଇନରେ ଶିଶୁର ବୟସକୁ ସମାନ ଭାବରେ ଅଭିହିତ କରିବା ଆବଶ୍ୟକ। ବାଧ୍ୟତାମୂଳକ ଶିକ୍ଷା ଏବଂ ମାଗଣା ଶିକ୍ଷା ଆଇନରେ ୧୪ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେଉଥିବା ବେଳେ, ଶିଶୁ ଶ୍ରମିକ (ନିରୋଧ ଏବଂ ନିୟନ୍ତ୍ରଣ) ଆଇନରେ ୧୪ ବର୍ଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବାରଣ ଏବଂ ୧୪ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ ତିନୋଟି ସଙ୍କଟଜନକ କ୍ଷେତ୍ର/ପ୍ରକ୍ରିୟାରେ କାମ କରିବାକୁ ବାରଣ କରାଯାଇଅଛି। ଆହୁରି ମଧ୍ୟ ଭାରତରେ ୧୮ ବର୍ଷରେ ପଦାର୍ପଣ କଲେ ସାବାଳକ ହୋଇ ନିଷ୍ପତ୍ତି ନେବା ଅଧିକାର ପାଇବା ପୂର୍ବକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହୋଇ ନିଜ ପସନ୍ଦର ପ୍ରତିନିଧି ବାଛି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭେଇଥାଏ। ତେଣୁ ୧୮ ବର୍ଷରେ ସେ ବିବାହ କରିବ କି ନ କରିବ, ଯଦି କରିବ ସେ ବାପା କି ମାଆ ଶୀଘ୍ର ହେବ କି ନ ହେବ,ସେ ତା' ପାଠପଢ଼ାକୁ ଜାରି ରଖିବ କି ନାହିଁ ସେଭଳି ନିଷ୍ପତ୍ତି ସେ କାହିଁକି ନେଇପାରିବ ନାହିଁ। ବହୁ ପୂର୍ବରୁ ବିବାହ ବୟସ ଥିବା ୧୫ ବର୍ଷକୁ ସାରଦା ଆଇନରେ ସଂଶୋଧନ ଅଣାଯାଇ ଏହି ବୟସ ସୀମାକୁ ୧୮କୁ ୧୯୭୮ ମସିହାରେ ବୃଦ୍ଧି କରାଯିବାର ଆବଶ୍ୟକତା ଯଥେଷ୍ଟ ଥିଲା। କାରଣ ୧୫ରୁ ୧୮ବର୍ଷ ବୟସରେ କୈଶୋରର ଚପଳତା ଯାଇ ନ ଥାଏ ଏବଂ ଏଭଳି ଏକ ସ୍ପର୍ଶକାତର ସମୟରେ ପ୍ରଜନନ ସ୍ୱାସ୍ଥ୍ୟର ଆବଶ୍ୟକତା ଅନୁଭୂତ ହୋଇ ଯାଇଥାଏ। ତେଣୁ ଏହି ସମୟରେ ପଥ ଛୁଡ଼ିଯିବାର ଯଥେଷ୍ଟ ସମ୍ଭାବନା ଥାଏ। ଆମେ ଯଦି ଦେଖିବା ବିଗତ କିଛି ବର୍ଷ ମଧ୍ୟରେ ଉଭୟ ସରକାର ତଥା ୟୁନିସେଫ୍‌ର ପ୍ରୟାସ କ୍ରମେ ବାଲ୍ୟ ବିବାହକୁ ରୋକିବାରେ ଆମେ ଅନେକ ମାତ୍ରାରେ ସଫଳ ହୋଇପାରିଛେ। ଜନସାଧାରଣଙ୍କ ମଧ୍ୟରେ ଏ ସମ୍ପର୍କରେ ସଚେତନତା ବୃଦ୍ଧି ପାଇ ଆସୁଥିଲା। ଏବେ ଏହି ନିଷ୍ପତ୍ତି ଫଳରେ ତାହା କି ମୋଡ଼ ନେବ ତାହା ସମୟ କହିବ। ପ୍ରଶାସନିକ ଦୃଷ୍ଟିକୋଣରୁ ମଧ୍ୟ ଏହି ବିବାହ ବୟସ ବୃଦ୍ଧି ବିଚାର୍ଯ୍ୟ। ବର୍ତ୍ତମାନ ସାଧାରଣ ଭାବରେ ୧୮ ବର୍ଷରୁ କମ୍ ବ୍ୟକ୍ତି ବିଶେଷଙ୍କୁ ଶିଶୁ ଧରାଯାଉଥିବାରୁ ବାଲ୍ୟ ବିବାହକୁ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି, ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି, ଚାଇଲ୍ଡ ଲାଇନ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତଥା ଶିଶୁ ମଙ୍ଗଳ ସମିତି ବନ୍ଦ କରିବାରେ ଯତ୍ନଶୀଳ ହେଉଛି। ତେଣୁ ୨୧ ବର୍ଷ ତଳକୁ ବାଲ୍ୟ ବିବାହ ଧରାଗଲେ ୧୮ରୁ ୨୧ ବର୍ଷ ବୟସ ମଧ୍ୟରେ ୨୦୧୧ ଜନଗଣନା ଅନୁଯାୟୀ ଥିବା ୪ କୋଟି ୬୪ ଲକ୍ଷ କେବଳ ବାଳିକା ଥିବାବେଳେ ବାଳକ ସଂଖ୍ୟା ମିଶିଲେ ଏହା ପାଖାପାଖି ୯ କୋଟି ହେବ, ଯାହାକି ଏକ ବିରାଟ ସଂଖ୍ୟା। ତେଣୁ ଏତେ ବ୍ୟକ୍ତିବିଶେଷଙ୍କ କଥା କିଏ ବୁଝିବ ତାହା ଆଉ ଏକ ପ୍ରଶ୍ନ। ଯଦିଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀମାନଙ୍କୁ ବାଲ୍ୟ ବିବାହ ନିରୋଧ ଅଧିକାରିଣୀ ରୂପେ ଅଭିହିତ କରାଯାଇଅଛି, ସେ କେବଳ ପୋଲିସ ସହାୟତାରେ ବାଲ୍ୟବିବାହ ରୋକିବା ସେତେଟା ସହଜ ନୁହଁ।

ପରିଶେଷରେ ସରକାର ତରବରିଆ ଭାବରେ ଏହାକୁ ସଂସଦରେ ଗୃହୀତ କରାଇବାର ଚେଷ୍ଟା କରିବା ପୂର୍ବରୁ ଜନସାଧାରଣଙ୍କ ମତାମତ ଲୋଡ଼ିବା ଉଚିତ ହେବ। ଏତଦ୍‌ବ୍ୟତୀତ ସରକାର ନାରୀ ସଶକ୍ତୀକରଣ ଦିଗରେ ଏକ ଅନୁକୂଳ ପରିବେଶ ସୃଷ୍ଟି ନିମିତ୍ତ ସହରାଞ୍ଚଳ ଭିନ୍ନ ଗ୍ରାମାଞ୍ଚଳରେ ମଧ୍ୟ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବା ଆବଶ୍ୟକ, ଯଦ୍ୱାରା ସ୍ୱତଃପ୍ରବୃତ୍ତ ଭାବରେ ଉଭୟ ପୁଅ ଏବଂ ଝିଅ ଉଚ୍ଚଶିକ୍ଷା ଲାଭ କରିପାରିବେ ଏବଂ ଆତ୍ମନିର୍ଭରଶୀଳ ହୋଇପାରିବେ। ଫଳତଃ ବିବାହ ବିଳମ୍ବରେ କରିବାକୁ ଉଚିତ ମଣିବେ। ଆହୁରି ମଧ୍ୟ ସରକାର କେବଳ ବିବାହ ବୟସକୁ ବଢ଼ାଇ ଦେଲେ ହେବ ନାହିଁ, ବରଂ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କଲେ ଏହା ବିଳମ୍ବ ବିବାହକୁ ପ୍ରୋତ୍ସାହିତ କରିବ।

ପଦରପଡ଼ା, ବୌଦ୍ଧ
ମୋ: ୯୪୩୭୫୬୭୧୮୩୧

## ଏଇ ଭାରତରେ

ଦାଦନ ଶ୍ରମିକଙ୍କୁ ଶୋଷଣକାରୀଙ୍କ ବେଡ଼ିରୁ ମୁକ୍ତିଦେବା ସହ ସେମାନଙ୍କୁ ଥଇଥାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି କର୍ନାଟକର ଡ. କିରନ ପ୍ରସାଦ। ଦୀର୍ଘ ୩୦ ବର୍ଷ ଧରି ସେ ଏହି କାର୍ଯ୍ୟ କରି ଆସୁଛନ୍ତି। ୧୯୮୬ରେ ଶିକ୍ଷା ଶେଷ କରି ସେ ଦାଦନ ଶ୍ରମିକଙ୍କ ସୁରକ୍ଷା ପାଇଁ ଚିନ୍ତା କରିଥିଲେ। ପରେ ୧୯୯୦ରେ 'ଜୀବିକା' ଏନ୍‌ଜିଓ ପ୍ରତିଷ୍ଠା କରି ଶ୍ରମିକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉଦିପ ଜିଲାର ବାସିନ୍ଦା ଡ. ପ୍ରସାଦ ଆନ୍ଥ୍ରୋପୋଲୋଜିରେ ପିଏଚ୍.ଡି କରିଛନ୍ତି। ତିନି ଦଶନ୍ଧିରେ ସେ ୭,୦୦୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ଥଇଥାନ କରିବାରେ ସକ୍ଷମ ହୋଇପାରିଛନ୍ତି। ଏହାସହ ସରକାର ଚିହ୍ନଟ କରିଥିବା ୩୦,୦୦୦ ଦାଦନ ଶ୍ରମିକଙ୍କ ଥଇଥାନ ପାଇଁ ସେ ପ୍ରୟାସ ଜାରି ରଖିଛନ୍ତି। ସରକାରଙ୍କ ସହଯୋଗରେ ସେମାନଙ୍କ ନିକଟରେ ବିଭିନ୍ନ ଯୋଜନା ପହଞ୍ଚାଇ ସେ ଏହା କରୁଛନ୍ତି। ଶ୍ରମିକମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରୁଛନ୍ତି। ସାମାଜିକ କଟକଣା, ଜାତିବାଦ ଓ ଅନ୍ଧବିଶ୍ୱାସ ମଧ୍ୟରୁ ସେମାନଙ୍କୁ ବାହାର କରିବା ଲାଗି ବିଭିନ୍ନ ଉପାୟ ଆପଣାଉଛନ୍ତି। ସଚେତନ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଶ୍ରମିକମାନଙ୍କ ଆଇନଗତ ସମସ୍ୟା ମଧ୍ୟ ଦୂର କରିବାରେ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏହି କାର୍ଯ୍ୟ ମଧ୍ୟ 'ଜୀବିକା'ଦ୍ୱାରା ସମ୍ଭବ ହୋଇପାରିଛି। କର୍ନାଟକର ୨୦ଟି ବ୍ଲକରେ ଏହି ସଂସ୍ଥା ସକ୍ରିୟ ରହିଛି।

# ପରିବେଶ ଦ୍ରଷ୍ଟା

**ବ୍ୟକ୍ତିତ୍ୱ**



**ଅନିଲ ପ୍ରକାଶ ଜୋଷୀ**

ମଦର ଟେରେସା ପୁରସ୍କାର ସାଧାରଣରେ ମଦର ଟେରେସା ସ୍ମୃତି ସମ୍ମାନ ନାମରେ ପରିଚିତ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଶାନ୍ତି, ସମାନତା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବା ସଙ୍ଗଠନକୁ ଏହା ୨୦୦୪ ଠାରୁ ବାର୍ଷିକ ବା ଦ୍ୱିବାର୍ଷିକ ପ୍ରଦାନ କରାଯାଇଆସୁଛି। ମୁମ୍ବାଇର ଡକ୍ଟର ଆବ୍ରାହମ ମାଥାଇଙ୍କ ଦ୍ୱାରା ଗଢ଼ାଯାଇଥିବା 'ହାର୍ମୋନୀ ଫାଉଣ୍ଡେଶନ'ର ଏହା ଏକ ସାମାଜିକ କାର୍ଯ୍ୟ ଭାବେ ଜଣାଶୁଣା। ମିଶ୍‌ନାରିଜ୍ ଅଫ୍ ଚାରିଟିର ସୁପର ଜେନେରାଲ ସିଷ୍ଟର ପ୍ରେମାଙ୍କ ଦ୍ୱାରା ମଦର ଟେରେସା ପୁରସ୍କାର ସ୍ୱୀକୃତ ହୋଇଥିବାରୁ ତାହାର ଗୁରୁତ୍ୱ ଯଥେଷ୍ଟ ରହିଛି। ପରିବେଶବିତ୍ ଡକ୍ଟର ଅନିଲ ପ୍ରକାଶ ଜୋଷୀ, ବିଦ୍ୟୁତ୍ ମୋହନ ଓ ରିଦ୍ଧିମା ପାଣ୍ଡେ ଚଳିତବର୍ଷ ଲାଗି ମଦର ଟେରେସା ପୁରସ୍କାର ବିଜୟୀ ହୋଇଛନ୍ତି। ତେବେ ସାମାଜିକ ନ୍ୟାୟ ପ୍ରତିଷ୍ଠା ସହ ପରିବେଶ ପୋଷଣୀୟକୁ ବୃଦ୍ଧି କରାଇବା ଦିଗରେ ଅନିଲଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ନିଜ ସଂସ୍ଥା ହିମାଲୟାନ୍ ଏନ୍‌ଭାର୍ନମେଣ୍ଟାଲ ଷ୍ଟଡିଜ୍ ଆଣ୍ଡ୍ କଞ୍ଜରଭେଶନ ଅର୍ଗାନାଇଜେଶନ (ହେସ୍‌କୋ) ଜରିଆରେ ହିମାଳୟ ଅଞ୍ଚଳର ୧୦,୦୦୦ ଗ୍ରାମରେ ପରିବେଶ ରକ୍ଷା ଦିଗରେ ତାଙ୍କ ପରିବର୍ତ୍ତନକାରୀ ଭୂମିକାର ପ୍ରଭାବ ପଡ଼ିବା ଯୋଗୁ ତାହା ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିଦେଇଛି। ଫଳରେ ସେ ବିଭିନ୍ନ ସମୟରେ ସରକାରୀ ଓ ବେସରକାରୀ ସ୍ତରରୁ ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ସେଥିମଧ୍ୟରୁ ୧୯୯୯ରେ ଭାରତୀୟ ବିଜ୍ଞାନ କଂଗ୍ରେସ ସମ୍ମାନ, ୨୦୦୨ରେ 'ଦି ଉଇକ୍' ପତ୍ରିକା ପକ୍ଷରୁ 'ମ୍ୟାନ୍ ଅଫ୍ ଦି ଇୟର', ୨୦୦୬ରେ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଶ୍ରୀ' ଏବଂ ୨୦୨୦ରେ ତୃତୀୟ ସର୍ବୋଚ୍ଚ ସମ୍ମାନ 'ପଦ୍ମଭୂଷଣ'ରେ ତାଙ୍କୁ ବିଭୂଷିତ କରାଯାଇଛି। ତେବେ ମଦର ଟେରେସାଙ୍କ ନାମରେ ନାମିତ ମଦର ଟେରେସା ସ୍ମୃତି ସମ୍ମାନ ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ବ୍ୟାପ୍ତ କରିଦେଇଛି।

ଅନିଲ ୬ ଏପ୍ରିଲ ୧୯୫୫ରେ ଉତ୍ତରାଖଣ୍ଡର ପାଉରି ଗରୱାଲ ଜିଲାର କୋଟ୍‌ଦ୍ୱାରଠାରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ଓ ପରିବେଶ ବିଜ୍ଞାନରେ ପିଏଚ୍.ଡି. ଅର୍ଜନ କରିଛନ୍ତି। କୋଟ୍‌ଦ୍ୱାର ଗଭର୍ନମେଣ୍ଟ ପିଜି କଲେଜରେ ଅଧ୍ୟାପକ ଭାବେ ସେ କର୍ମମୟ ଜୀବନ ଆରମ୍ଭ କରିଥିଲେ। କିନ୍ତୁ ୧୯୭୯ରେ ଚାକିରିରୁ ଇସ୍ତଫା ଦେଇ ହେସ୍‌କୋ ନାମରେ ଏକ ବେସରକାରୀ ସଂସ୍ଥା ଗଠନ କରିଥିଲେ। ଏହାରି ମାଧ୍ୟମରେ ସେ କୃଷି ଲାଗି ନୂତନ ପରିବେଶ ଉପଯୋଗୀ ପ୍ରଯୁକ୍ତି ବିକଶିତ କରିବା ସକାଶେ ଗବେଷଣା ଓ ବିକାଶ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇଆସୁଛନ୍ତି। ଏଥିସହିତ ସ୍ଥାନୀୟ ସମ୍ବଳକୁ ଠିକ୍ ଭାବେ ବ୍ୟବହାର କରିବାର କୌଶଳ ଜନସାଧାରଣଙ୍କୁ ଶିଖାଇବାରେ ତାଙ୍କ ସଙ୍ଗଠନ କାର୍ଯ୍ୟ କରୁଛି। ଏହିସବୁ ଜନହିତୈଷୀ କାର୍ଯ୍ୟ କରିବା ଦିଗରେ ତାଙ୍କୁ ୩୦ ଜଣ ସହଯୋଗ କରୁଛନ୍ତି। ଉତ୍ତରାଖଣ୍ଡର ୪୦ଟି ଗ୍ରାମରେ ସିଧାସଳଖ ପରିବେଶ ଅନୁକୂଳ କୌଶଳ ଓ ପ୍ରଯୁକ୍ତିକୁ ଉପଯୋଗ କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ହେସ୍‌କୋର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଅନିଲଙ୍କ ସାମଗ୍ରିକ ପରିବେଶ ସାମଗ୍ରୀଧର୍ମୀ କାର୍ଯ୍ୟକୁ ରାଜ୍ୟ ସରକାର ସରକାରୀ ନୀତିରେ ସନ୍ନିବେଶିତ କରିବା ତାଙ୍କ ପ୍ରତି ବଡ଼ ସମ୍ମାନ ଆଣିଦେଇଛି। ସେହିପରି ସେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଯଥା–ସମ୍ବଳଭିତ୍ତିକ ଗ୍ରାମୀଣ ବିକାଶ, ମହିଳା ପ୍ରଯୁକ୍ତି ପାର୍କ, ପର୍ବତ ପରିବେଶ ବ୍ୟବସ୍ଥାରେ ପ୍ରଯୁକ୍ତିର ବିନିଯୋଗ, ପାହାଡ଼ରେ ପରିବେଶ ସମ୍ବନ୍ଧୀୟ ଖାଦ୍ୟ ମିଶନ ଏବଂ ସ୍ୱୟଂନିଯୁକ୍ତି ଲାଗି ମହିଳାଙ୍କ ପଦକ୍ଷେପ ବା ୱିମେନ୍ସ ଇନିସିଏଟିଭ୍ ଫର୍ ସେଲ୍ଫ ଏମ୍ପ୍ଲଏମେଣ୍ଟ (ଡବ୍ଲ୍ୟୁଆଇଏସ୍‌ଇ) କରିବାରେ ସକ୍ଷମ ହୋଇଛନ୍ତି। ଏଥିସହିତ ଗ୍ରାମଗୁଡ଼ିକୁ ୱାଟର ମିଲ୍ ଯୋଗାଇବା, ଶୌଚାଳୟ ବସାଇବା, ଉଦ୍ଭିଦଜାତୀୟ କୀଟନାଶକ ଏବଂ ବର୍ଷାଜଳ ସଂରକ୍ଷଣର କୌଶଳ ଦର୍ଶାଇ ଚାଲିଛନ୍ତି।

ଅନିଲ ପଢ଼ିଥିବା ପାଠର ବ୍ୟବହାରିକ ଦିଗକୁ ଅନିଶା କରି ଲୋକଙ୍କ ଉନ୍ନତି ଦିଗରେ ନିଜକୁ ସାମିଲ କରିଦେଇଛନ୍ତି। ତାଙ୍କ ଦ୍ୱାରା ଲିଖିତ ପରିବେଶ ଉପଯୋଗୀ ୬୦ଟି ଲେଖା ଓ ୧୦ଟି ପୁସ୍ତକ ତାଙ୍କୁ ଅନ୍ତର୍ଜାତୀୟ ଖ୍ୟାତି ଆଣିଦେଇଛି। ଉଚ୍ଚଶିକ୍ଷିତ ହୋଇ କେବଳ ଜଣେ ଶିକ୍ଷକ ବା ଅଧ୍ୟାପକ ଭାବେ ଜୀବନରେ ବଞ୍ଚିବାକୁ ଚାହିଁଥିଲେ ହୁଏତ ଆରାମ ଜୀବନଟିଏ ଜିଇଥାଆନ୍ତେ। କିନ୍ତୁ ଏହାର ବହୁ ଉର୍ଦ୍ଧ୍ୱକୁ ଯାଇ ସେ ସାର୍ବଜନୀନ ମଙ୍ଗଳ ସକାଶେ ନେଇଥିବା ପଦକ୍ଷେପ ତାଙ୍କୁ ଅନ୍ୟତମ ପରିବେଶ ଦ୍ରଷ୍ଟା ସ୍ତରକୁ ଉନ୍ନୀତ କରିଛି।

**– ଜିତେନ୍ଦ୍ର କୁମାର ନାୟକ**

## ଚିରନ୍ତନୀ

ନ ଆସ ତହିଁ ନ ଦିଅ ଦେଖା
ବ୍ୟଥିତ ମୁହିଁ ଫେରଇଁ ଘରେ
ଅଭିମାନର ଲୋତକ ରାଶି
ନ ପଡେ ତଳେ ନୟନେ ମରେ।
(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସଂସ୍କାର ବଞ୍ଚାଇବା ପ୍ରୟାସ ହେଉ

ମହାଶୟ,

ସାଧାରଣତଃ ଜନ୍ମଦିନ ତିନି ପ୍ରକାରର ପାଳନ କରାଯାଉଛି। ପ୍ରଥମତଃ ଇଂରାଜୀ ମାସର ତାରିଖ, ଦ୍ୱିତୀୟତଃ ଓଡ଼ିଆ ମାସର ନକ୍ଷତ୍ର ଅନୁଯାୟୀ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଜନ୍ମ ମାସର ନକ୍ଷତ୍ର ଅନୁସାରେ ଜନ୍ମଦିନ ପାଳନ କରାଯିବା ଉଚିତ। ଜନ୍ମଦିନ ଭଳି ନୂଆବର୍ଷ ମଧ୍ୟ ଇଂରାଜୀ ବର୍ଷର ଆରମ୍ଭ ମାସର ପ୍ରଥମ ଦିନଟିକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ଏହା ସହ ଆମେ ଯଦି ଓଡ଼ିଆ ବର୍ଷର ନୂଆବର୍ଷର ପ୍ରଥମ ଦିନଟିକୁ ମହାବିଷୁବ ପଣା ସଂକ୍ରାନ୍ତି, ବୈଶାଖ ମାସର ପ୍ରଥମ ଦିନଟିକୁ ଖୁବ୍ ଆନନ୍ଦର ସହିତ ସ୍ୱାଗତ କରନ୍ତେ ତେବେ ଆମ୍ଭମାନଙ୍କର ଭବିଷ୍ୟତ ପିଢ଼ି ଆମ ପାଖରୁ କିଛି ଶିଖନ୍ତେ। ଓଡ଼ିଶାର ସଂସ୍କାରକୁ ବଞ୍ଚାଇବାରେ ଏହା ପ୍ରାଥମିକ ପ୍ରୟାସ ହୁଅନ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ସଂସାରରେ ଦିନ-ରାତି, ସୁଖ-ଦୁଃଖ, ହସ-କାନ୍ଦ, ଏଗୁଡ଼ିକ ଓତପ୍ରୋତ ଭାବେ ଜଡ଼ିତ। ୨୦୨୨ ବର୍ଷଟି ଭଲରେ କଟୁ ଓ ଖରାପ ପରିସ୍ଥିତି ପାଇଁ ଧୈର୍ଯ୍ୟ ଧରି ତାକୁ ପାରି କରିବାର ଶକ୍ତି ଓ ସାମର୍ଥ୍ୟ ବଢ଼ଠାକୁର ସମସ୍ତଙ୍କୁ ଦିଅନ୍ତୁ।

**– ଚକ୍ରଧର ରାଉତ, ଜମ୍ବୁ-ମାନସ ନିବାସ
ପଢୁଆଁପଦା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଡଟ୍‌ର ନୂଆ ନିୟମ ପାଳନ କରିବେ ଟେଲିକମ୍ କମ୍ପାନୀ**

ଦେଶର ସୁରକ୍ଷା ଓ ଆଇନ ଶୃଙ୍ଖଳାକୁ ଗୁରୁତ୍ୱଦେଇ ସରକାର ଏକ ନୂଆ ନିୟମ ଟେଲିକମ୍ ମନ୍ତ୍ରଣାଳୟ ଜରିଆରେ ଲାଗୁ କରିବାକୁ ଯୋଜନା କରିଛନ୍ତି। ଫଳରେ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ (ଡଟ୍) ବର୍ତ୍ତମାନ ମୋବାଇଲ କଲ୍ ରେକର୍ଡକୁ ଟେଲିକମ୍ କମ୍ପାନୀଗୁଡ଼ିକ ଦୁଇ ବର୍ଷ ପୂର୍ବରୁ ଡିଲିଟ୍ କରିପାରିବେ ନାହିଁ ବୋଲି ଅବଗତ କରାଇଛନ୍ତି। ପୂର୍ବରୁ ଟେଲିକମ୍ କମ୍ପାନୀଗୁଡ଼ିକ ଏକ ବର୍ଷ ପାଇଁ ଉପଭୋକ୍ତାଙ୍କ ବିଭିନ୍ନ ତଥ୍ୟ ନିଜ ପାଖରେ ଷ୍ଟୋର କରି ରଖୁଥିଲେ ବୋଲି କୁହାଯାଇଛି। ନିକଟରେ କେନ୍ଦ୍ର ସରକାର ଲାଇସେନ୍ସ ନିୟମରେ ସଂଶୋଧନ କରି ଏଭଳି ନିଷ୍ପତ୍ତି ନେଇଛନ୍ତି।

## ସଂକ୍ଷେପରେ

### ରାମରାଜ କଟନ ନାମରେ ମିଥ୍ୟା ଲିଙ୍କ୍

**ନୂଆଦିଲ୍ଲୀ,୨୫।୧୨:** ରାମରାଜ କଟନ କମ୍ପାନୀ ଭାରତର ଏକ ଅଗ୍ରଣୀ ଟେକ୍ସଟାଇଲ ପ୍ରତିଷ୍ଠାନ। ଏହା ଗତ ୩୮ ବର୍ଷ ହେବ ଦେଶବାସୀଙ୍କୁ ସେବା ଯୋଗାଇ ଆସୁଛି। ଗୁଣାତ୍ମକ ସାମଗ୍ରୀ ଯୋଗୁ ଗ୍ରାହକଙ୍କ ବିଶ୍ୱାସଭାଜନ ହୋଇପାରିଛି। ଏହାର ସୁନାମ ନଷ୍ଟ କରିବା ଉଦ୍ଦେଶ୍ୟରେ କେତେଜଣ ଖଳପ୍ରକୃତିର ଲୋକ ଗତ ଏକ ସପ୍ତାହରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କ ନିକଟକୁ ଡିଜିଟାଲ ଉପାୟରେ କମ୍ପାନୀ ବିରୋଧରେ ମିଥ୍ୟା ତଥ୍ୟ ପ୍ରେରଣ କରୁଛନ୍ତି। ଅଜଣା ନମ୍ବରରୁ ଏକ ଲିଙ୍କ୍ ରାମରାଜ କଟନ ନାମରେ ଗ୍ରାହକଙ୍କ ନିକଟକୁ ଖ୍ରୀଷ୍ଟମାସ୍ ଏବଂ ନୂଆବର୍ଷର ଆକର୍ଷଣୀୟ ଅଫର ଭାବେ ଅନ୍‌ଲାଇନ ଜରିଆରେ ହ୍ୱାଟ୍ସଆପ୍ ଲିଙ୍କ୍ ଦେଇ ଗ୍ରାହକଙ୍କୁ ପ୍ରବର୍ତ୍ତାଉଛନ୍ତି। ସେହିଭଳି ୨୦ହଜାର ଟଙ୍କାର ସୁବିଧା ପାଇପାରିବେ ବୋଲି ଉକ୍ତ ଲିଙ୍କ୍‌ରେ ସୂଚନା ଦିଆଯାଇଛି। ଏଭଳି ତଥ୍ୟ ଯଦି ଗ୍ରାହକଙ୍କ ନିକଟକୁ ଆସୁଛି ତେବେ ଉକ୍ତ ଲିଙ୍କ୍ ନ ଖୋଲିବା ସହ ସେହି ମେସେଜକୁ ମଧ ଅନ୍ୟ କାହାକୁ ପଠାନ୍ତୁ ନାହିଁ। ଏହି ଘଟଣାକୁ କମ୍ପାନୀ ଗୁରୁତ୍ୱର ସହ ଗ୍ରହଣକରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। କମ୍ପାନୀ ପକ୍ଷରୁ କାହାକୁ ଏଭଳି ଲିଙ୍କ୍ ପଠାଯାଉ ନାହିଁ ବୋଲି ରାମରାଜର ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ୟୁବିଆଇର ଶାଖା ପରିସର ଓ ଏଟିଏମ୍ କକ୍ଷ ଉଦ୍‌ଘାଟିତ

**ଭୁବନେଶ୍ୱର,୨୫।୧୨:** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ଆଇଗିଣିଆ-ପାତ୍ରପଡ଼ା ଶାଖାର ନୂତନ ପରିସର ଓ ଏଟିଏମ୍ କକ୍ଷକୁ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ବିଶ୍ୱାଳ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ଶୋଭନ ସେନ୍‌ଗୁପ୍ତା, ଶାଖା ପ୍ରବନ୍ଧକ ଜୟଦେବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ ଭୁବନେଶ୍ୱର ସହର ଶାଖାଗୁଡ଼ିକର ଶାଖା ପ୍ରବନ୍ଧକ ଏବଂ ଶାଖାର କର୍ମଚାରୀ ଓ ଗ୍ରାହକମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଗୁଗଲକୁ ପଛରେ ପକାଇଲା ଟିକ୍‌ଟକ୍

**ନୂଆଦିଲ୍ଲୀ,୨୫।୧୨**



ବିଶ୍ୱର ଅଗ୍ରଣୀ ଆଇଟି ସେବା ପ୍ରଦାନକାରୀ ୱେବ୍‌ସାଇଟ ଗୁଗଲକୁ ପଛରେ ପକାଇ ୧ନମ୍ବର ସ୍ଥାନରେ ପହଞ୍ଚିଛି ଚାଇନାର ଟିକ୍‌ଟକ୍ । ୨୦୨୧ରେ ବିଶ୍ୱର ସର୍ବାଧିକ ଲୋକ ଟିକ୍‌ଟକ୍‌କୁ ଦେଖିଛନ୍ତି। ଏହା ବିଶ୍ୱର ସବୁଠାରୁ ଲୋକପ୍ରିୟ ଇଣ୍ଟରନେଟ ସାଇଟ୍‌ରେ ପରିଣତ ହୋଇଛି ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ଆଇଟି ସିକ୍ୟୁରିଟି କମ୍ପାନୀ କ୍ଲାଉଡ୍‌ଫ୍ଲେରର ଏକ ରିପୋର୍ଟରୁ ଏହା ଜଣାପଡିଛି। ଉକ୍ତ ରିପୋର୍ଟ ଅନୁସାରେ ୨୦୨୧ ଫେବୃୟାରୀ, ମାର୍ଚ୍ଚ ଓ ଜୁନ୍‌ରେ ଗୁଗଲ ତୁଳନାରେ ଅଧିକ ଲୋକ ଟିକ୍‌ଟକ୍ ସାଇଟ୍ ଦେଖିଥିଲେ। ସେହିପରି ଗତ ଅଗଷ୍ଟଠାରୁ କ୍ରମାଗତ ଭାବେ ଟିକ୍‌ଟକ୍ ୧ମ ଓ ୨ୟ ସ୍ଥାନରେ ରହି ଆସୁଥିଲା ବୋଲି ସୂଚନା ମିଳିଛି। ସେହିଭଳି ୨୦୨୦ ପର୍ଯ୍ୟନ୍ତ ଗୁଗଲକୁ ବିଶ୍ୱର ସବୁଠାରୁ ଲୋକପ୍ରିୟ ଇଣ୍ଟରନେଟ ସାଇଟ ଭାବେ ଗଣନା କରାଯାଉଥିଲା। ସେହିପରି ଟିକ୍‌ଟକ୍, ଆମାଜନ, ଆପଲ, ଫେସ୍‌ବୁକ୍, ମାଇକ୍ରୋସଫ୍ଟ, ନେଟ୍‌ଫ୍ଲିକ୍ସ ପରି ଆଗ ଧାଡ଼ିର ୱେବ୍‌ସାଇଟ୍ ତଳକୁ ତଳ ଟପ୍ ୧୦ ମଧ୍ୟରେ ଗଣନା ହୋଇଥିଲେ। କୋଭିଡ୍ ସଂକ୍ରମଣ ପରଠାରୁ ଟିକ୍‌ଟକ୍‌ର ଲୋକପ୍ରିୟତା ଧୀରେ ଧୀରେ ବୃଦ୍ଧି ପାଇବା ସହ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ସ୍ଥାନ ହାସଲ କରି ଚାଲିଥିଲା ବୋଲି ଉକ୍ତ ରିପୋର୍ଟରେ ପ୍ରକାଶ କରାଯାଇଛି। କୋଭିଡ୍ ସଂକ୍ରମଣ ଯୋଗୁ ସାରା ବିଶ୍ୱରେ ଭୟର ବାତାବରଣ ଦେଖା ଦେଇଥିଲା। ୨୦୨୦ ପ୍ରଥମରୁ ବିଭିନ୍ନ ଦେଶରେ ଲକ୍‌ଡାଉନ ଭଳି କଟକଣା ଲଗାଯାଇଥିଲା। ସରକାରଙ୍କ ଗାଇଡ୍‌ଲାଇନ ଯୋଗୁ ଲୋକମାନେ ଘରେ ରହିବା ପରେ ଟିକ୍‌ଟକ୍ ସବୁ ବର୍ଗଙ୍କ ପାଇଁ ମନୋରଞ୍ଜନ ସହ ସମୟ ଅତିବାହିତ କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟି ଯାଇଥିଲା। ବିଶେଷକରି ଟିକ୍‌ଟକ୍ ଜରିଆରେ ବିଭିନ୍ନ ବର୍ଗର ଲୋକ ମଜାଦାର ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ପ୍ରଶଂସା ସହ ନିଜର ପ୍ରତିଭା ମଧ ପ୍ରଦର୍ଶନ କରୁଥିଲେ। ଭାରତରେ ମଧ ଏହାର ଚାହିଦା ବେଶ୍ ଭଲ ରହିଥିଲା। ଦେଶର ନୀତିନିୟମ ଉଲ୍ଲଂଘନ ସାଙ୍ଗକୁ ଆଇନଶୃଙ୍ଖଳା ପରିସ୍ଥିତି ଭଳି ଭିଡିଓ ଏହା ଜରିଆରେ ଜାରି କରାଗଲା। ଫଳରେ ଗତବର୍ଷଠାରୁ ସରକାର ଉକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ଭାରତରେ ଟିକ୍‌ଟକ୍‌କୁ ନିଷିଦ୍ଧ କରାଯାଇଛି। ସେହିପରି ଗଲ୍‌ୱାନଠାରେ ଭାରତ ଓ ଚାଇନା ସେନା ମଧ୍ୟରେ ସଂଘର୍ଷ ପରେ ଭାରତ ସରକାର ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

## ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ଖ୍ରୀଷ୍ଟମାସ୍



**କଟକ,୨୫।୧୨**

ବଡ଼ଦିନ ବା ଖ୍ରୀଷ୍ଟମାସ୍‌କୁ କୋଭିଡ୍ କଟକଣା ମଧ୍ୟରେ କଟକ ଜଗତପୁରସ୍ଥିତ ସଦ୍‌ଗୁରୁ ହସ୍ପିଟାଲ ପରିସରରେ ପାଳିତ ହୋଇଯାଇଛି। ହସ୍ପିଟାଲର ସମସ୍ତ ଡାକ୍ତର ଓ ନର୍ସଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ସହ ଖ୍ରୀଷ୍ଟମାସ୍ କେକ୍ କଟାଯାଇଥିଲା। ଏହି ପରିପ୍ରେକ୍ଷୀରେ ହସ୍ପିଟାଲ ପରିସରରେ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ ଏକ ଖ୍ରୀଷ୍ଟମାସ ଟ୍ରିକୁ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି ଉନ୍ମୋଚନ କରିଥିଲେ। ଏହାର ନିର୍ଦ୍ଦେଶିକା ଡାକ୍ତର ସମୀତା ମହାନ୍ତି, ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତି, କମ୍ୟୁନିକେଶନ ନିର୍ଦ୍ଦେଶକ ନୋବିନା ବୋଥାକୁ ମହାନ୍ତିଙ୍କ ସମେତ ହସ୍ପିଟାଲର ସମସ୍ତ ଡାକ୍ତର, ନର୍ସ ଓ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଉପସ୍ଥିତି ରହିଥିଲେ।

## ସରକାରଙ୍କ ହସ୍ତକ୍ଷେପ ଫଳରେ ଖାଇବାତେଲ ଦର କମିଛି

**ବେଙ୍ଗାଲୁରୁ,୨୫।୧୨**

ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ଉତ୍ପାଦନ ଓ ଆମଦାନୀରେ ଅନେକ ସମସ୍ୟା କାରଣରୁ ଖାଇବାତେଲର ଦର ଅନେକାଂଶରେ ବୃଦ୍ଧି ପାଇଥିଲା। ଫଳରେ ଖାଉଟି ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଭଳି ପରିସ୍ଥିତିରେ ସରକାର ମଧ ଏହାକୁ ଗୁରୁତ୍ୱ ସହ ଗ୍ରହଣକରି ଦର ହ୍ରାସ ବିଷୟରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ। ଫଳରେ ଗତ କିଛି ମାସ ହେବ ଖାଇବାତେଲର ଦର ଧୀରେ ଧୀରେ ହ୍ରାସ ପାଇଛି। ଅନ୍ତର୍ଜାତୀୟ ବଜାରରେ ଦର ଉଚ୍ଚା ଥିଲେ ମଧ ସରକାରଙ୍କ ପକ୍ଷରୁ ସର୍ବନିମ୍ନ ଆମଦାନୀ ଶୁଳ୍କ ଲାଗୁ ଯୋଗୁ ଏହା ସମ୍ଭବ ହୋଇପାରିଛି। ସେହିପରି ଗତ ବର୍ଷ ସୂର୍ଯ୍ୟମୁଖୀ ତେଲ ଉପରେ ଆମଦାନୀ ହୋଇଥିବା ଅଶୋଧିତ ସୂର୍ଯ୍ୟମୁଖୀ ତେଲର ଅଧିକ ମୂଲ୍ୟ, ଉତ୍ପାଦନ ଏବଂ ପରିବହନ ଖର୍ଚ୍ଚ ବଢ଼ିବା ସହ କମ୍ ଉତ୍ପାଦନରେ ବୃଦ୍ଧି ଘଟିଛି। ଅଶୋଧିତ ସୂର୍ଯ୍ୟମୁଖୀ ତେଲ ଉପରେ ଶୁଳ୍କ ହ୍ରାସ ସହିତ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ସୂର୍ଯ୍ୟମୁଖୀ ତେଲର ମୂଲ୍ୟ ହ୍ରାସ ଘଟିବାରେ ବେଶ୍ ସହାୟକ ହୋଇଛି। ଏ ସମ୍ପର୍କରେ ଫ୍ରିଡମ୍ ହେଲ୍‌ଥ କୁକିଙ୍ଗ୍ ଅଏଲର ବରିଷ୍ଠ ଉପସଭାପତି (ମାର୍କେଟିଂ ଓ ସେଲ୍‌ସ) ପି. ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି, ଅଧିକାଂଶ ସୂର୍ଯ୍ୟମୁଖୀ ତେଲ ବିଶେଷକରି ପ୍ରାୟ ୭୦% ଉପଯୋଗ ଦକ୍ଷିଣ ଭାରତ ଏବଂ ଓଡ଼ିଶାରେ ହୋଇଥାଏ। ସୂର୍ଯ୍ୟମୁଖୀ ତେଲ ମୁଖ୍ୟତଃ ୟୁକ୍ରେନ ଏବଂ ରୁଷିଆରୁ ଆମଦାନୀ କରାଯାଏ। ସେହିପରି ଏହା କମ୍ପାନୀର କାକିନାଡ଼ା ଏବଂ କୃଷ୍ଣପାଟନମ୍‌ଠାରେ ଅତ୍ୟାଧୁନିକ ରିଫାଇନେରିରେ ବିଶୋଧନ କରାଯାଏ।

## ନାସା ଆଇଏଏସ୍‌ପିରେ ଏଲ୍‌ପିୟୁ ଛାତ୍ରୀ ଜାହ୍ନବୀ

**ଜଳନ୍ଧର,୨୫।୧୨**



ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଲଭ୍‌ଲି ପ୍ରୋଫେସନାଲ ୟୁନିଭର୍ସିଟି (ଏଲ୍‌ପିୟୁ)ର ବିଟେକ୍ (ଇସିଇ) ୨ୟ ବର୍ଷ ଛାତ୍ରୀ ଜାହ୍ନବୀ ଡାଙ୍ଗେଟି ବିଶ୍ୱବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି। ସେ ପ୍ରଥମ ଭାରତୀୟ ଛାତ୍ରୀ ଭାବେ ନାସା ଅଧୀନ ଇଣ୍ଟରନ୍ୟାଶନାଲ ଏୟାର ଆଣ୍ଡ ସ୍ପେସ୍ ପ୍ରୋଗ୍ରାମ (ଆଇଏଏସ୍‌ପି)କୁ ଯିବା ପାଇଁ ମନୋନୀତ ହୋଇଛନ୍ତି। ନାସାର ପରୀକ୍ଷଣ ସ୍ଥଳ ଆଲବାମ (ୟୁଏସ୍‌ଏ)ର କେନେଡି ସ୍ପେସ୍ ସେଣ୍ଟରକୁ ଯାଇ ସେଠାରୁ ଜ୍ଞାନ ଆରୋହଣ କାର୍ଯ୍ୟକ୍ରମରେ ସାମିଲ ହେବା ଯୋଜନା ରହିଛି। ଏଭଳି ଏକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ପାଇଁ ସାରା ବିଶ୍ୱରୁ ଆଇଏଏସ୍‌ପି ମୋଟ ୨୦ଜଣ କୃତୀ ବିଦ୍ୟାର୍ଥୀଙ୍କୁ ଚୟନ କରିଥିବା ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶରେ ଜନ୍ମିତ ଜାହ୍ନବୀ ପ୍ରଥମ ଭାରତୀୟ ତଥା ଭାରତୀୟ ଛାତ୍ରୀ ଭାବେ ଏହି ସୁନାମ ଅର୍ଜନ କରିଛନ୍ତି। ଏହି ଅବସରରେ ସେ କେନେଡି ସ୍ପେସ୍ ସେଣ୍ଟର ଆଲବାମରେ ରହି ଅନ୍ତରୀକ୍ଷ ଯାତ୍ରା ସମ୍ପର୍କିତ ବିଶେଷ ଜ୍ଞାନ ଆରୋହଣ ସାଙ୍ଗକୁ ଆବଶ୍ୟକ ବିଷୟବସ୍ତୁ ଉପରେ ମଧ ଶିକ୍ଷାପ୍ରାପ୍ତ କରିବେ ବୋଲି ଜଣାପଡ଼ିଛି। କଠିନ ପରିଶ୍ରମ ସାଙ୍ଗକୁ ଏଲ୍‌ପିୟୁର ସହଯୋଗ ଓ ଏହାର ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଜାହ୍ନବୀ ନାସାର ଉକ୍ତ ପରୀକ୍ଷାରେ ଦକ୍ଷତା ପ୍ରଦର୍ଶନ କରି ସଫଳତା ହାସଲ କରିଥିଲେ। ଏହି ପରିପ୍ରେକ୍ଷୀରେ ଜାହ୍ନବୀଙ୍କୁ ଟିମ୍ କେନେଡିର ମିଶନ ଡାଇରେକ୍ଟର ଭାବେ ନିଯୁକ୍ତ କରାଯାଇଛି। ତାଙ୍କର ଏହି ସଫଳତା ସମ୍ପର୍କରେ ଏଲ୍‌ପିୟୁର କୁଳପତି ଅଶୋକ ମିତ୍ତଲ କହିଛନ୍ତି, ସେ ଆମ ପାଇଁ ଯେତିକି ଗର୍ବ ଭାରତ ପାଇଁ ମଧ ଗୌରବ ଲାଭ କରିଛନ୍ତି। ବିଶ୍ୱବିଦ୍ୟାଳୟର ଶିକ୍ଷକଙ୍କ ସହଯୋଗ ସହ ତାଙ୍କ କଠିନ ପରିଶ୍ରମର ଫଳ ମିଳିଛି। ସେ କଳ୍ପନା ଚାୱାଲା ଓ ସୁନିତା ଉଇଲିୟମ୍ସଙ୍କ ଭଳି ହେବାକୁ ଚେଷ୍ଟା ଜାରି ରଖିଛନ୍ତି। ସେ ତାଙ୍କ ଲକ୍ଷ୍ୟପଥରେ ସଫଳ ହୁଅନ୍ତୁ ବୋଲି ଏଲ୍‌ପିୟୁ ପରିବାର ପକ୍ଷରୁ କାମନା କରାଯାଉଛି ବୋଲି ମିତ୍ତଲ କହିଛନ୍ତି।

## ଏଫ୍‌ସିଆଇ ପକ୍ଷରୁ ବିବିଧ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୫।୧୨**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉତ୍ସବର 'ଆଜାଦୀ କି ଅମୃତ ମହୋତ୍ସବ' ସାରା ଦେଶରେ ପାଳନ କରାଯାଉଛି। ମହୋତ୍ସବର ୪୧ତମ ସପ୍ତାହ ଉପଲକ୍ଷେ ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଫ୍‌ସିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ବିବିଧ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓଡ଼ିଶାର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ କାର୍ଯ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା। ସ୍ଥାନୀୟ ଶ୍ୟାମପ୍ରସାଦ ମୁଖାର୍ଜୀ ପାର୍କରେ ପରିବେଶ ପରିଷ୍କାରଭିତ୍ତିକ (ସ୍ୱଚ୍ଛ ଭାରତ) କାର୍ଯ୍ୟକ୍ରମ କରାଯାଇଥିଲା। ଏଫ୍‌ସିଆଇର ଆଞ୍ଚଳିକ କାର୍ଯ୍ୟାଳୟ ଓ ଡିଭିଜନ କାର୍ଯ୍ୟାଳୟ ଭୁବନେଶ୍ୱରର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଫୁରସତ୍**

# ଦେଶରେ ଛପାଯାଇଥିଲା ଶୂନ ଟଙ୍କିଆ ନୋଟ୍

ପ୍ରାୟ ଅଧିକାଂଶ ଲୋକ ୧ ଟଙ୍କାରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ନୋଟ ଦେଖିଥିବେ। ଆମର ଆବଶ୍ୟକତା ପୂରଣ କରିବା ପାଇଁ ଆମେ ସମସ୍ତେ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ମୁଦ୍ରିତ ଏହି ନୋଟଗୁଡ଼ିକୁ ବ୍ୟବହାର କରିଥାଉ। କିନ୍ତୁ ଏପରି ଏକ ନୋଟ ବିଷୟରେ ଏବେ ଜାଣିବ ଯାହା ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ। ପ୍ରାୟ ଅଧିକାଂଶ ଲୋକ ଜାଣି ନ ଥିବେ ଯେ ଭାରତରେ ଶୂନ ଟଙ୍କିଆ ନୋଟ ମଧ ଛପା ଯାଇଥିଲା। ତେବେ ଜାଣନ୍ତୁ ଏହା ପଛରେ ଥିବା କାହାଣୀ ସମ୍ପର୍କରେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଫଟୋ ଥିବା ଏକ ଶୂନ ଟଙ୍କା ଛପାଯାଇଥିଲା। ଏହା ଦେଖିବାକୁ ଅନ୍ୟ ନୋଟ ପରି। କିନ୍ତୁ ବର୍ତ୍ତମାନ ମନରେ ପ୍ରଶ୍ନ ଉଠିପାରେ ଯେ, ଶୂନ ଟଙ୍କିଆ ନୋଟ ଛପାହେବାର କ'ଣ ଆବଶ୍ୟକତା ଥିଲା। ଏହି ନୋଟ ସହିତ କ'ଣ ହେବ। ବାସ୍ତବରେ ଆର୍‌ବିଆଇ ଏହି ନୋଟଗୁଡ଼ିକୁ ମୁଦ୍ରଣ କରିନାହିଁ। ଦୁର୍ନୀତି ବିରୋଧରେ ଅଭିଯାନର ଏକ ଅଂଶ ଭାବରେ ଏହି ନୋଟ ଛପା ଯାଇଥିଲା। ଏହି ଶୂନ ଟଙ୍କିଆ ନୋଟ ଛାପିବା ପାଇଁ ଧାରଣା ଦକ୍ଷିଣ ଭାରତର ଏକ ଏନ୍‌ଜିଓ ଆସିଥିଲା। ୨୦୦୭ ମସିହାରେ, ଏହି ନୋଟ ଦୁର୍ନୀତି ବିରୋଧରେ ଅସ୍ତ୍ର ଭାବରେ ଆରମ୍ଭ ହୋଇଥିଲା। ତାମିଲନାଡୁରେ କାର୍ଯ୍ୟ କରୁଥିବା ଏହି ଏନ୍‌ଜିଓ ପ୍ରାୟ ୫ ଲକ୍ଷ ଟଙ୍କା ଏବଂ ଶୂନ ନୋଟ୍ ଛାପିଥିଲା। ଏହି ନୋଟଗୁଡ଼ିକ ହିନ୍ଦୀ, ତେଲୁଗୁ, କନ୍ନଡ଼ ଏବଂ ମାଲାୟାଲମ ଭାଷାରେ ଛପା ଯାଇ ଲୋକମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଦୁର୍ନୀତି ବିରୋଧରେ ଏହି ନୋଟରେ ଅନେକ ବାର୍ତ୍ତା ଲେଖାଯାଇଥିଲା। ଏହି ନୋଟ୍‌ଗୁଡ଼ିକରେ ଲେଖା ଯାଇଥିଲା, 'ଦୁର୍ନୀତି ଶେଷ, ଯଦି କେହି ଲାଞ୍ଚ ମାଗନ୍ତି, ତେବେ ଏହି ନୋଟ ଦିଅନ୍ତୁ ଏବଂ ଆମକୁ ଏହି ବିଷୟରେ ଅବଗତ କରାନ୍ତୁ। ଏହି ନୋଟ୍‌ରେ ଗାନ୍ଧିଜୀଙ୍କ ଫଟୋ ସହ ଏନ୍‌ଜିଓର ଫୋନ ନମ୍ବର ଏବଂ ଇମେଲ ଆଇଡି ମଧ ଦିଆଯାଇଛି। ଏନ୍‌ଜିଓ ନିଜେ ଏହି ଶୂନ ଟଙ୍କିଆ ନୋଟ ତିଆରି କରି ଲାଞ୍ଚ ମାଗୁଥିବା ଲୋକଙ୍କୁ ଦେଉଥଲା। ଶୂନ ଟଙ୍କା ନୋଟ ଦୁର୍ନୀତି ବିରୋଧରେ ଏକ ପ୍ରତୀକ।




**ଦୁର୍ନୀତିଖୋରଙ୍କୁ ଦିଆଯାଉଥିଲା ଶୂନ ନୋଟ୍**

## ଅନ୍ତଃବସ୍ତ୍ର ଚୋରି କରିଥିଲା ବିଲେଇ

ଗୋଟିଏ ବିଲେଇ ଯେ କୁଖ୍ୟାତ ଚୋର ଏହା ଜାଣିଲେ ଆଶ୍ଚର୍ଯ୍ୟ ଲାଗିପାରେ। ପୂର୍ବରୁ ମହିଳାମାନଙ୍କ ଅନ୍ତଃବସ୍ତ୍ର ଚୋରି କରୁଥିବା ଏହି ବିଲେଇ ଏବେ ଆଉ କିଛି କାରନାମା କରିଛି। ବିଲେଇଟି ନ୍ୟୁଜିଲାଣ୍ଡର ଖ୍ରୀଷ୍ଟ ଚର୍ଚ୍ଚରେ ରହେ। ଏହା ପଡ଼ୋଶୀମାନଙ୍କ ଜିନିଷ ଚୋରି କରିଥାଏ। ଗତ ୩ ବର୍ଷ ଧରି ଏପରି ଚୋରି କରିଆସୁଛି। ଏବେ ବିଲେଇଟି ବ୍ରାଉନସୁଗାର ଥିବା ଏକ ବ୍ୟାଗ୍‌କୁ ଚୋରି କରି ନେଇଛି। ବିଲେଇର ମାଲିକ ଗିନ୍ନି ଏବଂ ଡେଭିଡ କହିଛନ୍ତି, ବିଗତ ଦିନରେ ଚର୍ଚ୍ଚରୁ କିଛି ଜିନିଷ ଚୋରି କରିଥିଲା। ଏଥିରେ କିଛି ପୋଷାକ, ଜୋତା ଆଦି ରହିଥିଲା। ଏକ ରିପୋର୍ଟ ଅନୁଯାୟୀ, ଜଣେ ସ୍ଥାନୀୟ ପୋଲିସ ଅଧିକାରୀ କହିଛନ୍ତି, ବିଲେଇ ଏଥର ବଡ଼ ଅପରାଧୀ ପରି ଚୋରି କରିଛି। ଯାହାକି ତାଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଥର ବିଲେଇ ବ୍ରାଉନ ସୁଗାର ଚୋରି କରିଛି। କିପରି ଏବଂ କେଉଁଠୁ ବ୍ରାଉନ ସୁଗାର ଆସିଲା ଓ ତାହା ବିଲେଇ ନିକଟରେ କେମିତି ପଡ଼ିଲା ତାହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ଶୁଟିଂ ଆରମ୍ଭ କଲେ କ୍ୟାଟ୍ରିନା



**ମୁମ୍ବାଇ:** ଖ୍ରୀଷ୍ଟମାସରେ ନୂଆ ସିନେମାର ଶୁଟିଂ ଆରମ୍ଭ କଲେ କ୍ୟାଟ୍ରିନା। ଭିକି କୌଶଲଙ୍କୁ ବିବାହ କରିବା ପରେ କ୍ୟାଟ୍ ଏବେ ପୁଣି ଥରେ ଚଳଚ୍ଚିତ୍ର ଦୁନିଆକୁ ଫେରିଆସିଛନ୍ତି। ଆଗରୁ କ୍ୟାଟ୍ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ତାଙ୍କ ନୂଆ ସିନେମା ବାବଦରେ ସୂଚନା ଦେଇଛନ୍ତି। ଶ୍ରୀରାମ ରାଘବନ୍‌ଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ମେରି କ୍ରିସ୍‌ମସ୍'ରେ କାମ କରିବାକୁ ସୁଯୋଗ ପାଇଥିବାରୁ ସେ ବହୁତ ଖୁସି ହୋଇଛନ୍ତି। ଏଥିରେ ସେ ସାଉଥ ସୁପରଷ୍ଟାର ବିଜୟ ସେତୁପଥୀଙ୍କ ସହ ପ୍ରଥମ ଥର ପାଇଁ ଷ୍ଟେଜ ସେୟାର କରିବେ। ସବୁବେଳେ ଶ୍ରୀରାମ ରାଘବନ୍‌ଙ୍କ ସହ କାମ କରିବାକୁ ଇଚ୍ଛା ଥିଲା। ଏବେ ତାଙ୍କ ସହ କାମ କରିବାକୁ ସେ ବହୁତ ଉତ୍ସାହିତ ଥିବା କହିଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



ଶୁଭ

**ଧନଞ୍ଜୟ ବାରିକ**

ତୋର ଜନ୍ମଦିନ ଅବସରରେ ଜଗନ୍ନାଥଙ୍କ ଆଶୀର୍ବାଦ ଓ ଛୋଟ ମାନଙ୍କ ଶୁଭେଚ୍ଛା ରହିଛି।

—:ଶୁଭେଚ୍ଛା ସହ:—

ତୋର ବାପା, ବୋଉ, ବଡ଼ବାପା, ବଡ଼ବୋଉ, ଜେଜେମାଁ, ଜେଜେବାପା ଓ ଭାଇ, ଭଉଣୀ ।

ଧ-୫୩୨୨୯

**ଜନ୍ମଦିନ ଶୁଭେଚ୍ଛା**



**ରୁଦ୍ର ନାରାୟଣ ସାହୁ (ଲିଙ୍କୁନ୍)**

ଯୋରନ୍ଦା, ଢେଙ୍କାନାଳ

ତୋର ଚଲାପଥ କୁସୁମିତ ହେଉ। ଭଗବାନ୍ ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ: ବାପା, ମା, ଜେଜେ, ଜେଜେମା, ଆଈ, ଅଜା, ମାମୁ, ମାଉସୀ, ମଉସା, ନାନୀ, ଭାଇ, ଦାଦା, ଖୁଡୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୭୦୩୭୪

**ମନେ ପଡ଼ନ୍ତି**

**ନବମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ନୀଳିମା ଜେନା**

ଜନ୍ମ: ୦୪।୦୨।୧୯୬୯
ସ୍ୱର୍ଗାରୋହଣ: ୦୪।୦୧।୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)

ଯେତେ ବର୍ଷ ବିତୁଛି, ସେତେ ବେଶି ମନେ ପଡୁଛ। ଜୀବନ ସାରା ମନେ ପଡୁଥିବ ତୁମର ସ୍ନେହ ଏବଂ ଅବଦାନ ।

ତୁମର: ସ୍ୱାମୀ: ମାନଗୋବିନ୍ଦ, ପୁଅ: ବାପ୍‌ଲୁ ।

ଧ-୨୨୬୫୩

**ଶ୍ରଦ୍ଧାଞ୍ଜଳି**



**୰ବ୍ରଜ କିଶୋର ସାମଲ**

ସ୍ଥାନ: ଯାଜପୁର, ଆରୁହା
ଆବିର୍ଭାବ: ୦୬।୦୨।୧୯୨୭
(ବସନ୍ତ ପଞ୍ଚମୀ)
ତିରୋଧାନ: ୧୬।୧୨।୨୦୨୧

ଚାଲୁ ଚାଲୁ ତୁମେ ଧକି ପଡ଼ିଲକି,
ନୀରବେ ପଡ଼ିଲ ଶୋଇ।
ବାହୁନୀ ବାହୁନୀ ଖୋଜୁଛି ଏ ମନ,
ଆଉ କି ଫେରିବ ନାହିଁ।
ନିଶବ୍ଦ ସହରେ ଚାଲିଗଲ ବାପା
ଜହ୍ନ ରାଇଜରେ ଯାଇ।
ଯେତେ ଖୋଜିଲେବି ପାଉନାହୁଁ ଆମେ,
ନିରେଖି ନିରେଖି ଚାହିଁ ।

ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।

ଧ-୨୨୬୬୫

**୧୪ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ରତ୍ନପ୍ରଭା ଧଳ**
**ସ୍ୱାମୀ: ସୁଧାକର ଧଳ**

ଜଗନ୍ନାଥ ରୋଡ୍, ଢେଙ୍କାନାଳ

ତୁମ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ଆପଣଙ୍କର ଭାଇ, ଭାଉଜ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।

ଧ-୭୦୩୭୩



## ବିବାଦରେ ବେବି ଡଲ୍

**ମୁମ୍ବାଇ:** ଦର୍ଶକଙ୍କୁ ଏ ବର୍ଷର ଶେଷ ଭେଟି ଦେଇଛନ୍ତି ବଲିଉଡ୍ ବେବି ଡଲ୍ ସନି ଲିଓନି। ୩ ଦିନ ଆଗରୁ ରିଲିଜ ହୋଇଥିବା ସନିଙ୍କ ଏକ ଗୀତ 'ମଧୁବନ୍ ମେ ରାଧିକା ନାଚେ' ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଲୋକପ୍ରିୟ ଗାୟିକା କନିକା କପୁର ଏବଂ ସନିଙ୍କ ଯୋଡିକୁ ଏହି ଗୀତରେ ଦେଖିବାକୁ ମିଳିଛି। ସନି ଦର୍ଶକଙ୍କୁ ତାଙ୍କର ହଟ୍ ଲୁକ୍ ଦେଇଛନ୍ତି। ଏ ଗୀତର ଏତେ ଲୋକପ୍ରିୟତା ଦେଖି ସନି କହିଛନ୍ତି, ମୁଁ ଭାଗ୍ୟଶାଳୀ କି ଦର୍ଶକ ମୋର ସବୁ ଗୀତକୁ ପସନ୍ଦ କରୁଛନ୍ତି। କିନ୍ତୁ ଏହି ନୂଆ ଆଲବମ୍ ଗୀତକୁ ନେଇ ସନି ଅଡୁଆରେ ମଧ ପଡ଼ିଛନ୍ତି। ସନି ଏଥିରେ ଅଶ୍ଳୀଳ ଢଙ୍ଗରେ ନୃତ୍ୟ କରିଥିବା ମଥୁରାର ସାଧୁସନ୍ଥମାନେ ଅଭିଯୋଗ କରିଛନ୍ତି। ଏଥିସହ ଏହି ଆଲବମ୍ ଉପରେ ରୋକ ଲଗାଇବାକୁ ମଧ ସେମାନେ ଦାବି କରିଛନ୍ତି। ୧୯୯୦ରେ ଫିଲ୍ମ କୋହିନୂରର ଏହି ଗୀତକୁ ମହମ୍ମଦ ରଫି ଗାଇଥିଲେ।

**CLASSIFIED DISPLAY**

ALL EDITION - B/W (Everyday)

for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Very good news for who buy gold ornaments for marriage. If you buy more than 250 gram one time your gold rate will be Rs.42000/- for 10 gram, only for 7 days. Please come in time.

**HINDUSTAN JEWELLERS**
BAPUJINAGAR
BOMIKHAL
DHENKANAL

**BALAJI FINANCE**
(Reg. No. 0061)

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।

2% ସୁଧ ଏବଂ 40% ଛାଡ

ମହିଳା, ଛାତ୍ର/ଛାତ୍ରୀ, ଫୌଜି ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାରୁଲ ପରମାରଙ୍କୁ ସ୍ୱର୍ଣ୍ଣ

## ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ଭୁବନେଶ୍ୱର,୨୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଚାଲିଥିବା ଚତୁର୍ଥ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ବିଶ୍ୱର ୧ ନମ୍ବର ଏସ୍‌ଏଲ୍‌୩ ପାରା ବ୍ୟାଡମିଣ୍ଟନ ଖେଳାଳି ପାରୁଲ ପରମାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପାରୁଲ ୧୯-୨୧, ୨୧-୧୭, ୨୧-୧୦ରେ ଉତ୍ତରାଖଣ୍ଡର ମନଦୀପ କୌରଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଛନ୍ତି। ମନଦୀପ ରୌପ୍ୟ ଓ ମାନସୀ ଜୋଶୀ ବ୍ରୋଞ୍ଜ ଜିତିଥିଲେ।

ସେହିପରି ମହିଳା ହ୍ୱିଲ ଚେୟାର ୧ କାଟାଗୋରୀରେ କେରଳର ଆଲ୍‌ଫା ଜେମ୍ସ ସ୍ୱର୍ଣ୍ଣ, ଉତ୍ତରାଖଣ୍ଡର ନୀରଜ ଗୋଏଲ ରୌପ୍ୟ, ଉତ୍ତରାଖଣ୍ଡର ନିର୍ମଳ ମେହେଟା ଓ ଉତ୍ତରପ୍ରଦେଶର ରଞ୍ଜିତ ମୌର୍ଯ୍ୟ ବ୍ରୋଞ୍ଜ ହାସଲ କରିଛନ୍ତି। ମହିଳା ହ୍ୱିଲଚେୟାର ୨ ବର୍ଗରେ କର୍ନାଟକର ଅମ୍ମୁ ମୋହନ ସ୍ୱର୍ଣ୍ଣ, ପଞ୍ଜାବର ଶାବାନା ରୌପ୍ୟ ହାସଲ କରିଥିବା ବେଳେ ପ୍ରେମ ବିଶ୍ୱାସ ଓ ସୁମନ ରାୱତ ବ୍ରୋଞ୍ଜ ଜିତିଥିଲେ।


ପ୍ରତିଯୋଗିତାରେ ଅଂଶଗ୍ରହଣ ଅବସରରେ ଷ୍ଟାର୍ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ।

ସେହିପରି ମହିଳା ଏସ୍‌ୟୁ୫ ବର୍ଗରେ ତାମିଲନାଡୁର ମନୀଷା ସ୍ୱର୍ଣ୍ଣ, ଆରତୀ ରୌପ୍ୟ ଓ ଜ୍ୟୋତି ଏବଂ ବୈଶାଳୀ ବ୍ରୋଞ୍ଜ ଜିତିଛନ୍ତି। ମହିଳା ଏସ୍‌ଏଲ୪ ବର୍ଗରେ ହରିୟାଣାର ଜ୍ୟୋତି ସ୍ୱର୍ଣ୍ଣ, ଚିରଞ୍ଜିତା ରୌପ୍ୟ ଓ କନକ ବ୍ରୋଞ୍ଜ ଜିତିଥିଲେ। ମହିଳା ଏସ୍‌ଏଚ୍‌୬ ବର୍ଗରେ ତାମିଲନାଡୁର ନୀତ୍ୟା ଶ୍ରେ ସ୍ୱର୍ଣ୍ଣ, ରୁଇ ରୌପ୍ୟ, ଶଶୀକଳା ଓ ରଚନା ବ୍ରୋଞ୍ଜ ଜିତିଛନ୍ତି।

ଦ୍ୱିତୀୟ ଦିବସରେ ଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ, ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ ଅଧ୍ୟକ୍ଷା ଦୀପା ମଲିକ, ଟିମ୍ ଓଡ଼ିଶାର ନିଶିକାନ୍ତ ମିଶ୍ର, ପୂର୍ବତନ ହକି ଖେଳାଳି ଦୀଲିପ ତିର୍କି, କରାଟେକା ଭାଲେନା ଭାଲେଣ୍ଟିନା ପ୍ରମୁଖ ଯୋଗଦେଇଥିଲେ।

## ସନ୍ତୋଷ ସ୍ମାରକୀ କ୍ରିକେଟ ଆରମ୍ଭ

# ବିନ୍ଦାସ କଟକ ବିଜୟୀ

ଭୁବନେଶ୍ୱର,୨୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଆରମ୍ଭ ହୋଇଥିବା ସନ୍ତୋଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ବିନ୍ଦାସ କଟକ ୯ ଉଇକେଟରେ ଭୁବନେଶ୍ୱରର ବ୍ରହ୍ମେଶ୍ୱର ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବ୍ରହ୍ମେଶ୍ୱର ୧୨ ଓଭରରେ ୮ ଉଇକେଟ ହରାଇ ୧୯୨ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ବୁବୁନ ବିଶ୍ୱାଳ ୨୧ ବଲରୁ ୭୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ବିନ୍ଦାସ ତରଫରୁ ରଞ୍ଜନ କୁମାର ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବିନ୍ଦାସ ୧୧.୧ ଓଭରରେ ଗୋଟିଏ ଉଇକେଟ ହରାଇ ୧୯୫ ରନ କରି ବିଜୟୀ ହୋଇଥିଲା। ଦଳର ରଞ୍ଜନ କୁମାର ୩୭ ବଲରୁ ୧୦୨ ରନର ଶତକୀୟ ଇନିଂସ ଖେଳିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ରଞ୍ଜନ କୁମାର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କୈଳାସ ରାହୁଲ ଓ ସମ୍ବିତ ପାଇକରାୟ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସ୍ମୃତି ରଞ୍ଜନ ବିଶ୍ୱାଳ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ୍‌ରେ ଅତିଥି ଭାବେ ସୁଶାନ୍ତ କୁମାର ରାଉତ, ପ୍ରକାଶ ତ୍ରିପାଠୀ, ବୁଦ୍ଧ ପ୍ରକାଶ ମହାପାତ୍ର, ଲୋକେଶ କୁମାର, ବନୀ କଲ୍ୟାଣ ମହାନ୍ତି, ପ୍ରକାଶ ରାଉତରାୟ, ପ୍ରତାପ ରାଉତରାୟ, ମଳୟ ରାଉତରାୟ, ପ୍ରଦୀପ ଜେନା, ରବୀନ୍ଦ୍ର ଜଗଦେବ ଓ ଶରତ କୁମାର ମହାନ୍ତି ଯୋଗ ଦେଇଥିଲେ।

## ଇଂଲଣ୍ଡର ପୂର୍ବତନ କ୍ରିକେଟ ଅଧିନାୟକଙ୍କ ପରଲୋକ

ଲଣ୍ଡନ, ୨୫।୧୨(ଏପି): ଇଂଲଣ୍ଡର ପୂର୍ବତନ କ୍ରିକେଟ ଅଧିନାୟକ ରେ' ଇଲିଙ୍ଗୱର୍ଥଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ଏସୋ ଫାଜେଲ କ୍ୟାନସର ପାଇଁ ତାଙ୍କର ରେଡିଓଥେରାପି ଚିକିତ୍ସା ଚାଲିଥିଲା। ଇଲିଙ୍ଗୱର୍ଥ ଇଂଲିଶ କାଉଣ୍ଟି ଦଳ ୟର୍କଶାୟାର ଦଳ ତରଫରୁ ଖେଳୁଥିଲେ।

# ରାଜ୍ୟ ସବ୍‌ଜୁନିୟର, କ୍ୟାଡେଟ, ଜୁନିୟର କରାଟେ ଅନୁଷ୍ଠିତ

ଭୁବନେଶ୍ୱର,୨୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ୩୩ତମ ରାଜ୍ୟ ସବ୍‌ଜୁନିୟର, କ୍ୟାଡେଟ ଏବଂ ଜୁନିୟର କରାଟେ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୮ଟି ଜିଲାରୁ ୪୦୦ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି। ରାଜ୍ୟ କରାଟେରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନେ ଆଗାମୀ ଜାତୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବେ। ରାଜ୍ୟ କରାଟେ ସଂଘ ସଭାପତି ଡଃ ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡଃ ଗୌରୀ ମହାନ୍ତି, ରାଜ୍ୟ କରାଟେ ସଂଘର ସଭ୍ୟ ତଥା ଉପସଭାପତି ସନତ ନାୟକ, କାଳି ପ୍ରସାଦ ନନ୍ଦ ଏହି ଅବସରରେ ଉପସ୍ଥିତ ଥିଲେ। ବିଭିନ୍ନ ଜିଲାରୁ ଆସିଥିବା ୩୦ରୁ ଊର୍ଦ୍ଧ୍ୱ ଅଫିସିଆଲ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



ପ୍ରମାଣପତ୍ର ସହ କୃତୀ ପ୍ରତିଯୋଗୀ।

# ପୂର୍ବାଞ୍ଚଳ ଭଲିବଲ ଲାଗି ୧୦ଜଣ ମନୋନୀତ

## ରାଜ୍ୟ ବଧିର କ୍ରୀଡ଼ା

ଭୁବନେଶ୍ୱର, ୨୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ପଲାସପଲ୍ଲୀସ୍ଥିତ ରାଜ୍ୟ ବଧିର କ୍ରୀଡ଼ା ପ୍ରାଙ୍ଗଣରେ ରାଜ୍ୟ ବଧିରକ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥରୁ ପୂର୍ବାଞ୍ଚଳ ଆନ୍ତଃ ଜୋନ୍ ଭଲିବଲ ପ୍ରତିଯୋଗିତା ପାଇଁ ୧୦ ଖେଳାଳି ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ଜାନୁୟାରୀ ୨୧ରୁ ୨୪ ଆସାମଠାରେ ଅନୁଷ୍ଠିତ ହେବ। ମନୋନୀତ ଖେଳାଳିମାନେ ହେଲେ- ବି.ସି. ଛୋଟରାୟ, ସୁଧାଂଶୁ ମହାପାତ୍ର, ଛବିଳ ଖରସେଲ, ଜ୍ଞାନରଞ୍ଜନ ପଣ୍ଡା, ଜୟନ୍ତ କୁମାର ମହାନ୍ତ, ବୋନି ଚୌଧୁରୀ, ସମୀର ମହାପାତ୍ର, ଯଶବନ୍ତ ପ୍ରଧାନ, ଅବ୍‌ଦୁଲ ରହିମ୍ ଖାନ୍ ଓ ୟୁସି ଛୋଟରାୟ। ମ୍ୟାନେଜର- ନିରଞ୍ଜନ ଯୋଶୀ। ରାଜ୍ୟ ବଧିର ସଂଘ ସଭାପତି ଶିବନାରାୟଣ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏସ.ଆର୍. ଚେସ୍ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



**ସେହଜାଦଙ୍କ ଆକର୍ଷଣୀୟ ବ୍ୟାଟିଂ**

ଭାରତ ବିପକ୍ଷ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟରେ ପାକିସ୍ତାନର ମହମ୍ମଦ ସେହଜାଦ ୮୨ରନର ଆକର୍ଷଣୀୟ ଇନିଂସ ଖେଳିଛନ୍ତି।

୦୮

୦୩

**ମହିଳା ଶିକ୍ଷାର ବିକାଶ ଜରୁରୀ**

ମହିଳା ଶିକ୍ଷିତ ହେଲେ ଦେଶର ଅର୍ଥବ୍ୟବସ୍ଥା ସୁଦୃଢ଼ ହେବ ବୋଲି ଚଳିତ ବର୍ଷର 'ଶ୍ରୀମତୀ ଇଣ୍ଡିଆ-ଆର୍ଥ' ବିଜୟିନୀ ଡାକ୍ତର ମୋନିକା ଚାୱଲା କହିଛନ୍ତି।





କଟକଣାକୁ ଅମାନ୍ୟ କରି ଶନିବାର ପୁରୀ ସମୁଦ୍ରକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଏକାଧିକ ଟ୍ରଲରରେ ମାଛ ଧରାଯାଉଛି।

# ୩ରୁ ପିଲାଙ୍କୁ ଟିକା

## ୧୦ରୁ ବରିଷ୍ଠ ନାଗରିକ, ସମ୍ମୁଖ ଯୋଦ୍ଧାଙ୍କୁ ବୁଷ୍ଟର ଡୋଜ୍

**ନୂଆଦିଲ୍ଲୀ, ୨୫।୧୨**

ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କରୋନାର ନୂଆ ଭାରିଆଣ୍ଟ ଏବେ ୧୦୮ରୁ ଅଧିକ ଦେଶକୁ ବ୍ୟାପିବା ସହ ଭାରତରେ ସଂକ୍ରମଣ ୪୦୦ ଅତିକ୍ରମ କଲାଣି। ଏହି ଭାରିଆଣ୍ଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆକ୍ରାନ୍ତ କରୁଛି। ସେଥିପାଇଁ ପିଲାମାନଙ୍କୁ କୋଭିଡ୍ ଟିକା ଦେବା ଜରୁରୀ ହୋଇପଡ଼ିଛି। ଜାନୁୟାରୀ ୩ ତାରିଖରୁ ୧୫ରୁ ୧୮ ବର୍ଷ ବୟସର ପିଲାଙ୍କୁ ଟିକା ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ରାତିରେ ଘୋଷଣା କରିଛନ୍ତି। ଏଥିସହିତ ଜାନୁୟାରୀ ୧୦ରୁ ବିଭିନ୍ନ ରୋଗରେ ପୀଡ଼ିତ ଥିବା ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ସ୍ୱାସ୍ଥ୍ୟସେବା କର୍ମଚାରୀ ଏବଂ ମହାମାରୀ ଲଢ଼େଇରେ ସମ୍ମୁଖ ଯୋଦ୍ଧା ସାଜିଥିବା କର୍ମଚାରୀମାନଙ୍କୁ କୋଭିଡ୍ ଟିକାର ବୁଷ୍ଟର

**ଓମିକ୍ରନ୍ ସଂକ୍ରମଣ ବୃଦ୍ଧି ନେଇ ସତର୍କ କରାଇଲେ ମୋଦି**



ଡୋଜ୍ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଡାକ୍ତରଙ୍କ ସୁପାରିସ କ୍ରମେ ବରିଷ୍ଠ ନାଗରିକଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ।

ସାରା ବିଶ୍ୱ ନୂଆବର୍ଷକୁ ସ୍ୱାଗତ କରିବାକୁ ଯାଉଥିବାବେଳେ ଭାରତ ସମେତ ବିଭିନ୍ନ ଦେଶରେ କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣକୁ ନେଇ ଚିନ୍ତା ବଢ଼ିଛି। ତେବେ ଏଥିପାଇଁ ଆତଙ୍କିତ ହେବାର କାରଣ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଟେଲିଭିଜନ ଜରିଆରେ ସମ୍ବୋଧିତ କରି କହିଛନ୍ତି। ଏବେ ସତର୍କ ହେବାର ସମୟ ଆସିଛି। କରୋନା ମହାମାରୀ ଏଯାଏ ଯାଇନି। ତେଣୁ ସତର୍କ ରହିବା, ସାବଧାନ ହେବା ସହ ମାସ୍କ ପିନ୍ଧିବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସଂକ୍ରମଣର ସମ୍ମୁଖୀନ ହେବା ଲାଗି ସରକାର ପ୍ରସ୍ତୁତ ରହିଛନ୍ତି। ଦେଶରେ ୧.୪୦ ଲକ୍ଷ ଆଇସିୟୁ ବେଡ୍ ଏବଂ ୫ ଲକ୍ଷ ଅକ୍ସିଜେନ୍ ସମର୍ଥିତ ବେଡ୍ ଉପଲବ୍ଧ ରହିଛି। ବର୍ତ୍ତମାନ ସୁଦ୍ଧା ୯୦ ପ୍ରତିଶତ ଲୋକ କରୋନା ଟିକାର ପ୍ରଥମ ଡୋଜ୍ ନେଇଥିବାବେଳେ ୬୧ ପ୍ରତିଶତରୁ ଅଧିକ ଦୁଇଟି ଡୋଜ୍ ନେଇସାରିଲେଣି।

# କୃଷି ଆଇନ: ଆଗକୁ ବଢ଼ିବ କେନ୍ଦ୍ର

## ସୂଚନା ଦେଲେ ତୋମାର

**ନାଗପୁର, ୨୫।୧୨**

ଦେଶବ୍ୟାପୀ ଲକ୍ଷାଧିକ କୃଷକ ଆନ୍ଦୋଳନରେ ସାମିଲ ହେବା ସହ ହିଂସାତ୍ମକ ପନ୍ଥା ଆପଣାଇବାରୁ ଗତ ମାସରେ କେନ୍ଦ୍ର ସରକାର ୩ କୃଷି ଆଇନ ପ୍ରତ୍ୟାହାର କରିନେଇଥିଲେ। ପରବର୍ତ୍ତୀ ସମୟରେ ଏହାକୁ କାର୍ଯ୍ୟକାରୀ କରାଯାଇପାରେ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ସୂଚନା ଦେଇଛନ୍ତି। ମହାରାଷ୍ଟ୍ରର ନାଗପୁରଠାରେ ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ତୋମାର କୃଷି ଆଇନ ପ୍ରତ୍ୟାହାର ପାଇଁ କେତେଜଣଙ୍କୁ ଦାୟୀ କରିଥିଲେ। କୃଷିକ୍ଷେତ୍ରରେ ସଂସ୍କାର ଲାଗି କେନ୍ଦ୍ର ସରକାର ଆଇନ ଆଣିଥିଲେ। ସ୍ୱାଧୀନତାର ୭୦ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କୃଷିକ୍ଷେତ୍ରରେ ବଡ଼ ସଂସ୍କାର ଅଣାଯାଇଥିଲା। ହେଲେ କେତେଜଣ ଲୋକ ଏହାକୁ ପସନ୍ଦ କଲେ ନାହିଁ, ଯେଉଁଥିପାଇଁ ଆଇନ ପ୍ରତ୍ୟାହାର କରିବାକୁ ପଡ଼ିଲା। ତେବେ ସରକାର ଏଥିରେ ଦୁଃଖିତ ନୁହନ୍ତି। ସରକାର ଗୋଟିଏ ପାଦ ପଛକୁ ଘୁଞ୍ଚିଛନ୍ତି। କୃଷକମାନେ ଦେଶର ମେରୁଦଣ୍ଡ ହୋଇଥବାରୁ ଆମେ ପୁଣିଥରେ ଆଗକୁ ବଢ଼ିବୁ ବୋଲି ତୋମାର କହିଛନ୍ତି।

ବିବାଦୀୟ କୃଷି ଆଇନ ବିରୋଧରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଆନ୍ଦୋଳନ ଜାରି ରହିଥିଲା। ଆଉ



କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର

୩ ମାସ ପରେ ଉତ୍ତରପ୍ରଦେଶ, ପଞ୍ଜାବ ବିଧାନସଭା ନିର୍ବାଚନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଆଇନ ପ୍ରତ୍ୟାହାର ସମ୍ପର୍କରେ ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ। ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଏନେଇ ବିଲ୍ ଗୃହୀତ ହୋଇଥିଲା। ଗତବର୍ଷ ନଭେମ୍ବର ୨୬ରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବା ପଞ୍ଜାବ, ୟୁପି, ହରିୟାଣା ଓ ରାଜସ୍ଥାନର ଚାଷୀମାନେ ସେମାନଙ୍କ ଘରକୁ ଫେରିଛନ୍ତି। କୃଷକ ଆନ୍ଦୋଳନକୁ ନେଇ ଭାଜପା ଚାଷୀଙ୍କ ସମେତ ଭୋଟରଙ୍କ କ୍ରୋଧର ସମ୍ମୁଖୀନ ହୋଇଥିଲା। ଆଗାମୀ ନିର୍ବାଚନରେ ୟୁପିରେ କ୍ଷମତା ବଜାୟ ରଖିବା ସହ ପଞ୍ଜାବରୁ କଂଗ୍ରେସକୁ ହଟାଇବା ଲକ୍ଷ୍ୟରେ ଥିବା ଭାଜପା ଶେଷରେ ଆଇନ ପ୍ରତ୍ୟାହାର ଲାଗି ନିଷ୍ପତ୍ତି ନେଇଥିଲା। ନିର୍ବାଚନ ପରେ ପୁଣି ଥରେ ଭାଜପା ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିପାରେ ବୋଲି ସମାଲୋଚକ ଓ ବିରୋଧୀ ଦଳଗୁଡ଼ିକ ଆଶଙ୍କା ବ୍ୟକ୍ତ କରୁଥିଲେ।

# ୧୨+ଙ୍କୁ ଦିଆଯିବ କୋଭାକ୍ସିନ

**ନୂଆଦିଲ୍ଲୀ, ୨୫।୧୨**

ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କରୋନା ଟିକା କୋଭାକ୍ସିନ ୧୨ରୁ ୧୮ ବର୍ଷ ବୟସର ପିଲାଙ୍କଠାରେ ଜରୁରିକାଳୀନ ବ୍ୟବହାର ନିମନ୍ତେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ପକ୍ଷରୁ ମଞ୍ଜୁରୀ ମିଳିଛି। ତେବେ ଏହାକୁ ୧୨ରୁ କମ୍ ବର୍ଷ ବୟସ୍କ ପିଲାଙ୍କୁ ଦିଆଯାଇପାରିବ ନାହିଁ ବୋଲି ଡ୍ରଗ୍ସ ନିୟନ୍ତ୍ରକ ସ୍ପଷ୍ଟ କରିଛି। ଜାଇଡସ୍ କାଡିଲାର ଜାଇକୋଭ୍-ଡି ପରେ ପିଲାଙ୍କଠାରେ ବ୍ୟବହାର ପାଇଁ ମଞ୍ଜୁରୀ ପାଇବାରେ କୋଭାକ୍ସିନ୍ ହେଉଛି ଦ୍ୱିତୀୟ ଟିକା। ତେବେ ଜାଇକୋଭ୍-ଡି'ର ୩ଟି ଡୋଜ୍ ରହିଥିବାବେଳେ କୋଭାକ୍ସିନ୍‌ର ୨ଟି ଡୋଜ୍ ନେବାକୁ ପଡ଼ିବ। ଅନୁମତି ପାଇଁ ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ୍ ପୂର୍ବରୁ କ୍ଲିନିକାଲ୍ ପରୀକ୍ଷଣ ଡାଟାକୁ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ)ଠାରେ ଦାଖଲ କରିଥିଲା। ସିଡିଏସ୍‌ସିଓ ଏବଂ ବୈଷୟିକ ବିଶେଷଜ୍ଞ କମିଟି ଏହି ଡାଟାଗୁଡ଼ିକର ସମୀକ୍ଷା କରିବା ପରେ ଜରୁରିକାଳୀନ ବ୍ୟବହାର ନିମନ୍ତେ ସୁପାରିସ କରିଥିବା ଭାରତ ବାୟୋଟେକ୍ ପକ୍ଷରୁ କୁହାଯାଇଛି। ପିଲାଙ୍କ ନିମନ୍ତେ ଭାକ୍ସିନ୍ ପ୍ରସ୍ତୁତ ପାଇଁ କେନ୍ଦ୍ର ସରକାର ଉକ୍ତ କମ୍ପାନୀକୁ ନିର୍ଦ୍ଦେଶ ଦେବେ ବୋଲି ଜଣାପଡ଼ିଛି।

**ଜରୁରୀ ବ୍ୟବହାର ପାଇଁ ଡିସିଜିଆଇର ମଞ୍ଜୁରୀ**



# ଦଳ ଗଢ଼ିଲେ ୨୨ କୃଷକ ସଂଗଠନ

## ପଞ୍ଜାବ ନିର୍ବାଚନ ଲଢ଼ିବ ସଂଯୁକ୍ତ ସମାଜ ମୋର୍ଚ୍ଚା

**ଚଣ୍ଡିଗଡ଼, ୨୫।୧୨**

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ବିରୋଧରେ ବର୍ଷବ୍ୟାପୀ ଆନ୍ଦୋଳନ ଚଳାଇଥିବା ୨୨ଟି କୃଷକ ସଂଗଠନ ଏକାଠି ହୋଇ ଏକ ରାଜନୈତିକ ଦଳ ଗଠନ କରିଛନ୍ତି। ଏହାର ନାମ ସଂଯୁକ୍ତ ସମାଜ ମୋର୍ଚ୍ଚା (ଏସ୍ଏସ୍ଏମ୍) ରଖାଯାଇଛି। କୃଷକ ନେତା ବଲବୀର ସିଂ ରାଜେୱାଲାଙ୍କ ନେତୃତ୍ୱରେ ଗଠିତ ଏହି ଦଳ ଆଗାମୀ ପଞ୍ଜାବ ବିଧାନସଭା ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଅନ୍ୟ ୩ କୃଷକ ସଂଗଠନ ଉକ୍ତ ମଞ୍ଚରେ ଯୋଗଦେବା ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ପଞ୍ଜାବର ସମସ୍ତ ୧୧୭ ଆସନରେ ସଂଯୁକ୍ତ ସମାଜ ମୋର୍ଚ୍ଚା ପ୍ରାର୍ଥୀ ଦେବ ବୋଲି ଶନିବାର କୃଷକ ନେତାମାନେ ସ୍ପଷ୍ଟ କରିଛନ୍ତି।

କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିନେବା ପରେ କୃଷକମାନଙ୍କ ବିଜୟ ହୋଇଛି। ଏହା ପରେ ନିର୍ବାଚନ ଲଢ଼ିବା ଲାଗି ପଞ୍ଜାବ ଜନସାଧାରଣ ତାଙ୍କ ଉପରେ ଚାପ ପକାଉଥିଲେ ବୋଲି ରାଜେୱାଲ କହିଛନ୍ତି। ରାଜ୍ୟରେ ବେରୋଜଗାରୀ, ନିଶାଦ୍ରବ୍ୟ ଚୋରା କାରବାର, ଅନ୍ୟ ରାଜ୍ୟକୁ ଯୁବକମାନଙ୍କ ପଳାୟନ ଭଳି ଅନେକ ସମସ୍ୟା ରହିଛି। ରାଜ୍ୟବାସୀ ଏସବୁର ସମାଧାନ ଚାହାନ୍ତି। ସେଥିପାଇଁ ସେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇ ମୋର୍ଚ୍ଚା ଗଠନ କରିଥିବା ରାଜେୱାଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସଂଯୁକ୍ତ ସମାଜ ମୋର୍ଚ୍ଚା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ସହ ମେଣ୍ଟ କରିପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତେବେ ମେଣ୍ଟ ସମ୍ପର୍କରେ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି କୃଷକ ନେତା କହିଛନ୍ତି।

କୃଷି ଆଇନ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଇଥିବା ମହାସଂଘ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପଞ୍ଜାବ ନିର୍ବାଚନ ଲଢ଼ିବ ନାହିଁ ବୋଲି ଘୋଷଣା କରିଛି। ତେଣୁ ପଞ୍ଜାବ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ଏସ୍‌କେଏମ୍ କିମ୍ବା ଏହା ଅଧୀନରେ ଥିବା ୩୨ଟି ସଂଗଠନର ନାଁ ନ ନେବାକୁ ଉକ୍ତ ସଂଗଠନ ପକ୍ଷରୁ କୁହାଯାଇଛି। ଏହାର ଅବମାନନା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌କେଏମ୍ ଶନିବାର ଏକ ପ୍ରେସ୍ ବିବୃତିରେ କହିଛି।

# ୧୦ ରାଜ୍ୟରେ କେନ୍ଦ୍ରୀୟ ଟିମ୍

**ନୂଆଦିଲ୍ଲୀ, ୨୫।୧୨(ପି.ଟି.)**

ଓମିକ୍ରନ୍ ଏବଂ କୋଭିଡ୍-୧୯ ସଂକ୍ରମଣ ବଢ଼ୁଥିବା ଏବଂ ଟିକାକରଣରେ ପଛୁଆ ଥିବା ୧୦ ରାଜ୍ୟକୁ କେନ୍ଦ୍ରୀୟ ଟିମ୍ ପଠାଯାଇଛି। ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଗଠିତ ଏହି ଟିମ୍ ରାଜ୍ୟରେ ସଂକ୍ରମଣ ରୋକିବା ଓ ଟିକାଦାନ ହାର ବଢ଼ାଇବା ଦିଗରେ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ସହାୟତା କରିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ରୀୟ ଟିମ୍ ପଠାଯାଇଥିବା ରାଜ୍ୟଗୁଡ଼ିକ ହେଲେ କେରଳ, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ, ମିଜୋରାମ, କର୍ଣ୍ଣାଟକ, ବିହାର, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ ଏବଂ ପଞ୍ଜାବ। ଉକ୍ତ ରାଜ୍ୟଗୁଡ଼ିକ ମଧ୍ୟରୁ କେତେକରେ ଓମିକ୍ରନ୍ ଏବଂ କୋଭିଡ୍‌ର ଦ୍ରୁତ ସଂକ୍ରମଣ ଦେଖାଦେଇଛି। ଏଥିସହିତ ଅଧିକାଂଶ ରାଜ୍ୟରେ କୋଭିଡ୍ ଟିକାକରଣ ହାର ଜାତୀୟ ହାରଠାରୁ କମ୍ ରହିଛି। କେନ୍ଦ୍ରୀୟ ଟିମ୍ ରାଜ୍ୟରେ ୩ରୁ ୫ ଦିନ ରହିବା ସହ ରାଜ୍ୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ଏକାଠି କାର୍ଯ୍ୟ ☞ପୃଷ୍ଠା-୬

# ବିପଦରେ ଚିଲିକାର ବିଦେଶୀ ପକ୍ଷୀ

**ଖୋର୍ଦ୍ଧା ଅଫିସ/ନିରାକାରପୁର/ଟାଙ୍ଗୀ,୨୫।୧୨(ଡି.ଏନ୍.ଏ)**

ଶୀତ ବଢ଼ିବା ସହିତ ନୀଳାମ୍ବୁ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସମାଗମ ହେବାରେ ଲାଗିଛି। ବର୍ତ୍ତମାନ ଚିଲିକାରେ ପ୍ରାୟ ୬ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀଙ୍କ ସମାଗମ ହେଲାଣି। ପ୍ରାକୃତିକ ଜଳବାୟୁ ଓ ଖାଦ୍ୟ ଅନ୍ୱେଷଣରେ ଏମାନେ ଚିଲିକାକୁ ଚାଲିଆସୁଛନ୍ତି। ତେବେ ଏହି ବିଦେଶାଗତ ପକ୍ଷୀଙ୍କ ପାଇଁ ଚିଲିକା ଏକପ୍ରକାର ବିପଦର କାରଣ ପାଲଟିଛି। ଚିଲିକା ଓ ତଟବର୍ତ୍ତୀ ଅଞ୍ଚଳରେ ସବୁଦିନ ପକ୍ଷୀ ଶିକାର ଚାଲିଛି। ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଆସି ଶିକାରୀଙ୍କ ଫାଶରେ ପଡ଼ି ଓ ବିଷମିଶା ଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଚିଲିକା ବନ୍ୟପ୍ରାଣୀ ବିଭାଗ କେବଳ କାଁ ଭାଁ ଶିକାରୀଙ୍କୁ ଧରି ବାହାବା ନେଉଥିବା

**ରାସ୍ତାପାର୍ଶ୍ୱରୁ ୩୦ ମୃତପକ୍ଷୀ ଜବତ**



ବେଳେ ପକ୍ଷୀ ଶିକାର ଏବେ ସୀମା ଲଂଘିଲାଣି। ବିଭାଗୀୟ ନିଷ୍କ୍ରିୟତାରୁ ଟାଙ୍ଗୀ ବନାଞ୍ଚଳରେ ପକ୍ଷୀ ଶିକାର ବଢ଼ିଚାଲିଥିବା ଅଭିଯୋଗ ହେଉଛି।

ଶନିବାର ସକାଳେ ୧୬ନମ୍ବର ଜାତୀୟ ରାଜପଥର ରତାମାଟି ଛକ ନିକଟ ରାସ୍ତା ପାର୍ଶ୍ୱରେ ୩୦ରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ଶିକାରୀ ଏକ ଗାଡ଼ିରେ ମୃତଦେହ ନେଇ ରତାମାଟି ଛକ ନିକଟ ରାସ୍ତା ପାର୍ଶ୍ୱରେ

- ଚିଲିକା ତଟବର୍ତ୍ତୀ, ଟାଙ୍ଗୀ ବନାଞ୍ଚଳରେ ବଢ଼ୁଛି ଶିକାର
- ବନ୍ୟପ୍ରାଣୀ ବିଭାଗ ନେଉନି କଡ଼ା ପଦକ୍ଷେପ

ଫିଙ୍ଗିଦେଇ ଫେରାର ହୋଇଯାଇଥିବା କୁହାଯାଉଛି। ଖବର ପାଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତପକ୍ଷୀଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପରେ ଜଙ୍ଗଲରେ ପୋତି ଦେଇଛନ୍ତି। ତେବେ ଏକସଙ୍ଗେ ଏତେସଂଖ୍ୟକ ବିଦେଶୀ ପକ୍ଷୀଙ୍କ ମୃତଦେହ ମିଳିବା ନେଇ ବନ୍ୟପ୍ରାଣୀ ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ଉଠିଛି। ସୂଚନା ଅନୁଯାୟୀ, ଢାବା ଓ ହୋଟେଲରେ ପକ୍ଷୀ ବିକ୍ରି କରାଯିବା ସହ ଭୋଜି ପାଇଁ ☞ପୃଷ୍ଠା-୬



# ଦନ୍ତାହାତୀ ମୃତଦେହ ଜବତ

**ପାଲଲହଡ଼ା, ୨୫।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ବନାଞ୍ଚଳ ଜୋକପାଣି ଗ୍ରାମ୍ୟ ଜଙ୍ଗଲରୁ ଶନିବାର ଏକ ଦନ୍ତା ହାତୀର ମୃତଦେହ ଜବତ ହୋଇଛି। ଗ୍ରାମବାସୀ କହିଛନ୍ତି, ୩/୪ ଦିନ ହେବ ଏହି ଅଞ୍ଚଳରେ ଦନ୍ତା ହାତୀଟି ବୁଲାବୁଲି କରୁଥିଲା। ସକାଳେ ବିଭିନ୍ନ କ୍ଷେତରେ ପଶି ପରିବା ଫସଲ ଖାଉଥିବା ଦେଖି ଗ୍ରାମବାସୀ ଘଉଡ଼େଇ ଦେଇଥିଲେ। ତେବେ ଅପରାହ୍ନ ୧ଟାରେ ହାତୀ ମୃତଦେହ ଜଙ୍ଗଲ ମଧ୍ୟରେ ପଡ଼ିଥିବା ଦେଖି ବନବିଭାଗକୁ ଖବର ଦିଆଯାଇଥିଲା। ଘଟଣାସ୍ଥଳରେ ରେଞ୍ଜର ଦୁର୍ଯ୍ୟୋଧନ ଜେରାଇ, ଫରେଷ୍ଟର ଦୀପକ କୁଲୁ ପହଞ୍ଚି ହାତୀ ☞ପୃଷ୍ଠା-୬



ଅନେକ ଘଟଣାକ୍ରମର ସାକ୍ଷୀ ୨୦୨୧ । କରୋନା ଆତଙ୍କରେ ବନ୍ଦ ବଡ଼ଦେଉଳରେ ଦାରୁଦିଅଁଙ୍କ ଦର୍ଶନ ପାଇଁ କାନ୍ଦିଛି କୋଟି ଓଡ଼ିଆଙ୍କ ପ୍ରାଣ । ବିନା ଭକ୍ତରେ ବଡ଼ଦାଣ୍ଡରେ ରଥ ଗଡ଼ିବା ବେଳେ ଛଳଛଳ ହୋଇଛି ଆଖି । ସୁନାବେଶ ଦର୍ଶନରୁ ବଞ୍ଚିତ ହେବା ପରେ ଭକ୍ତ ନିନ୍ଦିଛି ଭାଗ୍ୟକୁ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ ଶ୍ରୀକ୍ଷେତ୍ର ପାଇଁ ନୂଆ ଆକାଂକ୍ଷା ସୃଷ୍ଟି କରିଥିବାବେଳେ ରତ୍ନଭଣ୍ଡାର ଚାବି ହଟଚମଟକୁ ନେଇ ହରଡ଼ଘଣାରେ ପଡ଼ିଛି ପ୍ରଶାସନ । ପୁରୀ ନାମ ପରିବର୍ତ୍ତନ ପ୍ରସଙ୍ଗ ଜାତୀୟସ୍ତରରେ ଉଷ୍ମତା ବଢ଼ାଇଥିବାବେଳେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଭଳି ବିଶ୍ୱସ୍ତରୀୟ ପରିକଳ୍ପନା ସାଧାରଣ ଜନତାଙ୍କ ମନରେ ସଞ୍ଚାର କରିଛି ଅନେକ ଆଶା । ଘଟଣାବହୁଳ ୨୦୨୧ ବିଦାୟ ନେବା ପୂର୍ବରୁ ପୁରୁଣା ସ୍ମୃତି ସବୁକୁ ପୁଣି ଥରେ ସାଉଁଟିବାର ବେଳ...

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନଭେମ୍ବର ୨୪ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ । ଓଡ଼ିଆ ଜାତି ପାଇଁ ଏହି ଦିନ ଐତିହାସିକ ଓ ଚିରସ୍ମରଣୀୟ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପର ଏକ ମଡେଲ ଅନାବରଣ କରିବା ସହ ୧୦୭ଜଣ ଜମିଦାତା ଏବଂ ୧୮ଜଣ ମଠାଧୀଶଙ୍କୁ ସମ୍ମାନିତ କରିଥିଲେ । ପ୍ରକଳ୍ପ ପାଇଁ ଶିଳାନ୍ୟାସ ପୂର୍ବରୁ ନଭେମ୍ବର ୨୨ରୁ ୩ ଦିନ ଧରି ଶାସ୍ତ୍ରୀୟ ଓ ଜଗନ୍ନାଥ ସଂସ୍କୃତି ଆଧାରରେ ନୀତିକାନ୍ତି ସହ ମହାଯଜ୍ଞ ହୋଇଥିଲା । ଗଜପତି ମହାରାଜା ଦିବ୍ୟସିଂହ ଦେବ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ଶ୍ରୀମନ୍ଦିର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ଓ ଭକ୍ତଙ୍କୁ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇଦେବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ।

## ଚର୍ଚ୍ଚାରେ ପୁରୀ ନାମ ପରିବର୍ତ୍ତନ

ସେପ୍ଟେମ୍ବରରେ ପୁରୀ ନାମ ପରିବର୍ତ୍ତନ ପ୍ରସଙ୍ଗ ଚର୍ଚ୍ଚାକୁ ଆସିଥିଲା । ପୁରୀ ନାମ ଶ୍ରୀଜଗନ୍ନାଥ ଧାମ ପୁରୀ ଓ ରେଳଷ୍ଟେଶନ ନାମ ଶ୍ରୀଜଗନ୍ନାଥ ଧାମ ପୁରୀ ରେଳଷ୍ଟେଶନ ରଖାଯିବାକୁ ଦାବି ହୋଇଥିଲା । ନଭେମ୍ବର ୨୩ରେ ନାମ ପରିବର୍ତ୍ତନ ଦାବିରେ ୪୦ ସଙ୍ଗଠନ ଏକାଠି ହୋଇଥିଲେ । ଅନ୍ୟପକ୍ଷରେ ଏହାକୁ ପୁରୀର ବହୁ ସଙ୍ଗଠନ ବିରୋଧ କରିଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାମ ପରିବର୍ତ୍ତନ ପ୍ରସ୍ତାବକୁ ସ୍ୱାଗତ କରିଥିବାବେଳେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏନେଇ ଆବଶ୍ୟକତା ନାହିଁ ବୋଲି ମତ ରଖିଥିଲେ । ନଭେମ୍ବର ୧୮ରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ଦିଆଯାଇଥିଲା ।

## ୪ମାସ ପରେ ଦାରୁଦିଅଁଙ୍କ ଦର୍ଶନ

କରୋନା କଟକଣା ଯୋଗୁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିଥିଲା । ପ୍ରାୟ ୪ମାସର ବ୍ୟବଧାନ ପରେ ଅଗଷ୍ଟ ୨୩ରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ଶ୍ରଦ୍ଧାଳୁଙ୍କ ନିମନ୍ତେ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍ ଟିକା ନେଇଥିବାର ପ୍ରମାଣପତ୍ର ଓ ପରିଚୟ ପତ୍ର ଦେଖାଇବା ବାଧ୍ୟତାମୂଳକ କରାଯାଇଥିଲା । ପରେ ପ୍ରାୟ ଅଢ଼େଇ ମାସ ଦର୍ଶନ ବନ୍ଦ ରହି ନଭେମ୍ବର ୧୨ରୁ କଟକଣା ମଧ୍ୟରେ ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା ।



## ଶ୍ରୀମନ୍ଦିର ସାତ ଦ୍ୱାର ରୁପା ଛାଉଣି

ଚଳିତବର୍ଷ ରୁପାରେ ଛାଉଣି ହୋଇଥିଲା ଶ୍ରୀମନ୍ଦିରର ୭ଟି ଦ୍ୱାର । ଶ୍ରୀମନ୍ଦିର ବେହରଣ ଦ୍ୱାର, ଜୟବିଜୟ ଦ୍ୱାର, ଭୋଗମଣ୍ଡପ, ପଶ୍ଚିମପାର୍ଶ୍ୱ ଦ୍ୱାର, ସାତ ପାହାଚ ଦ୍ୱାର, ଆଦିନୃସିଂହ ମନ୍ଦିର, ମା' ବିମଳା ଓ ଲକ୍ଷ୍ମୀଙ୍କ ମନ୍ଦିରର ଦ୍ୱାର ନୂଆ ବର୍ମାଟିକ୍‌ରେ ନିର୍ମାଣ କରାଯିବା ପରେ ରୁପା ଛାଉଣି କରାଯାଇଥିଲା । ଏଥିରେ ସମୁଦାୟ ୨ଟନ୍ ରୁପା ବ୍ୟବହାର ହୋଇଥିଲା । ଉତ୍କଳୀୟ କାରୁକାର୍ଯ୍ୟରେ ଏହି କାର୍ଯ୍ୟ କରାଯାଇଥିଲା । ଅନ୍ୟପକ୍ଷରେ ଆସନ୍ତାବର୍ଷ କଳାହାଟ ଦ୍ୱାର ରୁପା ଛାଉଣି ହେବାକୁ ଥିବାରୁ ଏଥିଲାଗି ନୀଳାଦ୍ରି ଭକ୍ତନିବାସ ଷ୍ଟ୍ରଙ୍ଗରୁମ୍‌ରେ ୧୧ଟି ବଡ ବାକ୍ସରେ ରଖାଯାଇଥିବା ୫କୁଇଣ୍ଟାଲ୍ ରୁପାକୁ ଅକ୍ଟୋବର ୫ରେ କଡ଼ା ସୁରକ୍ଷା ମଧ୍ୟରେ ଜିଲା କୋଷାଗାରକୁ ସ୍ଥାନାନ୍ତର କରାଯାଇଥିଲା ।

## ଡ୍ରିଙ୍କ୍-ଫ୍ରମ୍-ଟ୍ୟାପ୍ ଲୋକାର୍ପିତ

ଜୁଲାଇ ୨୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ସହରବାସୀଙ୍କ ନିମନ୍ତେ ପାଇପ ମାଧ୍ୟମରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ଡ୍ରିଙ୍କ-ଫ୍ରମ୍-ଟ୍ୟାପ୍ ମିଶନ ଜରିଆରେ ରାଜ୍ୟରେ ପ୍ରଥମ ଥର ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଥିବା ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାରେ ପୁରୀ ହେଉଛି ଦେଶର ପ୍ରଥମ ସହର । ଏଭଳିପ୍ରକଳ୍ପଦ୍ୱାରା ସହରବାସୀ ବିଶୁଦ୍ଧ ଜଳ ନିଜ ଘରେ ପାଇପାରୁଛନ୍ତି ।




## ମହାପ୍ରଭୁଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି



ମାର୍ଚ୍ଚ ୨୨ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସସ୍ତ୍ରୀକ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଶ୍ରୀମନ୍ଦିରକୁ ଏହା ତାଙ୍କର ୨ୟ ଗସ୍ତ ଥିଲା । ସେ ଶ୍ରୀମନ୍ଦିରରେ ପ୍ରାୟ ୪୦ ମିନିଟ ରହି ମହାପ୍ରଭୁ ଓ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ । ସେହିପରି ସେପ୍ଟେମ୍ବର ୨୪ରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ଏବଂ ନଭେମ୍ବର ୨୨ରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ମିଶ୍ର ସସ୍ତ୍ରୀକ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ।

### ଚର୍ଚ୍ଚା/ବିବାଦ

## ମହାପ୍ରଭୁଙ୍କୁ ୫ କେଜିର ସୁନା ଅଳଙ୍କାର ଭେଟି



ବସନ୍ତ ପଞ୍ଚମୀରେ ଜଣେ ଭକ୍ତ ମହାପ୍ରଭୁଙ୍କୁ ୫କେଜିର ସୁନା ଅଳଙ୍କାର ଭେଟି ଦେଇଥିଲେ । ଏଥିମଧ୍ୟରେ ପ୍ରଭୁ ବଳଭଦ୍ରଙ୍କ ପାଇଁ ୪୦ଟି ଶ୍ରୀମୁଖ ପଦ୍ମ ଓ ୨ଟି ଝୋବା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ୫୩ଟି ଶ୍ରୀମୁଖ ପଦ୍ମ ଓ ୨ଟି ଝୋବା ଏବଂ ଦେବୀ ସୁଭଦ୍ରାଙ୍କର ୨ଟି ତଡ଼କି ଓ ୨ଟି ଝୋବା ରହିଥିଲା । ସମୁଦାୟ ସୁନାର ଓଜନ ୪ କେଜି ୮୫୮ ଗ୍ରାମ ଓ ରୁପାର ଓଜନ ୩ କେଜି ୮୭୬ ଗ୍ରାମ ଥିଲା । ଏହାର ଆନୁମାନିକ ମୂଲ୍ୟ ୨କୋଟି ୭୫ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା ।

## ରଥ ଉପରେ ସେଲ୍‌ଫି

ପ୍ରଶାସନର କଟକଣା ସତ୍ତ୍ୱେ ରଥ ଉପରକୁ ଦୁଇଜଣ ଯୁବକ ଚଢ଼ି ସେଲ୍ଫି ନେଇ ବିବାଦ ଘେରକୁ ଆସିଥିଲେ । ପରେ ଯୁବକ ଦ୍ୱୟ ଜଣେ ସେବାୟତଙ୍କ ଜ୍ୱାଇଁ ଓ ପୁତୁରା ବୋଲି ଜଣାପଡ଼ିଥିଲା । ସେବାୟତଙ୍କୁ ମିଳିଥିବା ପାସ୍ ଯୋଗେ ଦୁହେଁ ରଥ ଉପରକୁ ଯାଇଥିବା ସ୍ପଷ୍ଟ ହେବା ପରେ ଏନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା ।

## ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

ଫେବୃୟାରୀ ୨ରେ ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଥିଲା । ସୋସିଆଲ ମିଡିଆରେ ଏହି ଫଟୋ ଘୂରି ବୁଲିବା ପରେ ବିବାଦ ବଢ଼ିଥିଲା । ଇନ୍‌ଷ୍ଟାଗ୍ରାମ୍‌ରେ ସାଲିନୀ ଫସୀ ଓ ଇଣ୍ଡିଆ ଟେମ୍ପଲ ନାମକ ଦୁଇଟି ଆକାଉଣ୍ଟରେ ଶ୍ରୀମନ୍ଦିର ଭିତର ଫଟୋ ପୋଷ୍ଟ ହୋଇଥିଲା । ସେହିପରି ମେ ୨୯ରେ ଶ୍ରୀମନ୍ଦିର ଗର୍ଭଗୃହ ରତ୍ନସିଂହାସନ ଫଟୋ ଭାଇରାଲ ହୋଇଥିଲା । କୋଲକାତାର ଅଭିଜିତ ଚନ୍ଦ୍ରା ନିଜ ଫେସ୍‌ବୁକ୍‌ରେ ଏହି ଫଟୋ ପୋଷ୍ଟ କରିଥିଲେ । ଜଣେ ସେବାୟତଙ୍କ ସମେତ ସେ ୮ଜଣଙ୍କୁ ଟ୍ୟାଗ୍ କରିଥିଲେ । ଏହି ଘଟଣା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା ।

## ବିନା ଭକ୍ତରେ ରଥଯାତ୍ରା



କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଗତବର୍ଷ ଭଳି ଚଳିତ ବର୍ଷ ବିନା ଭକ୍ତରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମ୍ପନ୍ନ ହୋଇଥିଲା । ଜୁଲାଇ ୧୨ରେ ଅଳ୍ପସଂଖ୍ୟକ ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କୁ ନେଇ ରଥଯାତ୍ରା କରାଯାଇଥିଲା । କେବଳ ସେବାୟତମାନଙ୍କୁ ରଥ ଟାଣିବାର ସୁଯୋଗ ମିଳିଥିଲା । ମହାପ୍ରଭୁଙ୍କ ରଥ ଧାର୍ଯ୍ୟ ସମୟ ପୂର୍ବରୁ ଶରଧାବାଲିରେ ପହଞ୍ଚିଯାଇଥିଲା । ରଥଯାତ୍ରା ନିମନ୍ତେ ସେବାୟତ, ଅଧିକାରୀ ଓ କର୍ମଚାରୀଙ୍କର ଆର୍‌ଟି-ପିସିଆର ଟେଷ୍ଟ କରାଯାଇଥିଲା । ନେଗେଟିଭ ଥିବା ବ୍ୟକ୍ତିଙ୍କୁ କେବଳ ରଥଯାତ୍ରାରେ ସାମିଲ ଲାଗି ଅନୁମତି ମିଳିଥିଲା । ସେହିପରି ବାହୁଡ଼ା ଯାତ୍ରା ଓ ସୁନାବେଶ ଦର୍ଶନ ମଧ୍ୟ ବିନା ଭକ୍ତରେ ସମ୍ପନ୍ନ ହୋଇଥିଲା ।

## ଚାଲିଗଲେ ଶେଷ ଦେବଦାସୀ



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବାରେ ସମର୍ପିତ ଥିବା ଶେଷ ଦେବଦାସୀ ପରଶମଣି ଦେବଦାସୀଙ୍କର ଜୁଲାଇ ୧୦ରେ ପରଲୋକ ହୋଇଥିଲା । ୭ବର୍ଷ ବୟସରୁ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ସେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ନୃତ୍ୟ ଏବଂ ପରେ ସେ ଶ୍ରୀମନ୍ଦିର ପରିସରରେ ସଙ୍ଗୀତ ପରିବେଷଣ କରିଆସୁଥିଲେ ।

## ସେବାୟତଙ୍କ ପାଇଁ ଡ୍ରେସ୍ କୋଡ୍

ଅକ୍ଟୋବର ୨୧ରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବା ତଥା ଗର୍ଭଗୃହକୁ ପ୍ରବେଶ କରୁଥିବା ସେବାୟତଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ ହୋଇଥିଲା । ପାରମ୍ପରିକ ବସ୍ତ୍ର ପରିଧାନ କରି ସେବାୟତମାନେ ଏହିଦିନଠାରୁ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ । ଛତିଶା ନିଯୋଗ ବୈଠକରେ ଏନେଇ ନିଷ୍ପତ୍ତି ହେବା ପରେ ଏହାକୁ ଶ୍ରୀମନ୍ଦିର ପ୍ରଶାସନ ଲାଗୁ କରିଥିଲା ।



## ବିରୋଧ ପରେ ରଦ୍ଦ ହୋଇଥିଲା ବିଚ୍ ସ୍ୟାକ୍ସ

ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ମଦ୍ୟପାନ ବ୍ୟବସ୍ଥାକୁ ୫୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ବିରୋଧ କରିଥିଲେ । ଜୁଲାଇ ୨୯ରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ନିଶା ନିବାରଣ ଅନୁଷ୍ଠାନର ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ ରଦ୍ଦ କରିବା ପାଇଁ ଦାବି କରିଥିଲେ । ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ବିଚ୍‌ରେ ବାର୍ ଏଭଳି ପ୍ରସ୍ତାବକୁ ବିରୋଧ କରିଥିଲେ । ଏହାପରେ ଜୁଲାଇ ୩୦ରେ ବିଚ୍ ସାକ୍ସ ପ୍ରସ୍ତାବ ରଦ୍ଦ ହୋଇଥିବା ଜିଲା ପ୍ରଶାସନ ଘୋଷଣା କରିଥିଲା ।

## ଶ୍ରୀମନ୍ଦିର ପୁରୁଣା କୋଠା ଭଙ୍ଗାଗଲା

ଶ୍ରୀମନ୍ଦିର ଐତିହ୍ୟ କରିଡର ନିର୍ମାଣ କାର୍ଯ୍ୟ ପାଇଁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବାବେଳେ ଅକ୍ଟୋବର ୩୧ରେ ଶ୍ରୀନଅର ସମ୍ମୁଖ ଶ୍ରୀମନ୍ଦିର କାର୍ଯ୍ୟାଳୟର ପୁରାତନ କୋଠାକୁ ଭଙ୍ଗାଯାଇଥିଲା । ଉତ୍କଳୀୟ ଢାଞ୍ଚାରେ ନୂତନ କୋଠା ନିର୍ମାଣ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଥିଲା । ବହୁବର୍ଷ ପୂର୍ବରୁ ଏହି କୋଠାରେ ଗଜପତି ମହାରାଜାଙ୍କ କାର୍ଯ୍ୟାଳୟ ଚାଲୁଥିଲା । ପରବର୍ତ୍ତୀ ସମୟରେ ଏଠାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଥିଲା ।



## ଆସାମରେ ନାଇଟ୍ କର୍ଫ୍ୟୁ

କୋଭିଡ୍‌ର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ବଢ଼ୁଥିବାରୁ ବିଭିନ୍ନ ରାଜ୍ୟରେ ରାତ୍ରକାଳୀନ କର୍ଫ୍ୟୁ ଆରମ୍ଭ ହୋଇଯାଇଛି। ଶନିବାର ଏଥିରେ ଆସାମ ସାମିଲ ହୋଇଛି। ସେଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାତି ୧୧ଟା ୩୦ରୁ ସକାଳ ୬ ପଯ୍ୟନ୍ତ ରାତ୍ରି କର୍ଫ୍ୟୁ ଜାରି ରହିବ ବୋଲି ଆସାମ ସରକାର ଶନିବାର ଘୋଷଣା କରିଛନ୍ତି। ତେବେ ନୂଆବର୍ଷ ପାଳନ ପାଇଁ ଡିସେମ୍ବର ୩୧ ରାତିରେ କର୍ଫ୍ୟୁ ଲାଗୁ ହେବନାହିଁ।




# ୩୦ ଜଣଙ୍କୁ ମାରି ଜାଳିଦେଲା ମ୍ୟାନ୍‌ମାର ସେନା

ନାପିଡାଓ, ୨୫।୧୨

ମ୍ୟାନ୍‌ମାରର କୟାହ ରାଜ୍ୟରେ ସେନା ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିବା ପରେ ସେମାନଙ୍କ ମୃତଦେହ ଜାଳି ଦେଇଛି। ମୃତକଙ୍କ ମଧ୍ୟରେ ବୃଦ୍ଧବ୍ୟକ୍ତି, ମହିଳା ଓ ପିଲା ଅଛନ୍ତି। ଶୁକ୍ରବାର ସୈନ୍ୟବାହିନୀ ଏଭଳି ବର୍ବରକାଣ୍ଡ ଘଟାଇଥିବା ସ୍ଥାନୀୟ ବାସିନ୍ଦା, ଗଣମାଧ୍ୟମ ରିପୋର୍ଟ ଏବଂ ଏକ ମାନବାଧିକାର ସଂଗଠନ ପକ୍ଷରୁ ସୂଚନା ମିଳିଛି। କରେନି ହ୍ୟୁମ୍ୟାନ ରାଇଟ୍ସ ଗ୍ରୁପ୍ ଶନିବାର ପ୍ରୁସୋ ସହର ଅନ୍ତର୍ଗତ ଏକ ଗ୍ରାମ ନିକଟରୁ ପୋଡ଼ା ମୃତଦେହ ପାଇଥିବା କହିଛି। ମାନବାଧିକାର ଉଲ୍ଲଂଘନ କରୁଥିବା ଏଭଳି ବର୍ବର ହତ୍ୟାକାଣ୍ଡକୁ ସଂଗଠନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ତେବେ ମ୍ୟାନ୍‌ମାର ସୈନ୍ୟବାହିନୀ ମୃତକମାନଙ୍କୁ ବିରୋଧୀ ସଶସ୍ତ୍ର ବଳର ଆତଙ୍କବାଦୀ ବୋଲି କହିଛି। କେତେଜଣଙ୍କୁ ଗୁଳିକରି ହତ୍ୟା କରାଯାଇଛି ସେ ସମ୍ପର୍କରେ ସେନା ସ୍ପଷ୍ଟ କରିନାହିଁ। ୭ଟି ଗାଡ଼ିରେ ଆସିଥିବା ଏହି ଲୋକମାନଙ୍କୁ ସୈନ୍ୟବାହିନୀ ପକ୍ଷରୁ ଅଟକିବାକୁ କୁହାଯାଇଥିଲା। ସେମାନେ ଗାଡ଼ି ନ ରୋକିବାରୁ ଗୁଳି କରାଗଲା ବୋଲି ସୈନ୍ୟବାହିନୀ ସଫେଇ ଦେଇଛି। ମାନବାଧିକାର ସଂଗଠନ ପକ୍ଷରୁ ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଫଟୋରେ କେତେକ ଗାଡ଼ିରେ ନିଆଁ ଲଗାଯାଇଥିବାବେଳେ ପୋଡ଼ା ମୃତଦେହ ପଡ଼ିରହିଥିବା ଦେଖାଯାଇଛି। ଚଳିତ ବର୍ଷ ଫେବୃୟାରୀ ୧ରେ ମ୍ୟାନ୍‌ମାର ସେନା ବିଦ୍ରୋହ ବଳରେ ଶାସନ କ୍ଷମତା ଅକ୍ତିଆର କରିଥିଲା। କରେନି ନ୍ୟାଶନାଲ ଡିଫେନ୍ସ ଫୋର୍ସ ନାମରେ ଅନ୍ୟତମ ବୃହତ୍ ବେସାମରିକ ଯୋଦ୍ଧାମାନଙ୍କ ସଂଗଠନ ସାମରିକ ଶାସନକୁ ବିରୋଧ କରିଆସୁଛି। ତେବେ ମୃତକମାନେ ଉକ୍ତ ସଂଗଠନର ସଦସ୍ୟ ନୁହନ୍ତି। ସେମାନେ ଶରଣ ଚାହୁଁଥିବା ସାଧାରଣ ଜନତା ଥିଲେ ବୋଲି କରେନି ନ୍ୟାଶନାଲ ଡିଫେନ୍ସ ଫୋର୍ସ ପକ୍ଷରୁ କୁହାଯାଇଛି। ମହିଳା ଓ ଛୋଟ ପିଲାମାନଙ୍କୁ ହତ୍ୟା କରି ପୋଡ଼ିଦିଆଯିବା ଘଟଣାରେ ଆମେ ମର୍ମାହତ ବୋଲି ସଂଗଠନର ଜଣେ କମାଣ୍ଡର କହିଛନ୍ତି। ଜଣେ ସ୍ଥାନୀୟ ବ୍ୟକ୍ତିଙ୍କ ସୂଚନା ଅନୁଯାୟୀ ଶୁକ୍ରବାର ରାତିରେ ଗୁଳିକାଣ୍ଡ ଶବ୍ଦ ଶୁଣାଯାଇଥିଲା। ସକାଳେ ସେ ଘଟଣାସ୍ଥଳକୁ ଯାଇ ମୃତଦେହଗୁଡ଼ିକ ପଡ଼ିଥିବା ଦେଖିଥିଲେ। ସେଠାରେ ମହିଳା ଓ ପିଲାମାନଙ୍କ ପୋଷାକ ଏଣେତେଣେ ପଡ଼ିରହିଥିଲା ବୋଲି ସେ ଫୋନ୍ ଯୋଗେ ଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


ମ୍ୟାନ୍‌ମାର ସୈନ୍ୟ ୩୦ ଜଣ ଲୋକଙ୍କ ସହ ଗାଡ଼ିକୁ ପୋଡ଼ି ଦେଇଛନ୍ତି।

### ମାନବାଧିକାର ସଂଗଠନର ନିନ୍ଦା

ଗତବର୍ଷ ନଭେମ୍ବର ନିର୍ବାଚନରେ ଅଙ୍ଗ୍ ସାନ୍ ସୁ୍ୟ ଚୀଙ୍କ ଦଳ ବିଜୟ ହୋଇଥିଲା। ତେବେ ନିର୍ବାଚନରେ ଜାଲିଆତି କରାଯାଇଥିବା ଅଭିଯୋଗ କରି ସୈନ୍ୟବାହିନୀ ବିଦ୍ରୋହ ବଳରେ କ୍ଷମତା ଦଖଲ କରିବା ସହ ସୁ୍ୟ ଚୀଙ୍କୁ ଜେଲ୍‌ରେ ରଖିଛି। ତେବେ ନିର୍ବାଚନରେ କୌଣସି ଜାଲିଆତି ହୋଇ ନ ଥିବା ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକମାନେ ରିପୋର୍ଟ ଦେଇଛନ୍ତି। ମ୍ୟାନ୍‌ମାରରେ ସାମରିକ ଶାସନ ବିରୋଧରେ ବିଦ୍ରୋହ ଜାରି ରହିଛି। ଏହାକୁ ଦମନ କରିବା ପାଇଁ ସୈନ୍ୟମାନେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସେନା କାର୍ଯ୍ୟାନୁଷ୍ଠାନରେ ହଜାର ହଜାର ନିରୀହ ଲୋକଙ୍କ ଜୀବନ ଗଲାଣି। ଏବେ ଥାଇଲାଣ୍ଡ ପାର୍ଶ୍ୱରେ ସୈନ୍ୟବାହିନୀ ଓ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଚାଲିଛି।

## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୫।୧୨:** ଜମ୍ମୁ-କଶ୍ମୀରର ଶୋପିଆନ ଏବଂ ପୁଲ୍‌ୱାମା ଜିଲାରେ ଶନିବାର ଦୁଇଟି ପୃଥକ୍ ଏନ୍‌କାଉଣ୍ଟରରେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ଶୋପିଆନ୍‌ରେ ଦୁଇଜଣ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ପୁଲ୍‌ୱାମା ଜିଲା ଅଚାନ ଲିଟ୍ଟେର ଅଞ୍ଚଳର ସାଜଦ ଅହମଦ ଚକ୍ ଏବଂ ରାଜା ବସିତ୍ ୟାକୁବ୍। ତେବେ ପୁଲ୍‌ୱାମାରେ ନିହତ ଆତଙ୍କବାଦୀଙ୍କ ପରିଚୟ ମିଳି ନ ଥିବା ପୋଲିସ କହିଛି। ଏହା ବ୍ୟତୀତ ଅବନ୍ତିପୋରାର ତ୍ରାଲ ଅଞ୍ଚଳରେ ଆଉ ଏକ ତଲାସି ଅଭିଯାନ ଜାରି ରହିଥିବା ଜମ୍ମୁ-କଶ୍ମୀର ପୋଲିସ ଡିଜି ଦିଲ୍‌ବାଗ ସିଂ ସୂଚନା ଦେଇଛନ୍ତି। ୩୬ ଘଣ୍ଟା ମଧ୍ୟରେ ୩ ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ ଶ୍ରୀନଗରରୁ ଟିଆର୍‌ଏଫ୍‌ର ଜଣେ ହତ୍ୟାକାରୀ ମଡ୍ୟୁଲଙ୍କୁ ଗିରଫ କରାଯାଇଛି। ନିହତ ଆତଙ୍କବାଦୀମାନଙ୍କଠାରୁ ୨ଟି ଏକେ ସିରିଜ ରାଇଫଲ, ୪ ଏକେ ମାଗାଜିନ୍, ୩୨ ରାଉଣ୍ଡ ଗୁଳି ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

### କୋଭାକ୍ସିନର ଉପଯୋଗୀ ଅବଧି ବୃଦ୍ଧିକୁ ନେଇ ଦ୍ୱନ୍ଦ୍ୱ

**ବେଙ୍ଗାଲୁରୁ, ୨୫।୧୨:** କୋଭିଡ୍ ସମେତ ସମସ୍ତ ଟିକାକୁ ଏହାର ଏକ୍ସପାଏରି ଡେଟ୍ ବା ଉପଯୋଗୀ ଅବଧି ପୂରଣ ପରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିବାବେଳେ କରୋନା ଭାକ୍ସିନ କୋଭାକ୍ସିନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କୋଭାକ୍ସିନ୍ ଭାଏଲ ୬ ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ରହିପାରୁଥିବାରୁ ଏହାର ଉପଯୋଗୀ ଅବଧି ଉତ୍ପାଦନ ସମୟଠାରୁ ୧୨ ମାସ ପର୍ଯ୍ୟନ୍ତ ରହିପାରିବ ବୋଲି ଗତ ନଭେମ୍ବରରେ ଭାକ୍ସିନ ନିର୍ମାତା ଭାରତ ବାୟୋଟେକ୍ କହିଥିଲା। ତେଣୁ ପୂର୍ବରୁ ୨୦୨୧ ସେପ୍ଟେମ୍ବରରୁ ୨୦୨୨ ଜୁନ୍ ମଧରେ ଉପଯୋଗ ଅବଧି ଶେଷ ହେଉଥିବା କୋଭାକ୍ସିନ ଡୋଜ୍‌ଗୁଡ଼ିକୁ ୨୦୨୨ ମାର୍ଚ୍ଚରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବଢ଼ାଇବାକୁ ବିଭିନ୍ନ ଘରୋଇ ହସ୍ପିଟାଲଗୁଡ଼ିକୁ କମ୍ପାନୀ କହିଥିଲା। ଓପନ ଭାଏଲ ପଲିସିକୁ ନେଇ କର୍ନାଟକ ସରକାରଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଟିକା ଭାଏଲ ମନିଟରର ଅନୁପସ୍ଥିତିରେ ଡୋଜ୍‌ର ଗୁଣାତ୍ମକ କାର୍ଯ୍ୟକାରିତା ନିଶ୍ଚିତ କରିବା ସମ୍ଭବ ନୁହେଁ। ଭାକ୍ସିନରେ ପୂର୍ବରୁ ଲେଖାଯାଇଥିବା ତାରିଖ ହିଁ ଏହାର ଉପଯୋଗର ଶେଷ ତାରିଖ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେଣୁ ବେଙ୍ଗାଲୁରୁରେ ଥିବା ବିଭିନ୍ନ ଘରୋଇ ହସ୍ପିଟାଲରେ ପ୍ରାୟ ୫.୫ ଲକ୍ଷ ଭାକ୍ସିନ୍ ଡୋଜ୍‌ର ବ୍ୟବହାରକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

### ନିଲାମ ହେବ ନୀରବ ମୋଦିଙ୍କ ହଜାରେ କୋଟି ସମ୍ପତ୍ତି

**ମୁମ୍ବାଇ, ୨୫।୧୨:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପଳାତକ ବ୍ୟବସାୟୀ ନୀରବ ମୋଦୀଙ୍କ ସମ୍ପତ୍ତି ରିଲିଜ କରିଛି। ଏହାର ମୂଲ୍ୟ ୧ ହଜାର କୋଟି ଟଙ୍କା ହେବ। ସେଥିମଧରେ କାଳା ଘୋଡାସ୍ଥିତ ରିଦିମ୍ ହାଉସ୍ ସମେତ ଏକ ନେପାନ୍‌ସିଆ ରୋଡ୍ ଫ୍ଲାଟ, କୁର୍ଲାସ୍ଥିତ ଏକ ଅଫିସ୍ ବିଲ୍ଡିଂ ରହିଛି। ଏହି ସମ୍ପତ୍ତିଗୁଡିକୁ ନିଲାମ କରାଯାଇ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଠକେଇ ଅର୍ଥ ଆଦାୟ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନିଲାମ ନିମନ୍ତେ ନ୍ୟାଶନାଲ୍ କମ୍ପାନୀ ଲ ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଟି) ଲିକ୍ୱିଡେଟର ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ମଧ ଇଡି କିଛି ସମ୍ପତ୍ତି ରିଲିଜ କରିଥିଲା। ନୀରବ ମୋଦି ପିଏନ୍‌ବିରେ ପ୍ରାୟ ୬,୫୦୦ କୋଟି ଟଙ୍କା ଠକେଇ କରିଥିଲେ। ଏବେ ସେ ଲଣ୍ଡନର ଏକ ଜେଲରେ ଅଛନ୍ତି। ତାଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ସରକାର ଉଦ୍ୟମ ଚଳାଇଛନ୍ତି।



## ‘ଭାଜପା କ୍ଷମତାକୁ ଆସିଲେ ସମ୍ବିଧାନ ବଦଳାଇଦେବ’


ଦିଗ୍‌ବିଜୟ ସିଂ

ଭୋପାଳ, ୨୫।୧୨

୨୦୨୪ ସାଧାରଣ ନିର୍ବାଚନରେ ଭାଜପା ପୁଣିଥରେ କ୍ଷମତାକୁ ଆସିଲେ ଦେଶର ସମ୍ବିଧାନକୁ ବଦଳାଇଦେବା ସହ ସଂରକ୍ଷଣ ବ୍ୟବସ୍ଥାକୁ ଉଠାଇଦେବ ବୋଲି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଶନିବାର ଅଭିଯୋଗ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ନୀତି ଆଦର୍ଶ ସହ କଂଗ୍ରେସକୁ ଲଢ଼ିବାକୁ ହେବ ବୋଲି ଭୋପାଳଠାରେ ଜନଜାଗରଣ ଅଭିଯାନରେ ଉଦ୍‌ବୋଧନ ଦେଇ ଦିଗ୍‌ବିଜୟ କହିଛନ୍ତି। ହିନ୍ଦୁବାଦ ସହ ହିନ୍ଦୁତ୍ୱର କୌଣସି ସମ୍ପର୍କ ନାହିଁ ବୋଲି ସେ ପୁଣିଥରେ ଦୋହରାଇଛନ୍ତି। ବୀର ସଭରକର ତାଙ୍କ ପୁସ୍ତକରେ ଏ ସମ୍ପର୍କରେ ଲେଖିଛନ୍ତି। ସଭରକର ଗାଈକୁ ମାତା ବିବେଚନା କରୁ ଥିଲେ ଏବଂ ଗୋମାଂସ ଖାଇବାରେ ତାଙ୍କର କୌଣସି ସମସ୍ୟା ନ ଥିଲା ବୋଲି କଂଗ୍ରେସ ନେତା କହିଛନ୍ତି। ଦେଶର ଆର୍ଥିକ ପରିଚାଳନାରେ କେନ୍ଦ୍ର ସରକାରଙ୍କ ଅପାରଗତାକୁ ପଦାରେ ପକାଇବା ପାଇଁ କଂଗ୍ରେସ ପକ୍ଷରୁ ନଭେମ୍ବର ୧୪ରୁ ଜନ ଜାଗରଣ ଅଭିଯାନ ଆରମ୍ଭ ହୋଇଛି।


ବେଙ୍ଗାଲୁରୁରେ ଖ୍ରୀଷ୍ଟମାସ ପର୍ବ ପାଳନ ଅବସରରେ ‘ ସି ଫର ସୋସାଇଟି’ର ସଦସ୍ୟମାନେ ସାନ୍ତାକ୍ଲଜ୍ ପୋଷାକ ପିନ୍ଧି ବାଇକ ରାଲିରେ ଯୋଗ ଦେଇଛନ୍ତି।

## ପ୍ରତିରକ୍ଷାରେ ଆତ୍ମନିର୍ଭର ହେବ ଭାରତ

**ନୂଆଦିଲ୍ଲୀ, ୨୫।୧୨(ନ୍ୟୁ ଇଣ୍ଡିଆ ସମାଚାର):** ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ଦେଶକୁ ବିଶ୍ୱର ସର୍ବ ବୃହତ ସାମରିକ ଶକ୍ତି କରିବା ଲକ୍ଷ୍ୟରେ ମେକ୍ ଇନ୍ ଇଣ୍ଡିଆକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ୪୧ଟି ଗୋଳାବାରୁଦ କାରଖାନାର ପୁନଃନିର୍ମାଣ ସହିତ ୭ଟି ନୂତନ କମ୍ପାନୀ ଆରମ୍ଭ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ୭,୯୬୫ କୋଟି ଟଙ୍କା ମୂଲ୍ୟର ଅସ୍ତ୍ରଶସ୍ତ୍ର ଏବଂ ଯନ୍ତ୍ରପାତି କ୍ରୟକୁ ଅନୁମୋଦନ କରିଛନ୍ତି। ମେକ୍ ଇନ୍ ଇଣ୍ଡିଆ ଅଧୀନରେ ଏହି କ୍ରୟ ସ୍ୱଦେଶୀ କମ୍ପାନୀଗୁଡିକରୁ କରାଯିବ। ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍‌ରୁ ୧୨ଟି ହାଲୁକା ୟୁଟିଲିଟି ହେଲିକପ୍ଟର ସହ ଡର୍ନିୟର୍ ବିମାନର ବିକାଶ କରାଯିବ। ନୌ-ବାହିନୀ ଯୁଦ୍ଧ ଜାହାଜର ନିରୀକ୍ଷଣ ତଥା କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌ର ଲିଙ୍କସ୍ ନାଭାଲ୍ ଗନ୍‌ଫାୟାର କଣ୍ଟ୍ରୋଲ୍ ସିଷ୍ଟମ୍ କ୍ରୟ କରାଯିବା ପାଇଁ ଏହି ଅନୁମୋଦନରେ ବ୍ୟବସ୍ଥା କରାଯାଇଛି।

## ଭାରତରେ ନାରୀ ଶିକ୍ଷାର ବିକାଶ ଚାହାନ୍ତି ଇଣ୍ଡିଆ-ଆର୍ଥ ବିଜୟିନୀ

ଦୁବାଇ, ୨୫।୧୨

ଚଳିତ ବର୍ଷର ‘ଶ୍ରୀମତୀ ଇଣ୍ଡିଆ-ଆର୍ଥ’ ବିଜୟିନୀ ଡାକ୍ତର ମୋନିକା ଚାୱ୍ଲା ଭାରତରେ ନାରୀ ଶିକ୍ଷାର ବିକାଶ ଏବଂ ସେମାନଙ୍କ ସଶକ୍ତୀକରଣ ଚାହାନ୍ତି ବୋଲି କହିଛନ୍ତି। ଏଣ୍ଡୋକ୍ରାଇନୋଲୋଜିଷ୍ଟ ଏବଂ ଫର୍ଟିଲିଟି ସ୍ପେଶାଲିଷ୍ଟ ଚାୱ୍ଲା ୧୬ ବର୍ଷ ଧରି ବହୁସଂଖ୍ୟାରେ ମହିଳାଙ୍କ ମା’ ହେବାର ସ୍ୱପ୍ନ ପୂରଣ କରିଛନ୍ତି। ଗତ ୧୮ ତାରିଖରେ ସେ ନୂଆଦିଲ୍ଲୀରେ ଆୟୋଜିତ ଷଷ୍ଠ ‘ଶ୍ରୀମତୀ ଇଣ୍ଡିଆ-ଆର୍ଥ’ ଟାଇଟଲ ଜିତିଥିଲେ। ଦିଲ୍ଲୀରେ ଜନ୍ମିତ ଚାୱ୍ଲା ବ୍ରିଟେନ, ସ୍ପେନ୍, ଜର୍ମାନୀରେ ତାଲିମ ନେଇଥିବାବେଳେ ଏବେ ସେ ଆବୁଧାବିରେ ଅଛନ୍ତି। ୨୦୧୭ରେ ପ୍ରଜନନ ଔଷଧ ଉପରେ ପୁସ୍ତକ ସହ ଏକାଧିକ ଅନ୍ତର୍ଜାତୀୟ ପ୍ରକାଶନ ରଚନା କରିଛନ୍ତି। ଦୁବାଇର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ତାଙ୍କୁ ୨୦୧୮ରେ ‘ବେଷ୍ଟ ଫିଜିସିଆନ ଅଫ୍ ଦି ୟୁଏଇ’ ପୁରସ୍କାର ପ୍ରଦାନ କରିଥିଲେ।


ମୋନିକା ଚାୱ୍ଲା

## ଭାଜପାର ଚାନ୍ଦା ସଂଗ୍ରହ ଅଭିଯାନ

**ନୂଆଦିଲ୍ଲୀ, ୨୫।୧୨(ପି.ଟି.):** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ଅବସରରେ ଶନିବାର ଭାଜପା ପକ୍ଷରୁ ସ୍ୱତନ୍ତ୍ର ମାଇକ୍ରୋ ଡୋନେଶନ ଅଭିଯାନ ଆରମ୍ଭ ହୋଇଛି। ସଭ୍ୟ ଓ ଅନ୍ୟମାନଙ୍କଠାରୁ ସ୍ୱଳ୍ପ ଦାନ ସଂଗ୍ରହ ମାଧ୍ୟମରେ ଦଳୀୟ ପାଣ୍ଠି ବଢ଼ାଇବା ଏହାର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ଭାଜପା ନେତା ଏହି ଅବସରରେ ଚାନ୍ଦା ଦେବା ସହ ଅନ୍ୟମାନଙ୍କୁ ଦାନ କରିବା ଲାଗି ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଭାଜପାକୁ ୧,୦୦୦ ଟଙ୍କା ଦାନ କରିଥିବା ଟୁଇଟ୍ କରିଛନ୍ତି।

## ସରକାରୀ କାର୍ଯ୍ୟାଳୟରେ ସ୍ୱଚ୍ଛତା: ୪୦ କୋଟି ଆୟ

ନୂଆଦିଲ୍ଲୀ, ୨୫।୧୨
(ନ୍ୟୁ ଇଣ୍ଡିଆ ସମାଚାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ‘ସ୍ୱଚ୍ଛ ଭାରତ ଅଭିଯାନ’ରେ ଦେଶ ଖୋଲା ଶୌଚରୁ ମୁକ୍ତହେବା ସହ ସହର ଓ ଗାଁ ଗୁଡ଼ିକରେ ସଫେଇ କାର୍ଯ୍ୟ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇପାରିଛି। ଗାନ୍ଧୀଜୟନ୍ତୀଠାରୁ ଆରମ୍ଭକରି ଅକ୍ଟୋବର ୩୧ ତାରିଖ ଯାଏ ସରକାରୀ ଅଫିସଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଚଳାଗଲା। ଅଦରକାରୀ ଫାଇଲଗୁଡ଼ିକର ବିକଳ୍ପ ସୃଷ୍ଟି କରାଗଲା। ସମୁଦାୟ ୧୫ ଲକ୍ଷ ୨୩ ହଜାର ୪୬୪ ଫାଇଲ ମଧ୍ୟରୁ ୧୩ ଲକ୍ଷ ୭୩ ହଜାର ୨୦୪ ଫାଇଲକୁ ସଂକ୍ଷିପ୍ତ କରିଦିଆଗଲା। ୩୦ ଦିନ ମଧ୍ୟରେ ୨,୯୧,୬୯୨ ଅଭିଯୋଗ ସମାଧାନ କରାଗଲା। ଏମ୍‌ପିଙ୍କ ଦ୍ୱାରା ପଠାଯାଇଥିବା ୧୧,୦୫୭ଟି ମାମଲାରୁ ୮,୨୮୨ଟି ସମାଧାନ ହୋଇପରିଲା। ସରକାର ସ୍ୱଚ୍ଛତା ଅଭିଯାନରୁ ପ୍ରାୟ ୪୦ କୋଟି ଟଙ୍କା ରୋଜଗାର କରିଛନ୍ତି। ଇଲେକ୍ଟ୍ରୋନିକ୍ ସ୍କ୍ରାପ୍ ସରକାରଙ୍କ ଏହି ରୋଜଗାରରେ ଅନ୍ତର୍ଭୁକ୍ତ।

# ଦେଶରେ ୪୧୫ ଓମିକ୍ରନ୍ ସଂକ୍ରମିତ

### ୫୦ ପ୍ରତିଶତ ନେଇଛନ୍ତି ଡବଲ୍ ଡୋଜ୍

ନୂଆଦିଲ୍ଲୀ, ୨୫।୧୨(ପି.ଟି.)

ଭାରତରେ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ଶନିବାର ୪୧୫ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୧୫ ଜଣ ସୁସ୍ଥ ହେଲେଣି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ମହାରାଷ୍ଟ୍ରରେ ସର୍ବାଧିକ ୧୧୦ ଓମିକ୍ରନ୍ ଭାରିଆଣ୍ଟରେ ଆକ୍ରାନ୍ତ ହୋଇଥିବାବେଳେ ଏହା ପଛକୁ ଦିଲ୍ଲୀରେ ୭୯, ଗୁଜରାଟରେ ୪୩, ତେଲଙ୍ଗାନାରେ ୩୮, କେରଳରେ ୩୭, ତାମିଲନାଡୁରେ ୩୪ ଓ କେରଳରେ ୩୧ ସଂକ୍ରମିତ ହୋଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୭,୧୮୯ କୋଭିଡ୍ ମାମଲା ଚିହ୍ନଟ ହୋଇଥିବାବେଳେ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩,୪୭,୭୯,୮୧୫ରେ ପହଞ୍ଚିଛି। ତେବେ ସକ୍ରିୟ ମାମଲା ସଂଖ୍ୟା ୭୭,୦୩୨କୁ ହ୍ରାସ ପାଇଛି। ସେହିପରି ୨୪ ଘଣ୍ଟାରେ ୩୮୭ ମୃତ୍ୟୁ ସହ ଦେଶରେ କୋଭିଡ୍-୧୯ ଜନିତ ମୃତ୍ୟୁସଂଖ୍ୟା ୪,୭୯,୫୨୦ ଛୁଇଁଛି। ମୋଟ ୪୧୫ ଓମିକ୍ରନ୍ ସଂକ୍ରମିତଙ୍କ ମଧ୍ୟରୁ ୧୮୩ ଜଣଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ଅର୍ଥାତ୍ ୮୭ ଜଣ କୋଭିଡ୍ ଟିକାର ଡବଲ୍ ଡୋଜ୍ ନେଇଥିବା ଜଣାପଡ଼ିଛି। ୩ ଜଣ ବୁଷ୍ଟର ଡୋଜ୍ ନେଇଥିବାବେଳେ ଦୁଇଜଣ ଗୋଟିଏ ଡୋଜ୍ ଏବଂ ୭ ଜଣ ଆଦୌ ଟିକା ନେଇ ନାହାନ୍ତି। ତେଣୁ ଓମିକ୍ରନ୍ ସଂକ୍ରମଣକୁ ରୋକିବା ପାଇଁ ଟିକା ଯଥେଷ୍ଟ ନୁହେଁ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବାକୁ ହେଲେ ମାସ୍କ ବ୍ୟବହାର ଏବଂ ସର୍ଭିଲାନ୍ସ ଜରୁରୀ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।


ମୁମ୍ବାଇରେ ଖ୍ରୀଷ୍ଟମାସ ପାଳନ ପାଇଁ ଚର୍ଚ୍ଚ ଆଗରେ ଶ୍ରଦ୍ଧାଳୁମାନେ ମାସ୍କ ପିନ୍ଧି ଅପେକ୍ଷା କରିଛନ୍ତି।

## ‘ବିନା ସହମତିରେ ମହିଳାଙ୍କୁ ଛୁଇଁବା ଅପରାଧ’

ମୁମ୍ବାଇ, ୨୫।୧୨

ବିନା ସହମତିରେ ଜଣେ ମହିଳାଙ୍କ ଶରୀରକୁ ଜଣେ ଅଜଣା ବ୍ୟକ୍ତି ଛୁଇଁବା ଅର୍ଥ ତାଙ୍କ ମର୍ଯ୍ୟାଦା ହାନି କରିବା। ଏହା ଅପରାଧ ବୋଲି ବମ୍ବେ ହାଇକୋର୍ଟର ଔରଙ୍ଗାବାଦ ଖଣ୍ଡପୀଠ କହିଛନ୍ତି। ଏଥିସହ ମହାରାଷ୍ଟ୍ର ଜଲାନା ଜିଲାର ଜଣେ ୩୬ ବର୍ଷୀୟ ପରମେଶ୍ୱର ଧାଗେଙ୍କ ଆବେଦନକୁ ଖାରଜ କରି ଟ୍ରାଏଲ କୋର୍ଟଙ୍କ ବର୍ଷେ ଜେଲ ଦଣ୍ଡାଦେଶ ରାୟ ବଳବତ୍ତର ରଖିଛନ୍ତି। ଗତ ଅଗଷ୍ଟ ୨୧ରେ ପରମେଶ୍ୱର ପିଟିଶନ ଦାଖଲ କରିଥିବାବେଳେ ଜଷ୍ଟିସ୍ ମୁକୁନ୍ଦ ଜି. ସେୱ୍ଲିକରଙ୍କ ଏକକ ଖଣ୍ଡପୀଠ ଗତ ମଙ୍ଗଳବାର ଉକ୍ତ ରାୟ ଦେଇଛନ୍ତି।

ମାମଲା ମୁତାବକ, ୨୦୧୪ରେ ଜଣେ ମହିଳା ପରମେଶ୍ୱରଙ୍କ ନାଁରେ ଅଭିଯୋଗ ଆଣିଥିଲେ। ସେ ଏବଂ ତାଙ୍କ ଆଈ ଶାଶୁ ମା’ ଘରେ ଥିବାବେଳେ ରାତି ପ୍ରାୟ ୮ଟାରେ ପରମେଶ୍ୱର ସେଠାକୁ ଯାଇଥିଲେ। ତାଙ୍କ ସ୍ୱାମୀ କେତେବେଳେ ଘରକୁ ଫେରିବେ ବୋଲି ପରମେଶ୍ୱର ସମ୍ପୃକ୍ତା ମହିଳାଙ୍କୁ ପଚାରିଥିଲେ। ହେଲେ ସ୍ୱାମୀ ନ ଫେରିପାରନ୍ତି ବୋଲି ମହିଳା ଜଣକ କହିବା ପରେ ପରମେଶ୍ୱର ସେଠାରୁ ଚାଲିଯାଇଥିଲେ। ରାତି ପ୍ରାୟ ୧୧ଟାରେ ଅଭିଯୁକ୍ତ ପୁଣି ମହିଳାଙ୍କ ଘରକୁ କୌଣସି ମତେ କବାଟ ଖୋଲି ପଶିଯାଇଥିଲେ। କେହି ଗୋଡ଼କୁ ସ୍ପର୍ଶକରୁଥିବା ଜାଣିପାରି ମହିଳା ଜଣକ ଉଠିଯିବାରୁ ଘରେ ରାମେଶ୍ୱର ଥିବା ଦେଖିବାକୁ ପାଇଥିଲେ। ପାଟି ଶୁଣି ରାମେଶ୍ୱର ସେଠାରୁ ପଳାଇଯାଇଥିଲେ। ଏହା ପରଦିନ ମହିଳା ଜଣକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ରାହାମା,(ଡି.ଏନ୍.ଏ ): କୁଜଙ୍ଗ ତହସିଲ ସାଇଲୋ ପଞ୍ଚାୟତ ଅନ୍ତର୍ଗତ ହିତରଣା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲାଗି ୨ବଖରା ଜଳିଯାଇଛି। ଏଥିରେ ଗ୍ରାମର କ୍ଷୀରୋଦ ଦାସଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ଜଳିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଖବରପାଇ ତିର୍ତ୍ତୋଲ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳକୁ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ରାହାମା ରାଜସ୍ୱ ନିରୀକ୍ଷକ ସେଠାରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

## ସଂକ୍ଷେପରେ

### ମହାନଦୀ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ,୨୫।୧୨(ସ୍ୱ.ପ୍ର.): ପାରାଦୀପରେ ଚାଲିଥିବା ମହାନଦୀ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦିନରେ ପୁରସ୍କାର ବିତରଣ ସହ ପାଲା ଓ ଘୋଡାନାଚ ପରିବେଷଣ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗ ଦେଇଥିଲେ । ଜିଲାପାଳ ପାରୁଲ ପଟୱାରି ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଓ ଚିନ୍ମୟୀ ବିଶ୍ୱାଳ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ଦାସ, ସଂସ୍କୃତି ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ, ମହାନଦୀ ହେଉଛି ଆମ ଜୀବନର ଧାରା। ଏହାର ସଙ୍ଗମସ୍ଥଳ ହେଲା ପାରାଦୀପ। ଏହାର ସବୁ ପ୍ରକାର ଯତ୍ନ ଅପରିହାର୍ଯ୍ୟ। ପୁରସ୍କାର ବିତରଣ ଉତ୍ସବରେ ବାଳକ ଭଲିବଲ୍ ମ୍ୟାଚରେ ପ୍ରଥମ ସ୍ଥାନ ପାଇଥିବା ପାରାଦୀପ ବନ୍ଦର ଓ ଦ୍ୱିତୀୟରେ ରହିଥିବା ପିପିଏଲ୍ ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ମାରାଥନର ପୁରୁଷ ବର୍ଗରେ ସଞ୍ଜୟ କୁମାର ମଲ୍ଲିକ ପ୍ରଥମ, ଦୀନେଶ ତରାଇ ଦ୍ୱିତୀୟ ଓ ମୁକ୍ତେଶର ନାଥଶର୍ମା ତୃତୀୟ ହୋଇଥିଲେ। ମହିଳା ବର୍ଗରେ ସ୍ମରଣିକା ସାହୁ ପ୍ରଥମ, ସାଇନା ସ୍ୱାଇଲ ମହାନ୍ତି ଦ୍ୱିତୀୟ ଓ ତନୁଶ୍ରୀ ଦାଶ ତୃତୀୟ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପୌର ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

### ସାଗରବେଳା ମହୋତ୍ସବ ପାଇଁ ପ୍ରସ୍ତୁତି

ରାଜନଗର,୨୫।୧୨(ଡି.ଏନ.ଏ.): ରାଜନଗର ସାଗରବେଳା ମହୋତ୍ସବ ଚଳିତବର୍ଷ ଆୟୋଜନ କରିବା ପାଇଁ ଶନିବାର ସ୍ଥାନୀୟ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସାଗର ବେଳା ମହୋତ୍ସବ ସାଂସ୍କୃତିକ ପରିଷଦର ସଭାପତି ଡ. ଅଭୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମହାସଚିବ ଅଧ୍ୟାପକ ସତ୍ୟବାଦୀ ଜେନା ପୂର୍ବବର୍ଷର ବିବରଣୀ ପାଠ କରିଥିଲେ। ଚଳିତବର୍ଷ ଯଦି ସରକାରଙ୍କ ଅନୁମତି ମିଳେ, ପେଣ୍ଠ ବେଳାଭୂମିରେ ସାଗରବେଳା ମହୋତ୍ସବର ୪ର୍ଥ ସଂସ୍କରଣ ଆୟୋଜନ କରିବାକୁ ଉକ୍ତ ବୈଠକରେ ମତ ପ୍ରକାଶ ପାଇଥିଲା। ପ୍ରଫେସର ଡ. ଧରଣୀଧର ରାଉତ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଲ ବଳ, ଡ. ପଦ୍ମଲୋଚନ ରାଉତ, ସ୍ୱପ୍ନେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ଅମର କୁମାର ସ୍ୱାଇଁ, ଅଧ୍ୟାପିକା ଭଗବତୀ ରାଉତ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମହାନ୍ତି, ବାସୁଦେବ ମିଶ୍ର, ସୁରେଶ ନରେନ୍ଦ୍ର, କ୍ଷୀରୋଦ କୁମାର ମଲିକ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବର ସଫଳ ଆୟୋଜନ ଉପରେ ମତ ରଖିଥିଲେ।

### ସିପିଆଇର ବ୍ଲକସ୍ତରୀୟ ମହିଳା ସମ୍ମିଳନୀ

କୁଜଙ୍ଗ,୨୫।୧୨(ଡି.ଏନ୍.ଏ.): କୁଜଙ୍ଗରେ ସିପିଆଇ ପକ୍ଷରୁ ଶନିବାର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ସ୍ଥାନୀୟ ଲୋକନାଥ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସିପିଆଇ ମହିଳା ଶାଖାର ୫୦୦ରୁ ଊର୍ଦ୍ଧ୍ୱ କର୍ମୀ କୁଜଙ୍ଗ ବଜାର ପରିକ୍ରମା କରିଥିଲେ। ଲୋକନାଥ ଭବନରେ ଜିନ୍ମୟୀ ସାହାଣୀ ଲାଲ ପତାକା ଉତ୍ତୋଳନ କରିଥିଲେ। ରାମକୃଷ୍ଣ ପଣ୍ଡା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସେମାନେ ନିନ୍ଦା କରିଥିଲେ। ସୁବାସ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପାରାଦୀପ କୁଜଙ୍ଗ ଆଞ୍ଚଳିକ କମିଟିର ସମ୍ପାଦକ ଶରତ ବେହେରା, ଶ୍ରୀନିବାସ ଜୁଝାରସିଂହ, ରବି ସାମଲ, ରବୀନ୍ଦ୍ର ମାଝି ଓ ପ୍ରତିମା ମାଝି ପ୍ରମୁଖ ଏଥିରେ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତା ଉପରେ ଗୁରୁତ୍ୱ ଦେଇଥିଲେ।

### ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଲା

ପାରାଦୀପ ୨୫।୧୨(ସ୍ୱ.ପ୍ର.): ପାରାଦୀପ ପୌରାଞ୍ଚଳର ୩ଟି ୱାର୍ଡ ଥିବା ଷଣ୍ଢକୁଦଠାରେ ଶନିବାର ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଓ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ନିର୍ମିତ ଏହି କେନ୍ଦ୍ରକୁ ମନ୍ତ୍ରୀ ରଘୁନନ୍ଦନ ଦାଶ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ, ଜିଲାପାଳ ପାରୁଲ ପଟୱାରି, ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କ୍ଷେତ୍ରବାସୀ ଦାଶ ,ପୂର୍ବତନ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ମହିଳା

## ସ୍ୱାସ୍ଥ୍ୟକାର୍ଡ ବଣ୍ଟନବେଳେ ଉତ୍ତେଜନା

ନାଉଗାଁ,୨୫।୧୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ବାଂଶ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ସମୟରେ ଉତ୍ତେଜନା ପ୍ରକାଶ ପାଇଛି। ବିବାଦରେ ଥିବା ଜଣେ ପୂର୍ବତନ ଜିଆର୍‌ଏସ୍ କାର୍ଡ ବଣ୍ଟନ କରିବାରୁ କେତେଜଣ ମହିଳା ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ସମ୍ମୁଖରେ ବସିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତର ଏମ୍‌ଜିଏନ୍‌ଆରଇଜିଏସ୍ (ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା)ରେ ଅନିୟମିତତା ହୋଇଥିଲା। ଏଥିରେ ପୂର୍ବତନ ଜିଆରଏସ୍ ଲଗ୍ନଜିତ ସାହୁଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ତଦନ୍ତ ଦାବିରେ ଗତ ଜୁଲାଇରେ ୨ ଥର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜବ୍‌କାର୍ଡଧାରୀମାନେ ଧାରଣା ଦେଇଥିଲେ। ଏହି ଧାରଣାକୁ ବହୁଜନ ଯୁବ ଓ ଛାତ୍ର ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ସମର୍ଥନ ଜଣାଇ ସେଥିରେ ସାମିଲ ହୋଇଥିଲେ। ପରେ ଜିଲା ପ୍ରଶାସନ ପକ୍ଷରୁ ଅନିୟମିତତାର ତଦନ୍ତ କରାଯିବା ସହ ଜିଆରଏସ୍ ସାହୁଙ୍କୁ ଜାମୁଗାଁ ପଞ୍ଚାୟତକୁ ବଦଳି କରିଦିଆଯାଇଥିଲା। ଶନିବାର ସାହୁଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ପାଇଁ ଆସିଥିବା ଦେଖି ପ୍ରିୟଙ୍କା ଭୋଇ, ସୁନାମଣି ଭୋଇ, ଅଞ୍ଜନା ଭୋଇ ଓ ସନ୍ତୋଷୀ ଭୋଇ ପ୍ରମୁଖ ଉତ୍ତ୍ୟକ୍ତ ହୋଇଯାଇଥିଲେ। ଖବରପାଇ ନାଉଗାଁ ପୋଲିସ ଏସ୍‌ଆଇ ବିଭୂତି କୁମାର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ସାହୁଙ୍କୁ ସେଠାରୁ ଆଣିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏବିଷୟରେ ଜିଆରଏସ୍ ସାହୁ କହିଛନ୍ତି, ବ୍ଲକ ପ୍ରଶସାନର ଚିଠି ନଂ.୨୮୪୧ ଅନୁସାରେ ସେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏସମ୍ପର୍କରେ ବିଡିଓ ରଶ୍ମିରେଖା ମଲ୍ଲିକ କହିଛନ୍ତି, ଜିଆରଏସ୍ ସାହୁଙ୍କୁ ୩ ଦିନ ପାଇଁ ଅସ୍ଥାୟୀ ଭାବେ ସେଠାକୁ ପଠାଯାଇଥିଲା। ବିରୋଧ ପରେ ସେଠାକୁ ନଯିବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ବସିଛନ୍ତି।

### ଭବାନୀ ପୂଜା: ବିଜୟୱାଡା ଗଲେ ୩୨ ସେବକ

ପାରାଦୀପ ୨୫।୧୨(ସ୍ୱ.ପ୍ର.)

ପାରାଦୀପ ଷଣ୍ଢକୁଦ ବସ୍ତିର ୩୨ ଜଣ ସେବକ ଶନିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ବେଶଭୂଷା ହୋଇ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଭିମୁଖେ ଯାଇଛନ୍ତି। ସେମାନେ ଗଲା ୪୫ ଦିନ ହେଲା ମା'ଦୁର୍ଗାଙ୍କ ପୂଜାରେ ଉପାସନା କରୁଥିଲେ। ଏହାକୁ ଭବାନୀ ବ୍ରତ ବୋଲି କୁହାଯାଏ। ରବିବାର ଉପାସନା ପୂର୍ଣ୍ଣାଙ୍ଗ ହେବା ଏ ଥିରେ ସମସ୍ତେ ଲଣ୍ଡା ହେବେ। ତା'ପରେ ପରିବାର ଲୋକଙ୍କ ସହ ମିଶିବେ। ପ୍ରତିବର୍ଷ ଏହି ପୂଜା ପାଇଁ ଷଣ୍ଢକୁଦରୁ ହଜାରରୁ ଊର୍ଦ୍ଧ୍ୱ ଲୋକ ଯାଇଥାନ୍ତି। ତେବେ କରୋନା କଟକଣା ପାଇଁ ଏଥର ମାତ୍ର ୩୫ ଜଣ ଯାଉଛନ୍ତି ବୋଲି କାମଲ ରାମବାବୁ ନାମକ ଉପାସକ କହିଛନ୍ତି।

# ଅନ୍ଧାରକୁ ଆଲୋକ କରୁଛନ୍ତି ବିଦ୍ୟୁତ୍ କର୍ମଚାରୀ

ଜଗତ୍‌ସିଂହପୁର ଅଫିସ,୨୫।୧୨



ସମ୍ମିଳନୀରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅତିଥିମାନେ।

- ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ
- ଆବଶ୍ୟକ ପଡିଲେ ଟାଟା ପାୱାର ବିରୋଧରେ ଆନ୍ଦୋଳନ ଚେତାବନୀ

ସରକାର ବିଭିନ୍ନ ଯୋଜନା, ଏପରିକି ବିଦ୍ୟୁତୀକରଣ ସହ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଅର୍ଥ ବିନିଯୋଗ କରୁଛନ୍ତି। କିନ୍ତୁ ଏହା କର୍ମଚାରୀମାନଙ୍କ ବିନା ସମ୍ଭବ ନୁହେଁ। ସେମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ଯୋଜନା ବାସ୍ତବ ରୂପ ନେଇପାରୁଛି। ସମ୍ପ୍ରତି ବିଦ୍ୟୁତ ବିନା ଚଳିବା ଅସମ୍ଭବ ହୋଇପଡିଛି। ଏ ପରିସ୍ଥିତିରେ ବିଦ୍ୟୁତ କର୍ମଚାରୀମାନେ ଅନ୍ଧାରକୁ ଆଲୋକ କରି ଚାଲିଛନ୍ତି। ଶନିବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଏହା କହିଛନ୍ତି। ସେ କହିଥିଲେ, ଠିକା କର୍ମଚାରୀଙ୍କୁ ନିୟମିତ କରାଯିବା ସଙ୍ଗେସଙ୍ଗେ ସେମାନଙ୍କ ଦରମା ବୃଦ୍ଧି, ରିହାବିଲିଟେଶନ୍ ଯୋଜନାରେ ଅନ୍ତର୍ଭୁକ୍ତ ହେବା ଆଦି ଦାବି ପୂରଣ ପାଇଁ ଉଦ୍ୟମ କରାଯିବ। ବଡ କଥା ହେଲା ମହାସଂଘ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ। ପୂର୍ବରୁ କିଛି ପ୍ରସଙ୍ଗରେ ସରକାର କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ନେଇ ପ୍ରଶ୍ନ ଉଠୁଥିଲା। କିନ୍ତୁ ଏହି ସମସ୍ୟା ମହାସଂଘ କ୍ଷେତ୍ରରେ ଦେଖାଦେବ ନାହିଁ ବୋଲି ମନ୍ତ୍ରୀ ଜେନା ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ମହାସଂଘ ପକ୍ଷରୁ ଜଣୈକ ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରତ୍ୟେକଙ୍କୁ ତାଙ୍କ ଆଡକୁ କେନ୍ଦ୍ରିଭୂତ କରି ଦେଇଥିଲେ। ସେ କହିଥିଲେ, ମନ୍ତ୍ରୀ ଜେନାଙ୍କ ନିର୍ବାଚନ ମଣ୍ଡଳୀର ଜଣେ ଠିକା କର୍ମଚାରୀଙ୍କ ପରିବାରର ୨ ଜଣ ପକ୍ଷାଘାତ ରୋଗରେ ପୀଡିତ। ଏ ପରିସ୍ଥିତିରେ ସେ ଶାରୀରିକ ଓ ମାନସିକ କ୍ଷେତ୍ରରେ ଭାରାକ୍ରାନ୍ତ। କିନ୍ତୁ ଟିପିସିଓଡିଏଲ୍ ତାଙ୍କ ଦୁର୍ଦ୍ଦିନରେ ସହଯୋଗ ପରିବର୍ତ୍ତେ ନିର୍ଯାତନା ଦେଉଛି। ତାଙ୍କୁ ୧୫୦ କିଲୋମିଟର ଦୂରରେ ବଦଳି କରାଯାଇଛି। ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ସମ୍ପୃକ୍ତ ଠିକା କର୍ମଚାରୀଙ୍କୁ ନ୍ୟାୟ ଦେବା ପାଇଁ ଅନୁରୋଧ କରିଥିଲେ। ଏହି ସମୟରେ ମହାସଂଘ ସଭାପତି ସୁବାସ ସିଂହ କହିଥିଲେ, ଟାଟା ପାୱାର ମନମାନି କଲେ ଆନ୍ଦୋଳନ ତୀବ୍ର କରାଯିବ। ୫୦ କିଲୋମିଟର ଭିତରେ ବଦଳି କରାଯିବା ସ୍ଥିର ହୋଇଛି। ସମ୍ପୃକ୍ତ କର୍ମଚାରୀଙ୍କୁ ତାଙ୍କ ଅଞ୍ଚଳକୁ ପୁନଃ ବଦଳି କରାଯିବା ପାଇଁ ସମସ୍ତ ଉଦ୍ୟମ ହେବ। ଟିପିସିଓଡିଏଲ୍ ବିଭିନ୍ନ କ୍ଷେତ୍ରରେ କର୍ମଚାରୀଙ୍କୁ ଅସୁବିଧାରେ ପକାଉଥିବା ଅଭିଯୋଗ ହୋଇଥିଲା। ବୈଠକରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସମେତ ମହାସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ମହାସଂଘ କଳେବର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।

# କେନ୍ଦ୍ରାପଡ଼ାରେ ଦକ୍ଷତା ତାଲିମ କେନ୍ଦ୍ର ପ୍ରତିଷ୍ଠା ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା ଅଫିସ, ୨୫।୧୨

କେନ୍ଦ୍ରାପଡ଼ା ଜିଲାରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ପକ୍ଷରୁ ୧ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଇସ୍ପାତ ଓ ସିମେଣ୍ଟ କାରଖାନା ପ୍ରତିଷ୍ଠା ହେବ । ରାଜ୍ୟ ସରକାରଙ୍କ ଏହି ଉଦ୍ୟମକୁ କେନ୍ଦ୍ରାପଡ଼ା ଜିଲାବାସୀ ସ୍ୱାଗତ କରିବା ସହିତ ଆଲୋଚନା ଜାରି ରଖିଛନ୍ତି । ଏହି ଶିଳ୍ପରେ ୧୬ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ଥିବାରୁ ଜିଲାରେ ସେଣ୍ଟ୍ରାଲ ଟୁଲ୍ସ ଏଣ୍ଡ ଟ୍ରେଡିଂ ସେଣ୍ଟର (ସିଟିସି) ପ୍ରତିଷ୍ଠା ହେଉ ବୋଲି ଦାବି ଉଠିଛି । ଏସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ପ୍ରଶାନ୍ତ କୁମାର ନାୟକ, ଲକ୍ଷ୍ମୀକାନ୍ତ ନାୟକ, ମୀର ଅବୁ ଓବେଦା, ମାତୃଦତ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ଦକ୍ଷତା ଥିଲେ ନିଯୁକ୍ତି ମିଳିବ, ନ ହେଲେ ଅନ୍ୟ ଶିଳ୍ପାଞ୍ଚଳରେ ବାହାର ଲୋକଙ୍କ ଆଧିପତ୍ୟ ପରି କେନ୍ଦ୍ରାପଡ଼ା ଜିଲାର ଯୁବବର୍ଗଙ୍କୁ ନିଯୁକ୍ତି ପାଇଁ ପୂର୍ବ ପରି ଜିଲା ବାହାରକୁ ଯିବାକୁ ପଡ଼ିବ । ଏଠାରେ ଷ୍ଟିଲ ପ୍ଲାଣ୍ଟ ପାଇଁ ଆବଶ୍ୟକ ଖଣି ନାହିଁ। ଖଣି ପାଇଁ ଯାଜପୁର, କେନ୍ଦୁଝରର ଜିଲା ଉପରେ ନିର୍ଭର କରିବାକୁ ପଡ଼ିବ । ସେହିପରି ଏହି କମ୍ପାନୀର ମୂଳ ଆଧାର ଜଗତ୍‌ସିଂହପୁର ଜିଲା ପାରାଦୀପ ଅନ୍ତର୍ଗତ ଉଦୟବଟ ହୋଇଥିବାରୁ ୩ ଜିଲା ଅର୍ଥନୈତିକ ଦୃଷ୍ଟିରୁ ଉନ୍ନତ ହେବେ । କେନ୍ଦ୍ରାପଡ଼ା ଜିଲାରେ ଲୋକସମ୍ବଳ ଅଛି । ତେବେ ପଟ୍ଟାମୁଣ୍ଡାଇ ପ୍ଲମ୍ବିଂ ଇନ୍‌ଷ୍ଟିଚ୍ୟୁଟ ବ୍ୟତୀତ ଦକ୍ଷତା ବିକାଶ ଲାଗି ପ୍ରଭାବୀ ତାଲିମ କେନ୍ଦ୍ର ନାହିଁ। ଶିଳ୍ପରେ ନିଯୁକ୍ତି ପାଇଁ ଦକ୍ଷତାର ଆବଶ୍ୟକତା ଅଛି। ଭୁବନେଶ୍ୱରରେ ସିଟିସି ରହିଥିବା ବେଳେ ଏହାର ସମ୍ପ୍ରସାରଣ କେନ୍ଦ୍ର ଯାଜପୁର ଓ ରାୟଗଡ଼ାରେ ଅଛି । କେନ୍ଦ୍ରାପଡ଼ା ଜିଲାରେ ସମ୍ପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା ହେଲେ ଜିଲାର ଦାଦନ ସମସ୍ୟା ହଟି ଏହି ଶିଳ୍ପରେ ସେହି ଶ୍ରମିକମାନେ ନିଯୁକ୍ତ ହୋଇପାରିବେ ବୋଲି ସେମାନେ ମତ ଦେଇଛନ୍ତି ।

### ପ୍ରକଳ୍ପ ପାଇଁ ପୁନର୍ବାର ସହାୟତା ରାଶି ଘୋଷଣା

କୁଜଙ୍ଗ,୨୫।୧୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ୫ ଦିନ ହେବ ଜମି ଅଧିଗ୍ରହଣ ଜାରି ରହିଛି। ଶନିବାର ୩ଟି ପାନବରଜକୁ ମିଶାଇ ମୋଟ ୧୯ ଜଣ ଚାଷୀ ସେମାନଙ୍କ ପାନବରଜ ଉଚ୍ଛେଦ କରିଛନ୍ତି। ପୁନର୍ବାର ଜେଏସ୍‌ଡବ୍ଲ୍ୟୁ ତରଫରୁ ଉଚ୍ଛେଦ କାର୍ଯ୍ୟ ପାଇଁ ସହାୟତା ରାଶି ଘୋଷଣା କରାଯାଇଛି। ୭ ଜାନୁୟାରୀ ସୁଦ୍ଧା ସ୍ୱତଃପ୍ରବୃତ୍ତଭାବେ ପାନବରଜ ଭାଙ୍ଗିଥିବା ଚାଷୀଙ୍କୁ ଡିସିମିଲି ପିଛା ୧୭,୫୦୦ ଟଙ୍କା ସହ ବୋନସ ବାବଦରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଛି। ପାନବରଜ ଭଙ୍ଗା ସମୟରେ ଏରସମା ତହସିଲଦାର ପ୍ରଜ୍ଞାନନ୍ଦ ଦାସ ଓ ଅଭୟଚାନ୍ଦପୁର ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପାଟଣା ଗ୍ରାମର ୩୦ ଜଣିଆ କମିଟି ଏସ୍‌ପି ଅଖିଳେଶ ସିଂଙ୍କୁ ପାରାଦୀପ ସର୍କିଟ ହାଉସରେ ଭେଟି ପାନବରଜ ଭାଙ୍ଗିବାପାଇଁ ସହମତି ପ୍ରକାଶ କରିଛନ୍ତି। ଅପରପକ୍ଷେ ଏହାକୁ ବିରୋଧ କରି ଢିଙ୍କିଆର ଫୁଲଖାଇ ମନ୍ଦିରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଗରିବ ଭୂମିହୀନ ଲୋକଙ୍କୁ ନିଜ ଭିଟାମାଟିରୁ ହଟାଇ ଶିଳ୍ପ ପ୍ରତିଷ୍ଠା ଅସମ୍ଭବ ବୋଲି ଏହି ସଭାରେ କୁହାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ରାମକୃଷ୍ଣ ପଣ୍ଡା, ଶଶିଭୂଷଣ ସ୍ୱାଇଁ, ଜ୍ୟୋତି ମହାପାତ୍ର, ଶ୍ରମିକ ନେତା ମହେନ୍ଦ୍ର ପରିଡା, ସୁରେଶ ପାଣିଗ୍ରାହି ଓ ସୁଜାତା ସାହାଣୀ ପ୍ରମୁଖ ଯୋଗଦେଇଥିଲେ।

# ଐତିହ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରିଛି ଡେରାବିଶ ମହୋତ୍ସବ



ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଡେରାବିଶ,୨୫।୧୨(ସ୍ୱ.ପ୍ର.)

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ ଡେରାବିଶର ପ୍ରାଚୀନ ଐତିହ୍ୟ, ସଂସ୍କୃତିକୁ ଉଜ୍ଜିବିତ କରି ରଖିଛି ଡେରାବିଶ ମହୋତ୍ସବ । କୋଭିଡ୍ କଟକଣା ମଧ୍ୟରେ ଚଳିତ ବର୍ଷ ପ୍ରତୀକାତ୍ମକ ଭାବେ ଦଶମ ଡେରାବିଶ ମହୋତ୍ସବ ଶନିବାର ଡେରାବିଶ ମିନିଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଥିଲା। ଡେରାବିଶ ସାଂସ୍କୃତିକ ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ସଙ୍ଗଠନ ସଭାପତି ନିକୁଞ୍ଜ ବିହାରୀ ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ମୁଖ୍ୟବକ୍ତା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଅଧ୍ୟାପକ ପ୍ରଭାକର ସାମଲ, ଡେରାବିଶ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ସାହିତ୍ୟିକ ସୁଶାନ୍ତ ପାତ୍ର, ସାମାଜିକ କର୍ମୀ ହଳଧର ଦାଶ ଯୋଗଦେଇ ଦୀର୍ଘ ୧୦ ବର୍ଷ ଧରି ଜିଲାର ଲୋକକଳା, ସଂସ୍କୃତି ଓ ବ୍ଲକ ଅଞ୍ଚଳର ସଙ୍ଗୀତ, ପାଲା, ନାଟକ କ୍ଷେତ୍ରରେ ମାଟିକୁ ଗର୍ବିତ କରିଥିବା ପ୍ରତିଭାଙ୍କୁ ବକ୍ତାମାନେ ମନେପକାଇ ଥିଲେ। ସାହାଜାହାନ୍ ଖାଁ, ବିପିନ ବିହାରୀ ସାହୁ, ତ୍ରିଲୋଚନ ରାଉତ ପ୍ରମୁଖ ଡେରାବିଶର ସଂସ୍କୃତି ଓ ବୈଭବ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଥମେ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନାପରେ ଏକ ମାଶାଲ ଶୋଭାଯାତ୍ରାରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ମହୋତ୍ସବ ସ୍ଥଳକୁ ଆସିଥିଲା। ସଙ୍ଗଠନ ସମ୍ପାଦକ ଅଧ୍ୟାପକ ଗୁରୁଚରଣ ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତୁଲ୍ୟ କୁମାର ରଥ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବଡ଼ଦିନରେ ଭିତରକନିକାରେ ୧୬୭୦ ପର୍ଯ୍ୟଟକ

ରାଜନଗର,୨୫।୧୨(ଡି.ଏନ.ଏ.)

## ମୁଖ୍ୟଶାସନ ସଚିବ ବି ପ୍ରାକୃତିକ ଶୋଭା ଉପଭୋଗ କଲେ

ଶନିବାର ବଡ଼ଦିନରେ ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼ ଦିନତମାମ ଲାଗି ରହିଥିଲା। ୧୬୭୦ ପର୍ଯ୍ୟଟକ ଭିତରକନିକାକୁ ଆସିଥିଲେ । ସେମାନଙ୍କ ମଧ୍ୟରୁ ୧୨୦୦ ପର୍ଯ୍ୟଟକ ଜଳପଥ ଅର୍ଥାତ୍ ୧୧୦ଟି ବୋଟରେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି । ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବି ଭିତରକନିକାର ଶୋଭା ଉପଭୋଗ କରିବା ସହ ପର୍ଯ୍ୟଟନସ୍ଥଳୀ ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି । ମୁଖ୍ୟଶାସନ ସଚିବ ମହାପାତ୍ର ମଧ୍ୟାହ୍ନରେ ଗୁପ୍ତିରେ ପହଞ୍ଚି ଥିଲେ। ଗୁପ୍ତିରୁ ବୋଟରେ ଡାଙ୍ଗମାଳ ଆସିବା ବାଟରେ ନଈପଠାରେ ଖରା ପୋଉଁଥିବା କୁମ୍ଭୀରଙ୍କୁ ଦେଖିବା ସହ ଜଳଭିତରେ ସେମାନଙ୍କ ଜଳକ୍ରୀଡ଼ା ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପହଞ୍ଚି ଆବଦ୍ଧ ପୋଖରୀରେ ଥିବା ଗୋରୀ ଓ ମଲ୍ଲୀକୁ ଦେଖିଥିଲେ। ଏହି ଅବସରରେ ସେ କୁମ୍ଭୀର ପ୍ରଜନନ କେନ୍ଦ୍ର ବୁଲିବା ସହ ପ୍ରଜନନ କେନ୍ଦ୍ରରେ ଥିବା ଧଳା କୁମ୍ଭୀରଛୁଆକୁ ଦେଖିଥିଲେ। ଡାଙ୍ଗମାଳଠାରେ ଲୁଣାଜଙ୍ଗଲ ନର୍ସରିକୁ ନୂଆରୂପ ଦିଆଯାଇଥିବାରୁ ସେ ଖୁସି ହୋଇଥିଲେ। ଡାଙ୍ଗମାଳରେ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ଆଉ ଏକ ଡାଇନିଂ ହଲ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଡାଙ୍ଗମାଳଠାରେ ସେ ଗୁରୁବାର ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି।



ଭିତରକନିକାର ଡାଙ୍ଗମାଳରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ସ୍ୱଚ୍ଛ ସବାରି ଯାନ ଶୁଭାରମ୍ଭ

ପାରାଦୀପ ୨୫।୧୨(ସ୍ୱ.ପ୍ର.)

ପାରାଦୀପ ପୌରପାଳିକା ପକ୍ଷରୁ ଶନିବାର ସ୍ୱଚ୍ଛ ସବାରି ଯାନ ସେବା ଆରମ୍ଭ ହୋଇଛି। ଏହି ଅବସରରେ ୩୫ଟି ବ୍ୟାଟେରି ଚାଳିତ ଅଳିଆ ବୁହା ଗାଡ଼ି ଯୋଗାଇ ଦିଆଯାଇଛି। ପ୍ରତ୍ୟେକ ଗାଡ଼ିରେ ୨ ଜଣ ମହିଳା (ଚାଳକ ଓ ଖଲାସି) ରହିବେ। ୭୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏଥିରେ ନିଯୁକ୍ତି ପାଇବେ। ସେମାନଙ୍କୁ ଗୋଷ୍ଠୀ ସେବିକା ବୋଲି କୁହାଯିବ। ଏହି ଗାଡି ଘରକୁ ଘର ବୁଲି ଅଳିଆ ସଂଗ୍ରହ କରିବା ସହ ବଙ୍ଗାଳୀପଡା ଓ ରଙ୍ଗିଆଗଡଠାରେ ଥିବା ଖତ ପ୍ରକ୍ରିୟା କେନ୍ଦ୍ର ପାଖରେ ପହଞ୍ଚାଇବ। ଏହାକୁ ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ ଉଦ୍‌ଘାଟନ କରିଥିଲେ।

### ମିଶନ ଶକ୍ତି ଗୃହ ଲୋକାର୍ପିତ

ଡେରାବିଶ,୨୫।୧୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମିତ ମିଶନଶକ୍ତି ଗୃହକୁ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍ ଶନିବାର ଲୋକାର୍ପିତ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ଶୁଦ୍ଧଦେବ ବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ଯୋଗଦେଇ ଅଗ୍ରୱାଲ୍ ମହିଳାଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଐତିହାସିକ ପଦକ୍ଷେପ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ୍, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ୧୩ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ଜବା ମୁର୍ମୁ ଓ ଭବାନୀ ପ୍ରସାଦ ଓଝା ପ୍ରମୁଖ ଯୋଗଦେଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତ ମିଶନଶକ୍ତି ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଦାସ ସ୍ୱାଗତ ଭାଷଣ ଓ ସମ୍ପାଦିକା କୁନି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ତୁଷାରକାନ୍ତ ଘୋଷ ସଂଯୋଜନା କରିଥିଲେ।

# ସ୍ତ୍ରୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ ସ୍ୱାମୀ

ପାଟକୁରା,୨୫।୧୨(ଡି.ଏନ.ଏ.)

- ମୁଖ୍ୟ ଅଭିଯୁକ୍ତ ଜେଲ ଗଲେ
- ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ତନାଘନା

ପାଟକୁରା ଥାନା ଅଧୀନ ପଳସୁଧା ପଞ୍ଚାୟତ କୁସୁନୁପୁରା ଗ୍ରାମରେ ଗତ ବୁଧବାର ରାତିରେ ଘଟିଥିବା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଶନିବାର କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

ମୁଖ୍ୟ ଅଭିଯୁକ୍ତ ତପନ ରାଉତ ପଶ୍ଚିମବଙ୍ଗରୁ ଆଣିଥିବା ଅନ୍ୟ ଜଣେ ସହଯୋଗୀଙ୍କ ସହ ମିଶି ନିଜ ଘରେ ସ୍ତ୍ରୀ କଳ୍ପନାଙ୍କୁ ହତ୍ୟା କରିଥିଲେ । ସବୁ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରି ସେଦିନ ରାତି ଫେରାର ହୋଇଯାଇଥିଲେ । ଗୁରୁବାର ଏହି ଘଟଣା ଜଣାପଡିବା ପରେ ପାଟକୁରା ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଥିଲା । କେନ୍ଦ୍ରାପଡ଼ା ଏସ୍‌ପି ଏସ୍‌ଏମ୍ ସମ୍ପଦ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଜାଲ ବିଛାଇ ଥିଲେ । ଅଭିଯୁକ୍ତ ତପନ ଓ ତାଙ୍କ ସମ୍ପର୍କୀୟମାନେ ବ୍ୟବହାର କରୁଥିବା ମୋବାଇଲ ଫୋନ୍‌କୁ ଟ୍ରାକିଂ କରି କଟକର ମଙ୍ଗଳାବାଗସ୍ଥିତ ଭାଇ ପ୍ରସନ୍ନଙ୍କ ଭଡ଼ା ଘରୁ ତପନଙ୍କୁ ଗିରଫ କରିବାକୁ ପୋଲିସ ସକ୍ଷମ ହୋଇଥିଲା । ପରେ ତପନଙ୍କୁ ପାଟକୁରା ଥାନାକୁ ଅଣାଯାଇ କଳ୍ପନା ମୃତ୍ୟୁ ସମ୍ପର୍କରେ ବିବରଣୀ ସଂଗ୍ରହ କରାଯାଇଥିଲା। ତପନ ସତ ଉଗାଳିବା ପରେ ଶନିବାର ପାଟକୁରା ଥାନା ଆଇଆଇସି ସରୋଜ ସାହୁ ତାଙ୍କୁ କୁସୁନୁପୁରାସ୍ଥିତ ଘଟଣାସ୍ଥଳକୁ ଡ଼େମୋ ପାଇଁ ନେଇଥିଲେ । ଘଟଣାସ୍ଥଳରେ ପହଞ୍ଚି ତପନ କେମିତି କଳ୍ପନାଙ୍କୁ ହତ୍ୟା କରିଥିଲେ ତା'ର ଡ଼େମୋ ଦେଖାଇଥିଲେ ।

ପୋଲିସର ସୂଚନା ଅନୁଯାୟୀ, ଗତ ୨୧ ତାରିଖ ରାତିରେ ତପନ ତାଙ୍କ ସହଯୋଗୀ ମାନିଆଙ୍କୁ ପଶ୍ଚିମବଙ୍ଗରୁ ସାଙ୍ଗରେ ଆଣି ବସ୍‌ରେ ଭୁତମୁଣ୍ଡାଇ ଆସିଥିଲେ। ସେଠାରୁ ଜାତୀୟ ରାଜପଥର ବଡଦ ଛକ ନିକଟସ୍ଥ ସିରିଙ୍ଗିପୁର ଗ୍ରାମର ବିଜୟ ନାୟକଙ୍କ ଘରେ ରହିଥିଲେ । ୨୨ ତାରିଖ ଅପରାହ୍ନ ୪ ଟାରେ ସେଠାରୁ ଏକ ବାଇକ୍ ଆଣି ମାନିଆ ସହିତ ଆସି ପଳସୁଧା ପଞ୍ଚାୟତ କହଣା ଗ୍ରାମର ଶ୍ମଶାନ ନିକଟରେ ଥିବା କଲଭର୍ଟ ନିକଟରେ ବାଇକ୍ ରଖିଥିଲେ । ସନ୍ଧ୍ୟା ୬ ଟାରେ ତପନ ଓ ମାନିଆ ବିଲରେ ଚାଲି ଚାଲି କୁସୁନୁପୁରାସ୍ଥିତ ନିଜ ଘରକୁ ଆସିଥିଲେ । ଏହାପରେ କଳ୍ପନା ରହୁଥିବା କୋଠରୀକୁ ଆସି ତାଙ୍କୁ ଚା ପିଇବାକୁ ମାଗିଥିଲେ। କଳ୍ପନା ନିକଟସ୍ଥ ଦୋକାନରୁ ଅମୂଲ ଆଣି ଚା କରି ଦେଇଥିଲେ। ଉଭୟ ଚା ପିଇସାରି ବସିଥିଲେ । କଳ୍ପନାଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରି ଗତ ୬ ମାସ ହେଲା ତପନ ତାଙ୍କ ସହିତ ଟେଲିଫୋନରେ ଯୋଗାଯୋଗରେ ଥିଲେ। ୨୮ ତାରିଖରେ ତପନ ଘରକୁ ଆସିବା କଥା ତପନ ଟେଲିଫୋନ୍‌ରେ କଳ୍ପନାଙ୍କୁ କହିଥିଲେ । ଏହା ପୂର୍ବରୁ କାହିଁକି ଆସିଲ ବୋଲି କଳ୍ପନା ପଚାରିବାରୁ ବାପାଙ୍କ ଶ୍ରାଦ୍ଧ ପାଇଁ ଆଗୁଆ ଚାଲି ଆସିଛି ବୋଲି ତପନ କହିଥିଲେ । ରାତିରେ ରହିବା କଥା ମଧ୍ୟ କହିଥିଲେ। ସେଥିପାଇଁ କଳ୍ପନା ପଡ଼ୋଶୀ ଘରୁ ଏକ ଲୁଙ୍ଗି ଆଣି ତପନଙ୍କୁ ପିନ୍ଧିବା ପାଇଁ ଦେଇଥିଲେ । ପରେ ତପନ, କଳ୍ପନା ଓ ମାନିଆ ମିଶି ଟିଭି ଦେଖିଥିଲେ। କଳ୍ପନା ଟିଭି ଦେଖୁଥିବା ବେଳେ ତପନ ଉକ୍ତ ଲୁଙ୍ଗିରେ କଳ୍ପନାଙ୍କ ପାଟି, ମୁହଁ ଓ ନାକ ଚାପି ଧରିଥିଲେ । ମାନିଆ କଳ୍ପନାଙ୍କ ଦୁଇ ହାତ ଓ ଗୋଡ଼ ମାଡ଼ି ବସିଥିଲେ । ଶ୍ୱାସରୁଦ୍ଧ ହୋଇ କଳ୍ପନା ମରିଥିବା ତପନ ପୋଲିସ ଆଗରେ ସ୍ୱୀକାର କରିଥିଲେ । ତପନ ଏ ସଂକ୍ରାନ୍ତରେ ଡ଼େମୋ ଦେଖାଇବା ସହିତ କଳ୍ପନା ମରି ପଡ଼ିଥିବା ଖଟତଳୁ ରକ୍ତ ଭିଜା ଲୁଙ୍ଗି ବାହାର କରିଥିଲେ । କଳ୍ପନାଙ୍କ ଭଙ୍ଗା ଚୁଡ଼ିକୁ କଦଳୀ ବଣରୁ ଆଣି ତପନ ପୋଲିସକୁ ଦେଇଥିଲେ। ଅନ୍ୟତମ ଅଭିଯୁକ୍ତ ପଶ୍ଚିମବଙ୍ଗର ମାନିଆ ଫେରାର ହୋଇଯାଇଥିବାରୁ ପୋଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ।



ତପନଙ୍କୁ ପୋଲିସ କୋର୍ଟକୁ ନେଉଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ଡିସେମ୍ବର, ୨୦୨୧

**ମୋବାଇଲ ଲୁଟେରାଙ୍କୁ ପୋଲିସ ଜିମା**

**ପାଣିକୋଇଲି,(ଡି.ଏନ.ଏ.):** ପାଣିକୋଇଲି ଥାନା ଅଧୀନ ଶଙ୍ଖଚିଲା ହାଟରେ ଜଣେ ମୋବାଇଲ ଲୁଟେରାଙ୍କୁ ସ୍ଥାନୀୟ ଲୋକେ କାବୁ କରି ମାଡ଼ ମାରିବା ସହ ଶଙ୍ଖଚିଲା ଫାଣ୍ଡି ପୋଲିସ ଜିମା ଦେଇଛନ୍ତି। ଲୁଟେରା ଜଣକ ହେଲେ କୋରେଇ ଥାନା ପୂର୍ବକୋଟ ଅଞ୍ଚଳର ସୁରେଶ ଦାସ(୪୦)। ଶଙ୍ଖଚିଲା ରାଧାନଗରପାଟଣା ଗ୍ରାମର ଭରତ ଚନ୍ଦ୍ର ସାହୁ ହାଟରେ ପରିବା କିଣୁଥିବା ବେଳେ ସୁରେଶ ତାଙ୍କ ପକେଟରୁ ମୋବାଇଲ ଝାମ୍ପି ଏକ ବାଇକ୍‌ରେ ଖସି ଯିବାକୁ ଚେଷ୍ଟା କରିଥିଲେ। ତେବେ ଭରତ ତାଙ୍କୁ ପିଛାକରି ଚିତ୍କାର କରିବା ପରେ ହାଟରେ ଉପସ୍ଥିତ ଲୋକେ ସୁରେଶଙ୍କୁ କାବୁ କରିଥିଲେ। ଫାଣ୍ଡି ଅଧିକାରୀ ଅମୀୟ ବେହେରା ସମ୍ପୃକ୍ତ ଲୁଟେରାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଅଟକ ରଖି ତଦନ୍ତ ଚଳାଇଛନ୍ତି।



# ଦବିଗଲା ମାର୍କଣ୍ଡପୁର, ବଡ଼ଚଣା ପାକ୍ସ ଦୁର୍ନୀତି

- ୨୬ ପାକ୍ସରେ ସିଇ ପଦବୀ ଖାଲି
- ଧାନ ସଂଗ୍ରହ ପ୍ରକ୍ରିୟାରେ ବାଧା ଆଶଙ୍କା

**ଯାଜପୁର ଅଫିସ,୨୫ା୧୨**

ଯାଜପୁର ଜିଲାରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏଥର ୧୨୨ ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ) ଏବଂ ୩୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ପ୍ରଥମ ପର୍ଯ୍ୟାୟରେ ୧୧ ଲକ୍ଷ ୩୯ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ମଞ୍ଜୁରୀ ମିଳିଛି। ତେବେ ୧୨୨ରୁ ୨୬ ପାକ୍ସରେ ମୁଖ୍ୟ ନିର୍ବାହୀ(ସିଇ) ପଦବୀ (ପୂର୍ବରୁ ସମ୍ପାଦକ ପଦବୀ ଥିଲା) ଖାଲି ପଡ଼ିଛି। ଏହାବାଦ ୨୧।୧୦।୨୦୨୧ ସୁଦ୍ଧା ୪ ସିଇ ନିଲମ୍ବିତ ହୋଇଛନ୍ତି। ଏହି କାରଣରୁ ଜିଲାରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଓ ଋଣ ଦେଣନେଣରେ ମନମାନି, ଜାଲିଆତି, ଆତ୍ମସାତ ସାଧାରଣ କଥା ହୋଇଛି। ଏହାସହ ମାର୍କଣ୍ଡପୁର, ବଡ଼ଚଣା, ମହିଶରା, ଧନେଶ୍ୱର ଆଦି ପାକ୍ସରେ ଦୁର୍ନୀତିର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ରଫାଦଫା ଯୋଗୁ ପ୍ରତିବର୍ଷ ସୁରୁଖୁରୁରେ ଧାନ ସଂଗ୍ରହ ପ୍ରକ୍ରିୟା ପ୍ରତିହତ ହେଉଛି ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

ଚାଷୀ ପଞ୍ଜୀକରଣରେ ଚଞ୍ଚକତା, ଋଣ ପ୍ରଦାନରେ ଅନିୟମିତତା, ବୀମା ଟଙ୍କା ଆତ୍ମସାତ ଆଦି ପଛରେ ଅଧିକାଂଶ ପାକ୍ସ ମୁଖ୍ୟ ନିର୍ବାହୀ ସମ୍ପୃକ୍ତ ଥିବା ପୂର୍ବରୁ ଅଭିଯୋଗ ହୋଇଆସିଛି। ଏହିକ୍ରମରେ ଯାଜପୁର ବ୍ଲକର ବରୁହାଁ, ବଡ଼ଚଣା ବ୍ଲକର ଭରତପୁର ଏବଂ ବିଞ୍ଝାରପୁର ବ୍ଲକର କଲ୍ୟାଣପୁର ଓ ଆଉଁରି ପାକ୍ସର ସିଇ ନିଲମ୍ବିତ ହୋଇଛନ୍ତି। ୨୦୨୧ରେ ବଡ଼ଚଣା, ମାର୍କଣ୍ଡପୁର, ଧନେଶ୍ୱର, ମହିଶରାପୁର ଆଦି ପାକ୍ସରେ ବଡଧରଣର ଦୁର୍ନୀତି ହୋଇଥିବା ଚାଷୀ ମହଲରୁ ଅଭିଯୋଗ ହୋଇଥିଲେ ହେଁ ତାହାର ତଦନ୍ତ କେବଳ ନିର୍ଦ୍ଦେଶରେ ହିଁ ସୀମିତ ରହିଛି। ମାର୍କଣ୍ଡପୁର ପାକ୍ସର ସମ୍ପାଦକ ଚାଷୀଙ୍କ ଋଣ ପାସ୍‌ବୁକଗୁଡିକୁ ବେଆଇନ ଭାବେ ନିଜ ପାଖରେ ରଖି ଋଣ ଦେଣନେଣରେ ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ସେବା ସମବାୟ ସମିତି(କ୍ରେଡିଟ୍)ର ଉପନିବନ୍ଧକ ୨୬।୧୦।୨୦୨୧ରେ ଏହି ଅଭିଯୋଗ ଉପରେ କଟକସ୍ଥିତ ଡେପୁଟି ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି (ଡିଆର୍‌ସିଏସ୍)ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଜଣେ ବିଭାଗୀୟ ଅଧିକାରୀ ଥରେ ପାକ୍ସ ପରିଦର୍ଶନ କରିଛନ୍ତି ଏବଂ ତଦନ୍ତ ସେତିକିରେ ଅଟକିଛି। ସଲାସୁତରା ଯୋଗୁ ତଦନ୍ତ ଆଗକୁ ବଢୁ ନ ଥିବା ଆଲୋଚନା ହୋଇଛି।

ମାର୍କଣ୍ଡପୁର ପାକ୍ସରେ ଦୁର୍ନୀତି ନୂଆ କଥା ନୁହେଁ। ଏକ ଚାଷୀ ପରିବାରର ୪ ସଦସ୍ୟଙ୍କ ନାମରେ ଧାନ କିଣାରେ ପ୍ରାୟ ୨୦ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିଲା। ହାଇକୋର୍ଟରେ ଏନେଇ ମାମଲା ରୁଜୁ ହେବାପରେ ତଦନ୍ତ କରାଯାଇ ସମ୍ପୃକ୍ତ ପାକ୍ସ ସମ୍ପାଦକ ଏବଂ ଅନ୍ୟ କେତେଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ୫।୪।୨୦୨୧ରେ ଚାଷୀଙ୍କ ଅଭିଯୋଗ ଅନୁସାରେ ବଡ଼ଚଣା ପ୍ୟାକ୍ସର ଭାରପ୍ରାପ୍ତ ସମ୍ପାଦକ ବିକାଶ କୁମାର ସ୍ୱାଇଁ ୨୦ରୁ ଊର୍ଦ୍ଧ୍ୱ ଟୋକନ ନମ୍ବର ଜାଲିଆତି କରିଥିଲେ। ସମିତିରୁ ଟୋକନ ପାଇ ଧାନ ବିକ୍ରି କରିଥିବା ବ୍ୟକ୍ତିମାନେ ଏହି ଜମି ମାଲିକଙ୍କ ନାତି, ପୁତୁରା ଆଦି ସମ୍ପର୍କ ଥିବା ଦର୍ଶାଯାଇଥିଲା। ତେବେ ବାସ୍ତବରେ ବେପାରୀମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ଧାନ କିଣାଯାଇଛି। ଚାଷୀମାନେ ପ୍ରମାଣ ସହ ତଥ୍ୟଭିତ୍ତିକ ରିପୋର୍ଟ ଦେଇ ଅଭିଯୋଗ କରିବା ପରେ ୨୦।୫।୨୦୨୧ରେ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ତାହା ବି ଆଗକୁ ବଢ଼ିପାରୁନାହିଁ। ଧନେଶ୍ୱର ପାକ୍ସ ଅଧୀନ ୧୫ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରି ସେମାନଙ୍କ ପାଉଣା ପାଇ ନ ଥିଲେ। ଏହିମର୍ମରେ ସମ୍ପୃକ୍ତ ଚାଷୀମାନେ ୧୬।୭।୨୦୨୧ରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ତଦନ୍ତ ନିର୍ଦ୍ଦେଶ କେବଳ କାଗଜ କଲମରେ ସୀମିତ ରହିଛି। ମହିଶରା ପାକ୍ସରେ ଜାଲିଆତି ଉପରେ ଭିଜିଲାନ୍ସ ତଦନ୍ତ କରି ପରିଚାଳନା କମିଟିକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲା।

ଏଥିରେ ବି ପାକ୍ସ ସମ୍ପାଦକଙ୍କୁ ସୁରକ୍ଷା ଦେବାକୁ ମସୁଧା ଚାଲିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଯାଜପୁର ବ୍ଲକର ବେରୁଦା, ବଡ଼ଚଣା ବ୍ଲକର ଛତିଆ, ଅରଖପୁର, ଦର୍ପଣ, ସାଉଦିଆ ଓ ଚାରିନଙ୍ଗଳ, ଦଶରଥପୁର ବ୍ଲକର ଅକରପଡା, ଅହିୟାସ ଓ ମଙ୍ଗଳପୁର, ବିଞ୍ଝାରପୁର ବ୍ଲକର ଅରେଇ, ଉତ୍ତାଙ୍ଗରା ଓ ଚିକଣ, ରସୁଲପୁର ବ୍ଲକର ପହଙ୍ଗା ଓ ସିଙ୍ଗାପୁର, କୋରେଇ ବ୍ଲକର ଭକଣ୍ଡରି, ପଛିକୋଟ, କଡମା, ଢୁଲତି ଓ ବନ୍ଧାଳୋ, ବରି ବ୍ଲକର ଧାରପୁର, ବରିବଗଡା, ଗୋଲକୁଣ୍ଡ ଓ ଉଦୟନାଥପୁର, ସୁକିନ୍ଦା ବ୍ଲକର ହାତିବାଡି, ଦାନଗଦି ବ୍ଲକର ବାଙ୍ଗରକୋଟ ଏବଂ ଧର୍ମଶାଳା ବ୍ଲକର ଆରୁହା ପାକ୍ସରେ ସିଇ ପଦବୀ ଦୀର୍ଘଦିନ ହେଲା ଖାଲି ପଡିଛି। ରିପୋର୍ଟରେ ଖାଲି ପଡ଼ିଥିବା ସିଇ ପଦବୀ ପୂରଣ କରିବାକୁ ପ୍ରକ୍ରିୟା ଜାରି ରହିଛି ବୋଲି ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ୍ ପ୍ରଶାନ୍ତ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ଦୁର୍ନୀତି, ଅଭିଯୋଗଗୁଡିକ ଉପରେ ତଦନ୍ତ ଚାଲିଛି। ତେବେ ଚଳିତ ବର୍ଷ ଧାନ ସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ କରିବାକୁ ବିଭାଗ ସଜାଗ ରହିଛି।

## ସଂକ୍ଷେପରେ

### ବରଦା ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଉତ୍ସବକୁ ଆସିଲେନି ସରପଞ୍ଚ**

**ଚଣ୍ଡିଖୋଲ,୨୫ା୧୨(ଡି.ଏନ.ଏ.):** ବଡ଼ଚଣା ବ୍ଲକରେ ୨୦୧୭ରେ ନୂତନ ଭାବେ ବରଦା ପଞ୍ଚାୟତ ଗଠନ ହୋଇଥିଲା। ଶନିବାର ଏହି ପଞ୍ଚାୟତର ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ତେବେ ପଞ୍ଚାୟତର ସରପଞ୍ଚ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ନ ରହିବା ନେଇ ଆଲୋଚନା ଜୋର ଧରିଥିଲା। ସରପଞ୍ଚ ନିରୁପମା ସ୍ୱାଇଁ ଦଳୀୟ ସମର୍ଥକ ହୋଇଥିଲେ ମଧ୍ୟ ସେ ଆସି ନ ଥିଲେ। ଏ ସମ୍ପର୍କରେ ସରପଞ୍ଚ ସ୍ୱାଇଁଙ୍କୁ ପଚାରିବାରେ ସେଠାକୁ ନ ଯିବାର କାରଣ ସମ୍ପର୍କରେ ଏବେ କିଛି କହି ପାରିବି ନାହିଁ ବୋଲି ପ୍ରକାଶ କରିଛନ୍ତି। ସେହିପରି ବିଧାୟକ ବିକ୍ରମତିରଣ, ବରଦା ଓ ପଲାଇ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ ବିହାରୀ ଜେନା, ନିରଞ୍ଜନ ସେନାପତି, ଗଣେଶ୍ୱର ବରାଳ, ଯଚୀନ୍ଦ୍ର ନାୟକ, ଅନନ୍ତ ନାରାୟଣ ଧଳ, ସମିତିସଭ୍ୟ ତପସ୍ୱିନୀ ବାରିକ ଓ ଶ୍ରୀକାନ୍ତ ସାମଲଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ତେବେ ବଡ଼ଦିନରେ ଏକତ୍ରିତ ନ ହେବା ପାଇଁ ସରକାରଙ୍କ ପକ୍ଷରୁ କୋଭିଡ୍ କଟକଣା ଜାରି ହୋଇଥିଲା। ମାତ୍ର ସଭାରେ କଟକଣାକୁ ଅଣଦେଖା କରାଯାଇ ଶତାଧିକ ଲୋକ ଏକତ୍ରିତ ହୋଇଥିଲେ। ପୋଲିସ ଏସବୁ ଦେଖୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିଲା।

### ବିସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଆରମ୍ଭ

**ପାଣିକୋଇଲି,୨୫ା୧୨(ଡି.ଏନ.ଏ.):** କୋରେଇ ବ୍ଲକ ଅମୃତିଆ ଖେଳ ପଡ଼ିଆରେ ଶନିବାର ବିସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଯାଜପୁର ବନାମ ଭଦ୍ରକ ବନ୍ତ ମଧ୍ୟରେ ହୋଇଥିଲାବେଳେ ଯାଜପୁର ବିଜୟୀ ହୋଇଛି। ବନ୍ତ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭର ମଧ୍ୟରୁ ଦଳ ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୭୧ ରନ କରିଥିଲା। ଯାଜପୁର ୮.୩ ଓଭରରେ ୩ ଉଇକେଟ ହରାଇ ୭୫ ରନ କରି ବିଜୟ ଲାଭ କରିଥିଲା। ମ୍ୟାଚକୁ ଅମୂଲ୍ୟ ସାହୁ ଓ ଧର୍ମେନ୍ଦ୍ର ପତ୍ରୀ ପରିଚାଳନା କରିଥିଲେ। ସ୍କୋରର ଭାବେ ଚିରଞ୍ଜିତ ଓ ଘୋଷକ ଭାବେ ହରେକୃଷ୍ଣ ପଣ୍ଡା ଏବଂ ଶୁଭାଶିଷ ନାୟକ ଯୋଗଦାନ କରିଥିଲେ। ଜୟଦେବ ଲେଙ୍କା, ବସନ୍ତ ମହାପାତ୍ର, ଜଗଦୀଶ ମହାପାତ୍ର, କଲ୍ଲୋଳ ଖଣ୍ଡାଇ, ମାନସ ସାହୁ, ଶୁଭ୍ରାଂଶୁ ମହାପାତ୍ର, ଜଗନ୍ନାଥ କବି, ସନ୍ତୋଷ ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଭୟ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତାଭାବେ ଖବରଦାତା ସୁବାସ ଧଳ, ବିସିସି ସଭାପତି ନଟବର ମହାପାତ୍ର, ସୁରେନ୍ଦ୍ର ପାଣି, ଶିକ୍ଷାବିତ୍ ନାୟରାୟଣ ଶତପଥୀ, ସୁରେନ୍ଦ୍ର ବରାଳ, ତପନ ମିଶ୍ର, ପଦ୍ମଲୋଚନ ନାୟକ ଓ ନିଗମ ନାଥ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ବାଲିଚନ୍ଦ୍ରପୁର ଏବେ ବିକଶିତ ପଞ୍ଚାୟତ ଭାବେ ପରିଗଣିତ ହେବ

**ଚଣ୍ଡିଖୋଲ,୨୫ା୧୨(ଡି.ଏନ.ଏ.):** ବଡ଼ଚଣା ବ୍ଲକ୍ ବାଲିଚନ୍ଦ୍ରପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ, ୨୦ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ ଭବନ, ୧୯ ଲକ୍ଷ ବ୍ୟୟରେ ବାଲିଚନ୍ଦ୍ରପୁର ଗ୍ରାମୀଣ ପାର୍କ, ୧୭ ଲକ୍ଷ ଟଙ୍କା ବ୍ୟୟରେ ବାଲିଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଭବନ ଓ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ଆଶ୍ରୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ବାଲିଚନ୍ଦ୍ରପୁର ପଞ୍ଚାୟତ ଏବେ ବଡ଼ଚଣାର ଏକ ବିକଶିତ ପଞ୍ଚାୟତ ଭାବେ ପରିଗଣିତ ହେବ। ଏଥିରେ ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ଗିରି, ବାଲିଚନ୍ଦ୍ରପୁର ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡା, ସମିତିସଭ୍ୟ ଅମୀୟ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଅରବିନ୍ଦ ସାମଲ, ଗଣେଶ୍ୱର ବରାଳ, ମନୋଜ ପରିଡ଼ା, ଶାରଦା ପ୍ରସନ୍ନ ମହାନ୍ତି ଓ କିରଣ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଶୀତକାଳୀନ ଜାତୀୟ ସେବା ଯୋଜନା ଉଦ୍‌ଘାଟିତ

**ଧର୍ମଶାଳା,୨୫ା୧୨(ଡି.ଏନ.ଏ.)**



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଶିବିରାର୍ଥୀ।

ଧର୍ମଶାଳା ମହାବିଦ୍ୟାଳୟ ପୁରୁଷ ବିଭାଗ ଦ୍ୱାରା ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଦର୍ଶନ ବିଭାଗ ମୁଖ୍ୟ ପ୍ରଫେସର ସ୍ୱରୁପାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ତପନ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ୟକ୍ତିତ୍ୱର ବିକାଶ ଦିଗରେ ସେବାର ଭୂମିକା ଉପରେ ସ୍ୱେଚ୍ଛାସେବୀଙ୍କୁ ମାର୍ଗଦର୍ଶନ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ନିମାଇ ଚରଣ କର ଉକ୍ତ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଶିବିରରେ ୫୦ଜଣ ଛାତ୍ର ଯୋଗ ଦେଇଛନ୍ତି। ଛାତ୍ରନେତା ରଘୁନାଥ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଉକ୍ତ ଶିବିର ୭ ଦିନ ବ୍ୟାପି ଅନୁଷ୍ଠିତ ହେବ। ଶିବିରରେ ସ୍ୱେଚ୍ଛାସେବୀମାନେ ସ୍ୱଚ୍ଛଭାରତ ଅଭିଯାନ, ନିଶାନିବାରଣ, ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମ ମାନ ସ୍ଥାନୀୟ ଅଞ୍ଚଳରେ ରୂପାୟନ କରି ସଚେତନତା ସୃଷ୍ଟି କରିବେ ବୋଲି କୁହାଯାଇଛି। ଶେଷରେ ପ୍ରଫେସର ଆରତୀ ଶତପଥୀ ଧନ୍ୟବାଦ ଦେଇଥିଲେ।

## ଡ୍ରାଇଭର ମହାସଂଘ କର୍ମକର୍ତ୍ତା ଚୟନ

**ରସୁଲପୁର,୨୫ା୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଅଧୀନ ୧୬ ନଂ. ଜାତୀୟ ରଜାପଥ ପାର୍ଶ୍ୱସ୍ଥ ଦୁର୍ଗାଦେବୀ ମନ୍ଦିର ପରସରରେ ଶନିବାର ରସୁଲପୁର ବ୍ଲକ ଡ୍ରଭାଇର ମହାସଂଘର କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ପ୍ରଦୀପ ଦାସଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ଉପସଭାପତି ଭାବେ ରମେଶ ସାହୁ, ସମ୍ପାଦକ ସନ୍ତୋଷ ମହାପାତ୍ର, ଚନ୍ଦନ ସାହୁ, ମଣିଆ ସାହୁ ଓ ସୁବାସ ମଲ୍ଲିକ ପ୍ରମୁଖଙ୍କୁ କର୍ମକର୍ତ୍ତା ଚୟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ବୈଠକରେ ଉପସ୍ଥିତ ଡ୍ରାଇଭରମାନେ କାର୍ଯ୍ୟକ୍ଷେତ୍ରରେ ସମ୍ମୁଖିନ ହେଉଥିବା ଅସୁବିଧା ସମ୍ପର୍କରେ ମତ ରଖିଥିଲେ। ବାରବାଟୀ ମହାସଂଘ ସଭାପତି ତପନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ବ୍ଲକ ଅଧୀନ ୨୮ ପଞ୍ଚାୟତର ଡ୍ରାଇଭରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ନୂତନ କର୍ମକର୍ତ୍ତାଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ରସୁଲପୁର ପ୍ରେସ୍ ଫୋରମର ସାଧାରଣ ବୈଠକ


ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

**ରସୁଲପୁର,୨୫ା୧୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ବାରବାଟୀସ୍ଥିତ ଜଳସମ୍ପଦ ଡାକବଙ୍ଗଳାଠାରେ ରସୁଲପୁର ପ୍ରେସ୍ ଫୋରମର ଏକ ସାଧାରଣ ବୈଠକ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱଜ୍ୟୋତି ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ତଥା ବରିଷ୍ଠ ଖବରଦାତା ଦେବୀ ପ୍ରଶନ୍ନ ନାୟକ ଯୋଗଦେଇ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଂଗଠନ ମୁଖ୍ୟ ପରାମର୍ଶଦାତା ରଞ୍ଜିତ ରାଉତ ଓ ଅଞ୍ଜନ କୁମାର ପତି ଯୋଗଦେଇ ସଂଗଠନ କାର୍ଯ୍ୟଧାରାକୁ ଶୃଙ୍ଖଳିତ କରିବା ସହ ଆଗେଇ ନେବାରେ ସମସ୍ତେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ଜଗମୋହନ ରାଉତ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ବାପୁଜୀ ଚରଣ ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହ ସମ୍ପାଦକ ଗୋପୀନାଥ ଦାଶ, ସୁଜାତା ଦାସ, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ସଂଗଠନ ସମ୍ପାଦକ ଗଗନ ବିହାରୀ ଦାସ, ମିଡିଆ କନଭେନର ବିଶ୍ୱଜିତ ନାୟକ, ସଭ୍ୟ ପ୍ରକାଶ ସାହୁ, ଦେବଦତ୍ତ ପଟ୍ଟନାୟକ, ସ୍ମୃତି ରଞ୍ଜନ ରାଉତ, ସରୋଜ ଦାସ ଓ ଦିବ୍ୟଜ୍ୟୋତି ପତି ପ୍ରମୁଖ ଫୋରମର ସାଙ୍ଗଠନିକ ଆଲୋଚନାରେ ଯୋଗଦେଇ ମତ ରଖିଥିଲେ।

## ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି

**ଜେନାପୁର,୨୫ା୧୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ କଣ୍ଟିଗଡ଼ିଆସ୍ଥିତ ମଧୁକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିରେଖା ମଲ୍ଲିକଙ୍କ ବଦଳି ବାତିଲ ଦାବି ହୋଇଛି। ଏନେଇ ଅଭିଭାବକ ଓ ଗ୍ରାମବାସୀ ଯାଜପୁର ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ସ୍କୁଲ ଏବଂ ଗଣଶିକ୍ଷା ବିଭାଗ, ଯାଜପୁର ଏମ୍‌ପି, ଧର୍ମଶାଳା ବିଧାୟକ ଓ ବିଡିଓଙ୍କ ନିକଟରେ ନିବେଦନ କରିଛନ୍ତି।

ସୂଚନା ମୁତାବକ, ଏହି ବିଦ୍ୟାଳୟଟି ଓଡ଼ିଶା ସରକାରଙ୍କ ପ୍ରଣୀତ ୫-ଟି ଯୋଜନା ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ବିଦ୍ୟାଳୟକୁ ଜିଲା ଶିକ୍ଷାଧିକାରୀଙ୍କ ପତ୍ରସଂଖ୍ୟା ୧୦୦୮୧/ତା୧୫।୧୨।୨୦୨୧ରେ ଶିକ୍ଷୟିତ୍ରୀ ରଶ୍ମିରେଖାଙ୍କୁ ଟିଜିଟି-ସିବିଜେଡ୍ ପଦବୀରେ ପ୍ରଥମ ନିଯୁକ୍ତି ମିଳିଥିଲା। ଫଳରେ ଶିକ୍ଷୟିତ୍ରୀ ଜଣଙ୍କ ୧୭ ତାରିଖରେ ବିଦ୍ୟାଳୟରେ ଯୋଗଦାନ କରିଥିଲେ। ମାତ୍ର ଜିଲା ଶିକ୍ଷା ଅଧିକାରଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୧୧୧୭୩/ତା୧୭।୧୨।୨୧ ଆଧାରରେ ଉକ୍ତ ଶିକ୍ଷୟିତ୍ରୀଙ୍କୁ ପୁଣି ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ନଛିପୁରାକୁ ବଦଳି ଆଦେଶ ମିଳିଛି। ତେବେ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅଭାବ ରହିଥିବା ବେଳେ ଉକ୍ତ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଉପରୋକ୍ତ ଅଧିକାରୀ ଓ ଜନପ୍ରତିନିଧିମାନେ ଦାବିକୁ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି। ଏ ଦିଗରେ ଜିଲା ଶିକ୍ଷାଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ପାଣିକୋଇଲି ବଜାର ସଫେଇ କଲେ ସ୍ୱେଚ୍ଛାସେବୀ

**ପାଣିକୋଇଲି,୨୫ା୧୨(ଡି.ଏନ.ଏ.)**

ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ପକ୍ଷରୁ ଏସଆଇ ଅଶୋକ କୁମାର ବଳଙ୍କ ନେତୃତ୍ୱରେ ପାଣିକୋଇଲି ଓଭରବ୍ରିଜ ତଳ ସଫେଇ କରାଯାଇଛି। ସେଠାରେ ପଡ଼ିଥିବା ଅଳିଆ, ଅବର୍ଜନାକୁ କଢ଼ାଯାଇ ନଷ୍ଟ କରାଯାଇଛି। ଏଥିରେ ସମାଜିକକର୍ମୀ ତାରିଣୀ ପଟ୍ଟନାୟକ ଏବଂ ହେଲପିଂ ଗ୍ରୁପ ସଭାପତି ଅଶୋକ ଦାସ, ହରେକୃଷ୍ଣ ସାହୁ, ଚନ୍ଦନ ମାଝୀ, ରୁଦ୍ରପ୍ରତାପ ପାଢ଼ୀ, ତପନ ପହୀ, ପ୍ରଶନଜିତ୍ ପଣ୍ଡା, ନରେନ୍ଦ୍ରନାଥ ବୋଇତାଇ ଓ ତନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଥାନାରେ କ୍ଷତିଗ୍ରସ୍ତ ଚାଷୀଙ୍କ ଅଭିଯୋଗ

**ଓଏମ୍‌ସି ମାଟି ଡମ୍ପ ଧସିବା ଘଟଣା**

**କାଳିଆପାଣି,୨୫ା୧୨(ଡି.ଏନ.ଏ.)**

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ସାଉଥ୍ କାଳିଆପାଣି ଖଣିର ମାଟି ଡମ୍ପ ଧସିବାକୁ ନେଇ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଶୁକ୍ରବାର ଡମ୍ପ ଧସିବା ଯୋଗୁ ସୁକୁରୁଙ୍ଗି ଗ୍ରାମର ଫୁଟବଲ ଖେଳ ପଡ଼ିଆ ଓ ଚାଷ ଜମି ପୋତି ହୋଇ ଯାଇଥିଲା। ଏନେଇ ଶନିବାର କ୍ଷତିଗ୍ରସ୍ତ ଚାଷୀ କାଳିଆପାଣି ଥାନାରେ ଖଣି ନିଗମ ବିରୋଧରେ ଅଭିଯୋଗ କରିବା ସହ ଖଣି ନିଗମ ଆଞ୍ଚଳିକ ପରିଚାଳକଙ୍କୁ ଅଭିଯୋଗର ନକଲ ପ୍ରଦାନ କରିଛନ୍ତି।

ଖଣି ନିଗମ ସାଉଥ୍ କାଳିଆପାଣି ଖଣିର କ୍ରୋମାଇଟ ଉତ୍ପାଦନ କାର୍ଯ୍ୟ ଡେକୋ (ଧନେଶ୍ୱର ଇଞ୍ଜିନିୟରିଂ କୋ ପ୍ରାଇଭେଟ ଲିମିଟେଡ୍)ହାତରେ ରହିଛି। ସମ୍ପୃକ୍ତ ସଂସ୍ଥା ନୂତନ ଭାବେ କ୍ରୋମାଇଟ ଉତ୍ପାଦନ କରୁଥିବାବେଳେ ଓଭର ବଡନର ମାଟିକୁ କାଟି ସିଓବି ପ୍ଲାଣ୍ଟ ନିକଟରେ ଡମ୍ପ କରୁଛି। ଅନ୍ୟପଟେ ମାଟି ଡମ୍ପ କରୁଥିବା ସ୍ଥାନରେ ଚିରସ୍ରୋତା ନାଳ ବୋହିଯାଇ ଡମଶାଳ ନାଳରେ ମିଶିଛି। ତେବେ ସେଠାରେ ମାଟି ଡମ୍ପ ହେବାରୁ ଏବେ ନାଳ ପୋତି ହେବାରେ ଲାଗିଛି। ଡମ୍ପର ତଳ ଅଞ୍ଚଳ ଦଲଦଲ ହୋଇ ରହିଛି। ଡମ୍ପ ନିକଟରେ ରହିଥିବା ଶଙ୍କର ଦେହୁରି, ଗୌତମ ଦେହୁରି, ଗୁମାନ ଦେହୁରି, ଶତ୍ରୁଘ୍ନ ଦେହୁରି ଓ ଭୀମ ଦେହୁରିଙ୍କ ଜମି ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ଏବେବି ନାଳର ପାଣି ଡମ୍ପ ମାଟିକୁ ସ୍ଲରି କରି ତଳକୁ ବୋହିଚାଲିଛି। ଏନେଇ ସୁକୁରୁଙ୍ଗି, ହାଟସାହି ବାସିନ୍ଦା ବିରୋଧ କରି ଆସୁଥିଲେ ବି ଖଣି ନିଗମ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଏପରି ଘଟିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ପ୍ରଶ୍ନ ଉଠେ ଖଣିନିଗମ ପୂର୍ବରୁ ଠିକ୍‌ରେ ଡମ୍ପ ପରିଚାଳନା କରୁ ନ ଥିଲା କାହିଁକି। ଏଥିରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯିବ ଓ ପୋତି ହୋଇଥିବା ଜମିର ଚାଷୀଙ୍କୁ କ୍ଷତିପୂରଣ କିପରି ମିଳିବ। ଏ ସମ୍ପର୍କରେ ଖଣି ନିଗମ ଆଞ୍ଚଳିକ ପରିଚାଳକ ପ୍ରସନ୍ନ ସ୍ୱାଇଁ କହିଛନ୍ତି, ଡମ୍ପ ଧସିଥିବା ସ୍ଥାନକୁ ଘେରାଉ କରି ରଖାଯାଇଛି। ଆବଶ୍ୟକ ଅନୁଯାୟୀ ଡମ୍ପ ପରିଚାଳନା କରାଯିବ।

## ଏମ୍‌ସିସି ଯାଜପୁର ଚାମ୍ପିୟନ



ଚାମ୍ପିୟନ ଦଳର ଖେଳାଳି ଓ ଅନ୍ୟମାନେ।

**ଯାଜପୁର ଜିଲା ଆନ୍ତଃ କ୍ଲବ ସିନିୟର୍ କ୍ରିକେଟ୍ ପ୍ରତିଯୋଗିତା**

**ଯାଜପୁର ଟାଉନ,୨୫ା୧୨(ଡି.ଏନ.ଏ.)**

ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଯାଜପୁର ବାଳାଶ୍ରମ ପଡ଼ିଆରେ ଚାଲିଥିବା ଆନ୍ତଃ ଜିଲା ସିନିୟର କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏମ୍‌ସିସି ଯାଜପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଯାଜପୁରର ଦୁଇ ଦଳ ଇଲେଭେନ୍ ଷ୍ଟାର ଓ ଏମ୍‌ସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ୍ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୮୧ ରନ କରିଥିଲା। ଦଳ ପକ୍ଷରୁ ଅଭିଲାଷ ରାଉତରାୟ ୪୦ ଓ ହେମନ୍ତ କେ. ଜାନି ୨୫ ରନ କରିଥିଲେ।

ଏମ୍‌ସିସି ବୋଲର ମୋଜାକିର ଖାନ୍ ୧୦ ଓଭର ବୋଲିଂ କରି ୩୦ ରନ୍ ଦେଇ ୪ ଉଇକେଟ ଓ ଅମିନ ଖାନ୍ ୧୦ ଓଭର ବୋଲିଂ କରି ୩୭ରନ ଦେଇ ୨ ଉଇକେଟ ହାସଲ କରିଥିଲେ। ଏମ୍‌ସିସି ୩୧.୧ ଓଭର ଖେଳି ୪ ଉଇକେଟ ବିନିମୟରେ ୧୮୫ ରନ କରି ଇଲେଭେନ୍ ଷ୍ଟାର ବିପକ୍ଷରେ ବିଜୟ ହାସଲ କରିଥିଲା। ଦଳପକ୍ଷରୁ ନିଶିକାନ୍ତ ରାଉତ ୫୭ ରନ ଓ ଅମିନ ଇକ୍‌ବାଲ୍ ଖାନ୍ ୪୦ ରନ୍ କରିଥିଲେ। ଏଥିରେ ମୋଜାକିର ଖାନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ଦୀପ୍ତିରଞ୍ଜନ ମହାନ୍ତି ଓ ଜ୍ୟୋତି ପ୍ରକାଶ ମଲ୍ଲିକ ପରିଚାଳନା କରିଥିଲେ। ଯଯାତି କେଶରୀ ସାମଲ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକାରୀ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ବରିଷ୍ଠ କ୍ରିକେଟର ଶ୍ରୀଜୟ ମହାପାତ୍ର, ଅଭୟ ବଲ୍ଲଭ ପଣ୍ଡା, ସୁଶାନ୍ତ ସିଂ ଓ ଦିବାକର କରଙ୍କ ତତ୍ତ୍ୱାବଧାନରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

### ଇକୋ କ୍ଲବ୍ ତତ୍ତ୍ୱାବଧାରକଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ଯାଜପୁର ଟାଉନ,୨୫ା୧୨(ଡି.ଏନ.ଏ.)**

ପାଣିକୋଇଲିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ କୋରେଇ, ଧର୍ମଶାଳା, ବଡ଼ଚଣା, ଦାନଗଦି ଓ ସୁକିନ୍ଦା ବ୍ଲକର ୫୦ଜଣ ଇକୋ କ୍ଲବ ତତ୍ତ୍ୱାବଧାରକଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟବାଦୀ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା କାର୍ଯ୍ୟକାରିଣୀ ମୂଲ୍ୟାୟନ କମିଟି ସହ ଆବାହକ ମଳୟ ମିତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୈବ ବିବିଧତା ସମ୍ପର୍କରେ ବିଜୟ ସାହୁ, ପ୍ଲାଷ୍ଟିକ ପରିଚାଳନା ସମ୍ପର୍କରେ ଡ. ନୃସିଂହ ଚରଣ ବେହେରା, ଜଳ ପ୍ରଦୂଷଣ ସମ୍ପର୍କରେ ବିଜୟ ମୋହନ ରାୟ, ଜିଆ ଖତ ଓ ନର୍ସରୀ ସ୍ଥାପନ ସମ୍ପର୍କରେ ବିଷ୍ଣୁଚରଣ ସାହୁ, ଆବର୍ଜନା ପରିଚାଳନା ସମ୍ପର୍କରେ ଡ. ଶରତ କୁମାର ସାହୁ ଓ ଶକ୍ତି ସଂରକ୍ଷଣ ସମ୍ପର୍କରେ ମଳୟ ମିତ୍ର ବିବିଧ ତଥ୍ୟ ପ୍ରଦାନ କରିଥିଲେ। ପରିବେଶ ଶିକ୍ଷାକେନ୍ଦ୍ର ଭୁବନେଶ୍ୱରର ଯୋଜନା ଅଧିକାରୀ ଭରତ ଚନ୍ଦ୍ର ଜେନା ପ୍ରମାଣପତ୍ର ପ୍ରଦାନ ସହ ଇକୋକ୍ଲବର ସମୀକ୍ଷା କରିଥିଲେ। ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଶିକ୍ଷକ ପ୍ରତାପ ପହି ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଅସହାୟଙ୍କୁ ସହାୟତା

**ଯାଜପୁର ଟାଉନ,୨୫ା୧୨(ଡି.ଏନ.ଏ.)**

ଗୋଲକୁଣ୍ଡ ହାଇସ୍କୁଲ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଦୀନବନ୍ଧୁ ପତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଦୀନବନ୍ଧୁ ପତି ସ୍ମୃତି ପାଠାଗାର ପକ୍ଷରୁ ଯାଜପୁର ପୌରାଞ୍ଚଳର ଗରିବ, ଅସହାୟ ଓ ଦୀନଦୁଃଖୀଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ହୃଷୀକେଶ ପତି, ସହଦେବ ମିଶ୍ର, ଶ୍ରୀନିବାସ ପତି, ରଶ୍ମିରଞ୍ଜନ ପତି, ଦୀପ୍ତିରଞ୍ଜନ ପତି, ସିଦ୍ଧାର୍ଥ କର, ତପସ୍ୱିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଓବିସି ସଂରକ୍ଷଣ ବାତିଲ ପରେ ଆଶାୟୀ ନିରାଶ

**ଧର୍ମଶାଳା,୨୫ା୧୨(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଓବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ହଟିବା ପରେ ଆଶାୟୀ ପ୍ରାର୍ଥୀ ନିରାଶ ହୋଇଛନ୍ତି। ନିର୍ବାଚନ ପାଇଁ ସରକାର ସଂରକ୍ଷଣ ତାଲିକା ପ୍ରକାଶ କରିଥିଲେ। ମାତ୍ର ହାଇକୋର୍ଟଙ୍କ ସଦ୍ୟ ନିର୍ଦ୍ଦେଶ ଅନୁସାରେ ଉକ୍ତ ନିର୍ବାଚନରେ ଓବିସିଙ୍କ ପାଇଁ ସଂରକ୍ଷଣ ରହିବନାହିଁ। ଫଳରେ ରାଜ୍ୟରେ ଓବିସି ବର୍ଗରେ ଥିବା ୫୨ ଭାଗ ଲୋକ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବଞ୍ଚିତ ହେବାନେଇ କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବ ବିଜ୍ଞପ୍ତିରେ ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତ ମଧ୍ୟରୁ ପଛୁଆବର୍ଗ ସରପଞ୍ଚ ପଦବୀ ପାଇଁ ୯ ଓ ସମିତିସଭ୍ୟ ପାଇଁ ମଧ୍ୟ ୯ ଆସନ ସଂରକ୍ଷିତ ଥିଲା। ସରପଞ୍ଚ ପଦ ପାଇଁ ଅଞ୍ଜିରା, ଅରେଇକଣା, କଦମପାଳ, ଚକ୍ରଧରପୁର, କୁମାରୀ ପଞ୍ଚାୟତ ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ପଛୁଆବର୍ଗଙ୍କ ପାଇଁ କବାଟବନ୍ଧ, ଚହଟା, ଚୋରମୁହାଁ, ସମ୍ପାରୁ ପଞ୍ଚାୟତ ସଂରକ୍ଷିତ ଥିଲା। ସମିତିସଭ୍ୟ ପାଇଁ ଅଞ୍ଜିରା, ଏଣ୍ଡଲବା, କଦମପାଳ, କବାଟବନ୍ଧ, ଚହଟା ଆଦି ପଞ୍ଚାୟତ ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ କୁମାରୀ, ଚକ୍ରଧରପୁର, ତରଞ୍ଜିଆ ଓ ଦେଓଦା ପଞ୍ଚାୟତ ପଛୁଆବର୍ଗ ପାଇଁ ସଂରକ୍ଷିତ ଥିଲା। ଏନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆଶାୟୀ ପ୍ରାର୍ଥୀ ଘରକୁଘର ବୁଲି ପୁସିଂ କାର୍ଡ ବଣ୍ଟନ କରି ପ୍ରଚାର ଆରମ୍ଭ କରିଥିଲେ। ମାତ୍ର ଏବେ ସେ ସବୁ ଫିକା ପଡ଼ିଯାଇଛି।

### ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ଯାଜପୁର ଅଫିସ,୨୫ା୧୨**

ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ବ୍ରହ୍ମବରଦାସ୍ଥିତ କାର୍ତ୍ତିକେଶ୍ୱର କମ୍ୟୁନିଟି ସେଣ୍ଟର, ମିଶନ ଶକ୍ତି ଗୃହ ଓ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହକୁ ମୁଖ୍ୟଅତିଥି ଭାବେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ କରୋନା ଯୋଦ୍ଧାଙ୍କୁ ବିଧାୟିକା ସମ୍ବର୍ଦ୍ଧିତ କରିଥିଲେ। ପଞ୍ଚାୟତ ପୂର୍ବତନ ସରପଞ୍ଚଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ମଧୁବନ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବସନ୍ତ ପଣ୍ଡା ଏବଂ ରସୁଲପୁର ବ୍ଲକ ଶିକ୍ଷା ମଣ୍ଡଳର ବନ୍ଧଡିଆ କ୍ଲଷ୍ଟର ସିଆରସିସି ଦେବରାଜ୍ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ସରପଞ୍ଚ ବିଜୟ ଦାସ, ଯୁବନେତା ରାକେଶ ଦେଓ, ଦୀନବନ୍ଧୁ ରାଉତ ଓ ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସ ହେପାଜତରୁ ଅଭିଯୁକ୍ତ ଚମ୍ପଟ

**ବ୍ରହ୍ମପୁର ଅଫିସ:** ଗଞ୍ଜାମ ଜିଲା ଟାଉନ୍ ଥାନା ପୋଲିସ ହେପାଜତରୁ ଶନିବାର କେ. ରବି କୁମାର ନାମକ ଜଣେ ଅଭିଯୁକ୍ତ ଚମ୍ପଟ ମାରିଛନ୍ତି। ସାଇକେଲ ଚୋରି ଘଟଣାରେ ଖଲ୍ଲିକୋଟ କଲେଜ ରାସ୍ତାରୁ ରବି କୁମାରଙ୍କୁ ପୋଲିସ କାବୁ କରିଥିଲା। ତାଙ୍କୁ ଅପରାହ୍ନରେ ପୋଲିସର ଏକ ଟିମ୍ ଏମ୍‌କେସିଜି ମେଡିକାଲକୁ ପରୀକ୍ଷା ପାଇଁ ନେଇଥିଲା। ମେଡିକାଲରୁ କୋର୍ଟକୁ ନେବା ବେଳେ ରବି ପୋଲିସକୁ ଚକମା ଦେଇ ଚମ୍ପଟ ମାରିଛନ୍ତି। ସେ କୌଣସି ଏକ ବାହାନା କରି ଭ୍ୟାନରୁ ଓହ୍ଲାଇ ପଳାଇଥିବା ଅନୁମାନ କରାଯାଉଛି। ପୋଲିସ ତଦନ୍ତ ଜାରି ରଖିଛି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍ ଯାଞ୍ଚ କରୁଥିବା ଜଣାପଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## ବିପଦରେ ଚିଲିକାର...

ପକ୍ଷୀ ଶିକାର କରାଯାଉଛି। ବନ କର୍ମଚାରୀମାନେ ପକ୍ଷୀ ଶିକାର ରୋକିବା ଦିଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରୁ ନ ଥିବାବେଳେ ରାତ୍ର ଜଗୁଆଳିଙ୍କ ଦ୍ୱାରା କାମ ଚଳାଇ ନିଆଯାଉଛି। ବିଦେଶୀ ପକ୍ଷୀଙ୍କ ମାଂସ ୫ଶହରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଛି। ଶିକାରୀମାନେ ଅର୍ଥ ଲୋଭରେ ଅବାଧରେ ପକ୍ଷୀ ଶିକାର କରିଚାଲିଛନ୍ତି। ଟାଙ୍ଗୀ ବନାଞ୍ଚଳ ଓ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଶିକାରୀଙ୍କ ଏକ ର୍‌ୟାକେଟ କାମ କରୁଥିବା ଶୁଣିବାକୁ ମିଳୁଛି। ପକ୍ଷୀଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କ୍ୟାମ୍ପ କରାଯାଉଛି। ଏଥର ୨୧ଟି କ୍ୟାମ୍ପ ଖୋଲାଯାଇଛି। ପ୍ରତି କ୍ୟାମ୍ପରେ ଫରେଷ୍ଟର, ଫରେଷ୍ଟ ଗାର୍ଡ, ନାଇଟ ୱାଚର ନିୟୋଜିତ ରହିଛନ୍ତି। ତଟବର୍ତ୍ତୀ ଅଞ୍ଚଳରେ ବନ କର୍ମଚାରୀ ପାଟ୍ରୋଲିଂ କରୁଛନ୍ତି। ତଥାପି ଫଳ ଶୂନ। ପ୍ରତିବର୍ଷ ପକ୍ଷୀ ଶିକାର ହେଉଛି। ଏନେଇ ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜର ଚୂଡ଼ାମଣି ମୁର୍ମୁ କହିଛନ୍ତି, ରତାମାଟି ଛକ ରାସ୍ତା ପାର୍ଶ୍ୱରେ ପକ୍ଷୀଙ୍କ ମୃତଦେହ ପଡ଼ିଥିବା ଖବର ପାଇ ଟିମ୍ ପହଞ୍ଚି ୩୦ଟି ମୃତପକ୍ଷୀ ଜବତ କରିଛି। ଘଟଣାର ତଦନ୍ତ ଜାରି ରହିଛି। ଚିଲିକାରେ ପକ୍ଷୀ ସୁରକ୍ଷା ଉପରେ କଡ଼ା ନଜର ରଖାଯାଇଛି। ନିକଟରେ ୮ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବାବେଳେ ୨୭ଟି ମୃତପକ୍ଷୀ ଜବତ ହୋଇଥିଲା। ୬ଟି ମାମଲା ରୁଜୁ କରାଯାଇଛି। ସ୍ଥାନୀୟ ଢାବା ଓ ହୋଟେଲଗୁଡ଼ିକରେ ମଧ୍ୟ ଚଢ଼ାଉ କରାଯାଉଛି।

## ୧୦ ରାଜ୍ୟରେ...

କରିବ। ମୁଖ୍ୟତଃ କଣ୍ଟାକ୍ଟ ଟ୍ରେସିଂ, କଣ୍ଟେନମେଣ୍ଟ ପ୍ରକ୍ରିୟା, କୋଭିଡ୍ ପରୀକ୍ଷା ଏବଂ ଜିନୋମ ସିକ୍ୱେନ୍ସିଂ ଉପରେ ଟିମ୍ ଗୁରୁତ୍ୱ ଦେବ। ଏହା ବ୍ୟତୀତ ଜନସାଧାରଣ କୋଭିଡ୍ ନିୟମ ଠିକ୍ ଭାବେ ପାଳନ କରୁଛନ୍ତି କି ନାହିଁ, ହସ୍ପିଟାଲଗୁଡ଼ିକରେ ବେଡ୍ ଉପଲବ୍ଧତା, ଆବଶ୍ୟକ କର୍ମଚାରୀ, ଆମ୍ବୁଲାନ୍ସ, ଭେଣ୍ଟିଲେଟର, ଅକ୍ସିଜେନ ଏବଂ କୋଭିଡ୍ ଟିକାକରଣ ଅଗ୍ରଗତି ସମ୍ପର୍କରେ କେନ୍ଦ୍ରୀୟ ଟିମ୍ ଅନୁଧ୍ୟାନ କରିବ। ସଂକ୍ରମଣ ରୋକିବା ନେଇ ସେମାନେ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ବିଭିନ୍ନ ପରାମର୍ଶ ଦେବା ସହ ପ୍ରତି ସନ୍ଧ୍ୟାରେ କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ।

## ଦନ୍ତାହାତୀ ମୃତଦେହ...

ମୃତ୍ୟୁ କିପରି ହେଲା ସେ ଦିଗରେ ତଦନ୍ତ ଆରମ୍ଭ କରିଥିଲେ। ପରେ ଦେବଗଡ଼ ଡିଏଫ୍‌ଓ ମଗର ଧନଜି ରାଓସୋ ଏବଂ ଆଞ୍ଚଳିକ ବନ ସଂରକ୍ଷକ ଅରୁଣ ମିଶ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଅଧିକାରୀମାନେ କହିଛନ୍ତି।

# ମାନବବାଦ ସଙ୍ଗଠନ ମୁଖ୍ୟ ମାନସ ଦାସଙ୍କୁ ଜାମିନ

**ଖୋର୍ଦ୍ଧା ଅଫିସ,୨୫।୧୨**



ବହୁଚର୍ଚ୍ଚିତ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଅଭିମାନପୁର ଗ୍ରାମର ସତ୍ୟବ୍ରତ ନାୟକ ହତ୍ୟା ମାମଲାରେ ଗିରଫ ହୋଇ ଖୋର୍ଦ୍ଧା ଜେଲରେ ଥିବା ଆତ୍ମଘୋଷିତ ଗୁରୁଜୀ ତଥା ମାନବବାଦ ସଙ୍ଗଠନ (ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚ)ର ମୁଖ୍ୟ ମାନସ ଦାସଙ୍କୁ ଶୁକ୍ରବାର ଜାମିନ ମିଳିଛି। ଉଚ୍ଚ ନ୍ୟାୟାଳୟ ତାଙ୍କୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ତାଙ୍କ ସ୍ତ୍ରୀଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ୧ ମାସ ପାଇଁ ଜଣେ ଜାମିନଦାର, ୪୦ ହଜାର ଟଙ୍କା ଜମା ବଦଳରେ ଏହି ଜାମିନ ମିଳିଥିବା ମାନସଙ୍କ ଓକିଲ ଶରତ ମାନସିଂ ସୂଚନା ଦେଇଛନ୍ତି। ଏହି ସମୟରେ ସେ ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ କିମ୍ବା କୌଣସି ମାମଲାରେ ହସ୍ତକ୍ଷେପ କରିବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ରାତିରେ ମାନସ ଖୋର୍ଦ୍ଧା ଜେଲରୁ ମୁକୁଳିଥିବା ଜଣାପଡ଼ିଛି। ଏହି ସମୟରେ ତାଙ୍କର ବହୁ ସମର୍ଥକ ଜେଲ ନିକଟରେ ଅପେକ୍ଷା କରି ରହିଥିଲେ।

ସତ୍ୟବ୍ରତ ହତ୍ୟା ମାମଲାରେ ପୋଲିସ ଗତ ସେପ୍ଟେମ୍ବର ୨ରେ ମାନସଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରୁ ଗିରଫ କରିଥିଲା। ମାନସଙ୍କ ବିରୋଧରେ ଅପହରଣ, ଆପରାଧିକ ଷଡ଼ଯନ୍ତ୍ର, ହତ୍ୟା, ହତ୍ୟା ଉଦ୍ୟମ, ପ୍ରମାଣ ନଷ୍ଟ ଓ ଧମକ ଭଳି ଏକାଧିକ ଅଭିଯୋଗ ରହିଥିଲା। ଏଥିସହ ତାଙ୍କ ପୁଅ ମନୋରଞ୍ଜନଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ବେଗୁନିଆ ଥାନା ଅଧୀନ କଡ଼ବ ଗ୍ରାମର ମାଗୁଣି ନାୟକ ଓ ପୁଅ ଆନନ୍ଦଙ୍କୁ ଏକ ବନ୍ଦ କୋଠରିରେ ମାନବବାଦ ସଙ୍ଗଠନର କର୍ମକର୍ତ୍ତା ମାଡ଼ ମାରିବା ଘଟଣାରେ ମନୋରଞ୍ଜନଙ୍କୁ ପୋଲିସ ଗିରଫ କରିଥିଲା। ଉଭୟ ମାନସ ଓ ମନୋରଞ୍ଜନ ଖୋର୍ଦ୍ଧା ସବ୍‌ଜେଲରେ ରହିଥିଲେ। ଗତ କିଛି ମାସ ତଳେ ମନୋରଞ୍ଜନଙ୍କୁ ଖୋର୍ଦ୍ଧା କୋର୍ଟରୁ ଜାମିନ ମିଳିଥିଲା।

ସୂଚନା ଅନୁଯାୟୀ, ଅଗଷ୍ଟ ୨ରେ ସତ୍ୟବ୍ରତଙ୍କୁ ହତ୍ୟା କରାଯାଇଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ତାଙ୍କ ମୃତଦେହକୁ ପୋଡ଼ି ଦିଆଯାଇଥିଲା। ମାନବବାଦ ସଙ୍ଗଠନ ମୁଖ୍ୟ ମାନସଙ୍କ ନିର୍ଦ୍ଦେଶରେ ଏହି ହତ୍ୟା ଘଟିଥିବା ନେଇ ଅଗଷ୍ଟ ୩ରେ ସତ୍ୟବ୍ରତଙ୍କ ପୁତୁରା ବସନ୍ତ ନାୟକ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୪୯/୨୧) ରୁଜୁକରି ୬ଜଣଙ୍କୁ ଗିରଫ କରିଥିଲା। ଉକ୍ତ ହତ୍ୟାକାଣ୍ଡରେ ମାନସ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ନ ଥିଲେ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର, ପ୍ରମାଣ ନଷ୍ଟ ପାଇଁ ମୃତଦେହ ପୋଡ଼ି ଓ ବସନ୍ତଙ୍କୁ ଧମକ ଦେବା ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ସେହିପରି ମାଗୁଣି ଓ ଆନନ୍ଦଙ୍କୁ ବନ୍ଦ କୋଠରିରେ ମାଡ଼ ଘଟଣାରେ ବେଗୁନିଆ ଥାନାରେ ଏକ କେସ୍ (ନଂ.୧୬୬/୨୧) ରୁଜୁ ହୋଇଥିଲା। ଏହି ଘଟଣାରେ ମାନସଙ୍କ ପୁଅ ମନୋରଞ୍ଜନ ସମ୍ପୃକ୍ତ ଥିବା ପ୍ରମାଣ ମିଳିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ଦିନ ଖୋର୍ଦ୍ଧା ସଦର ଥାନା ଅଧୀନ ନିଜିଗଡ଼ ତାପଙ୍ଗ ଝିଙ୍କିଝାରୀ ଗ୍ରାମର ଶୁଭାଶିଷ ବେହେରା ମାନସଙ୍କ ବିରୋଧରେ ଏକ ହତ୍ୟା ଅଭିଯୋଗ ଆଣିଥିଲେ। ଏନେଇ ସଦର ଥାନାରେ କେସ୍ ନଂ. ୧୨୭/୨୧ ରୁଜୁ ହୋଇଥିଲା।

# ୮ଲକ୍ଷ ଟଙ୍କାର ନକଲି ଜର୍ଦ୍ଦା ଜବତ

## ବ୍ୟବସାୟୀଙ୍କ ଦୋକାନ, ଘରେ ଏସ୍‌ଟିଏଫ୍ ଚଢ଼ାଉ

**ବାରଙ୍ଗ,୨୫।୧୨(ଡି.ଏନ୍.ଏ.)**




ବାରଙ୍ଗ ବଜାରସ୍ଥିତ ଜଣେ ବ୍ୟବସାୟୀଙ୍କ ଦୋକାନ ଓ ଘରେ ଶୁକ୍ରବାର ରାତିରେ ଏସ୍‌ଟିଏଫ୍ ଟିମ୍ ଓ ବାରଙ୍ଗ ଥାନା ପୋଲିସ ମିଳିତଭାବେ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ଅଢ଼େଇ କୁଇଣ୍ଟାଲର ନକଲି ଜର୍ଦ୍ଦା ଓ ଗୁଟ୍‌ଖା ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୮ଲକ୍ଷ ଟଙ୍କା ହେବ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୭୯/୨୧) ରୁଜୁକରି ବ୍ୟବସାୟୀ ନିବାସ ସାହୁଙ୍କୁ ଗିରଫ କରିଛି। ସୂଚନା ମୁତାବକ, ନିବାସ ଦୋକାନରେ ନକଲି ଜର୍ଦ୍ଦା ଓ ଗୁଟଖା ବିକ୍ରି କରୁଥିବା ନେଇ ଏସ୍‌ଟିଏଫ୍‌କୁ ସୂଚନା ମିଳିଥିଲା। ଏସ୍‌ଟିଏଫ୍ ଅଧୀକ୍ଷକ ତେଜରାଜ ପଟେଲଙ୍କ ତତ୍ତ୍ୱାବଧାନରେ ଏସ୍‌ଟିଏଫ୍ ଇନ୍ସପେକ୍ଟର ଅଶୋକ କୁମାର ଗିରିଙ୍କ ନେତୃତ୍ୱରେ ଇନ୍ସପେକ୍ଟର ସରିତା ବେଉରିଆ, ଇନ୍ସପେକ୍ଟର ଦୀପ୍ତି ପ୍ରଧାନଙ୍କୁ ନେଇ ୭ଜଣିଆ ଟିମ୍ ଓ ବାରଙ୍ଗ ଥାନା ପୋଲିସ ଏହି ଚଢ଼ାଉରେ ସାମିଲ ଥିଲେ। ଏହି ଟିମ୍ ବାରଙ୍ଗ ବଜାରସ୍ଥିତ ଉକ୍ତ ଦୋକାନ ଓ ଦାଢାପାଟଣା ରେଳଧାରଣା ପାର୍ଶ୍ୱରେ ଥିବା ନିବାସଙ୍କ ଘର ଉପରେ ଚଢ଼ାଉ କରି ନକଲି ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା ଜବତ କରିଥିଲେ।


GOVERNMENT OF ODISHA — No. O-1520

**OFFICE OF THE SUPERINTENDING ENGINEER, RURAL WORKS DIVISION, NABARANGPUR**

e-mail: eerwngp@rediffmail.com, Phone No.: 222023

Letter No. 4962 — Date: 23.12.21

**e-Procurement Notice**

Name of the Work : Road Works
Total No. of Works : 03 (Three) Nos.
Approx. Estimated Cost : Rs.12.46 lakhs to Rs.61.97 lakhs
Class of Contractor : "A", "B", "C" and "D" Class of Contractor
Period of Completion : 03 (Three) & 02 (Two) Months or 30th March 2022 which is earlier.

| Procurement Officer | Bid Identification No. | No. of Works | Availability of Tender Online for Bidding: From | Availability of Tender Online for Bidding: To | Date & Time of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP-Online-12/2021-22 | 03 (Three) Nos. | 31.12.2021 at 10.00 A.M. | 05.01.2022 upto 03.00 P.M. | 06.01.2022 at 11.00 A.M. |

For details can be seen from the Government website www.tendersorissa.gov.in.

Sd./- Superintending Engineer, Rural Works Division, Nabarangpur

OIPR-25092/11/0013/2122

**OFFICE OF THE SUPERINTENDENT, SCB MEDICAL COLLEGE HOSPITAL, CUTTACK**

Order No. 29642 — Dt.24.12.2021

**CORRIGENDUM**

No E-782:- In this office advertisement issued vide letter No-25743 dt-02.11.2021 and published in daily news paper "The Samaj" and "The Times of India" on dt-04.11.2021 regarding contractual appointment of Perfusionist in (ECMO) of CTVS SCB Medical College & Hospital, Cuttack, the **Eligibility Criteria mentioned there in hereby substituted with the following**.

**Career Mark- 50% & Interview Mark- 50%**

The candidates who have applied earlier are hereby directed to submit their above required documents / Certificates through online. Latest by 31.12.2021 by E-Mail: Scbsuperintendente.gmail.com.

Sd./- Medical Superintendent

OIPR-10051/11/0022/2122

GOVERNMENT OF ODISHA — No. O-1532

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**

At/P.O.- Sankara, Sundargarh - 770020, E-mail: address-serw_sundargarh@yahoo.com

No. Tender Online - RWCCESNG-28 of 2021-22 — Letter No. 3774 / Dtd.23.12.2021

**e-Procurement Notice**

1. Type of the Work : Road and Bridge (MMSY)
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other details :

| Procurement Officer | Bid Identification No. | Availability of Tender Online for Bidding: From | Availability of Tender Online for Bidding: To | Last date & time of seeking tender clarification | Date & time of opening of tender: Technical Bid | Date & time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 28 of 2021-22 | 28.12.2021 11.00 A.M. | 17.01.2022 5.00 P.M. | 15.01.2022 5.00 P.M. | 19.01.2022 11.00 A.M. | Will be intimated separately |

Furtehr details can be seen from the website www.tendersodisha.gov.in.

Sd./- Chief Construction Engineer, Rural Works Circle, Sundargarh

OIPR-25133/11/0039/2122

GOVERNMENT OF ODISHA — No. O-1533

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**

At/P.O.- Sankara, Sundargarh - 770020, E-mail: address-serw_sundargarh@yahoo.com

No. Tender Online - RWCCESNG-29 of 2021-22 — Letter No. 3785 / Dtd.23.12.2021

**e-Procurement Notice**

1. Type of the Work : Road Works
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other details :

| Procurement Officer | Bid Identification No. | Availability of Tender Online for Bidding: From | Availability of Tender Online for Bidding: To | Last date & time of seeking tender clarification | Date & time of opening of tender: Technical Bid | Date & time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 29 of 2021-22 | 28.12.2021 11.00 A.M. | 17.01.2022 5.00 P.M. | 15.01.2022 5.00 P.M. | 19.01.2022 11.00 A.M. | Will be intimated separately |

Furtehr details can be seen from the website www.tendersodisha.gov.in.

Sd./- Chief Construction Engineer, Rural Works Circle, Sundargarh

OIPR-25133/11/0041/2122

**ODISHA LIFT IRRIGATION CORPORATION LIMITED**
*(A Government of Orissa Undertaking)*
**OFFICE OF THE EXECUTIVE ENGINEER LIFT IRRIGATION DIVISION, BARGARH**
E-mail- eeolicbgh@gmail.com

**Tender Call Notice No.09/2021-22/OLIC, Dated: 22.12.2021**

No. CAD-2474:- Sealed tenders are invited from reputed manpower agencies/ service providers having valid labour license to provide the services of Junior Engineer (Elect.)-02 nos. for a period of one year w.e.f. dt.01.02.2022 to dt.31.01.2023 on contract basis for day to day field works & official works.

The detailed information for outsourcing the services of the aforesaid personnel has been given in the tender document which can be obtained in person or by Speed post from the Office of Executive Engineer, Lift Irrigation Division, Bargarh on any working day from 24.12.2021 at 11.00 A.M. to 03.01.2022 at 01.00 P.M. by depositing Rs.2000/- (Rupees Two thousand) only in shape of B.D. to be drawn in favour of the Executive Engineer, Lift Irrigation Division, Bargarh towards cost of tender paper and the GST-18% to be deposited in shape of E-Challan vide GSTIN No.**21AAACO5986G1ZF** (Non-Refundable). The last date and time for submission of tender document is 03.01.2022 by 1.00 P.M. The tender will be opened on same day at 03.00 P.M.

Sd./- Executive Engineer, Lift Irrigation Division, Bargarh

OIPR-32277/11/0010/2122

e-procurement Notice

**OFFICE OF THE NOTIFIED AREA COUNCIL, GOPALPUR**

**Tender Call Notice No. 2582 dt:- 23-12-21**
**Bid identification No:- 04/2021-22**

No.C-1674:- Bid document consisting of work, estimated cost, cost of Tender paper, time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. www.tendersorissa.gov.in.

| | |
|---|---|
| Total number of civil works | 4 Nos. |
| Estimated Cost | Rs. 5.5 Lakh to Rs.47.07 Lakh |
| Date & time of availability of bid documents in the portal | 11.00 A.M of dt.24.12.2021 to 6.00 P.M of dt. 01.1.2022 for online bidding |
| Last date of receive of bid through Online | 6.00 P.M of dt. 01.01.2022 |
| Date of opening of bid | 11.00 A.M. on Dt. 3.1.2022 |

Sd./- Executive Officer, N.A.C., Gopalpur

OIPR-13186/11/0006/2122

**DIRECTORATE OF PRINTING, STATIONERY AND PUBLICATION, ODISHA, MADHUPATNA, CUTTACK-10**

No.IPB.-4/2021. 73 /PSP., — Dt.24.12.2021

**PUBLIC NOTICE**

No.J-06:- In view of restrictions relating to Covid 19, it is notified for public information that the Government Diaries and Calendars, 2022 will be sold online as like previous year to avoid public gathering. Interested individuals may register their name and other details in ecom.ogpress.nic.in for online procurement. All other information regarding cost of Govt. Publications and other Terms & Conditions are available in the website (ecom.ogpress.nic.in). The online sale of Government Diaries & Calendars, 2022 will commence w.e.f. 26th December, 2021.

Sd./- Director

OIPR-02002/11/0011/2122

**ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ**
**(ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର)**
ବିଜ୍ଞପ୍ତି ସଂଖ୍ୟା ୪୩୨୫/୨୧ ତାରିଖ ୨୪।୧୨।୨୧

No.F-273:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାର୍ଶାଘାଇ ତହସିଲର (୦୧) ଏକ ଗୋଟି ସୈରାତ ଉତ୍ସ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ ମୁତାବକ ପାଞ୍ଚବର୍ଷ ନିମନ୍ତେ (୨୦୨୧-୨୨ ଠାରୁ ୨୦୨୫-୨୬) ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.kendrapara.nic.inରେ ଉପଲବ୍ଧ କରାଯାଇଛି। ଇଚ୍ଛୁକ ବ୍ୟକ୍ତିବିଶେଷ ଡାକ ଯୋଗେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ ।

ନିଲାମ ସ୍ଥାନ : ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ
ଧାର୍ଯ୍ୟ ତାରିଖ ଏବଂ ସମୟ : ପ୍ରଥମ ପର୍ଯ୍ୟାୟ ତା୧୨।୦୧।୨୨ରିଖ ଦିବା ୧୧.୦୦ ଘଟିକା
ଦ୍ୱିତୀୟ ପର୍ଯ୍ୟାୟ ତା୧୯।୦୧।୨୨ରିଖ ଦିବା ୧୧.୦୦ ଘଟିକା
ତୃତୀୟ ପର୍ଯ୍ୟାୟ ତା୨୭।୦୧।୨୨ରିଖ ଦିବା ୧୧.୦୦ ଘଟିକା

ସ୍ୱା./- ତହସିଲଦାର, ମାର୍ଶାଘାଇ

OIPR-24243/11/0001/2122

**DISTRICT EDUCATION OFFICE KORAPUT**

**ADVERTISEMENT**

No.8961/OAV-1/2021 — Date 23.12.21

No. n-77:- Applications are invited from interested eligible candidate for empanelment of teachers to meet urgencies of non availability of teachers for regular engagement, leave vacancies and such situations arising from time to time for Odisha Adarsh Vidyalayas of Koraput District through Speed Post/ Registered Post only. The Envelope must be superscribed as "APPLICATION FOR EMPANELMENT OF TEACHERS IN ODISHA ADARSHA VIDYALAYAS". Two photographs and self-attested Xerox copies of relevant certificates and testimonials must be accompanied with complete filled in Application form .

The details of guidelines contained in letter No. 4271 Dated 13.12.2021 of the State Project Director, OAVS, Bhubneswar are available in the District website www.koraput.nic.in. The same may be downloaded from the said website.

Sd./- Collector-cum-Chairman, OAVs, Koraput

OIPR-27043/11/0002/2122

No.N-56

**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**
**ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର**

**ବିଜ୍ଞପ୍ତି**

ଭୁବନେଶ୍ୱର, ତା୨୩.୧୨.୨୦୨୧

ନଂ.୬୬୪୨/ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ୨୦୨୨ ବାର୍ଷିକ ଉଚ୍ଚ ମାଧ୍ୟମିକ (+2) ବାର୍ଷିକ ପରୀକ୍ଷା ନିମନ୍ତେ ନିୟମିତ, ପୂର୍ବ ନିୟମିତ ଏବଂ ପତ୍ର ବିନିମୟ ପାଠ୍ୟକ୍ରମର (Regular, Ex Regular & Correspondence Course Students) ପରୀକ୍ଷାର୍ଥୀମାନେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ଫର୍ମ ପୂରଣ ନିମନ୍ତେ ନିମ୍ନ ତାରିଖଗୁଡ଼ିକ ଧାର୍ଯ୍ୟ କରାଯାଇଛି ।

| | | | |
|---|---|---|---|
| ୧ | ବିନା ଜୋରିମାନା | - | ତା.୨୭.୧୨.୨୦୨୧ରୁ ତା.୦୪.୦୧.୨୦୨୨ |
| ୨ | ୧୦୦ ଟଙ୍କା ଜୋରିମାନା | - | ତା.୦୫.୦୧.୨୦୨୨ରୁ ତା.୦୬.୦୧.୨୦୨୨ |
| ୩ | ୪୫୦ ଟଙ୍କା ଜୋରିମାନା | - | ତା.୦୭.୦୧.୨୦୨୨ରୁ ତା.୦୮.୦୧.୨୦୨୨ ପର୍ଯ୍ୟନ୍ତ । |

ଏହାର ସବିଶେଷ ବିବରଣୀ **www.chseodisha.nic.in** ୱେବସାଇଟ ଏବଂ **SAMS College e-space**ରେ ଉପଲବ୍ଧ ଅଛି ।

ଅଧ୍ୟକ୍ଷଙ୍କ ଆଦେଶକ୍ରମେ,
ସ୍ୱା./- ପରୀକ୍ଷା ନିୟନ୍ତ୍ରକ

OIPR-11003/11/0018/2122

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ**

**ଅଧିସୂଚନା**

ସଂଖ୍ୟା: ୨୨୬୮୭ — ତା୨୪।୧୨।୨୦୨୧

**PR-SEC-ORV-0001-2021**

No. i-303: 1991 ମସିହା ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମର ଧାରା ୮ ଅନ୍ତର୍ଗତ ଉପଧାରା (୩)ରେ ଅର୍ପିତ କ୍ଷମତା ବଳରେ ନିମ୍ନଲିଖିତ ଜିଲ୍ଲା ପରିଷଦମାନଙ୍କରେ ଅଧ୍ୟକ୍ଷ ପଦବୀଗୁଡ଼ିକୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଓ ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବା ନିମିତ୍ତ ରାଜ୍ୟ ସରକାର ଯେଉଁ ପ୍ରସ୍ତାବ କରିଛନ୍ତି, ତାହାର ଏକକିତା ଚିଠା ଉକ୍ତ ଧାରାର ଉପଧାରା (୪) ଅନୁସାରେ ଏତଦ୍ୱାରା ପ୍ରକାଶ କରାଯାଇ ପ୍ରକାଶିତ ଦିନଠାରୁ ଦଶ (୧୦)ଦିନ ମଧ୍ୟରେ (ତା୦୩।୦୧।୨୦୨୨ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ) ସର୍ବସାଧାରଣଙ୍କଠାରୁ ଅଭିଯୋଗ/ପରାମର୍ଶ ଆହ୍ୱାନ କରାଯାଉଅଛି। ସର୍ବସାଧାରଣ ସେମାନଙ୍କର ଅଭିଯୋଗ/ପରାମର୍ଶ ଇ-ମେଲ **(dir-pr.od@gov.in/prsec.or@nic.in)** ମାଧ୍ୟମରେ ଦାଖଲ କରିପାରିବେ।

ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମିଳିଥିବା ଅଭିଯୋଗ/ପରାମର୍ଶଗୁଡ଼ିକୁ ରାଜ୍ୟ ସରକାର ବିଚାରକୁ ନେଇ ଉକ୍ତ ଚିଠା ସଂରକ୍ଷଣ ପ୍ରସ୍ତାବ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ।

**ଚିଠା ସଂରକ୍ଷଣ**

| କ୍ର. ସଂଖ୍ୟା | ଜିଲ୍ଲା ପରିଷଦର ନାମ | ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ପାଇଁ ସଂରକ୍ଷିତ | ମହିଳାମାନଙ୍କ ପାଇଁ ସଂରକ୍ଷିତ |
|---|---|---|---|
| ୧ | ଅନୁଗୁଳ | ଅଣ ସଂରକ୍ଷିତ | |
| ୨ | କଟକ | ଅଣ ସଂରକ୍ଷିତ | |
| ୩ | କନ୍ଧମାଳ | ଅନୁସୂଚିତ ଜନଜାତି | ମହିଳା |
| ୪ | କଳାହାଣ୍ଡି | ଅଣ ସଂରକ୍ଷିତ | |
| ୫ | କେଉଁଝର | ଅଣ ସଂରକ୍ଷିତ | |
| ୬ | କେନ୍ଦ୍ରାପଡ଼ା | ଅନୁସୂଚିତ ଜାତି | ମହିଳା |
| ୭ | କୋରାପୁଟ | ଅନୁସୂଚିତ ଜନଜାତି | ମହିଳା |
| ୮ | ଖୋର୍ଦ୍ଧା | | ମହିଳା |
| ୯ | ଗଜପତି | ଅଣ ସଂରକ୍ଷିତ | |
| ୧୦ | ଗଞ୍ଜାମ | | ମହିଳା |
| ୧୧ | ଜଗତ୍‌ସିଂହପୁର | ଅନୁସୂଚିତ ଜାତି | |
| ୧୨ | ଝାରସୁଗୁଡ଼ା | | ମହିଳା |
| ୧୩ | ଢେଙ୍କାନାଳ | | ମହିଳା |
| ୧୪ | ଦେଓଗଡ଼ | ଅଣ ସଂରକ୍ଷିତ | |
| ୧୫ | ନବରଙ୍ଗପୁର | ଅନୁସୂଚିତ ଜନଜାତି | |
| ୧୬ | ନୟାଗଡ଼ | ଅଣ ସଂରକ୍ଷିତ | |
| ୧୭ | ନୂଆପଡ଼ା | | ମହିଳା |
| ୧୮ | ପୁରୀ | | ମହିଳା |
| ୧୯ | ବରଗଡ଼ | ଅଣ ସଂରକ୍ଷିତ | |
| ୨୦ | ବଲାଙ୍ଗିର | | ମହିଳା |
| ୨୧ | ବାଲେଶ୍ୱର | ଅଣ ସଂରକ୍ଷିତ | |
| ୨୨ | ବୌଦ୍ଧ | ଅନୁସୂଚିତ ଜାତି | ମହିଳା |
| ୨୩ | ଭଦ୍ରକ | ଅନୁସୂଚିତ ଜାତି | |
| ୨୪ | ମୟୂରଭଞ୍ଜ | ଅନୁସୂଚିତ ଜନଜାତି | |
| ୨୫ | ମାଲକାନଗିରି | ଅନୁସୂଚିତ ଜନଜାତି | ମହିଳା |
| ୨୬ | ଯାଜପୁର | ଅନୁସୂଚିତ ଜାତି | ମହିଳା |
| ୨୭ | ରାୟଗଡ଼ା | ଅନୁସୂଚିତ ଜନଜାତି | ମହିଳା |
| ୨୮ | ସମ୍ବଲପୁର | | ମହିଳା |
| ୨୯ | ସୁନ୍ଦରଗଡ଼ | ଅନୁସୂଚିତ ଜନଜାତି | |
| ୩୦ | ସୋନପୁର | ଅଣ ସଂରକ୍ଷିତ | |

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./- ସ୍ୱତନ୍ତ୍ର ଶାସନ ସଚିବ

OIPR-19001/11/0016/2122

## କଣ୍ଠଶିଳ୍ପୀ ଶ୍ୱେତାଲିନ୍

ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଆଲବମ୍‌ରେ କଣ୍ଠଦାନ କରି ସୋସିଆଲ୍ ମିଡିଆରେ ଏକ ପରିଚିତ ଚେହେରା ପାଲଟିଛନ୍ତି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ଗାଁର ସୁଲୋଚନା ଏବଂ ସୁରେନ୍ଦ୍ର ପଣ୍ଡାଙ୍କ ଝିଅ ଶ୍ୱେତାଲିନ୍। ଆଜାଦିକା ଅମୃତ ମହୋତ୍ସବରେ ନ୍ୟାଶନାଲ ଆୱାର୍ଡ ସମେତ ଅନେକ ସରକାରୀ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ସେ ଓଡ଼ିଶାର ନାମୀଦାମୀ କଣ୍ଠଶିଳ୍ପୀଙ୍କ ସହ କଣ୍ଠଦାନ କରିସାରିଛନ୍ତି। ବଲିଉଡ୍ ଲେଜେଣ୍ଡ ସୁରେଶ ୱାଦେକରଙ୍କ ସହ ଗୀତ ଗାଇବାର ସୁଯୋଗ ପାଇବା ମୋ ପାଇଁ ବେଶ୍ ଗୌରବର କଥା ବୋଲି ସେ ପ୍ରକାଶ କରନ୍ତି।



## ନୃତ୍ୟ ନିର୍ଦ୍ଦେଶକ ପ୍ରଦୀପ

ଜଣେ ସଫଳ ନୃତ୍ୟଶିଳ୍ପୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ରେଢ଼ାଖୋଲରେ ରହୁଥିବା ପ୍ରଦୀପ ପ୍ରଧାନ। ଜଣେ ନୃତ୍ୟଶିଳ୍ପୀ ଭାବେ ତାଙ୍କୁ ମିଳିଛି ରାଜ୍ୟସ୍ତରୀୟ ସ୍କାଉଟ୍ ଗାଇଡ୍ ସମାରୋହରେ ଶ୍ରେଷ୍ଠ ନୃତ୍ୟ ନିର୍ଦ୍ଦେଶକ, ତୁକୁଡ଼ା ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ, କଟକରେ ଆୟୋଜିତ ଗୁରୁପୂର୍ଣ୍ଣିମା ମହୋତ୍ସବରେ ଆଦର୍ଶ ନୃତ୍ୟ ଶିକ୍ଷକ, ଯାଜପୁରରୋଡରେ ଆୟୋଜିତ କୁମାର ଉତ୍ସବରେ କଳାକାର ସମ୍ମାନ ଭଳି ଅନେକ ପୁରସ୍କାର ଓ ପ୍ରଶଂସା। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବେଶ୍ ଗୁରୁତ୍ୱ ଦେଉଥିବା ପ୍ରଦୀପଙ୍କର କୁକିଂ, ଆର୍ଟ (ଫାଇନ୍ ଆର୍ଟ, ସ୍କେଚ୍ ଆର୍ଟ, ପୋଟ୍ରେଟ୍), ମ୍ୟୁଜିକ୍‌ରେ ମଧ୍ୟ ବିଶେଷ ରୁଚି ରହିଛି।



## ପ୍ରସନ୍ନଙ୍କ ପରିଚୟ ରଙ୍ଗତୂଳୀ

ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଧନିଶୋ ଗ୍ରାମର ପ୍ରେମଲତା ଏବଂ ନାଗେଶ୍ୱର ସାଉଙ୍କ ପୁଅ ପ୍ରସନ୍ନ କୁମାର । ବିଭିନ୍ନ ପ୍ରାକୃତିକ ରଙ୍ଗରେ ଭାରତୀୟ ଚିତ୍ରକଳାର ଟେମ୍ପୋରା ପେଣ୍ଟିଂ ଏବଂ ମିନିଏଚର୍ ପେଣ୍ଟିଂରେ ସେ ପାରଙ୍ଗମ। ଏହି ସୁନ୍ଦର ଚିତ୍ରାଙ୍କନ ଲାଗି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଚିତ୍ରକଳା ବିଭାଗ ପକ୍ଷରୁ ଓଡ଼ିଶାର ରାଜ୍ୟପାଳଙ୍କ ଦ୍ୱାରା ସେ ଗୋଲ୍ଡ ମେଡାଲ୍‌ରେ ସମ୍ମାନିତ ହୋଇଛନ୍ତି। ତାଙ୍କ ପ୍ରସ୍ତୁତ ଚିତ୍ରକଳା କେବଳ ଓଡ଼ିଶାରେ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନ ପାଇବା ସହ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛି।



## ସମାଜସେବୀ ନିକି

ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷାର ଆବଶ୍ୟକତା ବିଷୟରେ ସଭିଙ୍କୁ ସଚେତନ କରାଇବା ଲାଗି ଅଣ୍ଟା ଭିଡ଼ିଛନ୍ତି ପୁରୀ ଚାରିନଳାସ୍ଥିତ ଦୂତୀ ଓ ସ୍ୱର୍ଗତ ଜଳନ୍ଧର ପ୍ରଧାନଙ୍କ କନିଷ୍ଠା କନ୍ୟା ନିକି । ସେ ଆର୍ଥିକ ଅନଗ୍ରସର, ଗରିବ, ମେଧାବୀ ବିଶେଷକରି ପୁରୀର ବିଭିନ୍ନ ବସ୍ତି ବୁଲି ପିଲାଙ୍କୁ ନିଃଶୁଳ୍କ ପାଠ ପଢ଼ାଉଛନ୍ତି। ବୃକ୍ଷରୋପଣ, ରକ୍ତଦାନ ଶିବିର ଆୟୋଜନ, ପ୍ରତିଭା ବିକାଶ କାର୍ଯ୍ୟକ୍ରମ ପରି ଅନେକ ସାମାଜିକ କାର୍ଯ୍ୟକ୍ରମ ପାଇଁ ତାଙ୍କୁ ମିଳିଛି ଶ୍ରୀକ୍ଷେତ୍ର ତଥା ଓଡ଼ିଶାର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅନେକ ସମ୍ମାନ ଓ ପୁରସ୍କାର।



# ଦିଶା

**ଆଉ ମାତ୍ର ଦିନ କେଇଟାରେ ବିଦାୟ ନେବ ବର୍ଷ ୨୦୨୧। ଏହି ବର୍ଷ ମଧ୍ୟରେ ଆଗାମୀ ଆଶା ପୃଷ୍ଠାରେ ପ୍ରକାଶ ପାଇଥିବା ଯୁବ ପ୍ରତିଭା ଏବଂ ନିର୍ବାଚିତ କେତେକ ବିଷୟବସ୍ତୁ ସମ୍ପର୍କରେ...**



ବର୍ଷାରାଣୀ

**ବର୍ଷାରାଣୀ ସ୍ୱାଇଁ :** ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ନୀଳବସନ୍ତ ଗ୍ରାମରେ ରହୁଥିବା ମା' ଅବନ୍ତୀ ଏବଂ ସୁଦର୍ଶନ ସ୍ୱାଇଁଙ୍କ ଝିଅ ବର୍ଷାରାଣୀ। ଶ୍ରୀକ୍ଷେତ୍ର ମାଟିରେ ସେ ଜଣେ ଜଣାଶୁଣା ନୃତ୍ୟଶିଳ୍ପୀ ଭାବେ ପରିଚିତ। ପୁରୀରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ ତାଙ୍କ ନୃତ୍ୟର ଝଲକ। କେବଳ ଏତିକି ନୁହେଁ, ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ମହୋତ୍ସବ ସମେତ ରାଜ୍ୟ ବାହାରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ, କର୍ଣ୍ଣାଟକ, ଗୁଜରାଟ, ଦିଲ୍ଲୀ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ପ୍ରଭୃତି ସ୍ଥାନରେ ମଧ୍ୟ ନୃତ୍ୟ ପରିବେଷଣ କରି ସାଉଁଟିଛନ୍ତି ଅନେକ ପୁରସ୍କାର ଓ ପ୍ରଶଂସା। ସେ ବିଜ୍ଞାନରେ ସ୍ନାତକ ହାସଲ କରିଥିବା ବେଳେ ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରରୁ ନୃତ୍ୟ ଭାସ୍କର, ମୁମ୍ବାଇ ଗାନ୍ଧର୍ବ କଳା କେନ୍ଦ୍ରରୁ ନୃତ୍ୟ ବିଶାରଦ ଯୋଗ୍ୟତା ହାସଲ କରିଛନ୍ତି। ଭବିଷ୍ୟତରେ ନିଜର ଏକ ଶିକ୍ଷାନୁଷ୍ଠାନ ଗଢ଼ି ପିଲାମାନଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେବା ସହ ଅଧିକରୁ ଅଧିକ ଏହାର ପ୍ରଚାର ପ୍ରସାର କରିବାକୁ ଲକ୍ଷ୍ୟ ରଖିଛନ୍ତି ବର୍ଷା।

**ଗଣନାଥ ମହାନ୍ତ:** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କେରୀ ଗ୍ରାମର ଗଣନାଥ ମହାନ୍ତ। ଶରୀରର ୭୫ ପ୍ରତିଶତ ଭିନ୍ନକ୍ଷମ। ହେଲେ ପିଲାଦିନୁ ମନରେ ଉଚ୍ଚ ଆଶା ଏବଂ ସମାଜରେ ନିଜକୁ ପ୍ରତିଷ୍ଠିତ କରିବାର ସ୍ୱପ୍ନ। ଆଉ ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଯୋଗୁ ଆଜି ସେ ଏକାଧାରରେ ଜଣେ ଶିକ୍ଷକ, ଲେଖକ, ଗୀତିକାର, ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସ୍କୁଲରେ ପାଠ ପଢ଼ିବା ବେଳେ ଆଞ୍ଚଳିକ ମଞ୍ଚରୁ ଆରମ୍ଭ କରି ଜିଲାସ୍ତରରେ ବହୁ ଗୀତ ଗାଇ ପୁରସ୍କୃତ ହୋଇଛନ୍ତି ଏବଂ ସେବେଠୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ସେ ଏବେ ବିଜ୍ଞାନ ଶିକ୍ଷକ ଭାବରେ କାର୍ଯ୍ୟରତ ଥିବା ବେଳେ 'ବେଟି ପଢ଼ାଓ, ଆଗେ ବଢ଼ାଓ' ଶୀର୍ଷକ କ୍ଷୁଦ୍ର ସିନେମା କରି ବାଲେଶ୍ୱର ପକ୍ଷରୁ ୨୦୧୮ରେ ରାଜ୍ୟ ଶିଶୁ ନାଟକ ପୁରସ୍କାର ପାଇଛନ୍ତି। ୨୦୨୦ ମସିହାରେ ଖିଚିଂ ମହୋତ୍ସବରେ ତାଙ୍କୁ ମିଳିଛି ଶିକ୍ଷକ ଗୌରବ ସମ୍ମାନ। ବର୍ତ୍ତମାନ ସୁଦ୍ଧା ସେ ପାଖାପାଖି ୫୦୦ କୁଡୁମାଲି ଝୁମୁରଗୀତ, ୩୦୦ ଆଧୁନିକ ଓଡ଼ିଆ ଗୀତ, ୨୦୦ ଓଡ଼ିଆ ଭଜନ, ୫୦ ହିନ୍ଦୀ ଆଧୁନିକ ଗୀତ, ୫୦ ହିନ୍ଦୀ ଭଜନ ଲେଖି ସାରିଛନ୍ତି।

**ଗୌତମ ମହାରଣା:** ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ସହଯୋଗଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟକରି ଅନେକ ପ୍ରଶଂସା ସାଉଁଟିଛନ୍ତି ସେ। ପେସାରେ ଜଣେ କାଠ ବ୍ୟବସାୟୀ ହୋଇଥିବାବେଳେ ନିଶା ତାଙ୍କର ସମାଜସେବା। ଗରିବ ଅସହାୟଙ୍କ ସେବା ଶୁଶ୍ରୂଷା କରିବା, ଯଥାସମ୍ଭବ ଆର୍ଥିକ ସହଯୋଗ କରିବା, ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ପ୍ରଦାନ କରିବା ଦିଗରେ ସେ ସର୍ବଦା ତତ୍ପର। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ବେଣାପଞ୍ଜୁରି ପଞ୍ଚାୟତ ଅନ୍ତର୍ଗତ ରାଣୀପୁର ତିରିମଲ୍ଲ ଗ୍ରାମର ଗୌତମ ମହାରଣା। ବର୍ତ୍ତମାନ ସେ ବିଶ୍ୱକର୍ମା ମହାସଂଘର ରାଜ୍ୟ ସଭାପତି ରହିଥିବା ବେଳେ ଅନ୍ୟାନ୍ୟ ବିଶ୍ୱକର୍ମା ପରିବାରର ଗରିବ ମେଧାବୀ ପିଲାଙ୍କ ପାଠପଢ଼ା, ଅସହାୟ ପରିବାରଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ସହଯୋଗ କରୁଛନ୍ତି। ଏହା ବ୍ୟତୀତ ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ବସି ରହୁଥିବା ବୃଦ୍ଧାବୃଦ୍ଧମାନଙ୍କ ଥଇଥାନ ଲାଗି ବର୍ତ୍ତମାନ ସେ ଏକ ସତୁରି ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ମଧ୍ୟ ନିର୍ମାଣ କରୁଛନ୍ତି।

**ସ୍ୱପ୍ନା ପ୍ରିୟଦର୍ଶିନୀ:** ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇବାର ନିଶା ହିଁ ଏବେ ତାଙ୍କୁ ଜଣେ ସଫଳ ମଡେଲ୍ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହଯୋଗ କରିଛି। ସେ ହେଉଛନ୍ତି ଢେଙ୍କାନାଳ ଜିଲା ଉତ୍ତର ମଧୁବନସ୍ଥିତ କୁଞ୍ଜକାନ୍ତରେ ରହୁଥିବା ମଧୁମିତା ଏବଂ ବିଶ୍ୱଜିତ୍ ରାଉତରାୟଙ୍କ ଝିଅ ସ୍ୱପ୍ନା ପ୍ରିୟଦର୍ଶିନୀ। ପିଲାଦିନୁ ନୃତ୍ୟ ପ୍ରତି ତାଙ୍କର ବିଶେଷ ରୁଚି ରହିଥିଲା। ତେଣୁ ସେ ମାତ୍ର ୫ ବର୍ଷ ବୟସରୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ସମ୍ବଲପୁରୀ, କଣ୍ଟେମ୍ପରାରି ଏବଂ ବ୍ୟାଲେଟ୍ ଡ୍ୟାନ୍ସ ଫର୍ମ ମଧ୍ୟ ଶିଖିଥିଲେ। ଜଣେ ଶିଶୁ କଳାକାର ଭାବେ ସେ ଦେଶର ବିଭିନ୍ନ ସ୍ଥାନରେ ନିଜ ଅଭିନୟର ଯାଦୁ ଦେଖାଇ ଦର୍ଶକଙ୍କୁ ମତୁଆଲା କରିଛନ୍ତି ଆଉ ସାଉଁଟିଛନ୍ତି ଅନେକ ପ୍ରଶଂସା ଓ ପୁରସ୍କାର। ୨୦୧୫ରେ କିଟ୍ ଲିଟଲ୍ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଫାଷ୍ଟ ରନର୍ସ ଅପ୍ ହେବା ସହ ଆଲୀ କ୍ଲବ୍ ମିସ୍ ଏବଂ ମିଷ୍ଟର ଟିନ୍ ଇଣ୍ଡିଆରେ ସେକେଣ୍ଡ ରନର୍ସଅପ୍ ହୋଇଥିଲେ। ୨୦୧୮ରେ ସେ ମିସ୍ ଟୁରିଜମ୍ ଆଣ୍ଡ କଲ୍ଚର ୟୁନିଭର୍ସ ପ୍ରତିଯୋଗିତାରେ ଭାରତକୁ ରିପ୍ରେଜେଣ୍ଟ କରି ୩ୟ ରନର୍ସ ଅପ୍ ଏବଂ ମିସ୍ ଫଟୋଜେନିକ୍ ଆୱାର୍ଡ ପାଇଥିଲେ। ସେ ଏମ୍‌ଟିଭିରେ ପ୍ରସାରିତ ରିଆଲିଟି ଶୋ' ସୁପର ମଡେଲ୍ ସିଜନ୍-୨ରେ ଏକମାତ୍ର ଓଡ଼ିଆ ଝିଅ ଭାବେ ଅଂଶଗ୍ରହଣ କରି ୨ୟ ରନର୍ସ ଅପ୍ ହୋଇ ପାରିଛନ୍ତି। ନିଜର ପ୍ରତ୍ୟେକ ସଫଳତା ପଛରେ ମା'ବାପାଙ୍କୁ ପ୍ରେରଣାର ଉତ୍ସ ମାନୁଥିବା ସ୍ୱପ୍ନା ଭବିଷ୍ୟତରେ ଜଣେ ଇଣ୍ଟରନ୍ୟାଶନାଲ ମଡେଲ୍ ହେବାର ଲକ୍ଷ୍ୟ ରଖିଛନ୍ତି।

**ବିଦିଶା ବସୁମଲ୍ଲିକ:** ଓଡ଼ିଶୀ ନୃତ୍ୟର ଜଣେ ପ୍ରତିଭାମୟୀ ନୃତ୍ୟଶିଳ୍ପୀ ଭାବେ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ସମାରୋହ ସମେତ ରାଜ୍ୟ ବାହାରେ ପଶ୍ଚିମବଙ୍ଗ, ତେଲଙ୍ଗାନା, ଦିଲ୍ଲୀ ଆଦି ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଛି ତାଙ୍କ ନୃତ୍ୟର ଝଲକ, ଯାହାକି ନା କେବଳ ଦର୍ଶକଙ୍କ ମନ ମୋହିଛି ବରଂ ଏଥିପାଇଁ ତାଙ୍କୁ ମିଳିଛି ଅନେକ ପ୍ରଶଂସା ଓ ପୁରସ୍କାର। ସେ ହେଉଛନ୍ତି ଆଚାର୍ଯ୍ୟ ବିହାର, ଭୁବନେଶ୍ୱର ବାସିନ୍ଦା ରୁମା ଏବଂ ଅସିତ କୁମାର ବସୁମଲ୍ଲିକଙ୍କ ଝିଅ ସୁଶ୍ରୀ ବିଦିଶା। ମାତ୍ର ୧୭ ବର୍ଷ ବୟସରେ ତାଙ୍କୁ ନ୍ୟୁ ଦିଲ୍ଲୀରୁ ସର୍ବୋତ୍ତମ ନୃତ୍ୟଶିଳ୍ପୀ ଭାବରେ କନିଷ୍ଠ ବର୍ଗର ବୃତ୍ତି ପ୍ରାପ୍ତ ହୋଇଛି। କେବଳ ଏତିକି ନୁହେଁ; ତାଙ୍କୁ ପ୍ରଜ୍ଞା ପ୍ରତିଭା ସମ୍ମାନ-୨୦୧୮, କଳାକାର ସମ୍ମାନ-୨୦୧୯, ନବ ଉନ୍ମେଷ ସମ୍ମାନ-୨୦୧୯, ଇଣ୍ଟରନ୍ୟାଶନାଲ ଫେଷ୍ଟିଭାଲ-୨୦୨୦ ଭଳି ଅନେକ ପୁରସ୍କାର ମିଳିଛି। ନୃତ୍ୟ ବ୍ୟତୀତ ବିଦିଶା ଅଭିନୟ କ୍ଷେତ୍ରରେ ମଧ୍ୟ ରୁଚି ରଖନ୍ତି। ଆଗାମୀ ଦିନରେ ସୁଶ୍ରୀ ବିଦିଶା ଆମ ରାଜ୍ୟର ଗର୍ବ ଓ ଗୌରବ ଓଡ଼ିଶୀ ନୃତ୍ୟକୁ ଦେଶ ବିଦେଶରେ ପ୍ରଚାର ଓ ପ୍ରସାର କରିବା ସହ ଅଭିନୟ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

**ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି:** ବାଲେଶ୍ୱର ଜିଲା ଚାନ୍ଦିପୁର ଗ୍ରାମର ମା' ମମତା ଏବଂ ବାପା କୃଷ୍ଣ କୁମାର ମହାନ୍ତିଙ୍କ କନ୍ୟା ପ୍ରତ୍ୟାଶା ପ୍ରିୟମ୍ବଦା। ନୃତ୍ୟ ଏବଂ ଅଭିନୟରେ ତାଙ୍କର ବିଶେଷ ରୁଚି ରହିଛି। ସେ କ୍ଷୁଦ୍ର ଚଳଚ୍ଚିତ୍ର 'ଫୁଲ୍'ରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି; ଯେଉଁଥିରେ ବିନା ଡାଇଗଲ୍‌ରେ କେବଳ ଅଭିନୟ ଦ୍ୱାରା ସମାଜକୁ ମୃତ୍ତିକା ସଂରକ୍ଷଣ ଉପରେ ବାର୍ତ୍ତା ଦେଇ ସେ ଦର୍ଶକଙ୍କ ମନ ଜିଣି ପାରିଥିଲେ। ଦୁଇଥର ପୁରସ୍କୃତ ହୋଇସାରିଥିବା ଏହି ଡକ୍ୟୁମେଣ୍ଟାରୀ ଫିଲ୍ମଟି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ ଦି ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍‌ର ପ୍ରତିଯୋଗିତା ପର୍ଯ୍ୟାୟକୁ ମନୋନୀତ ହୋଇ ଚର୍ଚ୍ଚାରେ ରହିଛି। ଏହା ବ୍ୟତୀତ ତାଙ୍କ ଲିଖିତ ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ଆଦୃତ ହୋଇଥିବା ବେଳେ ଗଳ୍ପ ରଚନା ପାଇଁ ପୁରସ୍କାର ମଧ୍ୟ ପାଇଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କୁ ମିଳିଛି ବାଲେଶ୍ୱର ପରୀ-୨୦୧୯ ସମ୍ମାନ, କ୍ଷୁଦ୍ର ଗଳ୍ପ ପାଇଁ ଉଦୟ ରାଗ ସମ୍ମାନ-୨୦୧୯।

**ଅନିମା ମହାନ୍ତି:** ପିଲାବେଳୁ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ନେଇ ତାଙ୍କର ଥିବା ସ୍ୱପ୍ନକୁ ସେ ନିଜ ନିଷ୍ଠା ଓ ପ୍ରଚେଷ୍ଟା ଫଳରେ ସାକାର କରିପାରିଛନ୍ତି। ଆଉ ଶ୍ରୀକ୍ଷେତ୍ରରେ ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ସୃଷ୍ଟି କରିପାରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ପୁରୀ ବାଲିସାହିରେ ରହୁଥିବା ଉଷାରାଣୀ ଏବଂ ଅର୍ଦ୍ଧେନ୍ଦୁ ମହାନ୍ତିଙ୍କ ଝିଅ ଅନିମା। ପୁରୀର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କ ନୂପୁରର ରୁଣୁଝୁଣୁ ଝଙ୍କାର ଦେଖିବାକୁ ମିଳେ। କଳା, ସଂସ୍କୃତି ପ୍ରତି ବିଶେଷ ରୁଚି ରଖୁଥିବା ଏବଂ କମ୍ପ୍ୟୁଟର ସାଇନ୍ସରେ ଏମ୍‌ଏସ୍‌ସି କରିଥିବା ଅନିମା ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ କମ୍ପ୍ୟୁଟର ବିଭାଗରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସେ ପ୍ରୟାଗ ଆହ୍ଲାବାଦରୁ ନୃତ୍ୟ ବିଶାରଦ କୋର୍ସ କରିଛନ୍ତି। କଟକ କଳାବିକାଶ କେନ୍ଦ୍ର, କୁମାରୋତ୍ସବ, ଗ୍ଲୋରୀ ଫେଷ୍ଟ, ଓଡ଼ିଶା ଆଦର୍ଶ ଆୱାର୍ଡ, ପୁରୀ ସାମ୍ବାଦିକ ସଂଘ ପକ୍ଷରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ସମ୍ମାନିତ ହୋଇଛନ୍ତି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଦଳଗତ, ଏକକ ଏବଂ ଲୋକନୃତ୍ୟ ପରିବେଷଣ କରିଛନ୍ତି।

**ପ୍ରିୟଙ୍କା ପୃଷ୍ଟି:** ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଦ୍ୱାରା ଚଳିତବର୍ଷ ଅପେରା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ପ୍ରଥମ ରନର୍ସ ଅପ୍ ଟାଇଟଲ ହାସଲ କରି ସେ ସମଗ୍ର ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ହେଉଛନ୍ତି ମୟୂରଭଞ୍ଜ ଜିଲା ବାରିପଦାରେ ରହୁଥିବା ମାଆ ସ୍ୱରଚିତା ଏବଂ ବାପା ଅଶୋକ ପୃଷ୍ଟିଙ୍କ ଝିଅ ପ୍ରିୟଙ୍କା। ଆଦିବାସୀଙ୍କ ଚାଲିଚଳଣି, ବେଶଭୂଷା, ନୃତ୍ୟ ଓ ସଂସ୍କୃତି, ମୟୂରଭଞ୍ଜର ଛଉ ନୃତ୍ୟରେ ନିଜର କଳା ପ୍ରଦର୍ଶନ କରି ଜାତୀୟ ସୁନ୍ଦରୀ ହେବାର ସୌଭାଗ୍ୟ ଅର୍ଜନ କରିପାରିଛନ୍ତି। ସ୍କୁଲ୍, କଲେଜର ବାର୍ଷିକ ଉତ୍ସବଠାରୁ ଆରମ୍ଭ କରି ଟେଲିଭିଜନ୍‌ରେ ପ୍ରସାରିତ ବିଭିନ୍ନ ରିଆଲିଟି ଶୋ'ରେ ନିଜର ନୃତ୍ୟ ପ୍ରତିଭାର ପରିଚୟ ଦେଇ ଆସିଛନ୍ତି। ଏହା ବ୍ୟତୀତ ଅନେକ ଆଲବମ୍‌ରେ ମଧ୍ୟ ସେ ଅଭିନୟ କରିସାରିଛନ୍ତି। ଅପେରା ମିସ୍ ଇଣ୍ଡିଆ ସିଜନ-୨ ଅନ୍‌ଲାଇନ ଭର୍ଚୁଆଲ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ଅଂଶଗ୍ରହଣ କରିଥିବା ୨୦୦ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ପ୍ରଥମ ରନର୍ସ ଅପ୍ ମୁକୁଟ ଓ ଟ୍ରଫି ହାସଲ କରିଛନ୍ତି। ପୂର୍ବତନ ମିସ୍ ୟୁନିଭର୍ସ ତଥା ସଫଳ ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍‌ଙ୍କୁ ନିଜର ଆଦର୍ଶ ମାନୁଥିବା ପ୍ରିୟଙ୍କା ଭବିଷ୍ୟତରେ ଜଣେ ସଫଳ ମଡେଲ ହେବା ସହ ଓଲିଉଡ୍ ଏବଂ ବଲିଉଡ୍‌ରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି।





ଅନିମା



ସ୍ୱପ୍ନା



ବିଦିଶା



ପ୍ରିୟଙ୍କା



ଗଣନାଥ

ଧରିତ୍ରୀ
DHARITRI



# ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ଆଜିଠାରୁ

**ସେଞ୍ଚୁରିଅନ,୨୫।୧୨**

ସ୍ଥାନୀୟ ସୁପର ସ୍ପୋର୍ଟ ଗ୍ରାଉଣ୍ଡରେ ଭ୍ରମଣକାରୀ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ରବିବାରଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ଏକାଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପାଇଁ ଏହି ସିରିଜ ପରୀକ୍ଷା ସୃଷ୍ଟି କରିଛି। ଦିନିକିଆ ନେତୃତ୍ୱରୁ ହଟିବା ପରେ କୋହଲି ଟେଷ୍ଟରେ ଅଧିନାୟକ ହିସାବରେ ନିଜର ସ୍ଥିତି ଦୃଢ଼ କରିବାକୁ ପ୍ରୟାସ କରିବେ। ଅନ୍ତିମ ଦଳ ଚୟନ ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି। ବିଦେଶ ଗସ୍ତରେ ଭାରତ ପ୍ରଥମଥର ପାଇଁ ସିରିଜ ବିଜୟୀ ହେବା ଲକ୍ଷ୍ୟରେ ରହିଛି।



ଅଭ୍ୟାସ ଅବସରରେ ଦୁଇ ଭାରତୀୟ ଖେଳାଳି।

ଯୁବ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଓ ଆଉଟ ଅଫ ଫର୍ମ ଅଜିଙ୍କ୍ୟ ରାହାନେଙ୍କ ମଧ୍ୟରୁ ୫ ନମ୍ବର ସ୍ଥାନ ପାଇଁ ଚୟନ କରିବା କୋହଲି ଓ କୋଚ ରାହୁଲ ଦ୍ରାବିଡ୍‌ଙ୍କ ପାଇଁ କଷ୍ଟକର ହେବ। ସେହିପରି ପଞ୍ଚମ ବୋଲର ଭାବେ ଶାର୍ଦ୍ଦୁଳ ଠାକୁର ଓ ଅଭିଜ୍ଞ ଈଶାନ୍ତ ଶର୍ମାଙ୍କ ମଧ୍ୟରୁ ଜଣକୁ ବାଛିବା ମଧ୍ୟ ଏକ କଷ୍ଟକର ବ୍ୟାପାର ସଦୃଶ ହୋଇଛି। ତେଣୁ ଦଳ ଚୟନ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଦ୍ୱିଧା ସୃଷ୍ଟି କରିଛି। ୧୯୯୨ରେ ଭାରତ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତ କରିଥିଲା। ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟରେ ଦକ୍ଷିଣ ଆଫ୍ରିକାର ପୂର୍ବ ଚମକ ଓ ପ୍ରଭାବ ଦେଖିବାକୁ ମିଳୁନାହିଁ। ଗତ କିଛିବର୍ଷ ହେବ ଏହି ଦଳର ପୁନର୍ଗଠନ ପ୍ରକ୍ରିୟା ଚାଲୁ ରହିଛି ଓ ଦଳର ପ୍ରଦର୍ଶନ ମଧ୍ୟ ପ୍ରଭାବିତ ହୋଇଛି। ତେଣୁ ଭାରତୀୟ ଦଳ ଏହାର ଫାଇଦା ଉଠାଇବାକୁ ଚେଷ୍ଟା କରିବ। ଦକ୍ଷିଣ ଆଫ୍ରିକାରେ କେବଳ ଦୁଇଜଣ ଖେଳାଳି ୫୦ରୁ ଅଧିକ ଟେଷ୍ଟ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଦ୍ରୁତ ବୋଲିଂରେ କାଗିସୋ ରାବାଡା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ତେବେ ବିଶ୍ୱର ଦ୍ରୁତତମ ବୋଲର ଅନରିଚ ନୋର୍ଜ ଏହି ମ୍ୟାଚ୍ ଖେଳିବେ ନାହିଁ। କୋହଲି ହେଉଛନ୍ତି ଦଳର ଶ୍ରେଷ୍ଠ ବ୍ୟାଟର। ତେବେ ୨୦୧୯ ପରଠାରୁ ସେ ଟେଷ୍ଟ ଶତକ ଅର୍ଜନ କରିପାରିନାହାନ୍ତି ଓ ତାଙ୍କ ହାରାହାରି ରନ ସଂଗ୍ରହ ୩୦ରୁ କମ୍ ରହିଛି। ତେଣୁ କୋହଲି ନିଜ ଦକ୍ଷତା ଅନୁରୂପ ଖେଳିପାରିନାହାନ୍ତି ବୋଲି ସ୍ୱୀକାର କରିବାକୁ ହେବ। ଏହି ସିରିଜରେ ସେ ନିଜର ଫର୍ମ ଫେରିପାଇବାକୁ ପ୍ରୟାସ କରିବେ। ନେଟ୍ସରେ କୋହଲି ଭଲ ବ୍ୟାଟିଂ କରିଛନ୍ତି ଓ ଫର୍ମରେ ଥିବା ଭଳି ମନେ ହେଉଛନ୍ତି। ସେଞ୍ଚୁରିଅନର ଏହି ଉଇକେଟ ଦ୍ରୁତ ବୋଲରଙ୍କୁ ସୁହାଇବ ବୋଲି ଆଶା କରାଯାଉଛି। ଦୀର୍ଘ ଦିନର ବିଶ୍ରାମ ପରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଖେଳିବେ। ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାମ୍ନା କରିବାରେ ଘରୋଇ ବ୍ୟାଟ୍ସମ୍ୟାନ ସମସ୍ୟାର ସମ୍ମୁଖୀନ ହେବେ।

**ମ୍ୟାଚ୍ ଆରମ୍ଭ: ଅପରାହ୍ନ ୧.୩୦**
**ସ୍ଥାନ: ସେଞ୍ଚୁରିଅନ**
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ**

## ଆମେରିକା-ଆୟର୍ଲାଣ୍ଡ ପ୍ରଥମ ଦିନିକିଆ ବାତିଲ

**ଏଫ୍‌ଟି, ଲଡରଡେଲ୍, ୨୫।୧୨(ଏପି)**

କରୋନା ସଂକ୍ରମିତ ଚିହ୍ନଟ ପରେ ରବିବାର ଆୟର୍ଲାଣ୍ଡ ଓ ଆମେରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ବାତିଲ କରିଦିଆଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) କ୍ରିକେଟ ତରଫରୁ ଏହି ସୂଚନା ଦିଆଯାଇଛି। ସିରିଜର ଅବଶିଷ୍ଟ ମ୍ୟାଚଗୁଡ଼ିକ କିପରି ଖେଳଯାଇ ପାରିବ ସେ ନେଇ ୟୁଏସ୍ଏ କ୍ରିକେଟ ଓ କ୍ରିକେଟ ଆୟର୍ଲାଣ୍ଡ ମଧ୍ୟରେ ଆଲୋଚନା ଚାଲିଛି। ଖବର ଅନୁସାରେ ଜଣେ ଅମ୍ପାୟର କୋଭିଡ୍ ପିଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟ ମ୍ୟାଚଗୁଡ଼ିକ ପରିଚାଳନା କରିବାକୁ ଥିବା ଅଫିସିଆଲ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି। ତେଣୁ ମ୍ୟାଚ ପାଇଁ ଅମ୍ପାୟର ଉପଲବ୍ଧ ହେବେ ନାହିଁ। ଦ୍ୱିତୀୟ ଦିନିକିଆ ମଙ୍ଗଳବାର ଏବଂ ତୃତୀୟ ଦିନିକିଆ ଗୁରୁବାର ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳାଯାଇଥିଲା। ପ୍ରଥମଟିରେ ଆମେରିକା ଏବଂ ଦ୍ୱିତୀୟଟିରେ ଆୟର୍ଲାଣ୍ଡ ବିଜୟ ଲାଭ କରିଥିଲା।

## ପାକିସ୍ତାନଠାରୁ ହାରିଲା ଭାରତ

**ଦୁବାଇ,୨୫।୧୨**

**୧୯ ବର୍ଷରୁ କମ୍ ଏସିଆ କପ୍**

ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଶନିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନଠାରୁ ୨ ଉଇକେଟରେ ପରାସ୍ତ ହୋଇଛି। ସ୍ଥାନୀୟ ଆଇସିସି ଏକାଡେମୀର ୨ ନମ୍ବର ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୪୯ ଓଭରରେ ୨୩୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ୫୦ ଓଭରରେ ୮ ଉଇକେଟ ହରାଇ ୨୪୦ ରନକରି ବିଜୟୀ ହୋଇଥିଲା। ପାକିସ୍ତାନ ଅନ୍ତିମ ବଲ୍‌ରେ ବିଜୟ ହାସଲ କରିଥିଲା। ଦୀର୍ଘ ୮ ବର୍ଷ ପରେ ପାକିସ୍ତାନଠାରୁ ଭାରତ ପରାସ୍ତ ହୋଇଛି।

ପାକିସ୍ତାନ ପକ୍ଷରୁ ମହମ୍ମଦ ସେହଜାଦ ସର୍ବାଧିକ ୮୨, ଇର୍ଫାନ ଖାଁ ୩୩, ମାଜ ସାଦାକତ ୨୯, ରିଜୱାନ ମେହମୁଦ ୨୯, ଅଧିନାୟକ କାସିମ ଆକ୍ରମ ୨୨ ରନ ସଂଗ୍ରହ କରିଥିବା ବେଳେ ଅହମ୍ମଦ ଖାଁ ୨୯ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଭାରତ ତରଫରୁ ରାଜ ବାୱା ସର୍ବାଧିକ ୪, ରାଜବର୍ଦ୍ଧନ ହଙ୍ଗରଗେକର, ରବି କୁମାର ଓ ନିଶାନ୍ତ ସିନ୍ଧୁ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ ଉଇକେଟକିପର ବ୍ୟାଟର ଆରାଧ୍ୟ ଯାଦବ ସର୍ବାଧିକ ୫୦, ହର୍ନୁର ସିଂ ୪୬, ରାଜବର୍ଦ୍ଧନ ୩୩, କୌଶଲ ତାମ୍ବେ ୩୨, ରାଜ ବାୱା ୨୫ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ପାକିସ୍ତାନର ଜିସାନ ଜମିର ସର୍ବାଧିକ ୫, ଆୱାଇସ୍ ଅଲି ୨, କାସିମ ଆକ୍ରମ ଓ ମାଜ ସାଦାକତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବିଜୟ ସହ ପାକିସ୍ତାନ ୨ ପଏଣ୍ଟ ହାସଲ କରିଛି।

## ସିରିଜ ବିଜୟ ହାସଲ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ମେଲବୋର୍ନ,୨୫।୧୨**

ହାଇପ୍ରୋଫାଇଲ ଆଶେସ ସିରିଜର ତୃତୀୟ ଟେଷ୍ଟ ମ୍ୟାଚ୍ ରବିବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ବକ୍ସିଂ ଡେ ଟେଷ୍ଟ ଇଂଲଣ୍ଡ ଓ ଘରୋଇ ଅଷ୍ଟ୍ରେଲିଆ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ। ପ୍ରଥମ ଦୁଇଟି ଟେଷ୍ଟ ଜିତି ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ହୋଇଛି। ଏହି ଟେଷ୍ଟ ଜିତି ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ ହେବା ସହ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜକୁ ଆଗୁଆ ହାତେଇବାକୁ ପ୍ରୟାସ କରିବ। ଅନ୍ୟପଟେ ଇଂଲଣ୍ଡ ବିଜୟୀ ସିରିଜ ବଞ୍ଚାଇବାକୁ ପ୍ରୟାସ କରିବ। ଅଷ୍ଟ୍ରେଲିଆ ତରଫରୁ



ମାର୍ନସ ଲାବୁସେନ

ଦ୍ରୁତ ବୋଲର ସ୍କଟ ବୋଲାଣ୍ଡ ଟେଷ୍ଟ ଡେବ୍ୟୁ କରିବେ। ସେହିପରି ଇଂଲଣ୍ଡ ଦଳରେ ୪ଟି ପରିବର୍ତ୍ତନ କରାଯାଇଛି।

ଇଂଲଣ୍ଡ ଦଳରୁ ଓପନର ରୋରି ବର୍ନ୍ସ ଓ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରାଡ, ଓଲି ପୋପ୍ ଓ କ୍ରିସ୍ ୱୋକ୍ସ ବାଦ୍ ପଡିଛନ୍ତି। ବୋଲର ମାର୍କ ଉଡ୍ ଓ ଜ୍ୟାକ ଲିଚ୍ ପ୍ରତ୍ୟାବର୍ତ୍ତନ କରିବେ। ଜ୍ୟାକ କ୍ରଲି ଓ ଜୋନାଥନ ବେୟାରଷ୍ଟୋ ଚଳିତ ସିରିଜରେ ପ୍ରଥମ ଟେଷ୍ଟ ଖେଳିବେ। ଏହି ଟେଷ୍ଟରେ ଆମେ ବିଜୟୀ ହେବାକୁ ପ୍ରୟାସ କରିବୁ ବୋଲି ବଟଲର କହିଛନ୍ତି। ଏହି ମ୍ୟାଚ୍ ଜିତିବା ସହ ଆମେ ସିରିଜ ହାତେଇବାକୁ ପ୍ରୟାସ କରିବୁ। ତେବେ ଆମକୁ ଭଲ ପ୍ରଦର୍ଶନ କରିବାକୁ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଅଷ୍ଟ୍ରେଲିଆର ଆତ୍ମବିଶ୍ୱାସ ଆକାଶଛୁଆଁ ରହିଛି।

## ଇଗଲ, ସମରସେଟ, ମ୍ୟାଜିକ, କେସିସି, ଆଇଆରସି ବିଜୟୀ

**ଭୁବନେଶ୍ୱର,୨୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

**ଗୌତମ/ଗାଲୁ ସ୍ମାରକୀ କ୍ରିକେଟ ଲିଗ୍**

ୟୁନିଟ-୬ ବାଳିକା ହାଇସ୍କୁଲ ଗ୍ରାଉଣ୍ଡରେ ବନଦୁର୍ଗା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶନିବାରଠାରୁ ଗୌତମ ଓ ଗାଲୁ ସ୍ମାରକୀ ଦିବାରାତ୍ର ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଶନିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ ଇଗଲ ଇଲେଭେନ, ସମରସେଟ, ମ୍ୟାଜିକ ଇଲେଭେନ, କେସିସି କଟକ, ଟିମ ଆଇଆରସି ବିଜୟ ହାସଲ କରିଛନ୍ତି। ଚତୁର୍ଥ ମ୍ୟାଚ୍‌ରେ ଗ୍ରୀନ କ୍ଲବ ଅନୁପସ୍ଥିତ ରହିବାରୁ ସିଡିଏ ଲାୟନ୍ସ ୱାକଓଭର ପାଇଛି।

ପ୍ରଥମ ମ୍ୟାଚ୍‌ରେ ଇଗଲ ଇଲେଭେନ ୟୁନିଟାଗ ୱାରିୟରକୁ ହରାଇଛି। ୱାରିୟର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୨ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ଇଗଲ ୫.୩ ଓଭରରେ ଗୋଟିଏ ଉଇକେଟ ହରାଇ ୧୨୭ ରନକରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁ ଷ୍ଟାର ୮ ଓଭରରେ ୭ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିଥିଲା। ଜବାବରେ ସମରସେଟ ୪.୫ ଓଭରରେ ଗୋଟିଏ ଉଇକେଟ ହରାଇ ୮୨ ରନକରି ବିଜୟୀ ହୋଇଛି। ତୃତୀୟ ମ୍ୟାଚ୍‌ରେ ମ୍ୟାଜିକ ଇଲେଭେନ ୧ ଉଇକେଟ ହରାଇ ୨୦୪ ରନ କରିଥିଲା। ଜବାବରେ ଡିୱାଇସି ଭୁବନେଶ୍ୱର ୨ ଉଇକେଟ ହରାଇ ୯୪ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ପଞ୍ଚମ ମ୍ୟାଚ୍‌ରେ କେସିସି କଟକ ୨ ଉଇକେଟ ହରାଇ ୧୮୩ ରନ କରିଥିଲା। ଜବାବରେ ଆରଏଟିଏ ରକର୍ସ ୫ ଉଇକେଟ ହରାଇ ୧୩୨ ରନକରି ପରାସ୍ତ ହୋଇଥିଲା। ଷଷ୍ଠ ମ୍ୟାଚ୍‌ରେ ଆୟସ ଇଲେଭେନ ୫ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରିଥିଲା। ଜବାବରେ ଟିମ୍ ଆଇଆରସି ୩ ଉଇକେଟ ହରାଇ ୧୬୧ ରନ କରି ବିଜୟୀ ହୋଇଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ନଟରାଜ କଳାମନ୍ଦିରର ବାର୍ଷିକୋତ୍ସବ** ଫୁଲବାଣୀ ଅଫିସ: ସଙ୍ଗୀତ ଓ ନୃତ୍ୟ ଅନୁଷ୍ଠାନ ନଟରାଜ କଳାମନ୍ଦିରର ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧି ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଡା.ବୃନ୍ଦା ଡି ଯୋଗଦେଇ ପ୍ରତ୍ୟେକ ପିଲା ପାଠ ପଢ଼ିବା ସହ ନୃତ୍ୟ ସଙ୍ଗୀତରେ ମଧ ପାରଙ୍ଗମ ହେବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପ ଜିଲାପାଳ ସୁରେଶ କୁମାର ପ୍ରଧାନ, ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ହରିଶ୍ଚନ୍ଦ୍ର ମହାରଣା, ବିଇଓ ଜଗନ୍ନାଥ ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ସଭାପତି ବିନୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ପକ୍ଷାଘାତ ରୋଗୀଙ୍କୁ ଭେଟିଲେ ବିଧାୟକ

**ଗଞ୍ଜାମ,୨୫।୧୨(ଡି.ଏନ୍.ଏ.):** ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ. ୫ କାର୍ତ୍ତିକସାହିର ଅଜୟ କୁମାର ବେହେରା ପକ୍ଷାଘାତ ରୋଗରେ ପୀଡ଼ିତ୍ ଅଛନ୍ତି। ସେ ଅତ୍ୟନ୍ତ ଗରିବ। ଘର ଘର ବୁଲି ଲାଇଟ କାମ କରି ପରିବାର ଚଳାଇ ଆସୁଥିଲେ। ବର୍ତ୍ତମାନ ତାଙ୍କର ଗୋଟିଏ ହାତ ଓ ଗୋଡ଼ ଅଚଳ। ମେଡିକାଲରେ ଚିକିତ୍ସା ହେବା ପାଇଁ ଅର୍ଥ ସାଜିଛି ବାଧକ। ଶନିବାର ଦଳୀୟ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଅଜୟଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ମେଡିକାଲ ନେବା ଲାଗି ତାଙ୍କ ପରିବାର ଏବଂ ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ହେଲ୍ଥ କାର୍ଡ ନେଇ ଚିକିତ୍ସା କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ଏଥିସହ ବିଧାୟକ ପକ୍ଷାଘାତ ରୋଗୀ ଅଜୟଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅନ୍ୟପଟେ ଯୁବ ସ୍ୱେଚ୍ଛାସେବୀ ପାଢ଼ୀ ମଧ ଡାଲି, ଚାଉଳ ଆଦି ଗ୍ରୋସେରି ସାମଗ୍ରୀ ପ୍ରଦାନ କରିବା ସହ ମାସକୁ କିଛି ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ

**ଜି.ଉଦୟଗିରି,୨୫।୧୨(ଡି.ଏନ.ଏ.):** ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ୭ ଦିନିଆ ଏନ୍ଏସ୍ଏସ୍ ସେବା ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଶିବରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ପ୍ରୋଗ୍ରାମ ଅଫିସର ଅଧାପିକା ସୁଧାରାଣୀ ପାତ୍ର ପରିଚାଳନା କରିଥିବା ବେଳେ ମଲ୍ଲିକପଡ଼ି ସରପଞ୍ଚ ସଚ୍ଚିଦାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଓ ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ କେ. ସୂର୍ଯ୍ୟ ନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ସାମାଜିକ କର୍ମୀ ହରିଶଙ୍କର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ୭ ଦିନିଆ ଶିବିରରେ ଅଧାପିକା ଡ. ବବିତା ରାଣୀ ପଟ୍ଟନାୟକ, ଅଧାପିକା ମିନତୀ ଦାଶ, ଅଧାପିକା ସସ୍ମିତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ସେବା ଶିବିର ସମ୍ପର୍କରେ କହିଥିଲେ। ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ, ଏନ୍ଏସି ଅଫିସର ଇତିଶ୍ରୀ ଷଡ଼ଙ୍ଗୀ ଅନ୍ୟଦିନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧାପିକା ସୁଧାରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ରକ୍ତଦାନ ଶିବିର

**ଦିଗପହଣ୍ଡି,୨୫।୧୨(ଡି.ଏନ୍.ଏ.):** ବାଚସ୍ପତି ଡ.ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଜନ୍ମଦିନ ଅବସରରେ ଶୁକ୍ରବାର ଦିଗପହଣ୍ଡିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ବିଜେଡି ଯୁବନେତା ରାମକୃଷ୍ଣ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଜୀବନବିନ୍ଦୁ ସଂଯୋଜକ ସୁବାସ ମହାରଣା, ଜିଲା ଯୁବ ବିଜେଡି ସଭାପତି ଭବାନୀ କାନ୍ତ ସାହୁ, ବରିଷ୍ଠ ନେତା ଜଗନ୍ନାଥ ସାବତ, ଯୋଗେନ୍ଦ୍ର ସ୍ୱାଇଁ, ଲକ୍ଷ୍ମଣ ଚୌଧୁରୀ, ବି. କ୍ରିଷ୍ଣାରାଓ ସୁବୁଦ୍ଧି, ଏନ୍ଏସି ପୂର୍ବତନ ନଗରପାଳ ଭି. ରବି ନାରାୟଣ ରାଜୁ, ଉଦୟନାଥ ସ୍ୱାଇଁ, ଦିଗପହଣ୍ଡି ବ୍ଲକ ବିଜେଡି ସଭାପତି ତଥା ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଉଦ୍ୟୋକ୍ତା ରାମକୃଷ୍ଣ ପାଢ଼ୀ ପ୍ରଥମେ ରକ୍ତଦାନ କରିଥିଲେ।

### ସ୍ୱାସ୍ଥ୍ୟ ଓ ପୋଷଣ ସମ୍ବର୍ଦ୍ଧିତ କର୍ମଶାଳା

**ଫୁଲବାଣୀ ଅଫିସ,୨୫।୧୨:** ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ବର୍ଦ୍ଧିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫିରିଙ୍ଗିଆ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ହରପ୍ରିୟା ମେହେର ଯୋଗଦେଇ ଶିଶୁ ମୃତ୍ୟୁହାରକୁ କମାଇବାକୁ ହେଲେ ସମସ୍ତେ ହାତକୁ ହାତ ମିଶାଇ ଦୃଷ୍ଟି ଦେବାକୁ ପଡିବ ବୋଲି କହିଥିଲେ। ସ୍ୱାତୀ ଅନୁଷ୍ଠାନ ସଂଯୋଜକ ବିଶ୍ୱରଞ୍ଜନ କର, ପ୍ରଦୀପ କୁମାର ସ୍ୱାଇଁ, ସୁଦର୍ଶନ କହଁର, ପଞ୍ଚାନନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସିଦ୍ଧାର୍ଥ ପତି ମା ପିଲାକୁ ସ୍ତନ୍ୟପାନ କରିବା ସମୟରେ ମାନସିକ ଭାବେ ସ୍ଥିର ରହିବା ଓ ଶାରିରୀକ ସ୍ତରରେ ସୁସ୍ଥ ରହିବା ଆବଶ୍ୟକ ବୋଲି ଜଣାଇଥିଲେ। ସେହିପରି ଡା. ପ୍ରଦ୍ୟୁମ୍ନ ଲେଙ୍କା ଶିଶୁମାନେ କାହିଁକି କୁପୋଷଣର ଶିକାର ହୋଇଥାନ୍ତି ଓ କୁପୋଷଣ ସହିତ ବାଲ୍ୟବିବାହର ଥିବା ସମ୍ପର୍କକୁ ଯୋଡି ଆଲୋଚନା କରିଥିଲେ। ମାଣିକ ବେହେରା ଧନ୍ୟବାଦ ଦେଇଥିଲେ।

# ମହାନଗରରେ ଉଷ୍ମ ପୌର ରାଜନୀତି

**ବ୍ରହ୍ମପୁର ଅଫିସ,୨୫।୧୨**

■ ଚିଠା ସଂରକ୍ଷଣ ତାଲିକା ନେଇ ବଢ଼ୁଛି ଅସନ୍ତୋଷ
■ ୨୧ ୱାର୍ଡରୁ ନିର୍ବାଚିତ ହେବେ ମହିଳା

ବ୍ରହ୍ମପୁର ମହାନଗରରେ ଉଷ୍ମ ହେଉଛି ପୌର ରାଜନୀତି। ନିର୍ବାଚନ କେବେ ହେବ ସରକାରୀ ଘୋଷଣା ହୋଇ ନ ଥିଲେ ମଧ ପଞ୍ଚାୟତ ନିର୍ବାଚନ ସରିଲେ ସହରାଞ୍ଚଳ ଭୋଟ ହେବାର ବିଗୁଲ ବାଜିଛି। ତେଣୁ ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଚାଲିଥିବା ବେଳେ ବିଭିନ୍ନ ଦଳର ଗଣିତକଷା ମଧ ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ମହାନଗର ନିଗମ (ବିଏମ୍‌ସି)ର ୱାର୍ଡ ପୁନର୍ଗଠନ ଏବଂ ଆସନ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି। ଏହା ଉପରେ ଆପତ୍ତି ଅଭିଯୋଗର ତାରିଖ ଗତ ସୋମବାର ସରିଛି। ସଂଶୋଧିତ ତାଲିକା ବୁଧବାର ପ୍ରକାଶ ପାଇବାର ସମ୍ଭାବନା ରହିଛି। ଚିଠା ସଂରକ୍ଷଣକୁ ନେଇ ମୁଖ୍ୟତଃ ଶାସକ ଦଳରେ ଗୁଞ୍ଜରଣ ଓ ଅସନ୍ତୋଷ ବଢ଼ିଛି। ୨୦୧୩ ନିର୍ବାଚନରେ ଥିବା ସମୁଦାୟ ୪୦ ୱାର୍ଡକୁ ବିଭାଜିତ କରି ୪୨ ହୋଇଛି। ସେଥିରୁ ବିଭିନ୍ନ ବର୍ଗର ମହିଳାଙ୍କ ଲାଗି ଅର୍ଦ୍ଧେକ ବା ୨୧ ୱାର୍ଡ ସଂରକ୍ଷିତ ରଖାଯାଇଛି।

ବିଜେଡିରୁ କର୍ପୋରେଟର ନିର୍ବାଚନ ଲଢ଼ିବା ପାଇଁ ଅଧିକାଂଶ ଉତ୍ସାହିତ ଯୁବକ ସଜବାଜ ସହ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ରକ୍ତଦାନ ଶିବିର ଭଳି ଅନେକ ସେବା କରୁଥିଲେ। ତେବେ ସଂରକ୍ଷଣ ତାଲିକା ବିଗାଡ଼ି ଦେଇଛି। ଅଧିକାଂଶ ୱାର୍ଡ ମହିଳାଙ୍କ ଲାଗି ଉଦ୍ଦିଷ୍ଟ ଥିବା ବେଳେ ଆଉ କେତେକ ଏସ୍‌ସି, ଏସ୍‌ଟି ଓ ପଛୁଆ ବର୍ଗ ହୋଇଯାଇଛି। ଅନୁଗତଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହା ନେତାଙ୍କ ଚାଲ୍ ବୋଲି ଅଭିଯୋଗ କରାଯାଇଛି। ଫଳରେ ବିଦ୍ରୋହ ହେବାର ଆଭାସ ମିଳୁଛି। କେତେକ ୱାର୍ଡ ନମ୍ବର ବଦଳି ଯାଇଛି। ଗଞ୍ଜାମ ଜିଲା ମହିଳା ବିଜେଡି ସଭାନେତ୍ରୀଙ୍କ ୱାର୍ଡ ନଂ ୨୫କୁ ଏସ୍‌ସି ପାଇଁ ସଂରକ୍ଷିତ ହୋଇଥିବାରୁ ସେ ନିର୍ବାଚନ ଲଢ଼ି ନ ପାରିବାର ସ୍ପଷ୍ଟ ହୋଇଛି। ତେଣୁ ପୌର ନିର୍ବାଚନ ଶାସକ ଦଳ ପାଇଁ ଚ୍ୟାଲେଞ୍ଜ ହେବା ରାଜନୈତିକ ଆଲୋଚନା ପରିସରକୁ ଆସିଯାଇଛି।

ସୂଚନାଯୋଗ୍ୟ, ମହାନଗର ରାଜନୈତିକ ହାୱା ଭିନ୍ନପ୍ରକାର ଥିବା ଚର୍ଚ୍ଚା ହେଉଛି। ୨୦୧୩ ନିର୍ବାଚନରେ ମଧ ପ୍ରତିଫଳିତ ହୋଇଥିବା ନଜିର ଅଛି। ଗତ ନିର୍ବାଚନରେ ବିଜେଡିକୁ କସରତ କରିବାକୁ ପଡ଼ିଥିଲା। ସ୍ଥାନୀୟ ନେତାଙ୍କୁ ଭରସା ନ କରି ୪ ମନ୍ତ୍ରୀ କଳ୍ପତରୁ ଦାସ, ସୂର୍ଯ୍ୟ ନାରାୟଣ ପାତ୍ର, ବିକ୍ରମ କେଶରୀ ଆରୁଖ ଓ ଉଷା ଦେବୀଙ୍କୁ ବିଭିନ୍ନ ୱାର୍ଡ ଦାୟିତ୍ୱ ଦିଆଯାଇଥିଲା। ଏହା ସହ ଅନନ୍ତ ନାରାୟଣ ଜେନା, ସୁବାସ ସିଂ ଓ ସାରଦା ନାୟକଙ୍କ ସମେତ ଭୁବନେଶ୍ୱରର ବହୁ ମହିଳା କର୍ପୋରେଟରଙ୍କୁ ପ୍ରଚାର ପାଇଁ ନିୟୋଜିତ କରାଯାଇଥିଲା। ଏହାସତ୍ତ୍ୱେ ୪୦ ୱାର୍ଡରୁ ୧୫ଟିରେ କଂଗ୍ରେସ ବାଜିମାତ କରିଥିଲା। ଗୋଟିଏ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ଜିତିଥିବା ବେଳେ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିଲା ଭାଜପା।

ପରବର୍ତ୍ତୀ ପର୍ଯ୍ୟାୟରେ ପୌର ରାଜନୀତି ବଦଳି ଯାଇଥିଲା। ୨୦୧୩ ପରିଷଦର ୫ ବର୍ଷିଆ କାର୍ଯ୍ୟକାଳ ଶେଷ ପୂର୍ବରୁ କଂଗ୍ରେସରୁ ନିର୍ବାଚିତ ୧୫ କର୍ପୋରେଟର ପର୍ଯ୍ୟାୟକ୍ରମେ ବିଜେଡିରେ ଯୋଗ ଦେଇଥିଲେ। ସେତେବେଳେ ପୌର ସଂସ୍ଥାରେ ଦଳବଦଳ ନିରୋଧ ଆଇନ ଲାଗୁ ହୋଇ ନ ଥିବାରୁ ସହଜରେ ମିଶ୍ରଣ ହୋଇଥିଲେ। ତେଣୁ ବିଜେଡି ସଂଖ୍ୟା ୩୮କୁ ବୃଦ୍ଧି ପାଇଥିଲା। କଂଗ୍ରେସର ଜଣେ ମହିଳା କର୍ପୋରେଟରଙ୍କ ଆରପାରି ହେବାରୁ ହୋଇଥିବା ଉପ ନିର୍ବାଚନରେ ଭାଜପାରୁ ଜିତିଥିଲେ ମହିଳା କର୍ପୋରେଟର। କଂଗ୍ରେସ ଛାଡ଼ିଥିବା ପୂର୍ବତନ କର୍ପୋରେଟରଙ୍କୁ ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀ କରିବ କି ନାହିଁ ସେନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି। ଯଦି ବାଦ୍ ପଡ଼ିବେ ସେମାନେ ବିଦ୍ରୋହୀ ପ୍ରାର୍ଥୀ ହେବାର ଆଶଙ୍କା କରାଯାଇଛି।

ଅପରପକ୍ଷରେ ୨୦୧୯ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ହୋଇ ଭାଜପାକୁ ଦ୍ୱିତୀୟ ସ୍ଥାନ ମିଳିଥିଲା। ତେଣୁ ପୌର ନିର୍ବାଚନରେ ଟକ୍କର ଦେବାକୁ ଭାଜପା ରଣନୀତି ପ୍ରସ୍ତୁତ କରିଛି। ମହାନଗରରେ ଥିବା ୮ ମଣ୍ଡଳସ୍ତରରେ ପ୍ରସ୍ତୁତି ଚାଲିଛି। କଂଗ୍ରେସ ମଧ ବିଜେଡି ଓ ଭାଜପାକୁ ମୁକାବିଲା କରି ପୂର୍ବ ସ୍ଥିତି ବଜାୟ ରଖିବାର ଏବେଠୁ ପ୍ରସ୍ତୁତ ହୋଇଛି। ୩ ଦଳ ପକ୍ଷରୁ ୨୧ ମହିଳା ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

### ବାଜପେୟୀଙ୍କ ଜୟନ୍ତୀ

**ବ୍ରହ୍ମପୁର ଅଫିସ,୨୫।୧୨**

ଗଞ୍ଜାମ ଜିଲା ଭାଜପା ପକ୍ଷରୁ ଶନିବାର ବ୍ରହ୍ମପୁରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବାଜପେୟୀଙ୍କ ଉଦାରବାଦୀ ରାଜନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୂର୍ବତନ ସଭାପତି କାହ୍ନୁ ଚରଣ ପତିଙ୍କ ସମେତ ଡ଼ା. ସୁବାସ ସାହୁ, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ମଧୁସୂଦନ ସାହୁ, ମହିଳା ମୋର୍ଚ୍ଚା ନେତ୍ରୀ ବବିତା ପାତ୍ର, ମହନ୍ତ ଚିନ୍ମୟାନନ୍ଦ ଦାସ, ନିରଞ୍ଜନ ପାଣିଗ୍ରାହୀ, ନମିତା ପଣ୍ଡା, ବାଳକୃଷ୍ଣ ସାମନ୍ତରାୟ, ଶିବ ଶଙ୍କର ନାୟକ, ବିନାୟକ ରଥ, ମନୋଜ ପଟ୍ଟନାୟକ ଓ ଅନ୍ୟମାନେ ସେହି ଅମ୍ଳାନ ଜନ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ରାଜ୍ୟର ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା।

ସେହିପରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖି ସଂଘ ପକ୍ଷରୁ ଶନିବାର ଗେଟବଜାର ସ୍ଥିତ ଏନଜିଓ ହଲ୍‌ରେ ବାଜପେୟୀଙ୍କ ୯୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ରାମ କୁମାର ପାତ୍ରଙ୍କ ସଭାପତିତ୍ୱରେ ପ୍ରଥମେ ବାଜପାୟୀଙ୍କ ଫଟୋ ଚିତ୍ରରେ ମାଲ୍ୟର୍ପଣ କରାଯିବା ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# କଟକଣାରେ ପାଳନ ହେଲା ବଡ଼ଦିନ



ମିଶନ ରାଣୀ ଚର୍ଚ୍ଚ ପକ୍ଷରୁ ପ୍ରସ୍ତୁତ କ୍ରୀବ।

**ବ୍ରହ୍ମପୁର ଅଫିସ,୨୫।୧୨**

**ମୁଖ୍ୟ ଆକର୍ଷଣ ସୁସଜ୍ଜିତ କ୍ରୀବ**

ବ୍ରହ୍ମପୁର ସହରରେ ଶୁକ୍ରବାର କରୋନା ଗାଇଡ୍ ଲାଇନ ମଧ୍ୟରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବଡ଼ଦିନ ପର୍ବ ପାଳିତ ହୋଇଯାଇଛି। ଓମିକ୍ରନ ସଂକ୍ରମଣ ଆଶଙ୍କା ଥିବାରୁ ପ୍ରଭୁ ଯୀଶୁଙ୍କ ଜନ୍ମଦିବସ ନିରାଡମ୍ବର ଭାବେ ପାଳନ କରାଯାଇଛି। ଚର୍ଚ୍ଚ ପରିସରକୁ ଜନସାଧାରଣଙ୍କ ପ୍ରବେଶ ବାରଣ କରାଯାଇଥିଲା। କେବଳ ସୋସିଆଲ ମିଡ଼ିଆ ଦ୍ୱାରା ପରସ୍ପରକୁ ବଡ଼ଦିନର ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ଚର୍ଚ୍ଚ ଗୁଡିକରେ ରଙ୍ଗବେରଙ୍ଗ ଆଲୋକମାଳା, ଚର୍ଚ୍ଚ ପରିସରରେ ଥିବା ଖ୍ରୀଷ୍ଟମାସ ଟ୍ରି ଆଦିକୁ ଉପହାର, ବେଲ, ଷ୍ଟାର, ବଲ ବେଲୁନ ଆଦିରେ ସୁସଜ୍ଜିତ କରାଯିବା ସହ କ୍ରୀବ ପ୍ରସ୍ତୁତ କରାଯାଇଥିଲା। ମିଶନ ରାଣୀ ଚର୍ଚ୍ଚ ପକ୍ଷରୁ ପ୍ରସ୍ତୁତ ହୋଇଥିବା କ୍ରୀବ ଆକର୍ଷଣୀୟ ହୋଇଥିଲା। ଚର୍ଚ୍ଚରେ କେବଳ ଧମଗୁରୁ ଓ ଚର୍ଚ୍ଚ କମିଟି ସଦସ୍ୟଙ୍କ ଗହଣରେ ଦିବ୍ୟଯଜ୍ଞ ଓ ପ୍ରାର୍ଥନା ହୋଇଥିଲା। ଗିରିରୋଡ଼ ସ୍ଥିତ ବାପଟିଷ୍ଟ ଚର୍ଚ୍ଚ, ପୁରୁଣା ବସଷ୍ଟାଣ୍ଡସ୍ଥିତ ମିଶନ ରାଣୀ ଚର୍ଚ୍ଚ, ସେଣ୍ଟ ଷ୍ଟିଫେନ ଚର୍ଚ୍ଚ ପ୍ରାର୍ଥନା ଗୃହରେ ଶୁକ୍ରବାର ରାତିରୁ ପ୍ରଭୁ ଯୀଶୁଙ୍କ ଧରାବତରଣ ରିତୀ ନିତି ଆରମ୍ଭ ହୋଇଯାଇଥିଲା। ବିଶ୍ୱରେ ଶାନ୍ତି,ମୈତ୍ରୀ ଓ ସଦଭାବନାର ପ୍ରତିଷ୍ଠା ନିମନ୍ତେ ଦୀର୍ଘ ସମୟ ପ୍ରାର୍ଥନା କରାଯାଇଥିବା ମିଶନ ରାଣୀ ଚର୍ଚ୍ଚର ମୁଖ୍ୟଯାଜକ ଫାଦର ସଞ୍ଜୀବ କୁମାର ନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶପ ଶରତ ଚନ୍ଦ୍ର ନାୟକ ,ସହକାରୀ ଯାଜକ ଫାଦର ପ୍ରଭୁଦାସ ନାୟକଙ୍କ ସମେତ ସେବା ଭଗ୍ନି ଓ ଭ୍ରାତାଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା।

# ଗୋପାଳପୁର ବିକାଶ ବାଧାପ୍ରାପ୍ତ ଅଭିଯୋଗ

**ବ୍ରହ୍ମପୁର ଅଫିସ,୨୫।୧୨**

**ଜୋନସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୫ନଂ ଜିଲା ପରିଷଦ ଜୋନସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦଶନ୍ଧିର ବିଜେଡି ଶାସନରେ ଗୋପାଳପୁରରେ ବିକାଶ ବାଧାପ୍ରାପ୍ତ ସହ ବିଭିନ୍ନ ଯୋଜନା ପ୍ରସ୍ତାବରେ ଅଟକି ଯାଇଥିବା ଅଭିଯୋଗ ହୋଇଛି। ଶୀତଳାପଲ୍ଲୀରେ ପ୍ରସ୍ତାବିତ ରେଳ ୱାଗନ କାରଖାନାକୁ କେନ୍ଦ୍ର ମୋଦି ସରକାର ପ୍ରତ୍ୟାହାର କରିଛନ୍ତି। ଏପଟେ ଗୋପାଳପୁର ବନ୍ଦରଭିତ୍ତିକ ବୃହତ୍ତ ଇସ୍ପାତ କାରଖାନା ନିର୍ମାଣ ଆଳରେ ପ୍ରାୟ ୪ ହଜାର ଏକର ଜମି ଅଧିଗ୍ରହଣ କରି ଟାଟା କମ୍ପାନୀ ଓହରି ଯାଇଥିବା ବେଳେ ରାଜ୍ୟ ସରକାର କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ କରୁନଥିବା ସନ୍ଦେହ ଘେରକୁ ଆସିଥିବା କଂଗ୍ରେସ ଅଭିଯୋଗ କରିଛି। ଜିଲା କଂଗ୍ରେସ ଉପସଭାପତି ମହେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ସମ୍ମିଳନୀରେ ଗୋପାଳପୁରରୁ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥରୁ ଗଞ୍ଜାମ ଜିଲାକୁ ବାଦ ଦିଆଯାଇଥିବାରୁ ଭାଜପା ନେତୃତ୍ୱାଧିନ ଏନଡିଏ ସରକାରଙ୍କ ଦକ୍ଷିଣ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପଦାରେ ପଡ଼ିଥିବା ସମାଲୋଚନା ହୋଇଛି। ସେହିପରି ଜିଲାର ଦୀର୍ଘ ଦିନର ଦାବି ବ୍ରହ୍ମପୁରରେ ଗ୍ରୀନ ଫିଲଡ ଏୟାର ପୋର୍ଟ ନିର୍ମାଣ, ରଙ୍ଗେଇଲୁଣ୍ଡା ମତ୍ସ୍ୟ ବିଜ୍ଞାନ କଲେଜ ପାଖରେ କୃଷି କଲେଜ ସ୍ଥାପନ, ଗୋପାଳପୁରରେ ବିଜ୍ଞାନ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ କଂଗ୍ରେସ ଦାବି କରିଛି । ଏହି ଅବସରରେ ଆଗାମୀ ପଞ୍ଚାୟତ ଓ ଗୋପାଳପୁର ଏନଏସି ନିର୍ବାଚନରେ କଂଗ୍ରେସ ଉପଯୁକ୍ତ ପ୍ରାର୍ଥୀ ଏବଂ ୫୫ନଂ ଜିଲା ପରିଷଦ ଜୋନରେ କାହାକୁ ପ୍ରାର୍ଥୀ ମନୋନୀତ କରାଯିବ ସେ ନେଇ କର୍ମୀଙ୍କ ମତାମତ ନିଆଯାଇଥିଲା। ସମ୍ମିଳନୀରେ ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ବନଜା ପଣ୍ଡା, ବ୍ଲକ କଂଗ୍ରେସ ସଭାପତି ବାଳକ୍ରିଷ୍ଣା ଓ ଅନ୍ୟମାନେ ଯୋଗଦେଇ ଦଳର ସଂଗଠନ ମଜଭୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

### ମନୋବିଜ୍ଞାନ ବିଭାଗ ପାଠଚକ୍ର

**ବ୍ରହ୍ମପୁର ଅଫିସ,୨୫।୧୨**

ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ପିଜି ମନୋବିଜ୍ଞାନ ବିଭାଗ ପକ୍ଷରୁ ଆଡ଼ଲ୍ଟ ସାଇକୋଲୋଜୀ ଶୀର୍ଷକ ପାଠଚକ୍ର ଓ ଯୁକ୍ତ ୩ ଏବଂ ପିଜି ପ୍ରଥମ ବର୍ଷ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ପ୍ରଫେସର ପଙ୍କଜ କୁମାର ବାରିକ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଡ଼.କାହ୍ନୁ ଚରଣ ପାଢ଼ୀ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷା ଦ୍ୱାରା ଅନ୍ତର୍ନିହିତ ଗୁଣବତ୍ତାର ବିକାଶ ଦିଗରେ ଶିକ୍ଷାକୁ ବିନିଯୋଗ କରିବା ନିମନ୍ତେ ସେ ପ୍ରବର୍ତ୍ତାଇଥିଲେ। ଏହି ଅବସରରେ ସ୍ନାତକ ପ୍ରଥମ ବର୍ଷ ଏବଂ ସ୍ନାତ୍ତୋକତ୍ତର ପ୍ରଥମ ବର୍ଷ ଛାତ୍ରୀଙ୍କୁ ବିଭାଗ ପକ୍ଷରୁ ଅନ୍ୟ ଛାତ୍ରୀମାନେ ସ୍ୱାଗତ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧ୍ୟାପିକା ଭାରତୀ ଦାସ, ଅନୁରାଧା ତ୍ରିପାଠୀ ଉପସ୍ଥିତ ଥିଲେ।

# ଲେଖକ, ଲେଖିକା ସାମ୍ମୁଖ୍ୟର ସ୍ୱନକ୍ଷତ୍ର ଉତ୍ସବ

**ବ୍ରହ୍ମପୁର ଅଫିସ,୨୫।୧୨**

ଗଞ୍ଜାମ ଜିଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ମିଳିତ ଆନୁକୂଲ୍ୟରେ ଶନିବାର ଉତ୍କଳ ଆଶ୍ରମ ପରିସରରେ ସ୍ୱନକ୍ଷତ୍ର ଉତ୍ସବ ଏବଂ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଲେଖକ ସାମ୍ମୁଖ୍ୟ ଉପସଭାପତି ଡ.ସରୋଜକାନ୍ତ ରଥ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଡ.ବନମାଳୀ ପାଣିଗ୍ରାହୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଲେଖିକା ସାମ୍ମୁଖ୍ୟର ଉପଦେଷ୍ଟା ଉମାରାଣୀ ପଣ୍ଡା ଯୋଗ ଦେଇଥିଲେ। ସାହିତ୍ୟିକ ଲକ୍ଷ୍ମୀ ନାରାୟଣ ପଣ୍ଡା, କବୟିତ୍ରୀ ଆରତୀ ଶତପଥୀ ଓ ଜ୍ୟୋତ୍ସାମୟୀ ପ୍ରଧାନ ପଠିତ କବିତାଗୁଡିକୁ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଲେଖକ ସାମ୍ମୁଖ୍ୟ ସଭାପତି ହାଡିବନ୍ଧୁ ମାଳି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ପ୍ରଫେସର ତଥା ସମାଜ ବିଜ୍ଞାନ ବିଭାଗର ପ୍ରାକ୍ତନ ଡିନ ଡ.ଶ୍ରୀନିବାସ ସେଠୀ, ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ଡ.ବିଧୁପ୍ରଭା ରଥ, ସମ୍ମାନିତ ଅତିଥି ରୂପେ ଲେଖିକା ସାମ୍ମୁଖ୍ୟ ଉପଦେଷ୍ଟା କବୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢି ଓ ଲେଖକ ସାମ୍ମୁଖ୍ୟ ସାଧାରଣ ସଂପାଦକ ଦୀନବନ୍ଧୁ ଶ୍ରୀପଲବ ଯୋଗ ଦେଇଥିଲେ। ଏହି ଅବସରରେ ଲେଖକ ସାମ୍ମୁଖ୍ୟ ମୁଖପତ୍ର ଋଷିକୁଲ୍ୟା, ଲେଖିକା ସାମ୍ମୁଖ୍ୟ ମୁଖପତ୍ର ସୃଜନୀ, ହାଡିବନ୍ଧୁ ମାଳିଙ୍କ ରଚିତ ପୁସ୍ତକ ଓଡିଆ ବାଣି ଭଣ୍ଡାରର କେତୋଟି ରତ୍ନ, ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ କବିତା ସଂକଳନ ଅଫେରନ୍ତା ରାଇଜ, କବି ଦଣ୍ଡପାଣି ମହାପାତ୍ରଙ୍କ ରଚିତ କବିତା ସଂକଳନ ଦୋଛକିରେ ମଣିଷ ଲୋକାର୍ପିତ ହୋଇଥିଲା।



ମଞ୍ଚାସୀନ ଅତିଥି।

# କିଷାନ ଶାଶ୍ୱତ ଅଭିଯାନ


ଜିଲା କୃଷି ଅଧିକାରୀ ରଥ ଉଦ୍‌ଘାଟନ କରୁଛନ୍ତି ।

**ଭଞ୍ଜନଗର,୨୫।୧୨(ଡି.ଏନ.ଏ)**

ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ (ଓଁ ଶାନ୍ତି) ଭଞ୍ଜନଗର ଶାଖା ପକ୍ଷରୁ ଗୁରୁବାର ଜାତୀୟ କୃଷକ ଦିବସ ଅବସରରେ କିଷାନ ଶାଶ୍ୱତ ଅଭିଯାନ ଆରମ୍ଭ ହୋଇଛି । ପୂର୍ବାହ୍ନରେ ଜିଲା କୃଷି ଅଧିକାରୀ ଶଶିଭୂଷଣ ଆଚାରୀ ପତାକା ଦେଖାଇ ସଚେତନତା ରଥ ଉଦ୍‌ଘାଟନ କରିଥିଲେ। ଭଞ୍ଜନଗର କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ସନ୍ତୋଷିନୀଙ୍କ ନେତୃତ୍ୱରେ ଉକ୍ତ ରଥ ତାରସିଂ, ବଦାଙ୍ଗି, ହରିଗଡ଼, ଗାଲେରି ଓ କୁଲାଡ଼ ଗ୍ରାମ ପରିକ୍ରମା କରି କୃଷକଙ୍କୁ ଜମିରେ ରାସାୟନିକ ବଦଳରେ ଜୈବିକ ସାର ପ୍ରୟୋଗ କରିବାକୁ ସଚେତନ କରିଥିଲା। ଜୈବିକ ସାରରୁ ଉତ୍ପାଦନ ହେଉଥିବା ଫସଲ ସ୍ୱାସ୍ଥ୍ୟ ପାଇଁ ହିତକର। ଜମିରେ ଜୈବିକ ସାର ପ୍ରୟୋଗ ଓ ପ୍ରତ୍ୟେକ ବ୍ୟକ୍ତି ରାଜଯୋଗର ଅଭ୍ୟାସ କଲେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ବିଭିନ୍ନ ସ୍ଥାନରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ବ୍ରହ୍ମକୁମାର ବୈକୁଣ୍ଠ, ବ୍ରହ୍ମକୁମାରୀ ଅଲିଭା, ଅନିତା, ପ୍ରାପ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଗଞ୍ଜାମ ଜିଲା: ଚିହ୍ନଟ ହେଲେଣି ୩୨୭ ଡେଙ୍ଗୁ ରୋଗୀ

**ବ୍ରହ୍ମପୁର ଅଫିସ,୨୫।୧୨**

ଗଞ୍ଜାମ ଜିଲାରେ ଡେଙ୍ଗୁ ଏବେ ସାଂଘାତିକ ରୂପ ନେଇଛି। ଗତ ୩ ବର୍ଷ ତୁଳନାରେ ଚଳିତବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଏଯାବତ ଜିଲାରେ ୩୨୭ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଛନ୍ତି। ଅନ୍ୟପଟେ ଡେଙ୍ଗୁର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ, ୨୦୨୦ରେ ଜିଲାରେ ମାତ୍ର ୯ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ୨୦୧୯ରେ ୩୦୭ ଓ ୨୦୧୮ରେ ମୋଟ ୧୫୫ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ।

# ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବ୍ରହ୍ମପୁର ଅଫିସ,୨୫।୧୨**

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଶନିବାର ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ଶିବିରରେ ମୋଟ ୯୦୦ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କୁ ଶୀତ ବସ୍ତ୍ର ବଣ୍ଟାଯାଇଥିଲା। ସଫେଇ କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ ବିଏମସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣ କାନ୍ତଙ୍କ ସମେତ ସାନିଟେସନ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।



ଜଣେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ପଞ୍ଚାୟତ ନିର୍ବାଚନ ଲାଗି ପ୍ରଶାସନର ପ୍ରସ୍ତୁତି

**ଭଞ୍ଜନଗର,୨୫।୧୨(ଡି.ଏନ.ଏ)**

**ଆଜି ବିଜେଡିର ମିଶ୍ରଣ ପର୍ବ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାରେ ହେବ ସେ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଭଞ୍ଜନଗର ବ୍ଲକରେ ପୋଲିଂ ବୁଥ୍‌ଗୁଡ଼ିକ କେଉଁଠି ହେବ ସେ ନେଇ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଭଞ୍ଜନଗର ବିଡିଓ ଅନିଲ କୁମାର ସେଠୀ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବ୍ଲକରେ ୩୨୧ଟି ବୁଥ୍ ହେବ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଗତ ସାଧାରଣ ନିର୍ବାଚନ ପରଠୁ ଥିବା ନିର୍ବାଚନ ସମ୍ପର୍କିତ ଜିନିଷକୁ ଶୁକ୍ରବାର ଓ ଶନିବାର ବ୍ଲକ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି । ଇଭିଏମ୍ ବଦଳରେ ବାଲାଟ ପେପରରେ ଭୋଟ ଗ୍ରହଣ କରାଯିବ। ବ୍ଲକ କାର୍ଯ୍ୟାଳୟରେ ୱାର୍ଡ଼ ମେମ୍ବରଠାରୁ ଆରମ୍ଭ କରି ଜିଲା ପରିଷଦ ସଭ୍ୟ ପର୍ଯ୍ୟନ୍ତ ଭୋଟ ଗଣତି ହେବ। ଦିନକୁ ଗୋଟିଏ ଜିଲା ପରିଷଦ ଜୋନର ସମସ୍ତ ଭୋଟ ଗଣତି ହେବ। ଏଥିପାଇଁ ବ୍ଲକର ୨୨ ପଞ୍ଚାୟତ ପାଇଁ ୨୨ଜଣ ସେକ୍ଟର ଅଫିସର ନିଯୁକ୍ତି ସରିଛି। ଅନ୍ୟପଟେ ରାଜନେତାମାନଙ୍କ ଦଳବଦଳ ଜାର ରହିଛି। ଗତ ମଙ୍ଗଳବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ହୋଇଥିଲା। କଂଗ୍ରେସର ଅନେକ ନେତା ଭାଜପାରେ ମିଶିଥିଲେ। ଏହା ପୂର୍ବରୁ କୁଲାଡ଼ର ନେତା ରାମହରି ପାତ୍ର, ଦେବୀ ପ୍ରସାଦ ସାହୁ ଓ ରାମଚନ୍ଦ୍ର ପାଢ଼ୀ ଭାଜପା ଛାଡ଼ି ବିଜେଡ଼ିରେ ମିଶିଥିଲେ। ବିଜେଡ଼ି ପୁଣି ରବିବାର ମିଶ୍ରଣ ପର୍ବ ଆୟୋଜନ କରିଛି । ଶତାଧିକ ଭାଜପା ଓ କଂଗ୍ରେସ ନେତା ଏବଂ କର୍ମୀ ଦଳ ଛାଡ଼ି ରବିବାର ବିଜେଡ଼ିରେ ମିଶିବାର କାର୍ଯ୍ୟକ୍ରମ ରହିଛି।


ଉପଜିଲାପାଳ ଗାମୁଣ୍ଡି ସ୍କୁଲରେ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି ।

## ପେଟ୍ରୋଲ ପମ୍ପରେ ମକ୍‌ଡ୍ରିଲ

ଖଣ୍ଡପଡ଼ା,(ସ୍ୱ.ପ୍ର.): ଖଣ୍ଡପଡ଼ା ଅଗ୍ନିଶମ ବିଭାଗ ପକ୍ଷରୁ ବାହାଡ଼ା ସିଂଘାପଡା ସ୍ଥିତ ଇଣ୍ଡିଆନ୍ ଅଏଲ ପେଟ୍ରୋଲ ପମ୍ପ ପରିସରରେ ଶନିବାର ମକ୍‌ଡ୍ରିଲ ଆୟୋଜନ କରାଯାଇଥିଲା । ଜରୁରୀକାଳୀନ ପରିସ୍ଥିତି ଓ ବିପଦ, ଆପଦ ସମୟରେ କିଭଳି ପରିସ୍ଥିତିକୁ ସାମନା କରାଯାଇ ପାରିବ ସେ ସମ୍ପର୍କରେ ଅଗ୍ନିଶମ କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରିଥିଲେ । ଉକ୍ତ ୨ଟି ପେଟ୍ରୋଲ ପମ୍ପର ମୁଖ୍ୟ ପରିଚାଳକ ଦେବାଶିଷ ପରମଗୁରୁଙ୍କ ସମେତ ଅନ୍ୟକର୍ମଚାରୀମାନେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ପରିଚାଳନାରେ ଅଗ୍ନିଶମ କର୍ମଚାରୀମାନଙ୍କୁ ସହଯୋଗ କରିଥିଲେ । ପେଟ୍ରୋଲ ପମ୍ପଗୁଡ଼ିକ ପରିଚାଳନା ସମୟରେ ସାବଧାନତା ଅବଲମ୍ବନ କରିବାକୁ ଅଗ୍ନିଶମ କର୍ମଚାରୀମାନେ ପରାମର୍ଶ ଦେଇଥିଲେ ।

### ସଂକ୍ଷେପରେ

## ଦୁର୍ଘଟଣା, ବାଇକ୍ ଚାଳକ ମୃତ

ଦଶପଲ୍ଲା,୨୫।୧୨(ଡି.ଏନ୍.ଏ.): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ପଥରପୁଞ୍ଜାଠାରେ ଶୁକ୍ରବାର ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବାଣୀଗୋଛା ଥାନା ଅଧୀନ ଜାମୁସାହି ଗ୍ରାମର ବୀରେନ୍ଦ୍ର କୁମାର ସାହୁ ( ୪୦)। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ , ବୀରେନ୍ଦ୍ର ଦଶପଲ୍ଲାରୁ କାମ ସାରି ଘରକୁ ଫେରୁଥିଲେ । ଏହି ସମୟରେ ଦଶପଲ୍ଲା ଅଭିମୁଖେ ଆସୁଥିବା ଏକ ମିନିଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା । ସେ ଗୁରୁତର ହୋଇ ପଡ଼ିଥିବା ଦେଖି ଚାଳକ ଗାଡ଼ି ନେଇ ଫେରାର୍ ହୋଇଯାଇଥିଲେ। ଆହତଙ୍କୁ ଉଦ୍ଧାର କରାଯାଇ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ସହ ମୃତଦେହକୁ ଜବତ କରିଛି ।

## ସୁଶାସନ ଦିବସ ପାଳିତ

ଦଶପଲ୍ଲା,୨୫।୧୨(ଡି.ଏନ.ଏ.): ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଧୀନ ଅନନ୍ତ ବିହାର ଭାଜପା କାର୍ଯ୍ୟାଳୟରେ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଭାରତର ସର୍ବାଙ୍ଗୀନ ବିକାଶ ପାଇଁ ବାଜପେୟୀ ଯେଉଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି କାମକୁ ଆଗେଇ ନେଇଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଜିଲା ସାଧାରଣ ସମ୍ପାଦକ ବସନ୍ତ ମହାନ୍ତି, ଜିଲା ଓବିସି ମୋର୍ଚ୍ଚା ସଭାପତି ଜ୍ଞାନ ରଞ୍ଜନ ସାହୁ, ଜିଲା ଜନଜାତି ମୋର୍ଚ୍ଚା ସଭାପତି ଗୋରେଖ କହଁର, ପୂର୍ବତନ ଜିଲା ସଭାପତି ପ୍ରସନ୍ନ ଦାଶ, କିଶୋର ଚନ୍ଦ୍ର ଦଳ ବେହେରା, ମମତା ବେହେରା, କାଦମ୍ବିନୀ ମହାପାତ୍ର, ବିଭୀଷଣ ନାୟକଙ୍କ ସହିତ ବହୁ ଭାଜପା କର୍ମୀ ଏହି ସଭାରେ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସଭା

ଖଣ୍ଡପଡ଼ା,୨୫।୧୨(ସ୍ୱ.ପ୍ର.):ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଅବରପ୍ରାପ୍ତ କର୍ମଚାରୀ କ୍ଲବ ପକ୍ଷରୁ ଏକ ସାଧାରଣ ସଭା ଜନକଲ୍ୟାଣ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଭୀମସେନ କାଣ୍ଟି, ରାମଚନ୍ଦ୍ର କାଣ୍ଟି ଓ ପ୍ରଭାକର ଶିରୋମଣୀଙ୍କ ମିଳିତ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂଘର କାର୍ଯ୍ୟକାଳ ଶେଷ ହୋଇଯାଇଥିବା ବେଳେ ନୂତନ କର୍ମକର୍ତ୍ତା ନିର୍ବାଚନ ଜାନୁୟାରୀରେ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ଅନୁଷ୍ଠାନର ସଭପତି ଅଖିଳ କୁମାର ମହାରଣା, ଶ୍ରୀପତି ମହାରଣା, ବନମାଳୀ ସାହୁ, ମେଜର ରାଜ କିଶୋର ସାହୁ, ନବ କିଶୋର ସାହୁ, ଉଜ୍ୱଳ ମହାରଣା, ଅନ୍ତର୍ଯ୍ୟାମୀ ସାହୁ, ଲକ୍ଷ୍ମଣ ମିଶ୍ର, ସୁରେନ୍ଦ୍ର ନାଥ ସାହୁ, ସୁଦର୍ଶନ ବେହେରା, ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ସମସ୍ତ ସଭ୍ୟ ମିଳିତ ଭାବେ ଅବସରପ୍ରାପ୍ତ କର୍ମଚାରୀ କ୍ଲବର ନିର୍ମାଣାଧିନ ଗୃହର ପୂର୍ଣ୍ଣାଙ୍ଗ ପାଇଁ ପ୍ରୟାସ ଜାରି ରଖିବାକୁ ଆହ୍ୱାନ କରିଥିଲେ ।

# ବିପଦରେ ଜୈବ ବିବିଧତା

ନୟାଗଡ଼ ଅଫିସ,୨୫।୧୨

- ୮୫ ପ୍ରତିଶତ ଜମିର ମାଟି ଅମ୍ଳଯୁକ୍ତ
- ମୃତ୍ତିକା ପରୀକ୍ଷା ନ କରି ସାର ପ୍ରୟୋଗ
- ପରମ୍ପରାଗତ କୃଷି ବିକାଶ ଯୋଜନା ଅପହଞ୍ଚ

ମାଟି ପରୀକ୍ଷା ନ କରି ମନଇଚ୍ଛା ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ଏବେ ବିପଦରେ ଜୈବ ବିବିଧତା । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲାରେ ୮୫ ପ୍ରତିଶତ ଜମିର ମାଟି ଅମ୍ଳଯୁକ୍ତ ହୋଇ ସାରିଲାଣି । ଏଥିରେ ଲଗାମ ନ ଦେଲେ ଶତ ପ୍ରତିଶତ ଜମି ଅମ୍ଳଯୁକ୍ତ ହୋଇଯିବ । ଅମ୍ଳଯୁକ୍ତ ମାଟି ଫସଲ ଉତ୍ପାଦନରେ ବାଧକ ସାଜିଥାଏ। ଏଭଳି ସ୍ଥଳେ ସରକାର ପରମ୍ପରାଗତ କୃଷି ବିକାଶ ଯୋଜନା ୨୦୧୭-୧୮ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ କରୁଛନ୍ତି । ହେଲେ ଏହା ଚାଷୀଙ୍କ ପାଖରେ ଅପହଞ୍ଚ। ସମନ୍ୱିତ ଖାଦ୍ୟ ସାର ପରିଚାଳନାରେ ଚାଷ କରିବାକୁ କୃଷି ବିଭାଗର ପରାମର୍ଶ ଥିବାବେଳେ ଏ ଦିଗରେ ସଚେତନତା ଶୂନ ବୋଲି ମତ ପ୍ରକାଶ ପାଇଛି ।

ମାଟି ଜୀବନ୍ତ ଓ ଏଥିରେ ରାସାୟନିକ ପରିବର୍ତ୍ତନ ଲାଗି ରହିଥାଏ । ହେଲେ ଆମର ଦୂରଦୃଷ୍ଟି ଅଭାବ ଯୋଗୁ ଧୀରେ ଧୀରେ ମାଟି ଅମ୍ଳଯୁକ୍ତ ହୋଇ ଚାଲିଛି । ଏଣୁ ଜୀବଜଗତର ବିଭିନ୍ନ ଆବଶ୍ୟକତାକୁ ମେଣ୍ଟାଉଥିବା ମାଟିର ଜୈବ ବିବିଧତା ବିପଦ ଆଡ଼କୁ ଠେଲି ହୋଇଚାଲିଛି । ଏହାକୁ ଅଣଦେଖା କରାଯାଉ ଥିବାରୁ ମାଟିରେ ଫସଲ ଉତ୍ପାଦନ କମି ଚାଲିଛି ; ଯାହା କି ପରିବେଶ ଉପରେ କୁପ୍ରଭାବ ପକାଉଛି । ବିଳମ୍ବରେ ହେଲେ ବି ଭାରତ ସରକାର ପରମ୍ପରାଗତ କୃଷି ବିକାଶ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ଜୈବିକ ପ୍ରଣାଳୀରେ ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କୃଷି ବିଭାଗର ସୂଚନା ଅନୁସାରେ ୨୦୧୭-୧୮ ଆର୍ଥିକ ବର୍ଷରେ ରଣପୁର ବ୍ଲକରେ ୧୫୦୦ ଏକର ଜମିରେ ୯୦୭ ଚାଷୀ ଓ ଓଡ଼ଗାଁ ବ୍ଲକରେ ୫୦୦ ଏକରରେ ୩୦୦ ଚାଷୀ ଅନୁରୂପ ଭାବେ ଜୈବିକ ପଦ୍ଧତିରେ ଚାଷ କରିଥିଲେ । ଅନ୍ୟପକ୍ଷେ ୨୦୧୮-୧୯ ଆର୍ଥିକ ବର୍ଷରେ ରଣପୁରରେ ୭୭୦ ଏକରରେ ୪୪୦ ଚାଷୀ, ଓଡ଼ଗାଁରେ ୩୦୦ ଏକରରେ ୧୭୩ ଚାଷୀ ଏବଂ ୨୦୧୯ -୨୦ ଆର୍ଥିକ ବର୍ଷରେ ରଣପୁରରେ ଏକ ହଜାର ଏକରରେ ୬୨୩ ଚାଷୀ ଜୈବିକି ପଦ୍ଧତିରେ ଚାଷ କରିଥିଲେ । ଏନେଇ ଗୋଡ଼ିପଡ଼ାର ଚାଷୀ ପଦ୍ମନାଭ ପୃଷ୍ଟି କହିଛନ୍ତି, ମୃତ୍ତିକା ପରୀକ୍ଷଣ କରି ଫସଲ ପର୍ଯ୍ୟାୟ ଭିତ୍ତିରେ ରାସାୟନିକ ସାର ପ୍ରୟୋଗ କରିବା ଉଚିତ । କିନ୍ତୁ ଏନେଇ ଚାଷୀ ଅବଗତ ନୁହେଁ । ଅଧିକ ଉତ୍ପାଦନକୁ ଆଖି ଆଗରେ ରଖି ଚାଷୀ ତା'ର ମନଇଚ୍ଛା ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରୁଛି। ଏଦିଗରେ ସଚେତନତା କରାଯିବାର ଆବଶ୍ୟକତା ରହିଛି । ନୂଆଗାଁର ଚାଷୀ ଉଦ୍ଧବ ସ୍ୱାଇଁ କୁହନ୍ତି, ଗାଈଙ୍କ ସଂଖ୍ୟା ହ୍ରାସ ପାଇବା କାରଣରୁ ଗୋବର ଖତ ମିଳୁନାହିଁ । ଗୋବର ବା କମ୍ପୋଷ୍ଟ ବଦଳରେ ଧଣିଚା ଚାଷ ବିଲରେ କଲେ ଜମିର ଉର୍ବରତା ବଢ଼େ । ଅନେକ ଚାଷୀ ଧଣିଚା ଚାଷ ନେଇ ଅବଗତ ନୁହନ୍ତି । ଦଶପଲ୍ଲାର ଚାଷୀ ପ୍ରମୋଦ ସାହୁ କୁହନ୍ତି, ଜମିରେ ରାସାୟନିକ ସାର ସହ ଜୈବିକ ଖତ ଓ ଜୀବାଣୁ ସାର ପ୍ରୟୋଗ କଲେ ଫସଲ ଅମଳ ଅଧିକ ହୁଏ ଏବଂ ମାଟିର ଜୈବିକମାନରେ ଉନ୍ନତି ଘଟେ । ହେଲେ ଏନେଇ କୃଷି ବିଭାଗ ଚାଷୀଙ୍କୁ ସଚେତନ କରାଇ ପାରୁନାହିଁ । ଜିଲା ମୁଖ୍ୟ କୃଷି ଅଧିକାରୀ ଓ ଜିଲା କୃଷି ଅଧିକାରୀ ଚାଷୀଙ୍କ ଫୋନ ଉଠାଉନାହାନ୍ତି । କ୍ଷେତ୍ର ପରିଦର୍ଶନରେ ଯାଇ କୃଷି ବିଭାଗ କର୍ମଚାରୀ ଚାଷୀଙ୍କୁ ବୁଝାଉ ନାହାନ୍ତି । ଚାଷୀ ସେହି ପୁରୁଣା ଢ଼ାଞ୍ଚାରେ ଚାଷ କରି ଚାଲିଛି । ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ, ଅମ୍ଳ ମାଟିରେ ଯବକ୍ଷାରଜାନ, ଫସଫରସ, ପଟାସ, କ୍ୟାଲସିୟମ ଥିଲେ ଗଛ ଖାଦ୍ୟ ରୂପେ ଗ୍ରହଣ କରି ପାରେ ନାହିଁ। ପୁଣି ଅମ୍ଳମାଟିରେ ଜୈବିକ ଅଙ୍ଗାର ଓ ଅଣୁଜୀବଙ୍କ ସଂଖ୍ୟା କମ ରହିଥାଏ । ଆଲୁମିନିୟମ ଓ ଲୌହ ଅଧିକ ଥିବାରୁ ଫସଲ ପାଇଁ କ୍ଷତିକାରକ ହୋଇଥାଏ । ଅମ୍ଳ ମାଟିରେ ହେକ୍ଟର ପିଛା ୫ କୁଇଣ୍ଟାଲ ଚୂନ ପକାଇବାକୁ ପଡ଼ିବ । ଏହାସହ ଗୋବର ମିଶା ଖତ ପକାଇବା ଦରକାର। ପୁଣି କାଗଜ ମଣ୍ଡ ଓ ଚିନିକଲରୁ ବାହାରୁ ଥିବା ମଳ ଦେବା ଉଚିତ । ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ପ୍ରଧାନ କୁହନ୍ତି, ଜମିର ଉର୍ବରତାକୁ ବଜାୟ ରଖି ସ୍ୱଳ୍ପ ଜମିରୁ ଅଧିକ ଫସଲ ଉତ୍ପାଦନ ଆଧୁନିକ କୃଷି ପାଇଁ ଏକ ଆହ୍ୱାନ । ରାସାୟନିକ ସାର ସହ ଜୈବିକ ଖତ, ଜୀବାଣୁ ଓ ସାର ଇତ୍ୟାଦିର ସମନ୍ୱିତ ଯୋଗାଣ ବ୍ୟବସ୍ଥା ହିଁ ଏ ଲକ୍ଷ୍ୟ ପୂରଣ କରିପାରିବ । ଏନେଇ ଚାଷୀଙ୍କୁ ସଚେତନତା କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି ।


ଶନିବାର ବଡ଼ଦିନ ପାଇଁ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

## ଲଜ୍‌ରେ ଚାଲିଥିଲା ଦେହ ବ୍ୟବସାୟ, ମ୍ୟାନେଜରଙ୍କ ସହ ୨ଗିରଫ

ନୟାଗଡ଼ ଅଫିସ,୨୫।୧୨

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ପାର୍ଶ୍ୱ ନୟାଗଡ଼ ପୁରୁଣା ଜେଲ୍ ସମ୍ମୁଖ ନିର୍ମଳା ଗେଷ୍ଟ ହାଉସ୍‌ରୁ ଟାଉନ ଥାନା ପୋଲିସ ଏକ ସେକ୍ସ ର୍ୟାକେଟକୁ ଠାବ କରିଛି । ଏହି ଘଟଣାରେ ଗେଷ୍ଟ ହାଉସର ମ୍ୟାନେଜର ନୟାଗଡ଼ ରାମେଶ୍ୱର ସାହିର ଦୀପକ ମହାପାତ୍ର(୨୫), ଦେଉଳ ପଲ୍ଲୀର ରାକେଶ ପ୍ରଧାନ(୨୭)ଙ୍କୁ ଗିରଫ କରାଯିବା ସହିତ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ସୂଚନାଯୋଗ୍ୟ,ଗେଷ୍ଟ ହାଉସ୍ ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟ ଥିଲେ ମଧ୍ୟ ସେଠାରେ ସେକ୍ସ ର୍ୟାକେଟ୍ କିଛି ଦିନ ହେବ ଚାଲିଥିଲା । ଗେଷ୍ଟ ହାଉସ୍‌ର ମ୍ୟାନେଜର ଅଧିକ ରୋଜଗାର ଆଶାରେ ଏ କାରବାର କରି ଆସୁଥିଲେ। ଏନେଇ ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ନିର୍ମଳା ଗେଷ୍ଟ ହାଉସରେ ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ମିଳିଥିଲା । ପୋଲିସ ସେଠାରେ ଅଚାନକ ଚଢ଼ାଉ କରି ଦୀପକଙ୍କ ସମେତ ଜଣେ ଯୁବତୀଙ୍କୁ ଅସଜ୍ଞତ ଅବସ୍ଥାରେ ଶନିବାର ଧରିଥିଲା। ଗେଷ୍ଟ ହାଉସ୍‌ର ମ୍ୟାନେଜରଙ୍କ ଜ୍ଞାତସାରରେ ଏହି ସେକ୍ସ ର୍ୟାକେଟ୍ ଚାଲିଥିବାରୁ ତାଙ୍କୁ ମଧ ତଦନ୍ତ ପରିସର ଭୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୬୦/୨୧)ରୁଜୁ ହୋଇଛି। ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।

## ବଡ଼ଦିନ ପାଇଁ ପର୍ଯ୍ୟଟକଙ୍କ ଭିଡ଼

ଖଣ୍ଡପଡ଼ା,୨୫।୧୨(ସ୍ୱ.ପ୍ର.)

ଶନିବାର ବଡଦିନ ପାଇଁ ନୀଳମାଧବ ଓ ଗୋକୁଳାନନ୍ଦଙ୍କ ପୀଠରେ ପର୍ଯ୍ୟଟକ ଭିଡ଼ ସକାଳୁ ଲାଗି ରହିଥିଲା । ବଣଭୋଜି କରିବା ପାଇଁ ଶତାଧିକ ପର୍ଯ୍ୟଟକ ନୀଳମାଧବ ଓ ନିକଟସ୍ଥ ନାରାୟଣୀ ପୀଠରେ ସମାଗମ ହୋଇଥିଲେ । ସେହିଭଳି ବଣଭୋଜି ପାଇଁ ସିଧାମୂଳାସ୍ଥ ଗୋକୁଳାନନ୍ଦ ପୀଠ ଓ ହନୁମନ୍ତପ୍ରସାଦ ଶ୍ରୀରଘୁନାଥ ଆଶ୍ରମରେ ବହୁ ସଂଖ୍ୟକ ପର୍ଯ୍ୟଟକ ଭିଡ ଜମାଇଥିଲେ । ପର୍ଯ୍ୟଟକମାନେ ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ବଣଭୋଜିର ମଜା ଉଠାଇଥିଲେ । ତେବେ ଆସନ୍ତା ନୂଆ ବର୍ଷ ଦିନ ଏହି ପୀଠରେ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହେବାର ଆକଳନ କରାଯାଉଛି। ଜିଲା ପ୍ରଶାସନ ଓ ପୋଲିସ ଯାତ୍ରୀମାନଙ୍କ ସୁବିଧା ତଥା ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ସେହିଭଳି ସୁନାମୁହିଁ ପରିବେଶ ପର୍ଯ୍ୟଟସ୍ଥଳୀକୁ ପର୍ଯ୍ୟଟକମାନେ ପରିବାର ବର୍ଗଙ୍କ ସହ ଆସିଥିବା ସୂଚନା ମିଳିଛି ।

## ଶୀତଳଭଣ୍ଡାର ଉଦ୍‌ଘାଟିତ

ନୟାଗଡ଼ ଅଫିସ,୨୫।୧୨

ନୟାଗଡ଼ ବ୍ଲକ ନଡିଆଳି ପଞ୍ଚାୟତ ଉଦୟପୁର ଗାଁରେ ଶୀତଳଭଣ୍ଡାର ଶନିବାର ଉଦ୍‌ଘାଟିତ ହୋଇଛି । ଏହାକୁ କୃଷି ଓ କୃଷକ, ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ଉଦ୍‌ଘାଟନ କରିଛନ୍ତି । ଉଦ୍ୟାନ ବିଭାଗର ସହାୟତାରେ ଏହି ଶୀତଳଭଣ୍ଡାର ନିର୍ମାଣ କରାଯାଇଛି। ନୟାଗଡ଼ ବ୍ଲକ ଲେଙ୍କୁଡିପଡା ଗାଁର ଚାଷୀ ବ୍ରଜ କିଶୋର ମହାନ୍ତି କହିଛନ୍ତି, ୩୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଏହି ଶୀତଳଭଣ୍ଡାରରେ ଚାଷୀମାନଙ୍କ ଫୁଲ, ବିଭିନ୍ନ ପ୍ରକାର ପନିପରିବା ରଖାଯିବ। ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଶୀତଳଭଣ୍ଡାରରେ ୫୫ ପ୍ରତିଶତ ସବ୍‌ସିଡି ମିଳିଛି ବୋଲି ସେ କହିଛନ୍ତି ।

## ମାତାପିତାଙ୍କ କଥା ମାନିଲେ ପିଲାମାନେ ଭଲ ମଣିଷ ହୋଇପାରିବେ-ମନ୍ତ୍ରୀ

### ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

ଖଣ୍ଡପଡ଼ା,୨୫।୧୨(ସ୍ୱ.ପ୍ର.)

ପୁରାତନ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନର ସମ୍ପଦ। ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରମାନଙ୍କ ଭିତ୍ତିଭୂମି। ଏଣୁ ଉଭୟଙ୍କ ମିଳିତ ଉଦ୍ୟମରେ ଶିକ୍ଷାନୁଷ୍ଠାନରେ ଉନ୍ନତି ହୋଇପାରିବ ବୋଲି ଶାନ୍ତିପ୍ରିୟା ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ ସଭାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତାପିତାଙ୍କ କଥା ମାନି ଚଳିଲେ ପିଲାମାନେ ଭଲ ମଣିଷ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ବାଙ୍କୀ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ଡ.ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତ, ସ୍ଥାନୀୟ ସରପଞ୍ଚ ତଥା ବିଦ୍ୟାଳୟ ପ୍ରତିଷ୍ଠାତା ବୈକୁଣ୍ଠନାଥ ଗୋଚ୍ଛି, ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଶାନ୍ତିପ୍ରିୟା ଗୋଚ୍ଛି, ପ୍ରଧାନ ଶିକ୍ଷକ ଅଯୋଧ୍ୟା ନାଥ ନାୟକ, କୁନିବକ୍ତା ରୁପାଲି ସାହୁ, ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ମିଶ୍ର,ପୂର୍ବତନ ବ୍ଲକ ଅଧକ୍ଷ ଶୈଳେନ୍ଦ୍ର କୁମାର ରାଉତ, ସମିତି ସଭ୍ୟ ଜୟକୃଷ୍ଣ ରାଉତ, ଶିକ୍ଷକ ନେତା ରଞ୍ଜନ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଅପରାହ୍ନରେ ଯାତ୍ରା ଜଗତର ଖଳନାୟକ କାହ୍ନା ତାଙ୍କ ସଂଳାପ ମାଧ୍ୟମରେ ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ । ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୁରାତନ ଛାତ୍ର ସଂସଦର ସଭାପତି ବିଭୂତି ଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।


ଉଦ୍‌ଯାପନୀ ସଭାରେ ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ ।

## ବୌଦ୍ଧସ୍ତୂପ ନିର୍ମାଣ ପାଇଁ ଭୂମିପୂଜା


ବୌଦ୍ଧସ୍ତୂପ ନିର୍ମାଣ ପାଇଁ ଭୂମିପୂଜା କରାଯାଉଛି ।

ଖଣ୍ଡପଡ଼ା,୨୫।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲାର ଏକମାତ୍ର ବୌଦ୍ଧପୀଠ ରୂପେ ପରିଚିତ ଖଣ୍ଡପଡ଼ା ବ୍ଲକ ଅଧୀନ କୋସକା ପଞ୍ଚାୟତ ଯୋଗୀ ଯୋଗିଆଣୀ ପୀଠର ଉନ୍ନତୀକରଣ ନିମନ୍ତେ ୩.୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଉକ୍ତ ଅନୁଦାନ ଅର୍ଥରେ ପୀଠ ପରିସରରେ ଏକ ବୌଦ୍ଧସ୍ତୁପ ନିର୍ମାଣ ଲାଗି ଭୂମିପୂଜନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଅଖିଳ କୁମାର ପଟ୍ଟନାୟକଙ୍କ ସମେତ ଯୋଗି ଯୋଗୀଆଣୀ ଉନ୍ନୟନ ପରିଷଦର କର୍ମକର୍ତ୍ତା ଓ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ମହିଳା ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ଖଣ୍ଡପଡ଼ା,୨୫।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳାଠାରେ କଟକ ଜିଲା ଚମ୍ପାନାଥ ଶିଳ୍ପ ତାଲିମ କେନ୍ଦ୍ର ଚମ୍ପେଶ୍ୱର ଆନୁକୂଲ୍ୟରେ ଏକ ମହିଳା ସିଲେଇ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ୫୬ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଆୟୋଜକ ପ୍ରକାଶ ଚନ୍ଦ୍ର ଦଳେଇ, ସମ୍ମାନୀତ ଅତିଥି ମହେଶ୍ୱର ଦଳେଇ, ତାଲିମ କେନ୍ଦ୍ରର ଶିକ୍ଷୟିତ୍ରୀ ଝୁନୁରାଣୀ ପଣ୍ଡା, ଚମ୍ପାନାଥ ଇଣ୍ଡଷ୍ଟ୍ରିଆଲ ତାଲିମ କେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ରହି ତାଲିମ କେନ୍ଦ୍ର ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ବୁଝାଇଥିଲେ ।

## ଦିବାରାତ୍ର ଭଲି ଟୁର୍ନାମେଣ୍ଟ, ଜଟଣୀ ଚାମ୍ପିୟନ

ଖଣ୍ଡପଡ଼ା,୨୫।୧୨(ସ୍ୱ.ପ୍ର.)

ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ପକ୍ଷରୁ ବ୍ଲକସ୍ତରୀୟ ଦିବାରାତ୍ର ଭଲି ବଲ ଟୁର୍ନାମେଣ୍ଟ ଶୁକ୍ରବାର ଖଣ୍ଡପଡା ବ୍ଲକ ସମ୍ମୁଖ ତିନିକୋଣିଆ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ବାଉଁଶିଆପଡା ଭଲିବଲ ଟିମ୍‌କୁ ଜଟଣୀ ଭଲିବଲ ଆସୋସିଏଶନ ହରାଇ ଚାମ୍ପିୟନ ହୋଇଛି । ପ୍ରତିଯୋଗୀତାରେ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ ରଥିପୁର ଦଳ ସହ ବାଉଁଶିଆପଡା ଟିମ୍‌ର ମୁକାବିଲା ହୋଇଥିଲା । ବାଉଁଶିଆପଡ଼ା ୨-୧ ସେଟ୍‌ରେ ରଥିପୁରକୁ ହରାଇ ବାଙ୍କୀ ଭେଡା ଦଳଙ୍କ ସହ ମୁକାବିଲା କରିଥିଲା । ଏହି ମ୍ୟାଚ୍‌ରେ ବାଉଁଶିଆପଡା ୨-୦ ସେଟ୍‌ରେ ଫାଇନାଲକୁ ଉନ୍ନୀତ ହୋଇଥିଲା । ପରବର୍ତ୍ତୀ ମ୍ୟାଚ୍‌ରେ କଟକ ନାରଙ୍ଗବସ୍ତ ଦଳ ସହ ଜଟଣୀ ଭଲି ଟିମ୍‌ର ମୁକାବିଲା ହୋଇଥିଲା । ଏହି ମ୍ୟାଚ୍‌ରେ ଜଟଣୀ ୨-୦ ସେଟ୍‌ରେ ନାରଙ୍ଗବସ୍ତକୁ ହରାଇ ଇଟାମାଟି ଦଳକୁ ସାମନା କରିଥିଲା । ଶେଷରେ ଜଟଣୀ ଦଳ ୨-୦ ସେଟ୍‌ରେ ଇଟାମାଟିକୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲା । ଫାଇନାଲ ମ୍ୟାଚ୍ ଜଟଣୀ ଟିମ୍ ସହ ବାଉଁଶିଆପଡା ଦଳର ମୁକାବିଲା ହୋଇଥିଲା । ତେବେ ଜଟଣୀ ଭଲିବଲ ଆସୋସିଏଶନ ବାଉଁଶିଆପଡାକୁ ୨-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇ ଅତିଥିମାନଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲା। ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ଶିଶୁ କବି କାଶୀନାଥ ଦାସ ଓ ଶିକ୍ଷାବିତ୍ ଗୋପୀନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ସଂଯୋଜକ ମହେନ୍ଦ୍ର କୁମାର ବାରିକ ସଂଯୋଜନା କରିଥିଲେ। କୈଳାସ ଚନ୍ଦ୍ର ପ୍ରଧାନ, ଜନ୍ମେଜୟ ଦାସ ଓ ପ୍ରମୋଦ କୁମାର ବାରିକ ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ ।



ଭଲିବଲ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

## ୨ବର୍ଷ ପରେ ବି ରାଶନ କାର୍ଡ ମିଳୁନାହିଁ

ଦଶପଲ୍ଲା,୨୫।୧୨(ଡି.ଏନ୍.ଏ.)



- ୪ଶହ ଆବେଦନକାରୀ ନିରାଶ
- ଆନ୍ଦୋଳନ ପାଇଁ ଚେତାବନୀ

ଦଶପଲ୍ଲା ଏନ୍‌ଏସି ଘୋଷଣା ପରେ ଜନସାଧାରଣ ବିଭିନ୍ନ ସୁବିଧା ପାଇବେ ବୋଲି ଆଶା କରିଥିଲେ । ହେଲେ ସେହି ଆଶା ଓ ବିଶ୍ୱାସ ପୂରଣ ହୋଇନାହିଁ । ଅନ୍ୟାନ୍ୟ ସୁବିଧା ସୁଯୋଗ ତ ଦୂରର କଥା ରାଶନ କାର୍ଡ ପାଇଁ ଏନ୍‌ଏସି ଅଫିସକୁ ଧାଇଁ ଧାଇଁ ଆବେଦନକାରୀମାନେ ନିରାଶ ହୋଇଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ୧୬ଟି ଓ୍ୱାର୍ଡକୁ ନେଇ ଦଶପଲ୍ଲା ଏନ୍‌ଏସି ଗଠିତ । ଏନ୍‌ଏସି ଅଞ୍ଚଳର ପ୍ରାୟ ୪ଶହ ବ୍ୟକ୍ତି ୨ ବର୍ଷ ହେବ ରାଶନ କାର୍ଡ ପାଇଁ ଏନ୍‌ଏସି ଅଫିସରେ ନିର୍ଦ୍ଧାରିତ ଫର୍ମ ପୂରଣ କରିବା ସହିତ ଦରଖାସ୍ତ କରିଥିଲେ । ଦରଖାସ୍ତଗୁଡ଼ିକୁ ଏନ୍‌ଏସି ତରଫରୁ ତଦନ୍ତ କରାଯାଇ ବ୍ଲକ୍ କାର୍ଯ୍ୟାଳୟକୁ ପଠାଯାଇଥିଲା । ହେଲେ ତାହା ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ଆବେଦନକାରୀଙ୍କୁ ମିଳିନାହିଁ । ଏଥିପାଇଁ ଆବେଦନକାରୀମାନେ ଏନ୍‌ଏସି ଓ ବ୍ଲକ୍ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନିରାଶ ହୋଇଛନ୍ତି । କେଉଁ କାରଣରୁ କାର୍ଡ ପ୍ରଦାନରେ ବିଳମ୍ବ ହେଉଛି ସେ ସଂକ୍ରାନ୍ତରେ କେହି କିଛି କହୁନାହାନ୍ତି । ସରକାର ଖାଉଟି ସାମଗ୍ରୀ ହିତାଧିକାରୀଙ୍କୁ ପ୍ରଦାନ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କ ଅବହେଳା ଯୋଗୁ ଏପରି ସ୍ଥିତି ସୃଷ୍ଟି ହେଉଛି ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ ତୁରନ୍ତ ରାଶନ କାର୍ଡ ପ୍ରଦାନ କରାଯାଉ ବୋଲି ଆବେଦନକାରୀମାନେ ଦାବି କରିଛନ୍ତି ।

ଖାଉଟି କାର୍ଡ ପାଇଁ ଦରଖାସ୍ତ କରିଥିବା ଏନ୍‌ଏସି ଅଞ୍ଚଳର ଲକ୍ଷ୍ମୀଧର ସାହୁ କୁହନ୍ତି, ଦୀର୍ଘଦିନ ହେଲା ଦରଖାସ୍ତ କରିଥିଲେ ମଧ ରାଶନ କାର୍ଡ ମିଳୁନାହିଁ। ଏନଏସି ଅଫିସକୁ ବାରମ୍ବାର ଦୌଡିଲେ ମଧ୍ୟ ଉତ୍ତର ମିଳୁଛି କଲେକ୍ଟରଙ୍କ ଅଫିସରେ ଫାଇଲ ଅଛି, ପାସ୍ ହେଲେ ଆସିବ । ଭାରତୀୟ ମଜଦୁର ସଂଘର ନୟାଗଡ଼ ଜିଲା ସମ୍ପାଦକ ସୁକାନ୍ତ ମହାପାତ୍ର କୁହନ୍ତି, ଦଶପଲ୍ଲା ଏନ୍‌ଏସି ଅଞ୍ଚଳର ଶତାଧିକ ବ୍ୟକ୍ତି ରାଶନ କାର୍ଡ ପାଇଁ ଦୀର୍ଘଦିନ ହେଲା ଆବେଦନ କରିଥିଲେ । ହେଲେ ସେମାନେ ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏଥିପାଇଁ ଏନ୍‌ଏସି ଅଫିସ ସମ୍ମୁଖରେ ଭାରତୀୟ ମଜଦୁର ସଂଘ ତରଫରୁ ଧାରଣା ଦିଆଯିବ ବୋଲି ସେ କହିଛନ୍ତି । ମହିଳା କଂଗ୍ରେସର ରାଜ୍ୟ କର୍ମକର୍ତ୍ତା ଉମାରାଣୀ ପାଣି ବିଭାଗୀୟ ଅଧିକାରୀଙ୍କ ଏପରି ଅବହେଳାର ପ୍ରତିବାଦ କରିଛନ୍ତି । ତୁରନ୍ତ ରାଶନ କାର୍ଡ ପ୍ରଦାନ କରା ନ ଗଲେ ଏନ୍‌ଏସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦେବବ୍ରତ କର କୁହନ୍ତି, ତଦନ୍ତ ପରେ ନୟାଗଡ଼ ଜିଲା ଯୋଗାଣ ବିଭାଗ ଅଫିସକୁ ସମସ୍ତ ଦରଖାସ୍ତ ଯାଇଛି। ସେଠାରୁ ଆପ୍ରୁଭ ହୋଇ ଆସିଲେ ଦରଖାସ୍ତ କରିଥିବା ବ୍ୟକ୍ତିମାନଙ୍କୁ ରାଶନ କାର୍ଡ ପ୍ରଦାନ କରାଯିବ।